ଶ ଶତାବ୍ଦୀର

ଶାନ୍ତମାର୍ଗ

ଉଦ୍‌ବୃତ୍ତ ଜନଶକ୍ତିର ସଫଳ ରୂପାୟନ

"स्वल्पमप्यस्य धर्मस्य त्रायते महतो भयात्"

ମାର୍ଗଦ୍ରଷ୍ଟା ବିଧାୟକ

କବି ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

ଗ୍ରନ୍ଥ ସଂକଳନ ସମିତି
ଭୁବନେଶ୍ୱର
ଶ୍ରୀରାମ ନବମୀ ୨୦୧୧

Digitized by srujanika@gmail.com

ଗଡ଼ାଙ୍ଗୀର

ଗଡ଼ମାର୍ଗ

ଉଦ୍‌ବୃତ୍ତ ଜନଶକ୍ତିର ସଫଳ ରୂପାୟନ

"स्वल्पमप्यस्य धर्मस्य त्रायते महतो भयात्"

ମାର୍ଗଦ୍ରଷ୍ଟା ବିଧାୟକ

କବି ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

ସଂକଳନ ଓ ମୁଖ୍ୟ ସମ୍ପାଦନା

ଡ଼କ୍ଟର ଗୋପାଳକୃଷ୍ଣ ଶ୍ରୀଚନ୍ଦନ

ସମ୍ପାଦନା

ଶ୍ରୀ ଅକ୍ଷୟ ସାଇଁ

ଶ୍ରୀ ବରୁଣ କୁମାର ସାମନ୍ତସିଂହାର

ଶ୍ରୀ ବାଣୀଦତ୍ତ ଚମ୍ପତିରାୟ

ଉପସ୍ଥାପନା

ଇଂ ଶ୍ରୀ ଶିଶିର କୁମାର ନାୟକ

ଇଂ ଶ୍ରୀ ନୃପଞ୍ଜ କେଶରୀ ପରିଡ଼ା

ଶ୍ରୀ ସତ୍ୟବାଦୀ ବଳିଆରସିଂହ

ଶ୍ରୀ ସବ୍ୟସାଚୀ ବରାଳ

Digitized by srujanika@gmail.com

SHATABDIR SHATAMARGA

Published By
Sri Baruna Kumar Samantasinhar
Sri Banidatta Champatiray
576, Bhoomika, P.O : Khandagiri-30
Bhubaneswar

Compiler & Editor-in-Chief
Dr. GOPAL KRUSHNA SHRICHANDAN

Editors
Sri Akshyay Swain
Sri Baruna Kumar Samantasinhar
Sri Banidatta Champatiray

Presentation
Er. Sisir Kumar Nayak
Er. N.K. Parida
Sri Satyabadi Baliarsingh
Sri Sabyasachi Baral

D.T.P.
EXCEL SYSTEMS
1096, Jagamohan Nagar
Khandagiri, Bhubaneswar - 30

COVER
Gopal Kanungo

Printed At :
Print-Tech Offset Pvt. Ltd.
F-66/1 & F-66/2, Chandaka I.E.
Bhubaneswar, Orissa

Price : Rs. 100/-

ଶତାବ୍ଦୀର ଶତମାର୍ଗ

ପ୍ରକାଶକ :
ଶ୍ରୀ ବରୁଣ କୁମାର ସାମନ୍ତସିଂହାର
ଶ୍ରୀ ବାଣୀଦତ୍ତ ଚମ୍ପତିରାୟ,
୫୭୬, ଭୂମିକା, ଭକ୍ତମଧୁ ନଗର,
ପୋ:ଖଣ୍ଡଗିରି, ଭୁବନେଶ୍ୱର-୩୦

ସଂକଳନ ଓ ମୁଖ୍ୟ ସମ୍ପାଦନା
ଡ଼କ୍ଟର ଗୋପାଳକୃଷ୍ଣ ଶ୍ରୀ ଚନ୍ଦନ

ସମ୍ପାଦନା
ଶ୍ରୀ ଅକ୍ଷୟ ସ୍ୱାଇଁ
ଶ୍ରୀ ବାଣୀଦତ୍ତ ଚମ୍ପତିରାୟ
ଶ୍ରୀ ବରୁଣ କୁମାର ସାମନ୍ତସିଂହାର

ପ୍ରଚ୍ଛଦପଟ
ସ୍ୱର୍ଗତ ଗୋପାଳ କାନୁନ୍‌ଗୋ

ଉପସ୍ଥାପନା
ଇଂ ଶ୍ରୀ ଶିଶିର କୁମାର ନାୟକ
ଇଂ ଶ୍ରୀ ନୃପଞ୍ଚ କେଶରୀ ପରିଡ଼ା
ଶ୍ରୀ ସତ୍ୟବାଦୀ ବଳିଆର ସିଂହ
ଶ୍ରୀ ସବ୍ୟସାଚୀ ବରାଳ

ଡ଼ି.ଟି.ପି.
ଏକ୍ସେଲ ସିଷ୍ଟମସ୍
୧୦୯୬, ଜଗମୋହନ ନଗର
ଖଣ୍ଡଗିରି, ଭୁବନେଶ୍ୱର - ୩୦

ମୁଦ୍ରଣ
ପ୍ରିଣ୍ଟ-ଟେକ୍ ଅଫସେଟ୍ ପ୍ରା. ଲି.
ଏଫ ୬୬/୧ ଓ ୬୬/୨ ,ଚନ୍ଦକା ଆଇ. ଇ.
ଭୁବନେଶ୍ୱର, ଓଡ଼ିଶା

ମୂଲ୍ୟ : ଏକଶତ ଟଙ୍କା

Digitized by srujanika@gmail.com

ଓଡ଼ିଶା ସରକାର

ଟେଲିଫୋନ୍ (0674) 2531100 (Off)
(0674) 2591099 (Res)
ଫାକ୍ସ (0674) 2535100 (Off)
(0674) 2590833 (Res)

ଇମେଲ୍–cmo @ on nic in

ନଂ.

ଭୁବନେଶ୍ୱର

ତା।

ନବୀନ ପଟ୍ଟନାୟକ

ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବାର୍ତ୍ତା

ବିଶିଷ୍ଟ ସମାଜସେବୀ ତଥା ପୂର୍ବତନ ବିଧାୟକ ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟଙ୍କ ଶହେ ସଡକ ଅଭିଯାନ ସଂପର୍କରେ ବିଭିନ୍ନ ଦସ୍ତାବିଜକୁ ନେଇ ଏକ ପୁସ୍ତକ ସଂକଳନ ଶତମାର୍ଗ ପ୍ରକାଶିତ ହେଉଥିବା ଜାଣି ମୁଁ ଆନନ୍ଦିତ ।

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ ଜଣେ ଲବ୍ଧପ୍ରତିଷ୍ଠିତ ସାହିତ୍ୟିକ ଭାବରେ ବେଶ୍ ଜଣାଶୁଣା । ବେଗୁନିଆର ବିଧାୟକ ଭାବରେ ଶ୍ରୀ ଚମ୍ପତିରାୟ ସେ ଅଞ୍ଚଳରେ ଅନେକ ଉନ୍ନତିମୂଳକ କାର୍ଯ୍ୟ ପାଇଁ ପଦକ୍ଷେପ ନେଇଥିଲେ । ଗ୍ରାମାଞ୍ଚଳର ଉନ୍ନତି ପାଇଁ ଯୋଗାଯୋଗର ବିକାଶ ଦିଗରେ ତାଙ୍କର ଉଦ୍ୟମ ଥିଲା ପ୍ରଶଂସନୀୟ । ମୁଁ ଆଶା କରୁଛି, ଏହି ପୁସ୍ତକଟି ପାଠକ ମାନଙ୍କର ଆଦର ଲାଭ କରିବ ।

ମୁଁ ପୁସ୍ତକ ପ୍ରକାଶନର ସଫଳତା କାମନା କରୁଛି ।

ନବୀନ ପଟ୍ଟନାୟକ

(ନବୀନ ପଟ୍ଟନାୟକ)

Digitized by srujanika@gmail.com

ଏ ଗ୍ରନ୍ଥରେ ଅଛି କଅଣ ?

କ୍ର.ସଂ	ବିଷୟ	ଲେଖକ	ପୃଷ୍ଠା ସଂଖ୍ୟା
୧.	ବାଟକୁ ନେଇ ବିପ୍ଳବ	ଅକ୍ଷୟ ସ୍ୱାଇଁ	୧
୨.	ଶ୍ରମ ଏବ ଜୟତେ	ବାଣୀଦତ୍ତ ଚମ୍ପତିରାୟ	୨
୩.	ଶତମାର୍ଗ ଆନ୍ଦୋଳନର ଅନ୍ତରାଳେ	ସତ୍ୟାନନ୍ଦ ଚମ୍ପତିରାୟ	୬
	ମୂଳ ସ୍ମାରକୀ ଗ୍ରନ୍ଥ		
୪.	ଆମର ସୌଭାଗ୍ୟ ଓ ସମ୍ବଳ		୧୨
୫.	ଆମ ଭାଷାରେ ଶୁଭେଚ୍ଛାବଳି		୨୮
	ଶତମାର୍ଗର ସନ୍ଦର୍ଭ		
୬.	ଚମ୍ପତିରାୟଙ୍କ ଅଭିନବ ଯଜ୍ଞ "ଶତମାର୍ଗ ଅଭିଯାନ"	ଡ଼କ୍ଟର ମାୟାଧର ମାନସିଂହ	୫୨
୭.	ଶତମାର୍ଗ ହିଁ ସତ୍‌ମାର୍ଗ	ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ	୫୪
୮.	ମନ ଓ ମାର୍ଗ	ଅଧ୍ୟାପକ ରାଜକିଶୋର ରାୟ	୫୬
୯.	ହେ ଶତମାର୍ଗ ନିର୍ମାଣ ସେନାବାହିନୀ	ଅଧ୍ୟାପକ ଶ୍ରୀ ପ୍ରହ୍ଲାଦ ପ୍ରଧାନ	୬୨
୧୦.	ଶତମାର୍ଗର ସଂକେତ	ଅଧ୍ୟାପକ ଗୌରୀକୁମାର ବ୍ରହ୍ମା	୬୬
୧୧.	ଆଗାମୀ ଯୁଗର ସ୍ରଷ୍ଟା	ପ୍ରଫେସର ଡ଼କ୍ଟର ରାଧାନାଥ ରଥ	୭୦
୧୨.	ଦେଶର ଆର୍ଥିକ ପ୍ରଗତି ପାଇଁ ସ୍ୱେଚ୍ଛା ପ୍ରଣୋଦିତ ପ୍ରଚେଷ୍ଟା	ଅଧ୍ୟାପକ ଡ଼କ୍ଟର ବୈଦ୍ୟନାଥ ମିଶ୍ର	୭୪
୧୩.	ସନ୍ମାର୍ଗ ବିପ୍ଳବ	ଶ୍ରୀ ମାୟାଧର ମିଶ୍ର	୭୮
୧୪.	କୀର୍ତ୍ତିର୍ଯସ୍ୟ ସ ଜୀବତି	ଶ୍ରୀ କ୍ଷିତୀଶ ଚନ୍ଦ୍ର ମିତ୍ର	୯୦
୧୫.	ଶତମାର୍ଗ ଓ ସାମାଜିକ ଚେତନା	ଡ଼କ୍ଟର ରାଧାନାଥ ରଥ	୯୪
୧୬.	ଶତମାର୍ଗରେ ଗତିକରି ଶତପଥ ବ୍ରାହ୍ମଣ ହୁଅ	ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ	୯୮
୧୭.	Shatmarg Andolan Or The Hundred Roads Movement	Sri K.C. Mitra	୧୦୧

Digitized by srujanika@gmail.com

ଶତମାର୍ଗର କବିତା ଓ କାହାଣୀ ୧୦୬

୧୮. ଶତମାର୍ଗ ଆନ୍ଦୋଳନ ସଫଳ ହେଉ	ଶ୍ରୀ ରାଧାମୋହନ ଗଡ଼ନାୟକ	୧୦୭
୧୯. ମାର୍ଗାଭିଳାଷ	ଶ୍ରୀ ଜ୍ଞାନୀନ୍ଦ୍ର ବର୍ମା	୧୦୯
୨୦ ଉଦୟର ପଥ	ଅଧ୍ୟାପକ ବିନୋଦ ଚନ୍ଦ୍ର ନାୟକ	୧୧୦
୨୧. କୋଟି ବୃକ୍ଷତଳେ କୁସୁମ-କୋମଳ ପଥ	ଶ୍ରୀମତୀ ବ୍ରହ୍ମୋତ୍ରୀ ମହାନ୍ତି	୧୧୨
୨୨. ମନ-ମାର୍ଗରେ ହସୁ ଓ ଧରଣୀ ଧୀରେ	କୁମାରୀ ଆଶାଲତା ଦାସ	୧୧୫
୨୩. ଧର୍ମ-ରାସ୍ତା	ଡ଼କ୍ଟର ରାଜେଶ୍ୱରୀ ଦଳବେହେରା	୧୧୮

ଶତମାର୍ଗର ଉଦ୍‌ବୋଧନୀ ଓ ଶିବିର ସଙ୍ଗୀତ ୧୨୬

୨୪. ଶିବିର ସଙ୍ଗୀତ	ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ	୧୨୭
୨୫. ଶିବିର ସଙ୍ଗୀତ	ଶ୍ରୀ ଗୋପାଳ କାନୁନ୍‌ଗୋ	୧୨୯
୨୬. ସମାନ ଆମର ମନ୍ତ୍ରରେ	ଶ୍ରୀ ଦୁର୍ଗାଚରଣ ପରିଡ଼ା	୧୩୧
୨୭. ଗାଁ ମନ୍ତ୍ରଣା	ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ	୧୩୩
୨୮. ବିଦାୟ ସଙ୍ଗୀତ	ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ	୧୩୬
୨୯. ଶତମାର୍ଗ ରଚ୍ଚଦୋଳି ଗୀତ	ଶ୍ରୀମତୀ ବନଜବାସିନୀ ଶ୍ରୀଚନ୍ଦନ	୧୩୮
୩୦. ଶତମାର୍ଗର ପଥ ନିର୍ମାଣ		୧୪୧
୩୧. ଶତମାର୍ଗର ଅଭିଜ୍ଞତା		୧୬୪
୩୨. ଶତମାର୍ଗ ଆନ୍ଦୋଳନ ପଞ୍ଜିକା		୧୭୨
୩୩. ଶିବିର ପରିଚାଳକଙ୍କ ସ୍ମୃତିରୁ	ଅବଦୁଲ୍ ରହମାନ ଖାଁ	୧୭୩
୩୪. ନଥିବା କଥା	ଶ୍ରୀ ହଟନାଥ ମଙ୍ଗରାଜ	୧୭୭
୩୫. ଶତମାର୍ଗ ପାଣିପାଠ ଯୋଜନା	ଶ୍ରୀ ବାଉରିବନ୍ଧୁ ଖଟେଇ	୧୮୦
୩୬. ଶତମାର୍ଗ ଶାଖାସଭ୍ୟଙ୍କୁ ପ୍ରବର୍ତ୍ତକଙ୍କ ପତ୍ର	ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ	୧୮୧
୩୭. ଜରାଜୀବନରେ ଶତମାର୍ଗର ସ୍ମୃତି	ଶ୍ରୀ ରଙ୍କନାଥ ରାଉତ	୧୮୪
୩୮. ଆମ ଶତମାର୍ଗ ଆନ୍ଦୋଳନ	ଡ଼କ୍ଟର ଗୋପାଳକୃଷ୍ଣ ଶ୍ରୀଚନ୍ଦନ	୧୯୧
୩୯. କୃତଜ୍ଞତା ଜ୍ଞାପନ ଓ ଯୁବପିଢ଼ିଙ୍କୁ ଆଶୀର୍ବାଦ	ଶ୍ରୀ ବରୁଣ କୁମାର ସାମନ୍ତସିଂହାର	୨୦୪
୪୦. ପ୍ରବର୍ତ୍ତକଙ୍କ ଜୀବନାଲେଖ୍ୟ ଓ ସାହିତ୍ୟକୃତି		୨୦୬

– : –

Digitized by srujanika@gmail.com

ଶତମାର୍ଗ ଆନ୍ଦୋଳନ ?

ବାଟକୁ ନେଇ ବିପ୍ଳବ

ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର କହିଛନ୍ତି "ଯଦି ତୋରେ ଡାକ୍ ଶୁନେ କୋଇ ନା ଆସେ ତବେ ଏକ୍‌ଲା ଚଲୋରେ" ଶତମାର୍ଗ ଆନ୍ଦୋଳନରେ କିନ୍ତୁ ଏଭଳି ଏକା ଏକା ଚାଲିବାର କଥା ନଥିଲା; ସମସ୍ତଙ୍କୁ ସାଥୀରେ ନେଇ ଚାଲିବାର ଦୃଢ଼ ସଂକଳ୍ପ ଥିଲା । ବିଂଶ ଶତାବ୍ଦୀର ଷଷ୍ଠ ଦଶକର ଶେଷଆଡ଼କୁ ଏଭଳି ଏକ ଆନ୍ଦୋଳନକୁ ବେଶ ସକ୍ରିୟ ଏବଂ ସଚ୍ଚୋଟ ଭାବେ ପରିଚାଳନା କରିଥିଲେ ଶତମାର୍ଗ ଆନ୍ଦୋଳନର ପ୍ରବର୍ତ୍ତକ ଶ୍ରୀଯୁକ୍ତ ସତ୍ୟାନନ୍ଦ ଚମ୍ପତିରାୟ । ଯେଉଁ ଗାଁକୁ ରାସ୍ତାଟିଏ ନଥିଲା, ସେଠିକୁ ସାଥୀମାନଙ୍କ ସହଯୋଗରେ ମାଟିଗୋଡ଼ିର ବାଟ ଖୋଲି ସେ ସଂଯୋଗର ସବୁ ବାଟ ଖୋଲି ଦେଇଥିଲେ । ପାରସ୍ପରିକ ସଂପର୍କ, ସହଯୋଗର ସବୁ ରାସ୍ତା ଯେପରି ଖୋଲି ଯାଉଥିଲା ଏହି ନାଲି ମାଟି ଗୋଡ଼ି ରାସ୍ତାଦେଇ ।

ସତରେ, "ବାଟକୁ ନେଇ ବିପ୍ଳବ"ର ଏହି ମହାମନ୍ତ୍ର ଶ୍ରୀଯୁକ୍ତ ସତ୍ୟାନନ୍ଦବାବୁ କେଉଁଠୁ ପାଇଲେ ଆମେ ଜାଣୁନା । ଏହା ବୋଧହୁଏ ମାନବିକତାର ମୂଳସୂତ୍ରରୁ ଦ୍ରୁମ ପାଲଟିଥିଲା । ଶହ ଶହ ନାରୀ ପୁରୁଷ ସ୍ୱତଃସ୍ଫୂର୍ତ୍ତ ଭାବେ ସାମିଲ୍ ହୋଇଥିଲେ ଏହି ଆନ୍ଦୋଳନରେ । ପ୍ରଶ୍ନ ଉଠିପାରେ ବିଂଶ ଶତାବ୍ଦୀର କିମ୍ବଦନ୍ତୀ ପାଲଟିଥିବା ଏ କଥା ତେବେ ଏକବିଂଶ ଶତାବ୍ଦୀରେ କାହିଁକି ? କଥାହେଲା ସେ କିମ୍ବଦନ୍ତୀର ନାୟକ ଏବେବି ଆମ ସହ ଅଛନ୍ତି । 'ଶତମାର୍ଗ'କୁ 'ସହସ୍ରମାର୍ଗ' ପାଲଟାଇ ଦେବା ପରି ସଂକଳ୍ପବଦ୍ଧ ଉତ୍ତରାଧିକାରୀଟିଏ ଖୋଜୁଛନ୍ତି । ଯିଏବି ତାଙ୍କ ନିକଟରେ ପହଞ୍ଚୁଛନ୍ତି ତାଙ୍କ ଆଖିରେ ଗୋଟିଏ ପ୍ରଶ୍ନ 'ତୁମେ କି ପାରିବ' ? ତାଙ୍କ ସହ କଥା ହେବା ପରେ ମୁଁ ଅନୁଭବ କରିଛି ବାଟକୁ ନେଇ ବିପ୍ଳବ ଅବଶ୍ୟ ହେବ । କେବଳ ମୂଳରୂପରେ ନୁହେଁ ସୂକ୍ଷ୍ମଭାବେ ଏହା ମଧ୍ୟ ଆନ୍ଦୋଳିତ କରିବ । ସଂପର୍କର, ସଂଯୋଗର ସବୁ ବାଟ ଖୋଲିଯିବ । ସରକାର ଭାବିବା ଆଗରୁ ସାଧାରଣ ଜନତା ନିଜନିଜ ବାଟ ତିଆରି ସାରିଥିବେ । ଏପରି ନିଶ୍ଚୟ ଘଟିବ । ଏଭଳି ଏକ ଅନୁଭବକୁ ବାସ୍ତବରୂପ ଦେବା ଲକ୍ଷ୍ୟରେ ଏହି ସଂକଳନର ପରିକଳ୍ପନା । ଏଥିରେ ଥିବା ପ୍ରତିଟି ଶବ୍ଦ ପୁଣିଥରେ ମାଟିଗୋଡ଼ି ହୋଇ ତିଆରି କରୁ ସହସ୍ର ରାସ୍ତା, କେବଳ ଏତିକି କାମନା ।

Digitized by srujanika@gmail.com

ଶ୍ରମ ଏବ ଜୟତେ

ମନୁଷ୍ୟର ଅନ୍ତର୍ନିହିତ ସଦ୍‌ଗୁଣ ହିଁ ସମାଜର ମୌଳିକ ଆଧାର। ମାନବ ସଭ୍ୟତା ତିଷ୍ଠି ରହିବା ପାଇଁ ମଣିଷର ନିଃସ୍ୱାର୍ଥପର ସେବାକର୍ମ ଏକାନ୍ତ ଅପରିହାର୍ଯ୍ୟ। ଭାରତୀୟ ପରଂପରାର ବଳିଷ୍ଠ ତତ୍ତ୍ୱ ରୂପେ ନିଃସ୍ୱାର୍ଥପର ମାନବସେବା କେଉଁ ଆବାହମାନ କାଳରୁ ରହିଆସିଛି। ଭାରତ ଇତିହାସର ବିଭିନ୍ନ ଯୁଗରେ ସର୍ବସାଧାରଣଙ୍କ ହିତ ଉଦ୍ଦେଶ୍ୟରେ କରାଯାଇଥିବା ସମସ୍ତ କାର୍ଯ୍ୟ ପ୍ରତି ଭାରତୀୟମାନଙ୍କର ଶ୍ରଦ୍ଧା ଓ ସମ୍ମାନ ତାହାର ବଳିଷ୍ଠ ପ୍ରମାଣ। ଭାରତୀୟଙ୍କ ରକ୍ତ କଣିକାରେ ଏବେ ବି ପ୍ରବହମାନ ଏହି ଆଦର୍ଶବାଦ। ଭାରତୀୟ ଚରିତ୍ରର ଏହି ଉତ୍କୃଷ୍ଟ ଚିନ୍ତାଧାରାର ନୂତନ ଇସ୍ତାହାର ହିଁ ଶତମାର୍ଗ ଆନ୍ଦୋଳନ।

ବହୁବିଧ ହିତାୟ ମାର୍ଗ ନିର୍ମାଣ :

ଭାରତୀୟ ଦୃଶ୍ୟପଟ୍ଟରେ ପ୍ରତୀୟମାନ ହେଉଥିବା ଯେତେସବୁ ଜନହିତକର ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଛି, ତନ୍ମଧ୍ୟରୁ ରାସ୍ତା ନିର୍ମାଣ ଏକ ଗୌରବାବହ ସ୍ଥାନ ହାସଲ କରିଛି । ସମ୍ରାଟଙ୍କ ଠାରୁ ଆରମ୍ଭ କରି ସାଧାରଣ ମଣିଷ ପର୍ଯ୍ୟନ୍ତ ସମସ୍ତେ ରାସ୍ତା ନିର୍ମାଣକୁ ଏକ ଧାର୍ମିକ କାର୍ଯ୍ୟ ରୂପେ ବିବେଚନା କରନ୍ତି। ଏହି ଦେଶରେ ରାସ୍ତା ନିର୍ମାଣକୁ ମୁଖ୍ୟ ଜନହିତକର କାର୍ଯ୍ୟ ରୂପେ ବିବେଚନା କରିବାର ଜ୍ୱଳନ୍ତ ଦୃଷ୍ଟାନ୍ତ ରହିଛି।

ରାସ୍ତା ହିଁ ସଂସ୍କୃତି ଓ ଆଲୋକର ଧାରା ବହନ କରେ ଏବଂ ବାଣିଜ୍ୟ ବ୍ୟବସାୟ ମାଧ୍ୟମରେ ଆର୍ଥିକ ଅଭିବୃଦ୍ଧି ଘଟାଏ । ଭାବ ଓ ଆଦର୍ଶର ଆଦାନ ପ୍ରଦାନ କରିବା ସହ ବନ୍ଧୁତ୍ୱକୁ ଦୃଢୀଭୂତ କରାଏ । ଶରୀରରେ ହୃତପିଣ୍ଡ ଓ ଧମନୀ ଯେତିକି ଗୁରୁତ୍ୱ ବହନ

Digitized by srujanika@gmail.com

କରେ, ରାସ୍ତା ଏକ ରାଷ୍ଟ୍ରର ଜୀବନରେ ସେତିକି ଗୁରୁତ୍ୱ ବହନ କରିଥାଏ। ଆମ ଦେଶର ସାର୍ବଜନୀନ ଉନ୍ନତି ପାଇଁ ଯୋଜନା କରୁଥିବା ଲୋକମାନେ ଏହାକୁ ଏଡାଇ ଯାଇ ନାହାନ୍ତି। ଦେଶର ଉନ୍ନତି ପାଇଁ ରାସ୍ତାର ଆବଶ୍ୟକତାକୁ ସେମାନେ ସର୍ବଦା ଗୁରୁତ୍ୱ ଦେଇଛନ୍ତି। ଯେଉଁମାନେ ଏକଛତ୍ର ଶାସନରେ ବିଶ୍ୱାସ କରନ୍ତି ନାହିଁ କିମ୍ବା ରାଷ୍ଟ୍ରର ପଦକ୍ଷେପରେ ନିର୍ଭରଶୀଳ ନୁହନ୍ତି, ସେମାନେ ସର୍ବଦା ସବୁ ବିଷୟରେ ଅନ୍ୟ ଉପରେ ନିର୍ଭରଶୀଳ ନୁହନ୍ତି। ସଂକ୍ଷେପରେ କହିଲେ ଯଦି ରାଷ୍ଟ୍ରୋଦ୍ୟୋଗଗୁଡିକ ସ୍ୱେଚ୍ଛାସେବୀମାନଙ୍କ ସହଯୋଗ ପାଇବ, ତେବେ ପ୍ରଗତିକୁ ତ୍ୱରାନ୍ୱିତ କରିହେବ।

ପ୍ରବୃତ୍ତିର ଆବାହନ :

ମନୁଷ୍ୟ କେବଳ ଖାଦ୍ୟ ପାଇଁ ବଞ୍ଚେନାହିଁ କିମ୍ବା ରୋଜଗାର ପାଇଁ ତା'ର ସମସ୍ତ ସମୟ ଓ ଶକ୍ତି ବିନିଯୋଗ ହୁଏନାହିଁ । ବଳକା ସମୟଗୁଡିକୁ ଅଧିକାଂଶ ଲୋକ ଅପଚୟ କରିଥାଆନ୍ତି । ପ୍ରୋକ୍ତ ବଳକା ସମୟକୁ ଗଠନମୂଳକ କାର୍ଯ୍ୟରେ ସଦୁପଯୋଗ କରିବା ହିଁ ଶତମାର୍ଗ ଆନ୍ଦୋଳନର ଲକ୍ଷ୍ୟ ।

ଓଡିଶାର ପୁରୀ ଜିଲ୍ଲା ଅନ୍ତର୍ଗତ ଏକ ଅଖ୍ୟାତ ପଲ୍ଲୀରୁ ଏହି ଆନ୍ଦୋଳନର ଜନ୍ମ। କହିବାକୁ ଗଲେ ଦେଶର ସାମୂହିକ ବିକାଶ ନିମନ୍ତେ ସରଳ ଗ୍ରାମବାସୀଙ୍କର ଏହି ପବିତ୍ର କାର୍ଯ୍ୟ ପ୍ରତି ସ୍ୱତଃସ୍ଫୂର୍ତ୍ତ ଆଗ୍ରହ ଦେଖିବାକୁ ମିଳିଛି। ବୋଧହୁଏ ବିନୋବାଜୀଙ୍କ ଦ୍ୱାରା ଯେଉଁ ଶ୍ରମଦାନ ଆନ୍ଦୋଳନ ଆରମ୍ଭ ହୋଇଥିଲା ତାହା ହିଁ ସଂଗଠକମାନଙ୍କୁ ଶତମାର୍ଗ ଆନ୍ଦୋଳନ ପାଇଁ ପ୍ରେରଣା ଯୋଗାଇଥିଲା । ମାତ୍ର ଏହି ସଂଗଠକମାନେ ଗ୍ରାମାଞ୍ଚଳର ସୁପ୍ତ ଜନଶକ୍ତିର ଉପଯୋଗ କରି ରାସ୍ତା ନିର୍ମାଣ ଭଳି କାର୍ଯ୍ୟକ୍ରମ ଦ୍ୱାରା ରାଷ୍ଟ୍ରଗଠନ ପ୍ରକ୍ରିୟାରେ ସାମିଲ ହୋଇଥିଲେ।

ମଧୁର ମିଶ୍ରଣ :

ଯୋଜନାଗୁଡିକରେ ରାସ୍ତା ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଉଛି । ମାତ୍ର ଯଦି ଗ୍ରାମବାସୀ ପୁରା ଦମ୍‌ରେ ସହଯୋଗ ନ କରିବେ ତେବେ ପର୍ଯ୍ୟାପ୍ତ ଆର୍ଥିକ ପୁଞ୍ଜି, ସାଂଗଠନିକ ନେଟ୍‌ୱାର୍କ, ଯାନ୍ତ୍ରିକ କାରିଗରୀ-ବିଦ୍ୟାର ଅଭିଜ୍ଞତା ଥିଲେ ମଧ୍ୟ ରାଷ୍ଟ୍ର ଏକାକୀ ଏହି କାର୍ଯ୍ୟ କରିପାରିବ ନାହିଁ । ଗ୍ରାମବାସୀମାନେ ସ୍ୱନିର୍ମିତ ରାସ୍ତାରେ ଯାତାୟତ କରି ପରବର୍ତ୍ତୀ ଅବସ୍ଥାରେ ସରକାରୀ ରାସ୍ତା ସହିତ ମିଶି ପାରିଲେ ଉଭୟ ସ୍ୱନିର୍ମିତ ଓ ରାଷ୍ଟ୍ର ନିର୍ମିତ ରାସ୍ତାର ଏକ ମଧୁର ମିଶ୍ରଣ ସମ୍ଭବ ହୋଇପାରିବ, ଯାହାକି ଗ୍ରାମବାସୀଙ୍କର

Digitized by srujanika@gmail.com

ସାମୂହିକ ସ୍ୱାର୍ଥରେ ସହାୟକ ହେବ । ସେଥିପାଇଁ ସଂଗଠକମାନେ ନିକଟସ୍ଥ ଜିଲ୍ଲା ମୁଖ୍ୟ ରାସ୍ତା ସହ ଗ୍ରାମ୍ୟ ସଂଯୋଗୀକରଣ ରାସ୍ତାଗୁଡିକ ନିର୍ମାଣ କାର୍ଯ୍ୟ ହାତକୁ ନେଇଥିଲେ । ଶାରୀରିକ ପରିଶ୍ରମକୁ ନିଜର ବ୍ରତରୂପେ ମାନି ନେଇଥିବା ସାଧାରଣ ଗ୍ରାମବାସୀଙ୍କ ମନରେ ଏହି ଆନ୍ଦୋଳନ ଏକ ଗଭୀର ଆଲୋଡନ ସୃଷ୍ଟି କରିଥିଲା । କୌଣସି ପୁରସ୍କାରକୁ ଆଶା ନ ରଖି ଗ୍ରାମବାସୀମାନେ ନୂତନ ରାସ୍ତା ନିର୍ମାଣ ପାଇଁ ସହଯୋଗ କରିଛନ୍ତି ।

ଦୁଇବର୍ଷ ସମୟ ମଧ୍ୟରେ ଶତମାର୍ଗ ଆନ୍ଦୋଳନର ସ୍ୱେଚ୍ଛାସେବୀମାନେ କାହାରିଠାରୁ କୌଣସି ସାହାଯ୍ୟ ନ ପାଇ ବିନା ଖର୍ଚ୍ଚରେ ପଚିଶଟି ଗ୍ରାମ୍ୟ ରାସ୍ତା ନିର୍ମାଣ କରିଛନ୍ତି । ଏହି ରାସ୍ତାର ଦୈର୍ଘ୍ୟ ଆନୁମାନିକ ପଚିଶ ମାଇଲ୍ ହେବ । ଗ୍ରାମାଞ୍ଚଳର ସରଳ ଲୋକମାନଙ୍କର ଏହା ଏକ ଛୋଟିଆ କୃତିତ୍ୱ ନୁହେଁ ।

ଗ୍ରାମବାସୀମାନଙ୍କ ଦ୍ୱାରା କରାଯାଇଥିବା ଏହି କାର୍ଯ୍ୟର ମୂଲ୍ୟାଙ୍କନ ପାଉଣ୍ଡ, ସିଲିଂ ବା ପେନ୍ସରେ କରାଯାଇପାରିବ ନାହିଁ । କାରଣ ଯେତେବେଳେ "ସ୍ୱଳ୍ପକାମ - ଅଧିକ ଲାଭ" ନୀତିରେ ଲୋକମାନେ ଅଭ୍ୟସ୍ତ, ଠିକ୍ ସେତିକିବେଳେ ଆମ ଦେଶବାସୀଙ୍କ ଦ୍ୱାରା ଏହି କାର୍ଯ୍ୟ ନୈତିକତାର ଏକ ଗଭୀର ଅର୍ଥକୁ ବହନ କରେ ।

ଏକତ୍ୱର ଭାବନା :

ଗ୍ରାମପଥ ପାଇଁ ଏକାଠି ଶ୍ରମଦାନ କରୁଥିବା ଲୋକମାନଙ୍କ ଭିତରେ ଏଇ ଆନ୍ଦୋଳନ ଏକତ୍ୱର ଭାବନା ଆଣିବାରେ ସମର୍ଥ ହୋଇଛି । କେତେକ ଗ୍ରାମରେ ଥିବା ପୂର୍ବ ବିବାଦକୁ ଏଇ ଆନ୍ଦୋଳନ ସମାଧାନ କରିବାରେ ସାହାଯ୍ୟ କରିଛି । ଶ୍ରମର ମର୍ଯ୍ୟାଦାକୁ ପ୍ରଦର୍ଶନ କରିବା ସହ ଏହା ସହମତି ଏବଂ ସମବାୟ ଭିତ୍ତିରେ କାର୍ଯ୍ୟ କରିବାର ଏକ ଶିକ୍ଷଣ ସ୍ଥାନ ହୋଇପାରିଛି ।

ନିମ୍ନମାନର ବ୍ୟକ୍ତିକୈନ୍ଦ୍ରିକ ଚିନ୍ତାଧାରାକୁ ଉର୍ଦ୍ଧ୍ୱମାନର ସମାଜ କଲ୍ୟାଣ କାର୍ଯ୍ୟ ସକାଶେ ନିୟୋଜନ କରିବାକୁ ନିଶ୍ଚୟ ଅଦ୍ୱିତୀୟ ବିବେଚନା କରାଯାଇପାରେ । ବହୁଜନ ହିତାୟ ଚିନ୍ତାଧାରାରେ ସାମୂହିକ ଜୀବନଶୈଳୀକୁ ନିର୍ମାଣ କରିବାରେ ଏହା ପ୍ରାଥମିକ ଶିକ୍ଷା ପ୍ରଦାନ କରିଥାଏ । ଗ୍ରାମ୍ୟ ସମାଜକୁ ନିତ୍ୟ ନୂତନ କରିବା ଓ ପଡୋଶୀମାନଙ୍କ ସହ ଏକତା ସୂତ୍ରରେ ବାନ୍ଧିହୋଇ ବଞ୍ଚିବାର ଶୈଳୀ ଏହି ଆନ୍ଦୋଳନ ଶିକ୍ଷା ଦେଇଛି । ଶ୍ରମର ତତ୍ତ୍ୱ ଯଦି ଥରେ ମାତ୍ର ଜାଗ୍ରତ ହୋଇଯାଏ ତେବେ ବଳକା ଶକ୍ତିକୁ ଜାତି, ଦେଶ ନିର୍ମାଣ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟପ୍ରତି ଅତି ସହଜରେ ଉପଯୋଗ କରାଯାଇପାରେ । ଏହି

Digitized by srujanika@gmail.com

କାର୍ଯ୍ୟକ୍ରମ ଠିକ୍ ସଂକ୍ରାମକ ଜୀବାଣୁ ଭଳି ରାଜ୍ୟର ଅନ୍ୟ ଅଞ୍ଚଳକୁ ବିସ୍ତାରିତ ହେଉ। ଯେଉଁ ଚମତ୍କାରିତା ଆଜିଠାରୁ ପାଞ୍ଚ ବର୍ଷ ମଧ୍ୟରେ ସଫଳ ହୋଇପାରିନଥାନ୍ତା ଅନ୍ତତଃ ଗ୍ରାମାଞ୍ଚଳର ସଡକ ନିର୍ମାଣ ଦ୍ୱାରା ତାହା ସମ୍ଭବ ହୋଇପାରିବ।

ମଙ୍ଗଳେ ଆସିବ ଉଷା :

ଏ ସବୁଥିରୁ ଅନୁମିତ ହେଉଛି ଯେ ଏହି ଆନ୍ଦୋଳନ ଭବିଷ୍ୟତରେ ଆସିବାକୁ ଥିବା ବହୁ ମହତର କାର୍ଯ୍ୟର ପୂର୍ବ ସୂଚନା ଦେଉଛି । ଆଗାମୀ ଦିନଗୁଡ଼ିକରେ ଏହି ନିଃସ୍ୱାର୍ଥପର କର୍ମକର୍ତ୍ତାଙ୍କର ମାର୍ଗ, ଐଶ୍ୱରୀୟ ଆଲୋକରେ ଆଲୋକିତ ହେଉ ।

ଶ୍ରୀ ବାଣୀଦତ୍ତ ଚମ୍ପତିରାୟ
(କ୍ଷିତୀଶ ମିତ୍ରଙ୍କ ଏକ ଲେଖାରୁ
ସଂକଳିତ ଓ ସମ୍ପାଦିତ)

ପୁରୁଣା ଆସେମ୍ବ୍ଲି ଗୃହ

Digitized by srujanika@gmail.com

ଶତମାର୍ଗ
ଆନ୍ଦୋଳନର ଅନ୍ତରାଳେ

"ଆରେ ବୈଦ୍ୟନାଥ ! ଦେଖିଲୁ ଦେଖିଲୁ, ଆଗରେ ଏଇ ଅଳ୍ପ ଦୂରରେ କେତେ ଜଣ ସ୍ତ୍ରୀ ଲୋକ ମଥାରେ ଆଉ କାଖରେ କଳସୀ ଧରି କ'ଣ ନାଚି ନାଚି ଚାଲିଛନ୍ତି । ଚାଲ ଚାଲ ବେଗି ବେଗି, ଚାଲ ତାଙ୍କ ପାଖକୁ ଯାଇ ଟିକେ ତାଙ୍କୁ ଦେଖିବା ।"

ସେତେବେଳକୁ ଦିନ ବାରଟା ଗଡି ଯିବଣି । ବୈଶାଖ ମାସର ଉଦୁଉଦିଆ ଟାଇଁଟାଇଁଆ ଖରାବେଳ । କୁରୁମ ସଅର ସାହିରୁ କୋଚିଆଖାଲ ଗାଁକୁ ଯିବା ବାଟରେ ଏକ ଛୋଟ ନାଳଟିକୁ ଡେଇଁ ଉପରକୁ ଉଠିବା ବେଳକୁ ସେ ଦୃଶ୍ୟ ଆମେ ଦେଖିବାକୁ ପାଇଲୁ ।

ମୋର ଯାହା ମନେପଡୁଛି ସେଇଟା ଥିଲା, ୧୯୫୭-୫୮ ମସିହା କଥା । ଆମ ଇଷ୍ଟ ଶ୍ରୀ ରଘୁପତିଙ୍କ ଅପାର କରୁଣାରୁ ସେତେବେଳକୁ ମୁଁ ଓଡିଶାର ପ୍ରଖ୍ୟାତ କମ୍ୟୁନିଷ୍ଟ୍ ନେତା ଗଙ୍ଗାଧର ପାଇକରାୟଙ୍କୁ ତିନିଶ ପଚାଶ ଖଣ୍ଡ ଅଧିକ ଭୋଟରେ ଜିତି ବେଗୁନିଆ ନିର୍ବାଚନମଣ୍ଡଳୀର ଲୋକପ୍ରତିନିଧି ହୋଇସାରିଥାଏ । ମୋର ଗାଡି ଘୋଡା ତ ନଥାଏ । ଥାଏ ଖଣ୍ଡେ ଷ୍ଟ୍ରଙ୍ଗ୍ ସାଇକେଲ ମାତ୍ର । ସେଇ ସାଇକେଲ ଖଣ୍ଡିକରେ ମୋତେ ମୋର କକା ପୁଅ ଭାଇ ବୈଦ୍ୟନାଥ ପଛ କ୍ୟାରିଅରରେ ବସାଇ ମୋ ନିର୍ବାଚନମଣ୍ଡଳୀର କେତେଖଣ୍ଡି ଗାଁକୁ ମୋତେ ବୁଲାଇ ନେଇ ଯାଉଥିଲା ।

ସେ ସ୍ତ୍ରୀ ଲୋକମାନଙ୍କର ଧାଡିର ପାଖାପାଖି ହୋଇ ଆମେ ଦେଖିବାକୁ ପାଇଲୁ, ଟାଣ ଖରାରେ ପାଦତଳ ସରୁରାସ୍ତାର ଉପର ବାଲି, ଖଇଫୁଟା ବାଲିହାଣ୍ଡି ପରି ତାତି ଯାଇଛି । ତେଣୁ ସେମାନେ ଏମିତି ଟପ୍ ଟପ୍ ଚାଲିରେ ବେଗି ବେଗି ପାହୁଣ୍ଡ ପକାଇ ଚାଲିଛନ୍ତି, ନାଚି ନାଚି ନୁହେଁ । ତଳ ନାଳର ପାଣି ଧାରରୁ ଦି ଦି ମାଠିଆରେ ପାଣି ଭରି ସେମାନେ କାଖରେ ଆଉ ମୁଣ୍ଡରେ ଧରି ଘରକୁ ଫେରୁଥିଲେ ।

Digitized by srujanika@gmail.com

ମୋ କହିବାନୁସାରେ ବୈଦ୍ୟନାଥ ସେମାନଙ୍କ ପଛେ ପଛେ ସାଇକେଲ ଚଳାଇବାରୁ ଆମେ କୋଚିଆଖାଲ ଶଅର ସାହି ଭିତରେ ଯାଇ ପଶିଗଲୁ ।

ଗାଁ ଭିତରେ ଯାଇ ଦେଖିଲୁ ଏକ ଉଚ୍ଚା ଓସାରିଆ ମାଟି ପିଣ୍ଡା ଉପରେ ଚାରି ଜଣ ଭେଣ୍ଡିଆ ଟୋକା ତାସ୍ ପାଲି ପକାଇ ଖେଳୁଛନ୍ତି, ଆଉ ପାଞ୍ଚ ଛଅ ଜଣ ଭେଣ୍ଡିଆ ଟୋକା ତାଙ୍କ ତାସ୍ ଖେଳକୁ ବସି ଦେଖୁଛନ୍ତି । ତାଙ୍କ ପାଖରେ ବସିପଡ଼ି ସେ ସମସ୍ତଙ୍କୁ ମୁଁ କହିଲି, "ଭାଇମାନେ ! ତମ ଘରର ମାଇପି ଝିଅମାନେ ସବୁ ଏତେ ବାଟରୁ ପାଣି ମାଠିଆ ବୋହି ଆଣୁଛନ୍ତି । ତମେ ସବୁ ଜାଣୁଛ ଟିକି ? ଗାଁରେ ଗୋଟିଏ କୂଅ ଖୋଳିବାକୁ ଯତ୍ନ କଲେ କ'ଣ ହୁଅନ୍ତା ନାହିଁ। ତମମାନଙ୍କ ପରି ଏପରି କଳା ମଚ ମଚ ଭେଣ୍ଡିଆ ଟୋକେ ଥାଉ ଥାଉ ତମ ପିଲାମାନେ କେତେ ହନ୍ତସନ୍ତ ହେଉଛନ୍ତି ସତେ !" ସେମାନଙ୍କ ଭିତରୁ କେତେଜଣ ଏକ ସ୍ୱରରେ କହିଲେ, "ଆମେ ଆଉ କ'ଣ କରିବୁ ଯେ ? ଆମ 'ମେଲେ' ପାଇକରାବାବୁଙ୍କୁ ତ ଆମେ ଆଜକୁ ୫-୬ ବର୍ଷ ହେଲା କହୁଛୁ । ସେ ତ ଫି ବର୍ଷ ଆମ ଗାଁକୁ କୂଅ କରାଇ ଦେବେ ବୋଲି କହୁଛନ୍ତି । ଏଇ କିଛିଦିନ ତଳେ ସେ ଭୋଟ ପ୍ରଚାରରେ ଆମ ଗାଁକୁ ଆସିଥିଲେ । ସବୁ ବର୍ଷ ପରି ପୁଣି କହିଛନ୍ତି କୂଅଟିଏ କରାଇଦେବେ ବୋଲି ।"

ସେଇଠି ଅଳପ ହସି ମୁଁ କହିଲି, "ପାଇକରାବାବୁ ଏବେ ଆଉ ତମ 'ମେଲେ' ନାହାନ୍ତି। ମୁଁ ଏବେ ତମ ଏମ୍.ଏଲ୍.ଏ (ମେଲେ) ହୋଇଛି । ତମ ଗାଁ ସ୍ତ୍ରୀ ପିଲାମାନଙ୍କର କଷ୍ଟ ମୁଁ ସହିପାରିବି ନାହିଁ । ଏବେ ଏଇଠୁଁ ମୁଁ ଖୋର୍ଦ୍ଧା ଯାଇ ଏସ୍.ଡି.ଓ. ସାହେବଙ୍କୁ କହି ଗୋଟିଏ କୂଅ କରାଇ ଆଣିବି । ଆଉ ଶୁଣ, କୂଅ ସହିତ କୂଅ ଚଉତରାଟିଏ ମଧ୍ୟ ମଞ୍ଜୁର୍ ହେବ। ତମେ ସେ ସିମେଣ୍ଟ କରା ଚଉତରାରେ ବସି ଭାଗବତ ପଢ଼ିବ ଆଉ ଖଂଜଣୀ ବଜାଇ ମେଳା ମଉଛବ କରିବ । ଚଉତରାକୁ ଲାଗିକରି ଗୋଟିଏ ବଉଳକୋଳି ଗଛ ଲଗାଇବ। ଭଲ ଛାଇ ହେବ।" ସମସ୍ତେ ମୋ କଥା ଶୁଣି ତାଙ୍କର କୃତଜ୍ଞତା ଭରା ଆଖିରେ ଟିକେ ହସିଦେଇ ଆମକୁ ବିଦାୟ ଦେଲେ।

କୋଚିଆଖାଲରୁ ଖୋର୍ଦ୍ଧା ଯାଇ ଏସ୍.ଡି.ଓ.ଙ୍କ ଠାରୁ ସେ ଗାଁ ପାଇଁ ଗୋଟିଏ କୂଅର ଅର୍ଡର କରାଇ ଆଣି ବୈଦ୍ୟନାଥ ହାତରେ ମୁଁ ସେ ଗାଁକୁ ପଠାଇ ଦେଇଥିଲି। ପୁଣି କହିଥିଲି ତାଙ୍କ ଲିଡର ବାଛି ଶୀଘ୍ର କୂଅ ଖୋଳେଇ ଦେବେ ।

ତା'ପରେ ଅନେକ ଦିନ ଯାଏଁ ମୁଁ ସେ ଗାଁକୁ ଆଉ ଯାଇ ନ ଥିଲି । ଆମ ପାଖ ଗାଁଆ ତ। ଥରେ କୌତୁହଳବଶତଃ ସେ କୂଅ ଓ ବଉଳ କୋଳି ଗଛ ଦେଖିବା ପାଇଁ ଇଚ୍ଛା ହେଲା । ସେ ଗାଁଆକୁ ଗଲି ।

Digitized by srujanika@gmail.com

ସେ ଗାଁକୁ ଯାଇ ଯାହା ଦେଖିଲି, ମତେ ଯେମିତି ଲାଗିଲା, ମୋ କଳ୍ପନାର ରଙ୍ଗୀନ କାଚପାତ୍ରଟି ଏକ କଠିନ ଶିଳା ଉପରେ ଜୋରରେ ବାଡେଇ ହୋଇଯାଇ ଶତ ସହସ୍ର ଟୁକୁରା ଟୁକୁରା ଖଣ୍ଡରେ ପରିଣତ ହୋଇଗଲା ।

କୋଚିଆଖାଲ ଶଅରସାହିରେ କୂଅ ହେଇନି । କଂଗ୍ରେସୀ ଚମ୍ପତ୍ରା କୂଅ କହି ଆଉ ଏକ ଦଳ ଗାଁ ମଝିରେ ନ ଖୋଳାଇ ତାଙ୍କ ଘର ଆଗରେ କୂଅ କରାଇବାକୁ ଜିଦ୍ କଲେ। ଫଳରେ କୂଅ ତ ହେଲାନି। ସେ ଗାଁଟି ଦୁଇ ଭାଗରେ ବିଭକ୍ତ ହୋଇଯାଇ ଗାଁ ଫାଟିଗଲା। କଳି ତକରାଳ, ମାଡଗୋଳ ମୁଣ୍ଡ ଫଟାଫଟିରେ ଖୋର୍ଦ୍ଧା କଚେରୀରେ ଗାଆଁ ଟଙ୍କା ମିଳେଇଗଲା। ଚାଳରୁ ଛପର ଚାଲିଯାଇଥିଲା। ଘର ଡିହ ହୋଇଯାଇଥିଲା। ସେଦିନ ଯେପରି ଭାବରେ ଆଶାହତ ହୋଇ ମୁଁ ଘରକୁ ବାହୁଡି ଆସିଲି, ତାହା ବର୍ଣ୍ଣନା କରିବା ପାଇଁ ମୋର ଭାଷା ନାହିଁ ।

ସେହି ସମୟରେ କୌଣସି ଏକ ସମ୍ବାଦପତ୍ରରେ ଉତ୍ତର ପ୍ରଦେଶର ଏକ ଛୋଟ ମଫସଲ ଗାଁ କଥା ପ୍ରକାଶ ପାଇଥିଲା । ଗାଁରେ କୂଅଟିଏ ନ ଥିବା ଯୋଗୁଁ ଏକ ପରିବାରରେ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ବହୁତ ସମୟରେ କଳି ତକରାଳ ହେଉଥିଲା । ସ୍ୱାମୀ ସ୍ତ୍ରୀକୁ ଦିନେ ଚିଡେଇ କରି କହିଲା, "ବାହା ହେଇ ଆସିବାବେଳେ ବାପଘରୁ କୂଅଟିଏ ଧରି ଆସିଲୁ ନାହିଁ ? କୂଅ ତ ଆଣିନୁ, ଏଠି କେଉଁଠୁ କୂଅ ଆସିବ ?"

ବାପଘର କଥା ଶୁଣି ସ୍ତ୍ରୀଟିକୁ ବହୁତ ବାଧିଲା । ତା' ପରଠୁଁ ସେ ଗାଁର ଅନ୍ୟ ସ୍ତ୍ରୀ ଲୋକମାନଙ୍କୁ ମେଳେଇ ଅବସର ସମୟ ଦେଖି ସମସ୍ତେ ମିଳିମିଶି ଗୋଟିଏ କୂଅ ଖୋଳେଇ ପାରିଥିଲେ। ପରେ ଏହି ସ୍ତ୍ରୀ ଲୋକମାନଙ୍କର କୂଅଟିକୁ ଭାରତବର୍ଷର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ୍ ନେହେରୁ ଶୁଭ ଉଦ୍‌ଘାଟନ କରିଥିଲେ।

କୋଚିଆଖାଲ ଶଅରସାହି କୂଅ ଓ ବଉଳଗଛରୁ ମୋର ମନଟା ସଦାବେଳେ ବହୁତ ଘାଣ୍ଟି ଚକଟି ହେଉଥିଲା । ଆଉ ମୋ ନିର୍ବାଚନମଣ୍ଡଳୀକୁ ଦୁଃଖରେ ଯାଉନଥାଏ। ତାର କିଛିଦିନ ପରେ ଏକ ସାହିତ୍ୟ ସମ୍ମିଳନୀରେ ଯୋଗ ଦେବାପାଇଁ ମୁଁ ଋଷ୍ ଦେଶର ଟାସକେଣ୍ଟ ଚାଲିଗଲି । ଏହି ସମୟକାଳ ଭିତରେ ଜଣେ ଦିବ୍ୟ ପୁରୁଷ (ଇଷ୍ଟ ରଘୁପତି) ଆସି ମୋ ସ୍ୱପ୍ନର ସଳିତାରେ ଶତମାର୍ଗର ନିଆଁ ଲଗାଇଦେଲେ।

ଏହି ହେଲା ଶତମାର୍ଗ ଆନ୍ଦୋଳନର ପୃଷ୍ଠଭୂମି । ମୋ "ସ୍ୱପ୍ନର ପୃଷ୍ଠଭୂମି"

Digitized by srujanika@gmail.com

ସ୍ୱପ୍ନକୁ ସାର୍ଥକ କରିବାରେ କାହାଠୁ ମିଳିଲା ବଳ

ସର୍ବୋଦୌ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବ ହିଁ ସ୍ମରଣୀୟ। ସେ ଥିଲେ ଏକ ପ୍ରଜ୍ଜ୍ୱଳିତ ବହ୍ନିଶିଖା। ମୋର ପିତା ମୋତେ ପାରମ୍ପରିକ କୃଷିବୃତ୍ତିରୁ ହଟାଇ ବିଶ୍ୱବିଦ୍ୟାଳୟର ସର୍ବୋତ୍ତମ ଡିଗ୍ରୀ ଧାରଣ କରାଇ ଡ଼କ୍ଟର ମହତାବଙ୍କ ପାଖରେ ଛାଡ଼ି ଦେଇଥିଲେ। ଆଜନ୍ମରୁ ସାହିତ୍ୟ ଓ ସଂସ୍କୃତି ପ୍ରତି ମୋର ସହଜାତ ମନୋବୃତ୍ତି ଥିଲା। ଅତଏବ ବୃତ୍ତି ଓ ପ୍ରବୃତ୍ତି ମୋର ଏକ ହୋଇଗଲା। ତେଣୁ ଡକ୍ଟର ମହତାବ ମୋତେ ଝଙ୍କାରର "ପରିଚାଳନା ସମ୍ପାଦକ" ଦାୟିତ୍ୱ ଦେଇଥିଲେ। ଠିକ୍ ସେତିକିବେଳକୁ ଦେଶରେ ୧୯୫୭ର ସାଧାରଣ ନିର୍ବାଚନ ଆସିଗଲା। ପ୍ରଖ୍ୟାତ କମ୍ୟୁନିଷ୍ଟ ନେତା ଗଙ୍ଗାଧର ପାଇକରାୟ ବେଗୁନିଆ ନିର୍ବାଚନମଣ୍ଡଳୀର ପ୍ରତିନିଧି ଥଆନ୍ତି। ତାଙ୍କ ବିପକ୍ଷରେ ଲଢ଼ିବାକୁ ବେଗୁନିଆ-ବୋଲଗଡ଼ର ବହୁ କଂଗ୍ରେସ ଟାଣୁଆ ନେତା ପ୍ରଜାତନ୍ତ୍ର ପରିସରରେ ଡକ୍ଟର ମହତାବଙ୍କୁ ଭେଟି ମୋତେ ବେଗୁନିଆ ପାଇଁ କଂଗ୍ରେସ ପ୍ରାର୍ଥୀ ବାଛିବାକୁ ଜୋର କଲେ। ଛେଳିକି ଟାଣିକରି ପାଣିକି ନେବା ନ୍ୟାୟରେ ମୁଁ ରାଜନୀତିକି ଟଣାହୋଇ ଆସିଲି। ମୋର ବନ୍ଧୁ ତଥା ସେତେବେଳର ଦୈନିକ ପ୍ରଜାତନ୍ତ୍ରର ସଂପାଦକ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ମୋ ନିର୍ବାଚନରେ ମୋତେ ବହୁତ ସାହାଯ୍ୟ କଲେ। ଭୋଟରେ ଲଢ଼ିବା ପାଇଁ କଟକର ଉଚ୍ଛବାନନ୍ଦ ସାମନ୍ତରାୟ ମୋତେ ଦୁଇଖଣ୍ଡ ହ୍ରିଙ୍ଗ ସାଇକେଲ ଦେଇଥିଲେ। ମୋର ସର୍ବମୋଟ ଖର୍ଚ୍ଚ ହୋଇଥିଲା ସାତ ହଜାର ପାଞ୍ଚଶ ଟଙ୍କା। ଏକ ନୀତି ଓ ଆଦର୍ଶବାଦ ଉପରେ ଲଢ଼ି ମୁଁ ତିନିଶହ ପଚାଶ ଖଣ୍ଡ ଅଧିକ ଭୋଟରେ ଶ୍ରୀଯୁକ୍ତ ପାଇକରାୟଙ୍କୁ ଜିଣି ଯାଇଥିଲି।

ନଈର ମଝି ବନ୍ଧ ଭାଙ୍ଗିଗଲେ ଯେମିତି ତଳ ଉପର ପାଣି ସମାନ ହେଇଯାଏ, ନିର୍ବାଚନ ଶେଷ ହୋଇଯିବା ପରେ ମୁଁ ପ୍ରତିପକ୍ଷ କର୍ମୀ ଓ ତାଙ୍କ ଦଳ ଲୋକଙ୍କୁ କୋଳେଇନେବାକୁ ଚେଷ୍ଟାକରି ବହୁ ପରିମାଣରେ ସଫଳ ହେଲି ମଧ୍ୟ। କାରଣ ମୁଁ ଭଲକରି ଜାଣିଥିଲି ଯେ, ହୃଦୟ ଦେଲେ ହୃଦୟ ମିଳେ। ଆଘାତ କଲେ ପ୍ରତିଆଘାତ ମିଳେ। ଏକମାତ୍ର ସ୍ନେହ ସରଳତା, ପ୍ରେମ ପବିତ୍ରତା ହିଁ ସତ୍ୟ। ଅନ୍ୟର ବା ଅପରର ସୁଖ ଦୁଃଖରେ ସୁଖୀ ଦୁଃଖୀ ହେବା ହିଁ ମଣିଷତା। ଯେ କୌଣସି ଗଠନମୂଳକ ବା

Digitized by srujanika@gmail.com

ରଚନାତ୍ମକ ଭଲ କାମ ପାଇଁ ସଂକଳ୍ପ କଲେ ଏଥିପାଇଁ ସବୁଆଡୁ ସାହାଯ୍ୟ ସହଯୋଗ ଛୁଟିଆସେ। ପ୍ରେମ ଓ କରୁଣାରେ ପୂର୍ଣ୍ଣ ପ୍ରତିଟି ପରିବାର ଏକ ଏକ ସନ୍ଥ ପରିବାର। ରଚନାତ୍ମକ କର୍ମ ପାଇଁ ସ୍ୱେଚ୍ଛାକୃତ ଶ୍ରମଦାନ କେବଳ ଜଣେ ସନ୍ଥ ହିଁ କରିପାରେ। ମୋ ଦୃଷ୍ଟିରେ ସମାଜରେ ଅଧିକାଂଶ ହିଁ ସନ୍ଥ। କାରଣ ସମସ୍ତେ ଶତମାର୍ଗର ସ୍ରଷ୍ଟା। ଜାତି ପାଇଁ ସେମାନେ ମାର୍ଗ ନିର୍ମାଣ କରନ୍ତି।

ବହୁ ପୂଜ୍ୟ ପ୍ରବୀଣ ସମ୍ମାନନୀୟ ବନ୍ଧୁ ଓ ଅନେକ ନିରହଙ୍କାରୀ ନିଷ୍କପଟ ଯୁବକ ବନ୍ଧୁ ଏ ପ୍ରେମ ଓ ପ୍ରୀତିର ଆନ୍ଦୋଳନରେ ସାମିଲ ହୋଇଥିଲେ-ତାହା ଆଜି ମୋର ମନେ ପଡୁଛି। ଆଜି ଆଉ ମନେ ପଡୁଛି, ବେଗୁନିଆ, ବୋଲଗଡ଼ ଓ ବାଣପୁର ଅଞ୍ଚଳର ଶହ ଶହ ଶତମାର୍ଗ ସ୍ରଷ୍ଟା ଜୀବନର ଉତ୍ତରାର୍ଦ୍ଧରେ ବସି ବସି ଆଜି ଶତମାର୍ଗର ସ୍ମୃତିଚାରଣ କରୁଥିବେ। ଏହି ଅବସରରେ ସେହି ଦିବ୍ୟ ଦେବତାମାନଙ୍କୁ ମୋର ବିନମ୍ର ପ୍ରଣାମ ଓ କୃତଜ୍ଞତା ଜଣାଉଅଛି। ଯେଉଁମାନଙ୍କର ସ୍ୱେଦବିନ୍ଦୁରେ ମାର୍ଗସବୁ ରଚିତ ହୋଇଥିଲା, ସେମାନଙ୍କର ଭାବୀ ବଂଶଧରଙ୍କ ଜୀବନ ପଥ ପୁଷ୍ପିତ ଓ ଚନ୍ଦନ ଚର୍ଚ୍ଚିତ ହେଉ ଏହାହିଁ ମୋର କମନା।

ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବ ଏ ଆନ୍ଦୋଳନର ପୁରୋଧା। ତାଙ୍କର ସସ୍ନେହ ଶୁଭେଚ୍ଛା ଓ ସୁପରାମର୍ଶ ମୋତେ ବହୁତ ପ୍ରେରଣା ଦେଉଥିଲା।

ଦେଶର ଅନ୍ୟତମ ରାଷ୍ଟ୍ରନେତା ଶ୍ରୀ ବିଜୁ ପଟ୍ଟନାୟକଙ୍କ ଶତମାର୍ଗ ଆନ୍ଦୋଳନକୁ ଅକୁଣ୍ଠ ସାହାଯ୍ୟ ଓ ସମର୍ଥନ ଆଜି ଅତୀବ ସ୍ମରଣୀୟ। ସେ ଥିଲେ ଆମ ଆନ୍ଦୋଳନର ମାର୍ଗଜ୍ୟୋତି। ଯେଉଁଠି ମାର୍ଗ ପଡ଼େ ସେ ଗ୍ରାମକୁ ବିଜୁବାବୁ ଆଲୋକର ବାହକ ସ୍ୱରୂପ ଏକ ଏକ ମୂଲ୍ୟବାନ ପେଟ୍ରୋମାକ୍ସ ଲାଇଟ ପଠାଇ ଦେଉଥିଲେ। ସୁଚୀଭେଦ୍ୟ ଅନ୍ଧକାର ରାତ୍ରି ପରି ସେତେବେଳକାର ନିପଟ ମଫସଲ ଭିତରେ ବିଜୁବାବୁଙ୍କର ଏହି ଉଜ୍ଜ୍ୱଳ ଜ୍ୟୋତି ବେଶ୍ ଆଲୋଡ଼ନ ସୃଷ୍ଟି କରୁଥିଲା।

Digitized by srujanika@gmail.com

ପ୍ରତି ସ୍ତରରେ ଓ ପ୍ରତିଟି ପର୍ଯ୍ୟାୟରେ ମୋର ବନ୍ଧୁ ତଥା ସେତେବେଳର ପ୍ରଜାତନ୍ତ୍ର ଓ ଇଷ୍ଟର୍ଣ୍ଣ ଟାଇମ୍ସର ସମ୍ପାଦକ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ସସ୍ନେହ ସହଯୋଗ ପାଇଁ ମୁଁ କୃତଜ୍ଞ। ଶତମାର୍ଗ ଆନ୍ଦୋଳନର ସମସ୍ତ ବିବରଣୀମାନ ତାଙ୍କ ସମ୍ପାଦିତ ଦୈନିକ ପ୍ରଜାତନ୍ତ୍ରରେ ସେ ନିୟମିତ ଭାବରେ ପ୍ରକାଶ କରୁଥିଲେ। "ଶତମାର୍ଗ" ଶୀର୍ଷକ ଏକ ଅଗ୍ରଲେଖା ମଧ ସେ ଲେଖିଥିଲେ।

ସେତେବେଳେ ଭାରତ ସରକାରଙ୍କ ପ୍ରକାଶିତ "ଯୋଜନା" ନାମକ ପତ୍ରିକାରେ ଶତମାର୍ଗର ରିପୋର୍ଟମାନ ରୀତିମତ ପ୍ରକାଶ ପାଉଥିଲା।

ନିଜର ସହଯୋଗୀଙ୍କୁ ଧରି ଏ ନୂତନ ମୁଦ୍ରଣ ଦାୟିତ୍ୱ ନେଇଥିବାରୁ ମୁଁ ଡକ୍ଟର ଗୋପାଳ କୃଷ୍ଣ ଶ୍ରୀଚନ୍ଦନଙ୍କୁ ଧନ୍ୟବାଦ ଜଣାଉଛି।

ଆଜି ଏକବିଂଶ ଶତାବ୍ଦୀର ପ୍ରଥମ ଦଶକରେ ଇଟା, ବାଲି, ଗୋଡ଼ି ଓ କଂକ୍ରିଟର ରାସ୍ତା ଯେତେ ପ୍ରୟୋଜନ ନାହିଁ ଈଶ୍ୱରଙ୍କ ଅମୃତର ପୁତ୍ର ଭାବରେ ଜୀବନର ପ୍ରତିଟି କାର୍ଯ୍ୟକୁ ସଦାସଦ୍ ବିଚାର କରି କର୍ମ କରିବାର ପ୍ରୟୋଜନୀୟତା ଅଛି। ଶତମାର୍ଗର ତାହାହିଁ ସତ୍‌ମାର୍ଗ, ଯାହା ଆଜି ପ୍ରତ୍ୟେକଟି ଜୀବନକୁ ସୁଖ, ଶାନ୍ତି ଓ ଶ୍ରେୟର ହିଁ ଅଧିକାରୀ କରାଇପାରିବାର ସ୍ପର୍ଦ୍ଧା ରଖେ।

(ସତ୍ୟାନନ୍ଦ ଚମ୍ପତିରାୟ)

Digitized by srujanika@gmail.com

ସତ୍ୟମାର୍ଗ ଆନ୍ଦୋଳନର ପ୍ରଥମ ବାର୍ଷିକ ସମ୍ମିଳନୀ
ଉଦ୍‌ଘାଟନ ଉତ୍ସବର ଏକ ଦୃଶ୍ୟ
ଛବିର ସମ୍ମୁଖ ଭାଗରେ—(ବାମପଟରୁ) ତତ୍କାଳୀନ ମନ୍ତ୍ରୀ ଶ୍ରୀ ଏସ୍. କେ. ଦେଓ
(ଡାହାଣପଟରୁ) ଆନ୍ଦୋଳନର ପ୍ରତିଷ୍ଠାତା ଶ୍ରୀ ସତ୍ୟାନନ୍ଦ ଚଂପତି ରାୟ

Digitized by srujanika@gmail.com

ଶତମାର୍ଗ

ସ୍ୱସ୍ତି ପନ୍ଥାମନୁଚରେମ୍

ଆମର ସୌଭାଗ୍ୟ ଓ ସମ୍ବଳ

Digitized by srujanika@gmail.com

ଶତମାର୍ଗ ଆନ୍ଦୋଳନର

ପ୍ରଥମ ଓ ଦ୍ୱିତୀୟ ବର୍ଷ ସ୍ମାରକୀ ଗ୍ରନ୍ଥରୁ ଗୃହୀତ

ଶତମାର୍ଗ

ସ୍ୱସ୍ତି ପନ୍ଥାମନୁଚରେମ୍

ସଂପାଦକ ମଣ୍ଡଳୀ

ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

ଶ୍ରୀ କ୍ଷିତୀଶ ଚନ୍ଦ୍ର ମିତ୍ର

ପରିଚାଳନା ସଂପାଦକ

ଶ୍ରୀ ବିଶ୍ୱମ୍ଭର ପରିଡ଼ା

ମୂଲ୍ୟ : ଦୁଇଟଙ୍କା ମାତ୍ର

ଶତମାର୍ଗ ଆନ୍ଦୋଳନ ଦ୍ୱାରା ପ୍ରକାଶିତ

Digitized by srujanika@gmail.com

ଶତମାର୍ଗ ଆନ୍ଦୋଳନର

ପୁରୋଧା

ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବ୍

Digitized by srujanika@gmail.com

Rashtrapati Bhavan,
New Delhi,

December 17, 1959.
Agrahayana 26, 1881 (Saka)

I was very glad to know of the constructive activities of the newly formed organisation called Shatamarg Andolan in Orissa. By channelinsing the country's surplus manpower into nation-bluilding activities like construction of roads and improving the conditions in countryside, the new organisation is bound to have great impact on the welfare work already being done in our villages. The example of Orissa is commendable and I hope it is emulated by other States. I wish the Seminar proposed to be held in this connection all success.

Digitized by srujanika@gmail.com

VICE PRESIDENT
INDIA
New Delhi,
September 19, 1959
Agrahayana 26, 1881 (Saka)

Dear Shri Satyananda Champatiray,

Thank you for your letter of September 16.

I am glad to know that you have started a movement which is likely to give self-reliance to our villagers and impart to them a co-operative outlook. I wish you success.

Yours Sincerely,

(S. Radhakrishnan)

November 12, 1960

Dear Shri Champatiray,

Thank you for your letter of November, 10. I congratulate you on your good work you are doing and hope your example will inspire others. Wish you success.

Yours sincerely,
Sd/- S. Radhakrishnan

Shri Satyananda Champatiray,
Shatmarga Shibir,
9/2 Unit IV, New Capital, Orissa.

Digitized by srujanika@gmail.com

Best Wishes for the Success of

SHATAMARGA ANDOLAN

Prime Minister

Digitized by srujanika@gmail.com



[ରଚନାତ୍ମକ କର୍ମରେ ବିନୋବାଙ୍କର ଅନୁରାଗ ରହୁଥିଲା । ପ୍ରବୀଣ ଓ ପ୍ରମୁଖ ରାଜନୀତିଜ୍ଞମାନଙ୍କୁ ପତ୍ର ନ ଲେଖିବା ନିମନ୍ତେ ସେ ପ୍ରତିଜ୍ଞା କରିଥିଲେ ମଧ୍ୟ ଶତମାର୍ଗ ଆନ୍ଦୋଳନକୁ ଆଶୀର୍ବଚନ ଦେଇ ଯେଉଁ ବ୍ୟକ୍ତିଗତ ପତ୍ର ଲେଖିଥିଲେ, ଏହି ତାର ପ୍ରତିଲିପି]

Digitized by srujanika@gmail.com

HOME MINISTER,
INDIA
New Delhhi,
December 19, 1959

The key to the development and reconstruction of our villages lies in the mobilization of the manpower resources. I am glad to know about Shatamarga Andolan movement which aims at mobilizing the voluntary labour in the villages for developmental work and send my best wishes to the organisers who are shortly to meet at a seminar in Bhubaneswar.

G.B.Pant

(GOVIND BALLABH PANT)

Digitized by srujanika@gmail.com

FINANCE MINISTER
INDIA, New Delhi
1st December, 1960.

The isolation of some of our villages will have to be removed by construction approach roads to them, if these villages to participate in the general movement for the reconstruction on of village life. I am glad that Shatmarg Andolan has roused sufficient enthusiasm amongst villagers and I trust that this Andolan will render a good account of itself in course of time. I send my best wishes of success to the organisers in the efforts for intensifying the movement.

Moraji Desai.

Digitized by srujanika@gmail.com

MINISTER OF LABOUR &
EMPLOYMENT & PLANNING,

New Delhi,
November, 1959

My dear Sri Champatiray,

I thank you for your letter of September 16th, 1959.

India's greatest asset is her manpower. A crucial problem is to enthuse and activies the vast multitude of human beings for constructive purposes. Any activity which aims at this objectives is to be heartily welcomed.

It is really gratifying to note that 'Shatamarg Andolan' in a short period of nine months has been able to inculcate the spirit of self-help among the rural masses of Orissa and it is now propsed to arrange a seminar to find out ways and means of strengthening the movement. It sets a healthy precedent which the other parts of the country might well emulate. I wish the movement all success.

With kind regards.

Yours sincerely,

G.L. Nanda.

Digitized by srujanika@gmail.com

MINISTER
COMMUNITY DEVELOPMENT
AND CO-OPERATION
INDIA

Orissa is amongst the most under-developed States of Inida. Under-development means the under-utilisation both of man-power and material resources. Such an underdeveloped state cannot expect to have large revenues from her people direct or indirect. Nor can the Union governmet, hard put as it is, have resources to provide for the total needs of Orissa. The state perforce has to fall back on her biggest resource namely un utilised man power. The utilisation of under-employed man power can take place either under compulsion or under people's own volition. Compulsion and democracy go very ill together. We still are a democracy and are struggling to continue and develop so. The only alternative therefore left is for people to utilise their unemployed hours as they alone would like to direct.

One of the urgent needs in under-developed territory, such as Orissa, is for communications which can up the country side thereby providing for smooth flow of traffic in skill and resources. I am very happy indeed to hear of the 'Shatamarga Andolan' which is spreading fast in the villages of Orissa. My compleint against Orissa throughout the past has been the unwillingnes of the people to gather together for work of common benefit during enforced ildeness and the partial failure of the Government organisation to harness this basic asset 'of the state on', which alone the future of the State will depend. I wish God speed to the new movement. It can certainly give a new lead to forge ahead building the road to 'NEW ORISSA' based on people's own labour and their own will regardless of caste, creed, political and religious affiliations.

S. K. Dey
19.12.1959

Digitized by srujanika@gmail.com

सत्यमेव जयते

CO-OPERATION
INDIA

Dear Mr. Champatiray,

Thank you very much for your letter No. SMA 124 dated the 10th instant. I believe I mentioned when I met this organisation last year that Shatamarg to me means a road for the good. The biggest problem in India, as we see it, is that the wicked have combined to pick the pockets of the rest while the good are busy fighting with each other as to the supremacy of each ones ways, methods and objectives. The wicked do not have any such qualms of conscience and therefore they can always combine against the rest of the community regardless of the individual differences in out look and methods between themselves.

I hope and pray that the SHATAMARG ANDOLAN may grow to be a movement through which the good people will show the way to unity of purposes among good people and transform the wicked in society to follow the lead of the good.

Yours sincerely ,
S. K. Dey.

Digitized by srujanika@gmail.com

New Delhi
Dec. 27, 1959

Dear Friend,

I am in receipt of your letter of December 11, 1959. I commend the Andolan for nation-building work through volunatry effort of the people. I wish it sucess.

Your's Sincerely,
U.N. Dhebr.

Sri R. N. Singh Deo
MINISTER, ORISSSA,

The Shatamarga Andolan in our state has opened the eyes of our people and has given them a fillip to help themselves in meeting one of their essential needs without waiting for and looking up to Government for such help. I appriciate the missionary zeal and military spirit of the members of this organisation and I hope every body will join with me to wish the organisation good speed and all success.

R. N. Singh Deo

Digitized by srujanika@gmail.com

Bhartiya Vidy Bhaban,
Chaupatty Road,
Bombay 7
19th September, 1959.

Dear Sri Satyananda Champatiray,

I am very glad that 'Shatamarg Andolan' has been started there with a view to carry on constructive work for the benefit of the villagers.

I wish it every success.

With regards. *Yours Sincerely,*

K. M. Munshi

BHARATIYA BIDYA BHAVAN
BOMBAY
November 14, 1960

Dear Sri Champatiray,

Your letter of 10th November to hand.

I am glad the Andolan has undertaken such a good work.

Yours sincerely,

K.M. Munshi

Digitized by srujanika@gmail.com

Raj Bhavan
Cuttack
18th September, 1959.

Governor, Orissa,

I have read with great interest from time to time reports on the activities of the 'Shatamarg Andolan."

Maxims are good, but to translate them in to action requires determination and perseverance in effort work in worship is a noble maxim. The Shatamarg Andolan has imparted life in to this maxim by making it provide the necessary motive power essential for welfare activities.

India lives in villages which often suffer from isolation from the outside world due to lack of proper communications. The latent energy and will to progress thus remain unused, which we can no longer afford to lose. The villages must play their full part in their own improvement and all-round betterment of our country. Our welfare state is faced with multiple problems of gigantic magnitude. It would be impossible to solve them if every thing is left to be done by the Government will have to be supplemented by the efforts of many non-official organisations . The Shatamarg Andolan has done well to canalise mass energy and enthusiasm. The importance of our five year plans and movements like the Shatamarg Andolan does not, in my view, depend on the material and physical achievements but on the mental and spiritual uplift which they being about by creating confidence, self-help and a spirit of service.

I congratulate the organisers of the movement on their good work and express my appreciation of their proposal to convene a seminar at Bhubaneswar in December next, to decide the future programme, I wish the movement all success.

Y. N. Sukthankar
Governor of Orissa.

Digitized by srujanika@gmail.com

RAJBHAVAN
Bhubaneswar
20th November, 1960

I *am glad to know that this organisers of the SHATAMARG ANDOLAN have decided to arrange a second Seminar in a village in Puri district in December, 1960.*

We became politically free thirteen years back. Some of us fondly believed that every thing will follow political freedom as a matter of course. As we realise now, political freedom is just the beginning. Every thing else has to be achieved by hard well planned work and such work must begin in our villages. Shatamarg Andolan which has been organised to harness the dormant energy of the people towards the general welfare of the community is thus a great movement. It inculcates the participants the spirit of voluntary effort and makes them self-reliant. I hope this movement would make a special appeal to our countrymen and its adherents increase in large numbers year by year.

I wish the movement God speed and send my greetings to the organisers and best wishes for the success of the ensuing Seminar.

Y.N. Sukthankar
GOVERNER OF ORISSA

Digitized by srujanika@gmail.com

GOVERNOR
ANDHRA PRADESH,

ANDHRA PRADESH
GOVERNOR'S CAMP
Waltiar, 14th December, 1959

I am glad to know of the ativities of 'Shatamarg Andolan'. The concept of the movement is very nobel, and does credit to its sposors. It is very pleasing to know that it has been possible to construct twelve miles of village roads during the last eleven months without obtaining any financial assistance whatsoever from Government. This movement seeks to make people realise their responsibilities and to develop their initiative in meeting their needs without looking up to or relying on Government. This as it should be if the process of nation building to be pushed forward on a national scale. The masses must experience the sensation of participating in a national effort, and the best way to do this is to associate them with the immerable development activities that await completion.

I am confident that under the wise and able guidance of its Purodha Dr. Harekrushna Mahtab the Shatmarg Sammelan will not only construct new roads but also succeed in showing the true path, the path of self -help and self-reliance to the people.

I wish the movement all success.

Bhimsen Sachar.

Digitized by srujanika@gmail.com

Gadadher Dutta, M.L.A.
Chairman,
Public Accounts Committee,
Orissa

The 12th. Dec. 1959.

I am delighted to see incovations of new life in the countryside due to the inauguration of the Satamarga Andolan in Begunia P.S. area, sponsored by my young friend and colleague Shri, Satyananda Champatiray , M.L.A. which is first of its kind in Orissa and which is unique in character and method. This Andolan with its noble idea has brought about a revolution in the minds of the educated youths of our country and has in fact dispelled from thier mind vestige of aversioin to manual labour, which had hither to absessed them. I have no doubt in my mind that the Andolan will achieve crown success under the leadership of its sponsor Sri Champatiray and infiltrate in to the nook and corner of our country. I hope and trust that the people will emulate high ideals of this Shatamarga Andolan.

Gadadhar Dutta

Digitized by srujanika@gmail.com

ଆମ ଭାଷାରେ
ଶୁଭେଚ୍ଛାବଳି

Digitized by srujanika@gmail.com

ଓଡ଼ିଶା ଆଦର୍ଶ ପ୍ରଶଂସନୀୟ

ରାଷ୍ଟ୍ରପତି ଭବନ
ନୂଆଦିଲ୍ଲୀ
ଅଗ୍ରହାୟଣ ୨୬, ୧୮୮୧ (ଶକ)

ଓଡିଶାରେ ନୂଆ ହୋଇ ଗଢାଯାଇଥିବା 'ଶତମାର୍ଗ ଆନ୍ଦୋଳନ' ନାମକ ଅନୁଷ୍ଠାନଟିର ଗଠନମୂଳକ କାର୍ଯ୍ୟକଳାପ ଅବଗତ ହୋଇ ମୁଁ ଆନନ୍ଦ ଅନୁଭବ କଲି। ଦେଶର ବଳକା ଲୋକଶକ୍ତିକୁ ଗ୍ରାମାଞ୍ଚଳରେ ରାସ୍ତାନିର୍ମାଣ ଓ ସେଠିକା ଅବସ୍ଥାର ଉନ୍ନତି ସାଧନ ଭଳି ଜାତି ଗଠନ କାର୍ଯ୍ୟରେ ଲଗାଇବା ଦ୍ୱାରା ନୂତନ ସଂଗଠନଟି ଆମର ଗାଁ ଗହଳରେ ବର୍ତ୍ତମାନ ଚାଲିଥିବା ଲୋକକଲ୍ୟାଣମୂଳକ କାର୍ଯ୍ୟକ୍ରମ ଉପରେ ପ୍ରଭୂତ ପ୍ରଭାବ ପକାଇବା ସୁନିଶ୍ଚିତ। ଓଡିଶାର ଆଦର୍ଶ ପ୍ରଶଂସନୀୟ। ମୋର ଆଶା ଯେ ଅନ୍ୟ ରାଜ୍ୟମାନେ ଏଥିରେ ଅନୁପ୍ରାଣିତ ହେଉଛନ୍ତି। ଏ ସଂପର୍କରେ ଯେଉଁ ଆଲୋଚନାଚକ୍ରଟି ଅନୁଷ୍ଠିତ ହେବାର ପ୍ରସ୍ତାବ ଅଛି ମୁଁ ତାହାର ସାଫଲ୍ୟ କାମନା କରୁଛି।

ରାଜେନ୍ଦ୍ର ପ୍ରାସାଦ

Digitized by srujanika@gmail.com

ଉପରାଷ୍ଟ୍ରପତି
ଭାରତ
ନୂଆଦିଲ୍ଲୀ
୧୨, ନଭେମ୍ବର, ୧୯୬୦

ମହତ୍ କାର୍ଯ୍ୟ

ପ୍ରିୟ ଶ୍ରୀ ଚମ୍ପତିରାୟ,

ଆପଣଙ୍କ ନଭେମ୍ବର ୧୦ ତାରିଖର ପତ୍ର ପାଇଁ ଧନ୍ୟବାଦ। ଆପଣ ଯେଉଁ ମହତ୍ କାର୍ଯ୍ୟରେ ହାତ ଦେଇଛନ୍ତି ସେଥିପାଇଁ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ଆଶା କରୁଛି ଯେ ଆପଣଙ୍କ ଆଦର୍ଶ ଅନ୍ୟମାନଙ୍କୁ ଅନୁପ୍ରାଣିତ କରିବ।

ଜୟୋସ୍ତୁ ।

ଆପଣଙ୍କ ଅନ୍ତରଙ୍ଗ
ସ୍ୱା : ଏସ୍. ରାଧାକୃଷ୍ଣନ୍

"ଶତମାର୍ଗ ଆନ୍ଦୋଳନର ସାଫଲ୍ୟ କାମନା କରୁଛି"

ପ୍ରଧାନ ମନ୍ତ୍ରୀ

Digitized by srujanika@gmail.com

ଅର୍ଥମନ୍ତ୍ରୀ
ଭାରତ, ନୂଆଦିଲ୍ଲୀ
ଡିସେମ୍ବର ୧, ୧୯୬୦

ଏ ଆନ୍ଦୋଳନ ନିଜର କୃତିତ୍ୱ ପ୍ରତିପାଦନ କରିବ

ଆମର କେତେଗୁଡିଏ ଗାଁ ଅନ୍ୟମାନଙ୍କଠାରୁ ବିଚ୍ଛିନ୍ନ ହୋଇ ରହିଛି । ଗ୍ରାମ୍ୟ ଜୀବନର ପୁନର୍ଗଠନ ପାଇଁ ଚାଲିଥିବା ସାଧାରଣ ଆନ୍ଦୋଳନରେ ଏ ସବୁ ଗ୍ରାମ ଯେପରି ଭାଗ ନେଇପାରିବେ ସେଥିପାଇଁ ସେଠାକୁ ଯାତାୟତ ରାସ୍ତା ତିଆରି କରି ଉକ୍ତ ଅସୁବିଧା ଦୂର କରିବାକୁ ହେବ । ମୁଁ ଶୁଣି ସୁଖୀ ହେଉଛି ଯେ ଶତମାର୍ଗ ଆନ୍ଦୋଳନ ଗ୍ରାମବାସୀମାନଙ୍କ ମଧ୍ୟରେ ଏ ଦିଗରେ ଯଥେଷ୍ଟ ଉତ୍ସାହ ଜନ୍ମାଇଛି । ମୋର ବିଶ୍ୱାସ, କାଳକ୍ରମେ ଦିନେ ଏହି ଆନ୍ଦୋଳନ ନିଜର କୃତିତ୍ୱ ପ୍ରତିପାଦନ କରିବ । ଆନ୍ଦୋଳନଟିକୁ ଜୋରସୋରରେ ଚଳାଇବା ପାଇଁ ଏହାର ସଂଗଠକମାନେ ଯେଉଁ ଉଦ୍ୟମ କରୁଛନ୍ତି, ତାହା ସଫଳ ହେଉ ମୁଁ ଏହା ହିଁ କାମନା କରୁଛି ।

ସ୍ୱା: ମୋରାରଜି ଦେଶାଇ

Digitized by srujanika@gmail.com

ଲୋକଶକ୍ତିହିଁ ଭାରତର ସର୍ବଶ୍ରେଷ୍ଠ ଧନ

ଶ୍ରମ, ନିଯୋଗ ଓ ଯୋଜନା ମନ୍ତ୍ରଣାଳୟ
ନୂଆଦିଲ୍ଲୀ
ନଭେମ୍ବର - ୧୯୫୯

ଲୋକଶକ୍ତି ହିଁ ଭାରତର ସର୍ବଶ୍ରେଷ୍ଠ ଧନ । ଆମର ଅଗଣିତ ଲୋକଙ୍କୁ ପ୍ରେରଣା ଦେଇ ଗଠନମୂଳକ କାର୍ଯ୍ୟରେ ଲଗାଇବା ବର୍ତ୍ତମାନ ଏକ ପ୍ରଧାନ ସମସ୍ୟା । ଏହି ଲକ୍ଷ୍ୟରେ ଯାହା କିଛି କାର୍ଯ୍ୟ କରାଯାଉଛି ତାହାକୁ ସର୍ବାନ୍ତଃକରଣରେ ସ୍ୱାଗତ ଜଣାଇବାକୁ ପଡିବ । ବଡ ସୁଖର ବିଷୟ ଯେ ମାତ୍ର ୯ ମାସ ମଧ୍ୟରେ ଶତମାର୍ଗ ଆନ୍ଦୋଳନ ଓଡିଶାର ପଲ୍ଲିବାସୀଙ୍କ ମନରେ ଆତ୍ମସାହାଯ୍ୟର ଭାବ ଜଗାଇ ପାରିଛି । ଏ ଆନ୍ଦୋଳନକୁ ସୁଦୃଢ କରିବା ନିମନ୍ତେ ପନ୍ଥା ଓ ଉପାୟ ନିର୍ଦ୍ଧାରଣ କରିବାପାଇଁ ଗୋଟିଏ ଆଲୋଚନାଚକ୍ର ବସାଇବାର ପ୍ରସ୍ତାବ କରାଯାଉଛି । ଏହା ଏକ ସୁସ୍ଥ ପରଂପରା ସୃଷ୍ଟି କରୁଛି, ଯାହାକୁ କି ଅନ୍ୟ ରାଜ୍ୟମାନେ ସହଜରେ ଅନୁକରଣ କରିପାରିବେ । ମୁଁ ଏହି ଆନ୍ଦୋଳନର ସାଫଲ୍ୟ କାମନା କରୁଛି ।

ଶ୍ରଦ୍ଧା ଜଣାଇ ରହିଲି -

ଆପଣଙ୍କର ଅନ୍ତରଙ୍ଗ
ଜି.ଏଲ୍.ନନ୍ଦା

Digitized by srujanika@gmail.com

ଗ୍ରାମଗୋଷ୍ଠୀ ଉନ୍ନୟନ ଓ ସମବାୟ ମନ୍ତ୍ରୀ
ଭାରତ

ପ୍ରିୟ ଶ୍ରୀ ଚମ୍ପତିରାୟ,

ଆପଣଙ୍କ ଏ ମାସ ତା ୧୦ରିଖର ଏସ୍. ଏମ୍. ଏ. ୧୨୪ ନମ୍ବର ପତ୍ର ପାଇଁ ଧନ୍ୟବାଦ। ମୋର ବିଶ୍ୱାସ, ଗତବର୍ଷ ଯେତେବେଳେ ମୁଁ ଏହି ସଂଗଠନକୁ ଭେଟିଥିଲି ସେତେବେଳେ କହିଥିଲି ଯେ, ମୋ ନିକଟରେ ଶତମାର୍ଗ ଶବ୍ଦର ଅର୍ଥ ହେଉଛି 'ସତ୍ ପାଇଁ ମାର୍ଗ'। ଆମେ ଦେଖୁଥାଇଁ, ଭାରତର ସବୁଠାରୁ ବଡ଼ ସମସ୍ୟା ହେଉଛି ଯେ, ଯେତେବେଳେ ସାଧୁମାନେ ନିଜ ନିଜ ମାର୍ଗର ପ୍ରାଧାନ୍ୟ ନେଇ ପରସ୍ପର ସହିତ ସଂଗ୍ରାମରେ ଲିପ୍ତ ଅଛନ୍ତି ଠିକ୍ ସେତିକିବେଳେ ଅସାଧୁ ଲୋକେ ଅନ୍ୟର ବୁଜୁଳି କାଟିବାକୁ ଏକଜୁଟ୍ ହୋଇଛନ୍ତି। ଅସାଧୁମାନଙ୍କର ବିବେକ ଦଂଶନ ବୋଲି କିଛି ନାହିଁ। ତେଣୁ ବ୍ୟକ୍ତିଗତ ଦୃଷ୍ଟିକୋଣ ଓ ପଦ୍ଧତି ନେଇ ସେମାନଙ୍କ ମଧ୍ୟରେ ଯେତେ ଯାହା ଅମେଳ ଥାଉ ପଛକେ, ସେମାନେ ସବୁବେଳେ ଗୋଷ୍ଠୀର ଅନ୍ୟମାନଙ୍କ ବିରୁଦ୍ଧରେ ଏକଜୁଟ୍ ହୋଇପାରୁଛନ୍ତି।

ମୋର ଆଶା ଓ ପ୍ରାର୍ଥନା ଯେ ଶତମାର୍ଗ ଆନ୍ଦୋଳନ ଏପରି ଗୋଟିଏ ଆନ୍ଦୋଳନ ହୋଇଉଠିବ, ଯାହା ଜରିଆରେ କି ମହତ୍ ଲୋକେ ସାଧୁମାନଙ୍କ ମଧ୍ୟରେ ଲକ୍ଷ୍ୟର ଐକ୍ୟ ସ୍ଥାପନ ପାଇଁ ମାର୍ଗ ଦେଖାଇପାରିବେ ଏବଂ ସମାଜରେ ଥିବା ଅସାଧୁମାନଙ୍କ ପରିବର୍ତ୍ତନ ଘଟାଇ ସାଧୁମାନଙ୍କ ନେତୃତ୍ୱ ଅନୁସରଣ ଦିଗରେ ସେମାନଙ୍କୁ ପ୍ରବର୍ତ୍ତାଇବେ।

ଆପଣଙ୍କ ଅନ୍ତରଙ୍ଗ
ଏସ୍. କେ. ଦେ.

Digitized by srujanika@gmail.com

ରାଜଭବନ, କଟକ
୧୮ ସେପ୍ଟେମ୍ବର ୧୯୫୯

'ଶତମାର୍ଗ ଆନ୍ଦୋଳନ'ର କାର୍ଯ୍ୟକଳାପ ସଂପର୍କୀୟ ରିପୋର୍ଟମାନ ମୁଁ ଥରକୁ ଥର ବିଶେଷ ଆଗ୍ରହରେ ପାଠ କରିଛି ।

ନୀତି ସବୁ ଖୁବ୍ ଭଲ, କିନ୍ତୁ ସେଗୁଡ଼ିକୁ କାର୍ଯ୍ୟକାରୀ କରାଇବା ପାଇଁ ଉଦ୍ୟମରେ ନିଷ୍ଠା ଓ ଅଧ୍ୟବସାୟ ଥିବା ଦରକାର । କର୍ମ ହିଁ ଯୋଗ - ଏହା ଏକ ମହତ୍ ନୀତି, କିନ୍ତୁ ଜନମଙ୍ଗଳ କାର୍ଯ୍ୟପାଇଁ ଅତ୍ୟାବଶ୍ୟକ ଉଦ୍ଦୀପନାଶକ୍ତି ଯୋଗାଇବା ଦିଗରେ ଏହି ନୀତିର ପ୍ରୟୋଗ କରି 'ଶତମାର୍ଗ ଆନ୍ଦୋଳନ' ଉକ୍ତ ନୀତିକୁ ଜୀବନ୍ୟାସ ଦେଇଛନ୍ତି ।

ଗାଁ ଗହଳେରେ ଭାରତର ବାସ । କିନ୍ତୁ ଯାତାୟତ ପାଇଁ ଉପଯୁକ୍ତ ରାସ୍ତା ଅଭାବରେ ସେଗୁଡ଼ିକ ବହୁ ସମୟରେ ବାହାର ଦୁନିଆରୁ ବିଚ୍ଛିନ୍ନ ହୋଇପଡ଼ନ୍ତି । ଏହା ଫଳରେ ପ୍ରଗତି ହାସଲ ପାଇଁ ଲୋକଙ୍କର ଅନ୍ତର୍ନିହିତ ଶକ୍ତି ଓ ଦୃଢ଼ ଇଚ୍ଛାର ସଦୁପଯୋଗ କରାଯାଇ ପାରେନାହିଁ । ଏ କ୍ଷତି ଆମେ ସହିପାରିବା ନାହିଁ । ତେଣୁ ପଲ୍ଲୀବାସୀମାନେ ନିଜନିଜର ତଥା ଦେଶର ସର୍ବାଙ୍ଗୀନ ଉନ୍ନତି ସାଧନରେ ପୂର୍ଣ୍ଣଭାବେ ଅଂଶ ଗ୍ରହଣ କରିବା ଆବଶ୍ୟକ । ଆମର ଜନମଙ୍ଗଳ ରାଷ୍ଟ୍ର ବହୁବିଧ ବିରାଟ ସମସ୍ୟାର ସମ୍ମୁଖୀନ । କେବଳ ସରକାର ଉପରେ ସବୁକଥା ଛାଡ଼ିଦେଲେ ସେଗୁଡ଼ିକର ସମାଧାନ ସମ୍ଭବ ହେବନାହିଁ । ତେଣୁ ସରକାର ଆରମ୍ଭ କରିଥିବା ପଞ୍ଚବର୍ଷୀୟ ଯୋଜନାମାନ ବହୁସଂଖ୍ୟକ ବେସରକାରୀ ସଂସ୍ଥାର ଉଦ୍ୟମରେ ହିଁ ପୂରଣ କରିବାକୁ ପଡ଼ିବ । ଶତମାର୍ଗ ଆନ୍ଦୋଳନରେ ଜନଶକ୍ତି ଓ ଗଣଉନ୍ମାଦନାକୁ କାର୍ଯ୍ୟରେ ଲଗାଇବା ଦ୍ୱାରା ଯଥାର୍ଥ କାର୍ଯ୍ୟ କରିଛନ୍ତି । ମୋ ମତରେ, ଆମର ପଞ୍ଚବର୍ଷୀୟ ଯୋଜନାମାନଙ୍କର ତଥା ଶତମାର୍ଗ ଆନ୍ଦୋଳନପରି ଆନ୍ଦୋଳନଗୁଡ଼ିକର ଗୁରୁତ୍ୱ ଜଡ଼ ଓ ବାସ୍ତବ କର୍ମହାସଲ ଉପରେ ନିର୍ଭର କରୁନାହିଁ, ବରଂ ଲୋକଙ୍କ ମନରେ ଆତ୍ମବିଶ୍ୱାସ, ଆତ୍ମସାହାଯ୍ୟ ଓ ସେବା ଭାବ ସୃଷ୍ଟି ଯୋଗୁଁ ସେଗୁଡ଼ିକ ଯେଉଁ ମାନସିକ ଓ ଆତ୍ମିକ ଅଭ୍ୟୁତ୍ଥାନ ଘଟାଇଥାନ୍ତି ତାହାରି ଉପରେ ନିର୍ଭର କରେ ।

ଏହି ଆନ୍ଦୋଳନରେ ସଂଗଠକମାନଙ୍କ ମହତ୍ କାର୍ଯ୍ୟପାଇଁ ଅଭିନନ୍ଦନ ଜଣାଉଛି ଏବଂ ଏ ଆନ୍ଦୋଳନରେ ଭବିଷ୍ୟତ କାର୍ଯ୍ୟକ୍ରମ ନିର୍ଦ୍ଧାରଣ ନିମନ୍ତେ ଆସନ୍ତା ମାସରେ ଭୁବନେଶ୍ୱରଠାରେ ଏକ ଆଲୋଚନାଚକ୍ରର ଆବାହନପାଇଁ ଯେଉଁ ପ୍ରସ୍ତାବ କରିଛନ୍ତି ତାହାକୁ ମୁଁ ଆନ୍ତରିକ ସମର୍ଥନ କରୁଛି । ମୁଁ ଏହି ଆନ୍ଦୋଳନର ସର୍ବବିଧ ସାଫଲ୍ୟ କାମନା କରୁଛି ।

ୱାଇ. ଏନ୍. ସୁକ୍ତଙ୍କର
ଓଡ଼ିଶା ରାଜ୍ୟପାଳ

Digitized by srujanika@gmail.com

ସତ୍ୟମେବ ଜୟତେ

ରାଜଭବନ, ଭୁବନେଶ୍ୱର
୨୦ ନଭେମ୍ବର ୧୯୬୦

ଏକ ବିରାଟ ଆନ୍ଦୋଳନ

ଶତମାର୍ଗ ଅନ୍ଦୋଳନ ସଂଗଠକମାନେ ୧୯୬୦ ଡିସେମ୍ବର ମାସରେ ପୁରୀ ଜିଲ୍ଲାର ଗୋଟିଏ ଗ୍ରାମରେ ଦ୍ୱିତୀୟ ଆଲୋଚନାଚକ୍ରଟି ଉଦ୍‌ଘାଟନ କରିବାକୁ ସ୍ଥିର କରିଥିବା ଶୁଣି ମୁଁ ସୁଖୀ ହୋଇଛି।

୧୩ ବର୍ଷ ପୂର୍ବେ ଆମେ ରାଜନୈତିକ ସ୍ୱାଧୀନତା ହାସଲ କଲେ। ଆମ ଭିତରୁ କେତେକଙ୍କର ଏକାନ୍ତ ବିଶ୍ୱାସ ଥିଲା ଯେ ରାଜନୈତିକ ସ୍ୱାଧୀନତା ପଛେ ପଛେ ଆଉ ସବୁ ବିଷୟ ବର୍ଳେ ବର୍ଳେ ଆସିଯିବ, କିନ୍ତୁ ବର୍ତ୍ତମାନ ଆମେ ଦେଖୁଥାଇଁ ଯେ ରାଜନୈତିକ ସ୍ୱାଧୀନତା ସେଥିରେ ଆରମ୍ଭ ମାତ୍ର। ଆମକୁ କଠିନ ଓ ସୁପରିକଳ୍ପିତ କାର୍ଯ୍ୟ ଦ୍ୱାରା ଆଉ ସବୁ ବିଷୟ ହାସଲ କରିବାକୁ ପଡିବ। ଏଭଳି କାର୍ଯ୍ୟ ଆମ ଗାଁ ଗହଳରୁ ଆରମ୍ଭ କରିବାକୁ ହେବ। ଗୋଷ୍ଠୀର ସମୂହ କଲ୍ୟାଣ ହାସଲ ଦିଗରେ ଲୋକଙ୍କ ସୁପ୍ତ ଶକ୍ତିକୁ ନିୟୋଜିତ କରିବା ପାଇଁ ଯେଉଁ ଶତମାର୍ଗ ଆନ୍ଦୋଳନ ସଂଗଠିତ ହୋଇଛି, ତାହା ଏହି ଦୃଷ୍ଟିରୁ ଏକ ବିରାଟ ଆନ୍ଦୋଳନ ଅଟେ। ଆନ୍ଦୋଳନରେ ଭାଗ ନେଉଥିବା ପ୍ରତ୍ୟେକ ଲୋକର ମନରେ ସ୍ୱେଚ୍ଛା ପ୍ରଣୋଦିତ ଉଦ୍ୟମର ଭାବ ଜଗାଇ ଦେଇ ଏହା ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଉଛି। ମୋର ଆଶା, ଏହି ଆନ୍ଦୋଳନ ଆମ ଦେଶବାସୀଙ୍କ ମନକୁ ପାଇବ ଓ ଏହାର ସମର୍ଥକମାନଙ୍କ ସଂଖ୍ୟା ବର୍ଷକୁ ବର୍ଷ ବହୁ ସଂଖ୍ୟାରେ ବଢିବାକୁ ଲାଗିବ।

ଆନ୍ଦୋଳନଟି ଜୟଯୁକ୍ତ ହେଉ। ସଂଗଠକମାନଙ୍କୁ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ମୁଁ ଆସନ୍ତା ଆଲୋଚନାଚକ୍ରଟିର ସଫଳତା ପାଇଁ ଶୁଭେଚ୍ଛା ଜ୍ଞାପନ କରୁଛି।

ୱାଇ.ଏନ୍. ସୁଖଠନ୍‌କର
ଓଡିଶା ରାଜ୍ୟପାଳ

Digitized by srujanika@gmail.com

ଭାରତୀୟ ବିଦ୍ୟାଭବନ, ବମ୍ବେ
ନଭେମ୍ବର ୧୪, ୧୯୬୦

ପ୍ରିୟ ଶ୍ରୀ ଚମ୍ପତିରାୟ,

ଆପଣଙ୍କ ନଭେମ୍ବର ୧୦ ତାରିଖର ପତ୍ର ହସ୍ତଗତ ହୋଇଛି । ଶତମାର୍ଗ ଆନ୍ଦୋଳନ ଏପରି ଏକ ମହତ୍ କାର୍ଯ୍ୟ ହାତକୁ ନେଇଥିବା ଜାଣି ମୁଁ ସୁଖୀ ହେଉଛି ।

ଆପଣଙ୍କ ଅନ୍ତରଙ୍ଗ
କେ.ଏମ୍. ମୁନସୀ

ଭାରତୀୟ ବିଦ୍ୟା ଭବନ
ଚୌପାଟୀ ରୋଡ୍
ବମ୍ବେ - ୭
୧୯.୦୯.୧୯୫୯

ପ୍ରିୟ ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ,

ମୁଁ ଅତି ସୁଖୀ ହେଉଛି ଯେ ପଲ୍ଲୀବାସୀମାନଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଗଠନମୂଳକ କାର୍ଯ୍ୟ ଚଳାଇବା ନିମନ୍ତେ ସେଠାରେ ଶତମାର୍ଗ ଆନ୍ଦୋଳନ ଆରମ୍ଭ କରାଯାଇଛି ।

ମୁଁ ଏହାର ସାଫଲ୍ୟ କାମନା କରୁଛି ।

ଶ୍ରଦ୍ଧା ଜଣାଇ ରହିଲି ।

ଆପଣଙ୍କ ଅନ୍ତରଙ୍ଗ
କେ.ଏମ୍.ମୁନ୍ସୀ

Digitized by srujanika@gmail.com

ଆତ୍ମ-ସାହାଯ୍ୟ ଓ
ସାବଲମ୍ବନଶୀଳତାର ସତ୍‌ପଥ

ରାଜ୍ୟପାଳ, ଆନ୍ଧ୍ରପ୍ରଦେଶ

ଆନ୍ଧ୍ରପ୍ରଦେଶ
ରାଜ୍ୟପାଳଙ୍କ କକ୍ଷ
ୱାଲଟିୟର-୧୪.୧୨.୫୯

'ଶତମାର୍ଗ ଆନ୍ଦୋଳନ'ର କାର୍ଯ୍ୟକଳାପ ବିଷୟ ଅବଗତ ହୋଇ ମୁଁ ଖୁସି ହୋଇଛି। ଏ ଆନ୍ଦୋଳନର ଧାରଣା ଅତି ମହତ୍ ଏବଂ ଏହାର ଉଦ୍ୟୋକ୍ତାମାନଙ୍କର ଗୌରବ ସୂଚାଉଛି। ଶୁଣି ଖୁସି ଲାଗୁଛି ଯେ, ସରକାରଙ୍କଠାରୁ କୌଣସି ପ୍ରକାରେ ଆର୍ଥିକ ସାହାଯ୍ୟ ନ ନେଇ ଗତ ୧୧ ମାସ ମଧ୍ୟରେ ୧୨ ମାଇଲ୍ ଗାଉଁଲି ରାସ୍ତା ତିଆରି କରିବା ସମ୍ଭବ ହୋଇପାରିଛି। ଲୋକମାନେ କିପରି ନିଜ ଦାୟିତ୍ୱ ବୁଝିବେ ଓ ସରକାରଙ୍କୁ ନ ଚାହିଁ ବା ସରକାରଙ୍କ ଉପରେ ନିର୍ଭର ନକରି ନିଜର ଆବଶ୍ୟକତା ମେଣ୍ଟାଇବା ଦିଗରେ ସେମାନଙ୍କର ପ୍ରେରଣା କିପରି ବିକାଶ ଲାଭ କରିବ ତାହାର ବାଟ କରିବା ଏ ଆନ୍ଦୋଳନର ଲକ୍ଷ୍ୟ। ଯଦି ଜାତୀୟ ସ୍ତରରେ ଜାତିଗଠନ କାର୍ଯ୍ୟକୁ ଆଗେଇ ନେବାକୁ ହୁଏ, ତେବେ ଏହିପରି ହେବା ଉଚିତ୍। ଜାତୀୟ ପ୍ରଚେଷ୍ଟାରେ ଅଂଶ ଗ୍ରହଣ କରିବାର ଉନ୍ମାଦନା ସଂପର୍କରେ ଲୋକେ ଅଭିଜ୍ଞତା ହାସଲ କରିବା ଆବଶ୍ୟକ। ଏପର୍ଯ୍ୟନ୍ତ ସରି ପାରି ନଥିବା ବହୁ ଉନ୍ନୟନ କାର୍ଯ୍ୟରେ ଲୋକଙ୍କର ସଂପର୍କ ସ୍ଥାପନ କରାଇବା ହିଁ ଏଥିପାଇଁ ସର୍ବୋତ୍କୃଷ୍ଟ ପନ୍ଥା।

ମୋର ବିଶ୍ୱାସ, ଏହାର ପୁରୋଧା ଡଃ ହରେକୃଷ୍ଣ ମହତାବାଙ୍କ ବିଜ୍ଞ ଓ ବଳିଷ୍ଠ ନେତୃତ୍ୱରେ 'ଶତମାର୍ଗ ଆନ୍ଦୋଳନ' ଯେ କେବଳ ନୂଆ ନୂଆ ରାସ୍ତା ନିର୍ମାଣ କରିବ ତାହା ନୁହେଁ, ଲୋକମାନଙ୍କୁ ଆତ୍ମସାହାଯ୍ୟ ଓ ସ୍ୱାବଲମ୍ବନଶୀଳତାର ସତ୍‌ପଥ ଦେଖାଇବାରେ ମଧ୍ୟ ଏହା କୃତକାର୍ଯ୍ୟ ହେବ।

ମୁଁ ଆନ୍ଦୋଳନର ସାଫଲ୍ୟ କାମନା କରୁଛି।

ଭୀମସେନ ସାଚାର

Digitized by srujanika@gmail.com

ପୁରୋଧାଙ୍କ ସାଧୁବାଦ

ମନୁଷ୍ୟ ପ୍ରତି ଈଶ୍ୱରଙ୍କ ନିର୍ଦ୍ଦେଶ

ନିଜର ଉନ୍ନତି ପାଇଁ ନିଜେ ଉତ୍ସାହିତ ହୋଇ ଉଦ୍ୟମ କରିବା ହେଉଛି - ମନୁଷ୍ୟ ପ୍ରତି ଈଶ୍ୱରଙ୍କ ନିର୍ଦ୍ଦେଶ । ନିଜର ଉନ୍ନତି ନିଜେ ନ କଲେ ଈଶ୍ୱର ମଧ୍ୟ ମନୁଷ୍ୟକୁ ସାହାଯ୍ୟ କରନ୍ତି ନାହିଁ ବୋଲି ଋଷି ମୁନିମାନେ କହି ଆସିଛନ୍ତି ।

ଈଶ୍ୱର ତାଙ୍କର ସହାୟକ, ଯେ ନିଜର ଉଦ୍ୟମ ଉପରେ ନିଜର ଉନ୍ନତି ପାଇଁ ନିର୍ଭର କରେ । ଏହି ନୀତିର ପ୍ରତୀକ ହେଉଛି 'ଶତମାର୍ଗ ଆନ୍ଦୋଳନ' ।

କେବଳ ରାସ୍ତା ତିଆରି ନୁହେଁ - ଅନ୍ୟ ସବୁ କ୍ଷେତ୍ରରେ ଏ ଆନ୍ଦୋଳନ ପଥ ପ୍ରଦର୍ଶକ ।

ଏ ଆନ୍ଦୋଳନର ପ୍ରବର୍ତ୍ତକ ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟଙ୍କୁ ମୁଁ ହାର୍ଦ୍ଦିକ ଅଭିବାଦନ ଜଣାଉଛି ଓ ବୋଲଗଡ, ବେଗୁନିଆ ଓ ବାଣପୁର ପ୍ରଭୃତି ଅଞ୍ଚଳର ଲୋକେ, ଯେଉଁମାନେ ଏ ଆନ୍ଦୋଳନରେ ଭାଗନେଇ ଏକ ନୂତନ ଆଦର୍ଶ ଦେଖାଇଛନ୍ତି ସେମାନଙ୍କୁ ମଧ୍ୟ ମୁଁ ଧନ୍ୟବାଦ ଦେଉଛି ।

ଏ ଆନ୍ଦୋଳନ ପୂର୍ଣ୍ଣ ଭାବରେ ଯଶସ୍ୱୀ ହେଉ ଏବଂ ଏହାର ନୀତି ସବୁ କ୍ଷେତ୍ରରେ ଓ ସବୁ ଅଞ୍ଚଳରେ ପ୍ରସାରିତ ହେଉ ଏହା ହିଁ କାମନା ।

ହରେକୃଷ୍ଣ ମହତାବ୍

Digitized by srujanika@gmail.com

ଏକ ମହାକର୍ମ

ଶତମାର୍ଗ ଆନ୍ଦୋଳନ ଆମ ରାଜ୍ୟରେ ଶହେଟି ରାସ୍ତା କରିବା କଥା । ଦେଶ ଗଢାଯାଉଛି, ସେଥିରେ ପୁଣି ନୂଆ ହୋଇ ଲୋକ-ଦୃଷ୍ଟି ଫିଟିବ ବୋଲି ଆଶା କରାଯାଉଛି । ମାର୍ଗଟି ପୁଣି ସେ ନୂଆ ଦୃଷ୍ଟିର ଗୋଟିଏ ମୁଖ୍ୟ କଥା ।

ନୂଆ ଜିନିଷଟି ହେଉଛି, କେଉଁ ଭାବରେ ଏ ଜିନିଷଟି ଧରାଯାଇଛି ଓ କରାଯାଇଚି । ଇଂରେଜ ଅମଳରେ ଆମେ ଥିଲୁ ପରାଧୀନ । ସେହି ଭାବରେ ଦୃଢ ଥାଇ ସ୍ୱାଧୀନ ହେବାପାଇଁ ଆମେ କରିଥିଲୁ ଲଢେଇ । ସେହି ଲଢେଇ ଭାବରେ ଭାବାନ୍ୱିତ ହୋଇ ଆମ ଲୋକେ ସବୁ ଦେଖୁଥିଲେ । ସେ ଥିଲା ଏକ ପରିସ୍ଥିତି । ଦେଶାତ୍ମବୋଧ ସେଥିରେ ଯାହା ଥିଲା, ତାହା ସବୁବେଳେ ସୁନ୍ଦର, ସବୁବେଳେ ନୂଆ । ସେଥିରେ ତ୍ୟାଗ ପୂରି ରହିଥିଲା । ତ୍ୟାଗ ଧର୍ମରେ ଦେଶର କାର୍ଯ୍ୟ କରାଯାଉଥିଲା ।

ଏବେ ସ୍ୱାଧୀନ ହୋଇଗଲା ପରେ ଅନେକଙ୍କ ଦୁଃଖ ଯେ, ସେ ଦେଶାତ୍ମବୋଧ ଆଉ ଫୁଟୁନାହିଁ କିମ୍ବା ସେ ଭାବରେ ଆଉ କାର୍ଯ୍ୟ ହେଉନାହିଁ । ଏଥିରେ ଅନେକ ସତ୍ୟ ଅଛି, ଏହା ନିଶ୍ଚିତ ଯେ ସେ ଭାବରେ ବିଫଳ ହୋଇ, ଅର୍ଥାତ୍ ସେହିଭଳି ଦେଶାତ୍ମବୋଧ ପ୍ରାଣରେ ଧରି କାର୍ଯ୍ୟରେ ବ୍ରତୀ ନ ହେଲେ ଉଦ୍‌ବୋଧ ଫିଟିବ ନାହିଁ, କି ଯଥାର୍ଥ ସଂଗଠନ ସମ୍ଭବ ହେବନାହିଁ ।

ସେଥିପାଇଁ ଏଇ ଶତମାର୍ଗ ଆନ୍ଦୋଳନ ଗୋଟିଏ ଅତି ସାଧାରଣ କଥା ହେଲେ ମଧ ଏବଂ ଅତି ଅଳ୍ପ ଆରମ୍ଭ ହୋଇଥିଲେ ମଧ ଉଦ୍ୟୋକ୍ତାମାନେ ଏହାକୁ ଗୋଟିଏ ମହାକର୍ମ ଭାବରେ ଦେଖୁଛନ୍ତି ଓ ଆରମ୍ଭ କରିଛନ୍ତି । ଏଥିରେ କେବଳ କାର୍ଯ୍ୟ ହେବ, ସେତିକି ମନେ ହେଉନାହିଁ - ଏଥିରେ ନୂତନ ଧାରାରେ ଦେଶାତ୍ମବୋଧର ପ୍ରାଣ ଫିଟିବ। ଏହାର ଭବିଷ୍ୟତ ସମୁଜ୍ଜ୍ୱଳ । ଏଥିରେ ବିଶ୍ୱକର୍ମ ଓ ବିଶ୍ୱଶାନ୍ତି ଆଶୀର୍ବାଦ ପଡୁ । ସଂଗଠନ ସୁନ୍ଦର ଓ ପ୍ରାଣବନ୍ତ ହେଉ । ଶୁଭମସ୍ତୁ ।

ନୀଳକଣ୍ଠ ଦାସ
ବାଚସ୍ପତି, ଓଡିଶା ବିଧାନ ସଭା
ଭୁବନେଶ୍ୱର
ତା ୧୮.୧୨.୫୯

Digitized by srujanika@gmail.com

ଏ ଆନ୍ଦୋଳନ ଲୋକଙ୍କ ଆଖି ଖୋଲି ଦେଇଛି

ସତ୍ୟମେବ ଜୟତେ

ଶ୍ରୀ ଆର.ଏନ.ସିଂହଦେଓ
ମନ୍ତ୍ରୀ, ଓଡିଶା

ଆମ ରାଜ୍ୟରେ ଶତମାର୍ଗ ଆନ୍ଦୋଳନ ଲୋକଙ୍କ ଆଖି ଖୋଲି ଦେଇଛି । ସରକାରୀ ସାହାଯ୍ୟକୁ ଅପେକ୍ଷା ନକରି ନିଜର ଅତି ଆବଶ୍ୟକୀୟ କାର୍ଯ୍ୟକୁ ନିଜେ କରିନେବା ଏ ଆନ୍ଦୋଳନର ଲକ୍ଷ୍ୟ ।

ଏ ଆନ୍ଦୋଳନର ସଭ୍ୟମାନଙ୍କର ସେବକ ମନୋଭାବ ଏବଂ ସୈନିକର କାର୍ଯ୍ୟକୁ ମୁଁ ପ୍ରଶଂସା କରିବା ସଙ୍ଗେସଙ୍ଗେ ଏ ଆନ୍ଦୋଳନର ସଫଳତା କାମନା କରୁଛି ।

ରାଜେନ୍ଦ୍ର ନାରାୟଣ ସିଂହଦେଓ
ଭୁବନେଶ୍ୱର
ତା.୧୪.୧୨.୫୯

Digitized by srujanika@gmail.com

ଶତମାର୍ଗରେ ଦେଶବାସୀ ଆଲୋକିତ ହୁଅନ୍ତୁ

ଶତମାର୍ଗ ଆନ୍ଦୋଳନ ଦେଶରେ ଲୋକଙ୍କୁ ଗୋଟିଏ ନୂଆମାର୍ଗ ଦେଖାଇଛି । ମଫସଲ ଅଞ୍ଚଳରେ ଜନଶକ୍ତିକୁ ସଂଗଠନ କରି ନିଜ ଅଞ୍ଚଳର ଅବସ୍ଥା ଉନ୍ନତି କରିବା ଦିଗରେ ଆଜି ଏ ପ୍ରକାର ସଂଗଠନର ଆବଶ୍ୟକ ପଡିଛି । ମୋର ଆଶା ଶତମାର୍ଗ ଆନ୍ଦୋଳନର ନେତୃତ୍ୱର ପ୍ରେରଣା ନେଇ ଅନ୍ୟ ଅଞ୍ଚଳରେ ସଂଗଠନ ଗଢି ଉଠୁ । ଶତମାର୍ଗରେ ଦେଶବାସୀ ଆଲୋକିତ ହୁଅନ୍ତୁ ।

ଲକ୍ଷ୍ମୀପ୍ରସାଦ ମିଶ୍ର
ମନ୍ତ୍ରୀ, କମ୍ୟୁନିଟି ଡେଭଲପମେଣ୍ଟ
ଓ ଗ୍ରାମପଞ୍ଚାୟତ, ଓଡିଶା

Digitized by srujanika@gmail.com

ରାଜନୀତି ସଙ୍ଗେ ରଚନାତ୍ମକ କାମର ସଂଯୋଗ ହିଁ ପ୍ରକୃତ ସମାଜବାଦ

ନୂଆ ରାଜଧାନୀ
୧୭.୯.୫୯

ଭାଇ କବି,

ଶତମାର୍ଗ ଆନ୍ଦୋଳନ ସମ୍ପର୍କୀୟ ପୁସ୍ତିକା ପାଇବା ପୂର୍ବରୁ ଯେଉଁଦିନ ଖବର କାଗଜରୁ ଶତମାର୍ଗ ଆନ୍ଦୋଳନ ତରଫରୁ ଗ୍ରାମର ଯୁବକମାନଙ୍କ ସହଯୋଗରେ ତୁମ ଅଞ୍ଚଳରେ ରାସ୍ତା ନିର୍ମାଣ କାର୍ଯ୍ୟ ସଂପର୍କରେ ବିବରଣୀ ପଢ଼ିଲି, ସେଦିନ ମତେ ଖୁବ୍ ଆନନ୍ଦ ଲାଗିଲା । ଲୋକେ ଯେତେବେଳେ ଦିନକୁ ଦିନ ସରକାରୀ ଅଭିମୁଖୀ ହେଉଛନ୍ତି ଓ ଲୋକଙ୍କର ଆତ୍ମନିର୍ଭରଶୀଳ ଭାବ କମି ଯାଉଛି, ସେତେବେଳେ ତୁମର 'ଶତମାର୍ଗ ଆନ୍ଦୋଳନ' ଲୋକଙ୍କ ଦୃଷ୍ଟିକୁ ପ୍ରକୃତ ବାଟରେ ପରିଚାଳିତ କରିବାକୁ ଆହ୍ୱାନ କରୁଛି । ଯେଉଁଦିନ ତୁମ ଆନ୍ଦୋଳନର ଆତ୍ମା ଭାରତ ଭଳି ଅନୁନ୍ନତ ଦେଶରେ ବ୍ୟାପକ ଭାବରେ ପ୍ରସାର ଲାଭ କରିବ, ସେତେବେଳେ ହିଁ ଏହି ଦେଶର ଉନ୍ନତି ଅବଶ୍ୟମ୍ଭାବୀ ହେବ । ତୁମର ଏହି ଉଦ୍ୟମ ସଫଳ ହେଉ ଓ ଆମଭଳି ସମାଜସେବୀ ମନକୁ ଅନୁପ୍ରାଣିତ କରୁ । ପୃଥିବୀରେ ରାଜନୀତି ସାଙ୍ଗରେ ରଚନାତ୍ମକ କାମର ସଂଯୋଗ ନହେଲା ପର୍ଯ୍ୟନ୍ତ ପ୍ରକୃତ ସମାଜବାଦ ପ୍ରତିଷ୍ଠିତ ହୋଇପାରିବନାହିଁ । ବିକେନ୍ଦ୍ରୀକରଣ ଓ ଆତ୍ମନିର୍ଭରଶୀଳ ଭାବ ଆମ ରାଜନୀତି ଓ ସମାଜ ନୀତିର ଧ୍ରୁବତାରା ହିଁ ହେବ, ଏଥିରେ ସନ୍ଦେହ ନାହିଁ ।

ତୁମର
ବାଙ୍କବିହାରୀ ଦାସ

Digitized by srujanika@gmail.com

ଶତମାର୍ଗ ସନ୍ମାର୍ଗର ପ୍ରତୀକ

ସ୍ନେହର ସତ୍ୟାନନ୍ଦ ବାବୁ,
ଶତମାର୍ଗ ସନ୍ମାର୍ଗର ପ୍ରତୀକ ।

ମହାଜନ ଯେଉଁ ପଥରେ ଯାଇଛନ୍ତି, ସେ ପନ୍ଥା, ଏଇ ତମରି ମାର୍ଗ । ମହାଜନ ଅର୍ଥ ମୁନି ଋଷି ନୁହନ୍ତି । କାରଣ ନାନା ମୁନିର ନାନା ମତ ନାନା ପଥ - କାହାକୁ ଧରିବ - କାହାକୁ ଛାଡିବ ? ସେଥିପାଇଁ ଏଇ ରାଜପଥରେ, ଶ୍ରେଷ୍ଠ ମାର୍ଗରେ, ଯେଉଁ ପଥରେ ମୋ ଭଳି ଶହ ଶହ ମଳିମୁଣ୍ଡିଆ ଚାଲନ୍ତି, ଯେଉଁ ମାର୍ଗ ମୋ ଭଳି କେତେ ପାପୀ ତାପୀଙ୍କ ପାଦଭାରାରେ ଆକ୍ରାନ୍ତ ହୋଇ ଆଗକୁ ଆଗକୁ ବାଟ କଢେଇ ନେଇଚି, ସେଇ ମାର୍ଗ ଗଢ, ସେଇ ମାର୍ଗର ରଜ ଶିରରେ ଦେଇ ଆଗେଇ ଚାଲ । ତମେ ଗଢୁଛ, ଚାଲିଛ, ସେ ମୋର ଶିରୋଧାର୍ଯ୍ୟ ।

ତମର
ନିତ୍ୟାନନ୍ଦ ମହାପାତ୍ର

Digitized by srujanika@gmail.com

ନୂତନ ଆଶା ଓ ଭବିଷ୍ୟତର ସନ୍ଧାନ

ପ୍ରିୟ ବନ୍ଧୁ,

ତୁମର 'ଶତମାର୍ଗ' ସମ୍ପର୍କୀୟ ପ୍ରଚାର ପୁସ୍ତିକାଟି ପାଇ ତୁମକୁ ଧନ୍ୟବାଦ । ତୁମ 'ଶତମାର୍ଗ ଆନ୍ଦୋଳନ' ବର୍ତ୍ତମାନ ଜନସାଧାରଣଙ୍କୁ ନିରାଶା ଭିତରୁ ଟାଣିପାରିବ ବୋଲି ମୁଁ ଆଶା କରୁଛି । ଆଜି ଜନସାଧାରଣ ଯେପରି ସରକାରଙ୍କ ଉପରେ ନିର୍ଭରଶୀଳ ହୋଇଛନ୍ତି ଓ ନିଜର ଶକ୍ତି ଉପରୁ ଯେପରି ବିଶ୍ୱାସ ହରାଇ ବସିଛନ୍ତି ସେଥିରେ ତୁମର ଆନ୍ଦୋଳନ ସେମାନଙ୍କ ଭିତରେ ଆତ୍ମପ୍ରତ୍ୟୟ ଆଣିପାରିବ ଓ ସେମାନଙ୍କର ସଂଗଠିତ ସୃଜନଶୀଳ ମନୋଭାବର ବିକାଶକୁ ବହୁଦୂର ସାହାଯ୍ୟ କରିପାରିବ । ଯଦିଓ ଜନସାଧାରଣଙ୍କର ମୌଳିକ ସମସ୍ୟାଗୁଡ଼ିକ ସମାଧାନ ନହେବା ପର୍ଯ୍ୟନ୍ତ ଏଥିପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରିନାହିଁ, ତଥାପି ଏହା କେତେକ ପରିମାଣରେ ଜନସାଧାରଣଙ୍କ ମନରେ ଆତ୍ମବିଶ୍ୱାସ ଆଣିପାରିବ ।

ଆଶା ତୁମର 'ଶତମାର୍ଗ ଆନ୍ଦୋଳନ' ଦେଶର ଆବଶ୍ୟକତା ପୂରଣ କରିବା ସଙ୍ଗେ ସଙ୍ଗେ ଜନସାଧାରଣଙ୍କ ମନରେ ନୂତନ ଆଶା ଓ ଭବିଷ୍ୟତର ସନ୍ଧାନ ଆଣିଦେବ ଓ ଆମ୍ଭମାନଙ୍କୁ ଉଦବୁଦ୍ଧ କରିବ । ରହିଲି ।

ତୁମର ଏକାନ୍ତ
ଲୋକନାଥ ଚୌଧୁରୀ
ଭୁବନେଶ୍ୱର, ୩.୧୦.୫୯

Digitized by srujanika@gmail.com

ଏକ ରଚନାତ୍ମକ କାର୍ଯ୍ୟକ୍ରମ

ଭୁବନେଶ୍ୱର

ପ୍ରିୟ ସତ୍ୟାନନ୍ଦ ବାବୁ,

ଆପଣଙ୍କ ଭୁବନେଶ୍ୱରସ୍ଥ ବାସଭବନରେ "ଶତମାର୍ଗ ଶିବିର" ସାଇନବୋର୍ଡ ଏବଂ ତତ୍ରସ୍ଥ ଅଫିସର କାର୍ଯ୍ୟକଳାପରୁ ମୁଁ ଧାରଣା କରୁଥିଲି ଯେ ଆପଣ ମାମୁଲି ଧରଣର କିଛି କାର୍ଯ୍ୟକରି ଏତେବଡ ପ୍ରଚାର ଚଳାଇଛନ୍ତି । କିନ୍ତୁ ସେଦିନ ଆପଣଙ୍କ ନିମନ୍ତ୍ରଣ କ୍ରମେ ମୁଁ ଦେଉଳି ଅଞ୍ଚଳକୁ ଯାଇ ଶତମାର୍ଗ ଆନ୍ଦୋଳନର କ୍ରମବର୍ଦ୍ଧିଷ୍ଣୁ ସଫଳତା ଦେଖି ଆପଣଙ୍କୁ ତଥା ଆପଣଙ୍କ ସହକର୍ମୀମାନଙ୍କୁ ମନେମନେ ପ୍ରଶଂସା ନକରି ରହିପାରିଲି ନାହିଁ । ଜଣେ ରଚନାତ୍ମକ କର୍ମୀ ହିସାବରେ ମୁଁ ନିଜକୁ ଧନ୍ୟବାଦ ଦେଲେ ସୁଦ୍ଧା ଆପଣ ତଥା ଆପଣଙ୍କ କର୍ମୀମାନଙ୍କର ଉତ୍ସାହ, ଉନ୍ମାଦନା ଏବଂ କାର୍ଯ୍ୟ ସଫଳତା ମୋତେ ଆପଣଙ୍କ ଅନୁଷ୍ଠାନ ପ୍ରତି ଆକର୍ଷଣ କରିନେଇଛି ।

ସ୍ୱାଧୀନତା ପରେ ଗାଁ ଗହଳର ସର୍ବାଙ୍ଗୀନ ଉନ୍ନୟନ ଉଦ୍ଦେଶ୍ୟରେ ଆମ ଜାତି ଯେଉଁ ଗ୍ରାମ ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ଆପଣଙ୍କ ଶତମାର୍ଗ ଆନ୍ଦୋଳନ ଅନୁଷ୍ଠାନ ଉକ୍ତ ଉଦ୍ଦେଶ୍ୟ ପୂରଣ ଦିଗରେ ଯଥେଷ୍ଟ ପରିମାଣରେ ସଂଗଠିତ ଓ କାର୍ଯ୍ୟବ୍ୟସ୍ତ ବୋଲି ମୋର ଧାରଣା ।

ଆପଣଙ୍କ ଏ ରଚନାତ୍ମକ ଆନ୍ଦୋଳନ ସର୍ବସାଧାରଣ ତଥା ସରକାରଙ୍କର ସାହାଯ୍ୟ ସହାନୁଭୂତି ଓ ଭଗବାନଙ୍କ ଆଶୀର୍ବାଦ ପାଇ ସଫଳ ହେଉ ଏହାହିଁ ମୋର କାମନା ।

ଶ୍ରୀ ପବିତ୍ରମୋହନ ପ୍ରଧାନ,
ଏମ୍.ଏଲ୍.ଏ.

Digitized by srujanika@gmail.com

ନିର୍ବିବାଦୀୟ ପନ୍ଥା ଶତମାର୍ଗ

ଭୁବନେଶ୍ୱର
୨୯.୯.୫୯

ହେ କବି ।

ଦେଶ ତଥା ସମାଜର ଏକ ଘଡିସନ୍ଧିବେଳେ, ଯେତେବେଳେ ନାନା ଦଳ ଓ ମତର ସଂଘର୍ଷରେ ଜନସାଧାରଣ ବିଭ୍ରାନ୍ତ, ସେତିକିବେଳେ ଏକ ନିର୍ବିବାଦୀୟ ପନ୍ଥା ଅନୁସରଣ କରି ତୁମେ 'ଶତମାର୍ଗ ଆନ୍ଦୋଳନ' ସୃଷ୍ଟି କରିଛ ।

ଏହି ଆନ୍ଦୋଳନ ଏକ ବିବାଦୀୟ ବିଷୟ ନ ହେଉ । ଏହାଦ୍ୱାରା ସମାଜର ପ୍ରଭୂତ କଲ୍ୟାଣ ସାଧିତ ହୋଇପାରିବ ବୋଲି ମୋର ବିଶ୍ୱାସ ।

ଉଦାର ମନୋଭାବ ପୋଷଣ କରି ସମସ୍ତେ ଏହି ଆନ୍ଦୋଳନରେ ଯୋଗ ଦେଇ ଏହାକୁ ସଫଳ କାମ କରନ୍ତୁ - ଏହାହିଁ ମୋର ଆନ୍ତରିକ କାମନା ।

ରବୀନ୍ଦ୍ର ମୋହନ ଦାସ
ବାଲେଶ୍ୱର

Digitized by srujanika@gmail.com

ଶାରୀରିକ ଶ୍ରମକୁଣ୍ଠତା ଓ ବୃଥା ଗୌରବବୋଧକୁ ଏକ ଆହ୍ୱାନ

ଯେଉଁସବୁ ଅଞ୍ଚଳରେ ରାସ୍ତା ନାହିଁ କିମ୍ବା ଗମନାଗମନ ଅତୀବ କଷ୍ଟସାଧ ସେଠାରେ ରାସ୍ତାର ସୁବିଧା କରିବା ଦିଗରେ ଶତମାର୍ଗ ଆନ୍ଦୋଳନର ଉଦ୍ୟୋକ୍ତା ମାନେ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି। ସେଥିପାଇଁ ମୁଁ ସେମାନଙ୍କୁ ଅଭିନନ୍ଦନ ଜଣାଉଛି। ଶତମାର୍ଗ ଆନ୍ଦୋଳନ ଗୋଟିଏ ନୂଆ ଧାରଣା, କାରଣ ଏଥିରେ ପଲ୍ଲୀବାସୀଙ୍କ ଶ୍ରମଦାନ ମାଧ୍ୟମରେ ହିଁ ସମସ୍ତ କାର୍ଯ୍ୟ କରାଯାଇଥାଏ। ଆହୁରି ବଡ କଥା ହେଉଛି ଯେ ସମାଜରେ ଏକ ବୃଥା ଗୌରବବୋଧ ପୂରି ରହିଥିବାବେଳେ ଏବଂ ଶାରୀରିକ ଶ୍ରମକୁଣ୍ଠତାକୁ ପ୍ରଥମସ୍ଥାନ ଦିଆଯାଉଥିବାବେଳେ ପଲ୍ଲୀବାସୀଙ୍କ ମନରେ ଏହାଦ୍ୱାରା ଶ୍ରମକରିବା ପ୍ରତି ଉତ୍ସାହ ଜଗାଇ ଦିଆଯାଉଛି। ପଲ୍ଲୀବାସୀଙ୍କ ମଧ୍ୟରେ ଦଳାଦଳି ଓ ଭେଦଭାବ ଭୀତିପ୍ରଦ ଆକାର ଧାରଣ କରୁଥିବାବେଳେ ଏହା ସେମାନଙ୍କର ମନରେ ଐକ୍ୟ ଓ ଗୋଷ୍ଠୀଗତ ଭାବ ମଧ୍ୟ ସୃଷ୍ଟି କରୁଛି। ଶତମାର୍ଗ ଆନ୍ଦୋଳନର କର୍ମୀମାନଙ୍କ ଦ୍ୱାରା ତିଆରି ହୋଇଥିବା କେତୋଟି ରାସ୍ତା ମୁଁ ଦେଖିଛି ଏବଂ ମୁଁ ଦୃଢ ଭାବେ କହିପାରେ ଯେ ଏଗୁଡିକ ଗ୍ରାମାଞ୍ଚଳର ଏକ ଅନୁଭୂତ ଅଭାବ ପୂରଣ କରୁଛି। ମୁଁ ଏହି ଆନ୍ଦୋଳନରେ ତଥା ଏହାର ମୂଳ ଉଦ୍ୟୋକ୍ତା ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟଙ୍କ ଉଦ୍ୟମର ସଫଳତା କାମନା କରୁଛି।

ଶ୍ରୀ ରାଜକୃଷ୍ଣ ବୋଷ, ଏମ୍.ଏଲ.ଏ.
ସଭାପତି, ଉତ୍କଳ ପ୍ରଦେଶ କଂଗ୍ରେସ କମିଟି

Digitized by srujanika@gmail.com

ଗାନ୍ଧିଜୀଙ୍କ ପରିକଳ୍ପିତ
ରାମରାଜ୍ୟ ଆଉ କେତେଦୂର

ଯୋଜନା ଏବଂ ସଂଯୋଜନା (ଗ୍ରାମପଞ୍ଚାୟତ) ବିଭାଗ, ଭୁବନେଶ୍ୱର
ଶ୍ରୀ ଉଦୟନାଥ ସାହୁ, ଓ.ଏ.ଏସ୍.

ପ୍ରିୟ ପ୍ରବର୍ତ୍ତକ, ଶତମାର୍ଗ ଆନ୍ଦୋଳନ,

ଆପଣଙ୍କର ତା୨୭.୧୦.୫୯ର ନିମନ୍ତ୍ରଣ ପତ୍ରଟି ମୋର ହସ୍ତଗତ ହୋଇଛି। ମୁଁ ଏଥି ପୂର୍ବେ ଆପଣଙ୍କ ସଂଗଠନର କାର୍ଯ୍ୟକଳାପ ଦେଖିବାର ସୁଯୋଗ ପାଇଛି । ଗତ କୁମାର ପୂର୍ଣ୍ଣିମା ଦିନ ଟାଙ୍ଗୀସାହି ଓ ନିକଟବର୍ତ୍ତୀ ଗ୍ରାମବାସୀମାନେ ତାଙ୍କ ଗ୍ରାମ୍ୟରାସ୍ତା ନିଜନିଜ ପରିଶ୍ରମ ଦ୍ୱାରା ତୟାର କରି ଯେଉଁ ଉତ୍ସାହ ଓ ଉନ୍ମାଦନା ଦେଖାଇଥିଲେ ତାହା ମୋ ମନରୁ କେବେ ଲିଭିବ ନାହିଁ। ମୁଁ ସେଦିନ ଯାହା ବୁଝିଲି ଆପଣଙ୍କ ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯେ, ଆପଣଙ୍କ କର୍ମୀମାନେ ଗ୍ରାମବାସୀଙ୍କର ସାହାଯ୍ୟ ଓ ସହାନୁଭୂତି ବଳରେ ଗ୍ରାମାଞ୍ଚଳର ରାସ୍ତାଘାଟର ଅସୁବିଧା ଦୂରୀଭୂତ କରିବାରେ ବ୍ରତୀ ଅଛନ୍ତି ଓ ଆପଣ ଏ ଦିଗରେ ବହୁତ ଅଗ୍ରସର ହୋଇପାରିଛନ୍ତି। ଗ୍ରାମ୍ୟ ଅଞ୍ଚଳରୁ ଭେଦଭାବ ଦୂର କରିବା, ଲୋକମାନଙ୍କୁ ଆତ୍ମନିର୍ଭରଶୀଳ ଦିଗରେ, ପ୍ରେରଣା ଦେବା ଦିଗରେ ଆପଣଙ୍କ ସଂଗଠନ ବିଶେଷ ସାହାଯ୍ୟ କରୁଅଛନ୍ତି। ଲେକମାନଙ୍କ ମଧ୍ୟରେ ଏକତା ସୃଷ୍ଟି କରିବାରେ ଆପଣଙ୍କ ଅନୁଷ୍ଠାନର ଦାନ ଅତୁଳନୀୟ। ଯଦି ଦେଶସାରା ଏତାଦୃଶ ସମାଜସେବୀ ଅନୁଷ୍ଠାନମାନ ଗଢିଉଠେ, ତେବେ ନୂତନ ଭାରତ ଗଢିବାରେ ଓ ଗାନ୍ଧିଜୀଙ୍କ ପରିକଳ୍ପିତ ରାମରାଜ୍ୟ ଗଠନରେ ବିଶେଷ ସହାୟକ ହେବ, ଏଥିରେ ସନ୍ଦେହ ନାହିଁ। ସରକାର ଗ୍ରାମଗୋଷ୍ଠୀ ଯୋଜନା ଜରିଆରେ ଯେଉଁ ପ୍ରେରଣା ଦେବାରେ ଚେଷ୍ଟିତ ଆପଣ ସେହି ପ୍ରେରଣା ଦେବାରେ ସମର୍ଥ ହୋଇପାରିଛନ୍ତି । ସେଥିପାଇଁ ଆପଣଙ୍କୁ ଓ ଆପଣଙ୍କ ଅନୁଷ୍ଠାନର କର୍ମୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରିବା ସଙ୍ଗେ ସଙ୍ଗେ ଏହି କାମନା କରୁଅଛି ଯେ, ଏହି ଅନୁଷ୍ଠାନ ଦିନକୁ ଦିନ ଉତ୍ତରୋତ୍ତର ଉନ୍ନତି କରି ଦେଶ ଓ ଦଶର କଲ୍ୟାଣ ସାଧନରେ ବ୍ରତୀ ହେଉ।

ଆପଣଙ୍କର

ଶ୍ରୀ ଉଦୟନାଥ ସାହୁ

Digitized by srujanika@gmail.com

ଓଡ଼ିଶା ପାଇଁ ଏକ ଶୁଭ ସଂକେତ

ଗୋପବନ୍ଧୁ ଭବନ
କଟକ -୧, ୩୧.୧୦.୫୯

ଶ୍ରଦ୍ଧେୟ ସତ୍ୟାନନ୍ଦ ବାବୁ,

ଆପଣ ଯେଉଁ 'ଶତମାର୍ଗ ଆନ୍ଦୋଳନ' ଆରମ୍ଭ କରିଛନ୍ତି, ତାହା ଓଡିଶା ପକ୍ଷରେ ଏକ ଶୁଭ ସଂକେତ । ଉତ୍ସାହୀ କର୍ମୀ ଓ ଦେଶସେବା ଯୁବସମାଜ ଆଗରେ ଏକ ମହତ୍ ଆଦର୍ଶ ଓ ସକ୍ରିୟ କର୍ମ ପନ୍ଥା ଉପସ୍ଥାପିତ କରିଛନ୍ତି । ଏହାର ମୁଁ ଆନ୍ତରିକ ସଫଳତା କାମନା କରିବା ସଙ୍ଗେ ସଙ୍ଗେ ଆପଣଙ୍କ ସହକର୍ମୀମାନଙ୍କୁ ଧନ୍ୟବାଦ ଜ୍ଞାପନ କରୁଛି । ଇତି ।

ଆପଣଙ୍କର
ଶ୍ରୀ ହର୍ଷ ମିଶ୍ର
ସଂପାଦକ, ସମାଜ

***

କୃଷ୍ଣଲାଲ ଶ୍ରୀଧରଣୀ
ପି.ଏଚ୍.ଡି. (କଲମ୍ବିଆ)
ଲିଟନ ଲେନ୍, ନୂଆଦିଲ୍ଲୀ

ପ୍ରିୟ ଶ୍ରୀ ଚମ୍ପତିରାୟ,

ଖଣ୍ଡିଏ 'ଶତମାର୍ଗ ଆନ୍ଦୋଳନ' ପୁସ୍ତିକା ସହ ଆପଣଙ୍କ ପତ୍ରଟିକୁ ସେପ୍ଟେମ୍ବର ୧୨ ତାରିଖରେ ପାଇ ମୁଁ ଖୁବ୍ ଖୁସୀ ହୋଇଛି । ମୁଁ ଆପଣଙ୍କର ଓ ଆନ୍ଦୋଳନର ସାଫଲ୍ୟ କାମନା କରୁଛି ।

ଶ୍ରଦ୍ଧା ଜଣାଇ ରହିଲି ।

ଆପଣଙ୍କର ଅନ୍ତରଙ୍ଗ
କୃଷ୍ଣଲାଲ ଶ୍ରୀଧରଣୀ

Digitized by srujanika@gmail.com

ଜୀବନର ଦିଗ ଶତମାର୍ଗ

ବିନ୍ଧୁ ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ ଶତମାର୍ଗ ଆନ୍ଦୋଳନ ପ୍ରବର୍ତ୍ତନ କରି ଏକ ନୂତନ ଜୀବନର ଆସ୍ୱାଦ ଅନୁଭବ କରିଛନ୍ତି । ଏକ ନୀତି ଓ ଆଦର୍ଶବାଦ ଉପରେ ନିର୍ବାଚନ ଲଢି ଓ ବିଜୟୀ ହୋଇ ପରେ ପରେ ତାଙ୍କ ନିର୍ବାଚନମଣ୍ଡଳୀର ଯେଉଁ ସବୁ ଦାବୀର ସେ ସମ୍ମୁଖୀନ ହେଲେ, ବିଭିନ୍ନ ଗ୍ରାମ ଓ ବ୍ୟକ୍ତି ବିଶେଷଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ଏକ ଆଦର୍ଶ ହୀନ ବାସ୍ତବବାଦ ଭିତରେ ତାଙ୍କୁ କିପରି ଦେଢ଼ ବର୍ଷ କାଳ ଏକ ଦୁର୍ବହ ଜୀବନ ଅତିବାହିତ କରିବାକୁ ପଡିଲା, ତା ମୁଁ ନିଜେ ପ୍ରତ୍ୟକ୍ଷରେ ଓ ପରୋକ୍ଷରେ ଜାଣିଛି । ମୋ ମନରେ ବେଳେ ବେଳେ ସଂଶୟ ଜାଗିଚି ଯେ ଏହି ତଥାକଥିତ ବାସ୍ତବବାଦ ମଧ୍ୟରେ ତାଙ୍କର ପ୍ରାଣ ଶେଷକୁ ଶୁଷ୍କ ହୋଇପଡିବ ଓ ସେ ତାଙ୍କର ସମସ୍ତ ସରସତା ଓ ଉତ୍ସାହ ହରାଇ ବସିବେ । ମାତ୍ର ଶେଷକୁ ତାଙ୍କ ଜୀବନର ମୌଳିକ ସରସତା ଓ ଆଦର୍ଶବାଦର ଜୟ ହେଲା । ଗୋଟାଏ ଘରେ ବସି ସେ ରୁଦ୍ଧ ହୋଇଯାଉଥିବା ବେଳେ ତାଙ୍କ ପାଇଁ ଶହେଟା ରାସ୍ତା ବା ଶତମାର୍ଗ ଖୋଲିଗଲା ।

ମାର୍ଗ ଶବ୍ଦ ସଂସ୍କୃତ ମୃଗ୍ ଧାତୁରୁ ଉତ୍ପନ୍ନ ହୋଇଛି । ଏହି ମୃଗ୍ ଧାତୁର ଅର୍ଥ ହେଉଛି ଖୋଜିବା । ତେଣୁ ମାର୍ଗ ଶବ୍ଦର ଦୁଇଟି ଅର୍ଥ ହୋଇପାରେ । ଗୋଟିଏ ସ୍ଥୁଳ । ଅନ୍ୟଟି ସୂକ୍ଷ୍ମ । ସ୍ଥୁଳ ଅର୍ଥରେ ମାର୍ଗ ଶବ୍ଦର ଅର୍ଥ ହେଉଚି, ମାଟି, ଗୋଡି ବା ଇଟା କଂକ୍ରିଟର ରାସ୍ତା । ଏହାର ସୂକ୍ଷ୍ମ ଅର୍ଥ ହେଉଚି ଦିଗ ବା ଜୀବନର ଦିଗ । ଶ୍ରୀ ଚମ୍ପତିରାୟ ଓ ଏହି ଲୋଭନୀୟ କାର୍ଯ୍ୟରେ ଲାଗିଥିବା ତାଙ୍କର ସହକର୍ମୀମାନେ ଦୁଇଟି ଅର୍ଥ ଘେନି ଏ କାର୍ଯ୍ୟ କରୁଛନ୍ତି । କାରଣ ଶହେଟି ମାଟି ଗୋଡିର ରାସ୍ତା ମଧ୍ୟରେ ତାଙ୍କୁ ଜୀବନର ଏହି ଦିଗଦର୍ଶନ ମିଳିଚି ଯେ ଜନଶକ୍ତିକୁ ବିନିଯୋଗ କରାଯାଇପାରିଲେ ଅସାଧ୍ୟ ସାଧନ ହୋଇପାରିବ ।

(ଜାନକୀବଲ୍ଲଭ ପଟ୍ଟନାୟକ)

Digitized by srujanika@gmail.com

ଶତମାର୍ଗର ସନ୍ଦର୍ଭ

Digitized by srujanika@gmail.com

ଶତମାର୍ଗ ଆନ୍ଦୋଳନର ପ୍ରବର୍ତ୍ତକ
ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

Digitized by srujanika@gmail.com

ଚମ୍ପତିରାୟଙ୍କ ଅଭିନବ ଯଜ୍ଞ
"ଶତମାର୍ଗ ଅଭିଯାନ"

ଡକ୍ଟର ମାୟାଧର ମାନସିଂହ

ଆମ୍ଭେମାନେ ଆଜି ସର୍ବ ଦିଗରେ ପ୍ରଗତି ଚାହୁଁ । କିନ୍ତୁ ପ୍ରଗତି ପୂର୍ବରୁ ଗତି ବିଷୟରେ ଆମେ ନିସନ୍ଦିଗ୍ଧ ହେବାର କଥା । ଗତି ପୁଣି ଅପଥରେ ତ ହେବନି, ପଥରେ ହେବ । ଅପଥରେ ଗଲେ ଗତି ଅପେକ୍ଷା ଦୁର୍ଗତିର ଆଶଙ୍କା ବେଶୀ । ତେଣୁ ନିରାପଦ, ନିଷ୍କଣ୍ଟକ, ସୁଗମପଥ ଚାହିଁ, ଆମର ସବୁ ଦିଗରେ ।

ଏବର ଗଣତନ୍ତ୍ର ଭାରତର ପ୍ରକୃତ ଶାସକ କେଉଁଠି ଥାନ୍ତି ? ଆମେ ତାଙ୍କୁ ଆଜି ଦିଲ୍ଲୀ ବା କଟକରେ ଖୋଜିଲେ ପାଇବାନାହିଁ । ସେପରି ଖୋଜିବା ହିଁ ଆମର ମୂର୍ଖତା ସୂଚନା କରିବ । କାରଣ ସେ ବ୍ରିଟିଶ୍ ଯୁଗ ଗଲାଣି, ଯେତେବେଳେ ଶାସକଙ୍କୁ ଦେଖା ମିଳୁଥିଲା କେବଳ ରାଜଧାନୀରେ । ପ୍ରଜାତନ୍ତ୍ର ରାଷ୍ଟ୍ରର ପ୍ରକୃତ ଶାସକଙ୍କୁ ଦେଖା କରିବାକୁ ହେଲେ ଆମକୁ ଆଜି ସହରର ପିଚ୍‌ରାସ୍ତା ଛାଡ଼ି, ଗାଁର ଶଗଡ ଚକର ଗୋହିରୀ ଧରିବାକୁ ହେବ । ସେଇଠି ହିଁ ଆମେ ଖଳାରେ, ବିଲରେ ବା ଗାଁ ଭାଗବତ ଘରେ ଆଜି ଆମର ସାଧାରଣତନ୍ତ୍ର ରାଷ୍ଟ୍ରର ପ୍ରକୃତ ଶାସକମାନଙ୍କୁ ଭେଟିବା । ପୂର୍ବେ ଜଣ-ଶାସନ ଥିଲା । ଜଣ-ଶାସନର ରାଜା ରାଜଧାନୀରେ, ପ୍ରାସାଦରେ ରହୁଥିଲେ । ଏବେ ଗଣ ହିଁ ଗଣତନ୍ତ୍ରର ଶାସକ । ଏବର ସେହି କୋଟି ବ୍ୟକ୍ତିଙ୍କ

Digitized by srujanika@gmail.com

ଶାସକ ଆଜି ଆମର ହଜାର ହଜାର ଗ୍ରାମରେ ତାଙ୍କର ନିଜ ନିଜର ଶାନ୍ତିମୟ କୁଟୀର ତଳେ ଜୀବନ ଯାପନ କରନ୍ତି । କିନ୍ତୁ ସେ କ'ଣ ଭାବେ ? କ'ଣ ସ୍ୱପ୍ନ ଦେଖେ ? କି ତାର ଅଭାବ ? କି ତା'ର ଭୋଗାଣ ? ଆମେ ଏସବୁ କେବେ ପଚାରି ବୁଝିଲୁଣି କି ? ବାଧା କ'ଣ, ପ୍ରକୃତରେ ?

ବାଧା ଏଇ ଯେ, ପୂର୍ବରେ ଜଣ-ତନ୍ତ୍ରର ରାଜାପାଇଁ ଶତାବ୍ଦୀ ଶତାବ୍ଦୀ ଧରି ଦେଶମୟ ପଥ ତିଆରି ହୋଇଥିଲା ଓ ସେଥିପାଇଁ ତା'ର ନାମ ଥିଲା ରାଜପଥ । କିନ୍ତୁ ଏବର ଗଣତନ୍ତ୍ରର କୋଟି ବ୍ୟକ୍ତିଙ୍କ ବିରାଟ ରାଜ୍ୟପାଇଁ କୌଣସି ପଥ ତିଆରି କରିବା କେହି ତ ଭାବି ନଥିଲା କେବେ ? ତେଣୁ ହିଁ ତ ଏକ ଶାସନର ରାଜାର ଦର୍ଶନ ଏତେ କଠିଣ । ଏବର ରାଜା ବି ତାଙ୍କର କୁଟୀର ପ୍ରାସାଦ ଓ ଗ୍ରାମରାଜ୍ୟରୁ ସହଜରେ ବାହାରିପାରୁ ନାହାନ୍ତି । ତାଙ୍କର ବଳଦ, ରଥର ଚକ ଗାଁ ଗୋହିରିର ପଙ୍କରେ ହିଁ ଅଟକି ଯାଉଛି ।

ତରୁଣ ଦେଶସେବକ ଚମ୍ପତିରାୟ ଆଜିର ଗଣତନ୍ତ୍ର ରାଷ୍ଟ୍ରର ଗଣରାଜ୍ୟର ସ୍ୱଚ୍ଛନ୍ଦ ବିହାର ପାଇଁ ସମସ୍ତପଥ ଖୋଲିଦେବାକୁ ଯେ ଅଣ୍ଟାଭିଡି ବାହାରିଛନ୍ତି, ସେଥିପାଇଁ ସେ ନିଖିଳ ଜାତିର ଧନ୍ୟବାଦାର୍ହ । ଏ ଅଭିଯାନରେ ତାଙ୍କର ଚମୂପତି ନାମ ଅପୂର୍ବ ସାର୍ଥକତା ଲାଭ କରୁଛି । ଗ୍ରାମରୁ ଗ୍ରାମକୁ ଓ ଗ୍ରାମରୁ ନଗରକୁ ଓ ଦେଶର ସବୁ ପ୍ରାନ୍ତକୁ ସହସ୍ର ପଥ ଖୋଲି ହୋଇଯାଉ । ଗଣରାଜା ଗ୍ରାମରୁ ଗ୍ରାମକୁ କେବଳ ନୁହେଁ, ତା'ର ବିରାଟ ରାଷ୍ଟ୍ରର ଏକ ପ୍ରାନ୍ତରରୁ ଅନ୍ୟ ପ୍ରାନ୍ତକୁ ମଧ୍ୟ ସ୍ୱଚ୍ଛନ୍ଦରେ ଗତାଗତର ସୁବିଧା ପାଉ । ପୂର୍ବର ରାଜପଥ ଆଜି ପ୍ରକୃତରେ ଜନପଥରେ ପରିଣତ ହେଉ । ଚମୂପତିରାୟ ଭୟେ ଭୟେ ବୋଧହୁଏ ମାତ୍ର ଶତମାର୍ଗକୁ ଆଦର୍ଶ ରଖିଛନ୍ତି । କିନ୍ତୁ ଚମ୍ପତିରାୟ ଗଣ-ଚମୂକୁ ଜାଗ୍ରତ କରିପାରିଲେ ଅବିଳମ୍ବେ ଆମେ ଅୟୁତ ଜନମାର୍ଗ ପାଇପାରିବା, କିନ୍ତୁ ଚମ୍ପତିରାୟଙ୍କର ଶତମାର୍ଗ ଯଜ୍ଞର ଆଗେ ଶୁଭ ସମାପନ ହେଉ, ଏହା ହିଁ ଆଶୀର୍ବାଦ ଓ ପ୍ରାର୍ଥନା ।

◆

Digitized by srujanika@gmail.com

ଶତମାର୍ଗ ହିଁ ସତ୍‌ମାର୍ଗ

ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ

ଚାରିଆଡେ ଆଜି ହୁରି ପଡିଛି ଗଢିବାକୁ, ଯୋଡିବାକୁ । ନୂଆ ସହର, ନୂଆ ରାସ୍ତା, ନୂଆ ନୂଆ କଳକାରଖାନା, ବନ୍ଧ, ନାଳ, କେତେ ଯେ କାହିଁ ଗଢା ଚାଲିଛି, ତାହାର ହିସାବ କରିବା କଠିଣ । ସହର, ବଜାର ଯେମିତି ନୂଆ ରୂପ ଧରିଛି, ଗାଁ ଗଣ୍ଡାରେ ସେମିତି ନୂଆ ନୂଆ ବିଚାର, ନୂଆ ନୂଆ କଥା ଚାଲିଛି । ସମାଜର ପୁରୁଣା ଖୋଳପା ଖସିପଡି ନୂଆ ରୂପ, ନୂଆ ବେଶର ସୂଚନା ମିଳିଛି । ଏହା ଏକ ମହାନ୍ କର୍ମ ପ୍ରବାହର ଯୁଗ । ମଣିଷର ଆଳସ୍ୟ, ଜଡତା, ଦୁଶ୍ଚିନ୍ତା, ଦୁଷ୍ଟ ବୃତ୍ତିଗୁଡିକ ଏହି କର୍ମ ପ୍ରବାହର ତୋଫାନ ବଳରେ ଶୁଖିଲା ପଚା ପତ୍ର ଭଳି ଉଡି ସାଫ୍ ହୋଇଯାଉଛି । ଏହାରି ବଳରେ ସବୁ ଉତ୍କଣ୍ଠା ସବୁ ପ୍ରତିବନ୍ଧକ ଦୂର ହୋଇ ମଣିଷର ମନ ନିର୍ମଳ ହୋଇପଡୁଛି । ଏହି କର୍ମ ପ୍ରବାହର ତୋଫାନ ଆଜି ଖାଲି ଆମ ଦେଶରେ ବୋହୁନାହିଁ । ଏହା ବିଶ୍ୱବ୍ୟାପି । ଏଇ କର୍ମପ୍ରବାହ ଆଜି ଫିଟାଇ ଦେଇଛି, ପୃଥିବୀର ସବୁ ଅନ୍ଦିକନ୍ଦିରେ ମଣିଷର ପଥ, ଆଫ୍ରିକା ଭଳି ଘୋର ଅରଣ୍ୟର ଅନ୍ଧାରି ମୂଳକରେ ସୁଦ୍ଧା-ଯେଉଁଠି ମଣିଷ କେବେହେଲେ ମଣିଷ ବୋଲି ଗଣା ହେଉନଥିଲା ।

ଶତମାର୍ଗ ଆନ୍ଦୋଳନ ଏହି ବିରାଟ କର୍ମପ୍ରବାହର ଗୋଟିଏ ଶାଖା । ମଣିଷ ଭିତରେ ଦୁଇଟି ପରସ୍ପର ବିରୋଧୀ ଭାବଧାରାର ସଂଘର୍ଷ ସବୁକାଳେ ଲାଗିରହିଛି । ଗୋଟିଏ ହେଲା ରାକ୍ଷସ, ଆରଟି ଦେବତା । ଗୋଟିଏ ହେଲା ଭାଙ୍ଗିବା, ଆରଟି ଗଢିବା, ଗୋଟିଏ ଘୃଣା, ଆରଟି ପ୍ରେମ, ଗୋଟିଏ ହେଲା ବାଟ ବନ୍ଦ କରିବା,

Digitized by srujanika@gmail.com

ବାଟ ମଝିରେ କଣ୍ଟା ପକାଇବା, ଅଳିଆ କରିବା, ଆରଟି ହେଲା ନୂଆ ବାଟ ତିଆରି କରିବା, ବାଟ ଓଳେଇବା, ବାଟ କରରେ ଗଛ ପୋତି ବାଟୋଇଙ୍କ ପାଇଁ ଛାଇ କରିବା ।

ଗାଁ ଗାଁକେ ଅଳ୍ପ କେତେଜଣ ଆପଣା ବାହାଦୂରୀ ଦେଖାଇବାକୁ ବାଟ ବନ୍ଦ କରିଦିଅନ୍ତି, ବାଟ ମଝିରେ ଗଛ ପୋତନ୍ତି, ବାଡ ବୁଜନ୍ତି, କଣ୍ଟା ପକାନ୍ତି । ପାଞ୍ଚ ପଚିଶଙ୍କୁ ଏହି ଭାବରେ ଧମକ ଚମକ ଦେଇ ଚପେଇ ରଖିବାରେ ତାଙ୍କର ଆନନ୍ଦ । ଏହି ଉପାୟରେ ଆପଣା ମାତବରି ଜାହିର କରିବାକୁ ସେମାନେ ଲୋଡନ୍ତି ।

ବର୍ଷାଦିନେ ଗୋରୁଗାଇ ଚାଲି ଗାଁ ଦାଣ୍ଡ ପାଣି କାଦୁଅରେ ବୁଡିଯାଏ । ଗୁହାଳରେ ଗୋବର ମୂତରେ ଗାଁ ଦାଣ୍ଡ ଭାସେ, ଗାଁର ସ୍ୱାସ୍ଥ୍ୟ ନଷ୍ଟ ହୁଏ । ସେଥିପ୍ରତି କାହାରି ନଜର ନାହିଁ ।

ନିଜକୁ ଅନ୍ୟଠାରୁ ଅଲଗା ରଖିବାକୁ ଆମେ ପାଚେରୀ ଠିଆ କରୁଁ, ଅନ୍ୟର ଅସୁବିଧା କରିବାକୁ ସବୁ ପ୍ରକାର ବିଚାର କରୁଁ, କିନ୍ତୁ ସବୁରି ପାଇଁ ପର ଆପଣା ଭୁଲି ବାଟ ଫିଟାଉଁ କେତେଜଣ ? ଶତମାର୍ଗ ଆନ୍ଦୋଳନ ଏହି ରୂପେ ଆମର ଗୋଟିଏ ଶିକ୍ଷାନୁଷ୍ଠାନ ଭଳି ଆରମ୍ଭ ହୋଇଛି । ଗାଁ ଲୋକେ ଆଜି ତାଙ୍କର ପୁରୁଣାକାଳିଆ ମନୋଭାବ ଛାଡିବାପାଇଁ ଶତମାର୍ଗ ଆନ୍ଦୋଳନ ଗୋଟିଏ ପ୍ରଧାନ ମାର୍ଗ । ଗାଁ ଲୋକେ ମଣିଷ ଭଳି ଚଳିବା ପାଇଁ ସବୁ ସୁବିଧା ସୁଯୋଗ ପାଇବାକୁ ହେଲେ ପୂର୍ଣ୍ଣପ୍ରାଣରେ ଏହାର ସମର୍ଥନ କରିବା ଉଚିତ୍ ।

ଯେଉଁମାନେ ପ୍ରକୃତ ବୁଦ୍ଧିଆ, ସେମାନେ ବୁଝୁଥିବେ ଯେ ପୁରୁଣାକାଳିଆ ଢଙ୍ଗ ସବୁ ପୁରୁଣା ଭଳି ଅଚଳ ହୋଇ ପଡୁଚି, ପୁରୁଣା ବଟକରା ଆଉ ମାପ ଓଜନ କରିବା ଚଳୁନାହିଁ । ମଣିଷପଣିଆ ଓଜନ ମଧ୍ୟ ସେମିତି ଆଜି ଆଉ ଆଗକାଳର ଧନଦଉଲତ ଧମକଚମକ ବଳରେ କରାଯାଉ ନାହିଁ । ସେସବୁ ବଟକରା ବଦଳିଗଲାଣି । ଶତମାର୍ଗ ଭଳି କାର୍ଯ୍ୟରେ ସେହି ବୁଦ୍ଧିଆ ଲୋକେ ନିଶ୍ଚୟ ସବୁ ସାହାଯ୍ୟ ସହଯୋଗ କରିବେ ଏବଂ ତାହା ଫଳରେ ଆନ୍ଦୋଳନ ଓଡିଶାର ଗ୍ରାମେ ଗ୍ରାମେ ବ୍ୟାପିଯିବ, ଏହା ନିଃସନ୍ଦେହରେ କୁହାଯାଇପାରେ ।

ପିଠାପୁର, କଟକ

◆

Digitized by srujanika@gmail.com

ମନ ଓ ମାର୍ଗ

ଅଧ୍ୟାପକ ରାଜକିଶୋର ରାୟ

ମଣିଷର ଶୁଭବୁଦ୍ଧି ଓ ବିଚାର ଯେତେବେଳେ ମୈତ୍ରୀରସରେ ରସାଣିତ ହୁଏ, ସେତେବେଳେ ତା'ର ସମକ୍ଷରେ ଜନକଲ୍ୟାଣ ସାଧନ ପାଇଁ ବହୁ ମାର୍ଗ ଆବିଷ୍କୃତ ହୋଇଯାଏ । ଗୋଟିଏ ଗୋଟିଏ ମାର୍ଗ ଅବଲମ୍ବନ କରି ସେହି ମାର୍ଗରେ ସାଧନା ତତ୍‌ପର ହୋଇ ମଣିଷ ଆଜି ନୁହେଁ ଆଦିମ ଅତୀତରେ ମଧ୍ୟ ଜନସେବା ପାଇଁ କାର୍ଯ୍ୟ କରୁଥିଲା । ତପସ୍ୟାର ବହୁ ମାର୍ଗ ଅଛି, ବହୁ ଧାରା ଅଛି । ଗୃହସ୍ଥର ଗୃହସ୍ଥଳୀର କଲ୍ୟାଣ ପାଇଁ ଗୃହାଭ୍ୟନ୍ତରରେ ଓ ଗୃହ ବାହାରେ କଲ୍ୟାଣ ବ୍ରତୀ ସଭ୍ୟମାନେ ଅହରହ ସାଧନା କରୁଥିଲେ ।

ଆଜି ଯେ ରାଜପଥର ଉଭୟ ପାର୍ଶ୍ୱରେ ପଥିକର ଶାନ୍ତି ସନ୍ତୋଷ ବିଧାନ ପାଇଁ ଛାୟାପ୍ରଦ ବୃକ୍ଷ, ସୁଶୀତଳ ଜଳଭାଗ ତଡାଗ ଓ ସୁଗନ୍ଧ ନିକୁଞ୍ଜ ଦେଖିବାକୁ ମିଳେ ତାହା କେତେକ ଶୁଭବୁଦ୍ଧି ସଂପନ୍ନ ବିଶ୍ୱମିତ୍ର ଉଦାର ବ୍ୟକ୍ତିମାନଙ୍କର କୃତି । ଏ ଗୋଟିଏ ଜୀବନ ମାର୍ଗ, ଅପରକୁ ଆପଣାର କରି ସ୍ନେହରସରେ ତା'ର କଲ୍ୟାଣ କରିବା, ସେ ପରିଚିତ ହେଉ ବା ଅପରିଚିତ ହେଉ ତାପ୍ରତି ବିଚାରବନ୍ତ ହେବା, ଏହାହିଁ ସେତେବେଳର ଲୋକଙ୍କର ଭାବନା ଥିଲା । ବହୁର ମଙ୍ଗଳ ପାଇଁ ଯଥାଶକ୍ତି ନିଜକୁ ନିଯୁକ୍ତ କରିବାରେ ଲୋକ ନିଃସ୍ୱାର୍ଥ ସନ୍ତୋଷ ଲାଭ କରୁଥିଲା ।

Digitized by srujanika@gmail.com

ପଥ ଉପରେ ରୌଦ୍ରତପ୍ତ ପଥିକ ବୃକ୍ଷର ଶୀତଳ ଛାୟା ଭୋଗକରି କେଉଁ ବିଶିଷ୍ଟ ସଜ୍ଜନଙ୍କୁ ଏଥିପାଇଁ ସାଧୁବାଦ ଦିଏନାହିଁ । ଜନଗୋଷ୍ଠୀର ଶୁଭବୁଦ୍ଧି ପ୍ରତି ତା'ର ହୃଦୟ ଆନତ ହୋଇଯାଏ । ଏହିଭଳି ପ୍ରତ୍ୟେକଟି ଜନସେବା କାର୍ଯ୍ୟରେ ମଣିଷର ହୃଦୟ ଉଦାର ପ୍ରେମରସରେ ସଂଜିବୀତ ହୁଏ । ଏହା ସଂକ୍ରାମିତ ହୁଏ ସମାଜର ପ୍ରତି ବିଭାଗରେ । ଏକ ସୁବିମଳ ଆତ୍ମଚୈତନ୍ୟ, ନିର୍ମଳ ଶୁଭେଚ୍ଛା, ଇତରପ୍ରତି ଅକୁଣ୍ଠିତ ସେବାଭାବ ଜନ୍ମ ପାଏ ।

କିଛି ରହିଯାଏ, କାଳ ଆଉ ସବୁ ଗ୍ରାସ କରିଯାଏ । କାଳୋତ୍ତର ମହିମା ମଣିଷ ହିଁ ଅର୍ଜନ କରେ । ଏଥିପାଇଁ ଲୋକ ମନ୍ଦିର ଗଢେ, ସ୍ମୃତିସ୍ତମ୍ଭ ରଖେ, ଶ୍ମଶାନ ପ୍ରାଚୀର ଗାତ୍ରରେ ନିଜର ନାମାଙ୍କନ କରେ । ନିଜର ଚିନ୍ତା ଓ ବାଣୀକୁ ଜଗତ ସମକ୍ଷରେ ବିଚ୍ଛୁରିତ କରେ କେବଳ କାଳାନ୍ତରରେ ନିଜର ଅମରତ୍ୱକୁ ରକ୍ଷାକରିବା ଅଭିଳାଷରେ ।

ମଣିଷ ସବୁବେଳେ ଅଶୁଭ କାର୍ଯ୍ୟ କରେନାହିଁ । ଶୁଭାଶୁଭ କାର୍ଯ୍ୟରେ ଆବେଗ ତା'ର ହୃଦୟରେ ପ୍ରତିଫଳିତ ହେବାବେଳେ ତା'ର ପାରିପାର୍ଶ୍ୱିକ ଅବସ୍ଥା ତାକୁ ଭଲ-ମନ୍ଦ ଉଭୟଦିଗକୁ ଆକର୍ଷଣ କରେ । ଅମୃତ ପୁତ୍ର ମନୁଷ୍ୟ ମହାଜୀବନର ଜ୍ୟୋତି ଦେଖେ । ତାହାକୁ ଅବଧାରଣା କରିବାପାଇଁ ଅଗ୍ରସର ହୁଏ । ଚିନ୍ତା ଓ କାର୍ଯ୍ୟରେ ସେ ମୂଳତଃ ଶୁଭବୁଦ୍ଧି ସଂପନ୍ନ ହୋଇଥାଏ ।

ମାତ୍ର ସମାଜର ପରିବର୍ତ୍ତିତ ମୂଲ୍ୟବୋଧ ଘେନି ଲୋକ ନାନା କ୍ଷେତ୍ରରେ ବିଜଡିତ ହୋଇଯାଏ । ଧର୍ମ, ଅଧର୍ମ, ଶୁଭ, ଅଶୁଭ, କ୍ରିୟା, ଅକ୍ରିୟା ବିଚାର କରିବାକୁ ତା'ର ଅବସର ନଥାଏ । ସ୍ରୋତ ଉପରେ ଭାସମାନ ଶୁଷ୍କ ପତ୍ର ଭଳି ସେ ନିଜକୁ ସ୍ରୋତର କରୁଣା ଉପରେ ଛାଡିଦିଏ ।

ବଳିଷ୍ଠ ମନନଶୀଳତା ଓ ଶୁଦ୍ଧିମନ୍ତ ବ୍ୟକ୍ତିତ୍ୱ ଥିଲେ ଏ ପ୍ରକାର ଅବସ୍ଥା ଘଟେନାହିଁ । ଏ ଶତାବ୍ଦୀରେ ମାନବର ପ୍ରକୃତ ମୂଲ୍ୟାୟନ ସଂକୁଚିତ ହୋଇଯାଇଛି । ଯାହା ପରିବର୍ତ୍ତିତ ହୋଇଯାଇଛି ତାହା ହିଂସ୍ରତା ଓ ଅମୈତ୍ରୀ । ଦୀର୍ଘ ଅତୀତର ସଂସ୍କାର, ମୂଲ୍ୟବୋଧ ଏବଂ ତାହାର ଆଦର୍ଶ ଏ ଶତାବ୍ଦୀରେ ମ୍ଳାନ ହୋଇଯାଇଛି । ନଗର-ସଭ୍ୟତା, ଶିଳ୍ପ କେନ୍ଦ୍ରର ବିଶୃଙ୍ଖଳା, ଯାନ୍ତ୍ରିକ ଜୀବନର ଜୟଧ୍ୱନି, ଆତ୍ମକୈନ୍ଦ୍ରିକ ମଣିଷର ନିଜ ସୁଖ ଭୋଗପାଇଁ ବିପୁଳ ଆୟୋଜନ ଓ ରାଜନୈତିକ

Digitized by srujanika@gmail.com

ବହୁଭାବ ପ୍ରବାହ ଭିତରେ ଶାନ୍ତି ସମାହିତ ସୁନ୍ଦର ମଣିଷର ରୂପଟିଏ ଦେଖିବା ଅସମ୍ଭବ ।

ସୌନ୍ଦର୍ଯ୍ୟ ଆସେ ମାର୍ଗ ମଧ୍ୟରୁ ଏବଂ ଏହି ମଙ୍ଗଳ ବାର୍ତ୍ତା ଆମେ ହୃଦାଭ୍ୟନ୍ତରରୁ ଯେଉଁଠି ବିଶ୍ୱପ୍ରକୃତିର ଗୋଟିଏ ସାର୍ବଜନୀନ ମୂର୍ତ୍ତିକୁ ମଣିଷ ଅର୍ଚ୍ଚନା କରେ ।

ସେ ଭାବ ଆଜି ନାହିଁ । ସୁଦୀର୍ଘ ଅତୀତର ଦୀର୍ଘତର ଅୟନରେ ତାହା ସଞ୍ଚିତ ଥିଲା । ଆଜି ତାହା ଭାଙ୍ଗି ପଡୁଛି ।

ଭାରତର ସ୍ୱାଧୀନତା ପରେ ଲୋକମାନ୍ୟ ଗାନ୍ଧୀ-ଗୋପବନ୍ଧୁ-ତିଳକ-ବୁଦ୍ଧ-ଅଶୋକ-ଲକ୍ଷ୍ମୀବାଇଙ୍କର ଆଚରିତ ଆଦର୍ଶକୁ ଅବଲୋକନ କରୁଛି । ଏଥିରୁ ଯାହା ଉପଲବ୍ଧି ହେଉଛି ତାହା ଦେଶର କେତେଜଣ ନାଗରିକଙ୍କୁ ନେତୃତ୍ୱ ଦେଉଛି, ଦେଶ ଓ ଜାତିର ମର୍ମଦେଶରେ ଯେ ଅବାଞ୍ଛିତ ପାଶବିକ ସତ୍ତା ରହି ସମାଜ ଜୀବନକୁ ଜର୍ଜରିତ କରୁଛି ତାହାକୁ ଉତ୍ପାଟନ କରି ସୁସ୍ଥ ଓ ସଂହତି ଲୋକଗୋଷ୍ଠୀ ଗଢିବାପାଇଁ ।

ଏହି ଚିନ୍ତାମୂଳରେ ରହିଛି ସମ-ମାନସ, ସମ-କାର୍ଯ୍ୟ ଓ ସମ-ଚିନ୍ତାରେ ଉଦବୁଦ୍ଧ ହୋଇ ସାମୂହିକ ଲୋକଜୀବନର କର୍ତ୍ତବ୍ୟ ଓ ଉନ୍ନତି କରିବା ।

ଗୋଷ୍ଠୀ ଉନ୍ନୟନ ଏକର ବହିର୍ଭୂତ କାର୍ଯ୍ୟ । ସମାନ ପ୍ରୀତି ଘେନି ବହୁ ଲୋକ ଏକ ଲକ୍ଷ୍ୟରଖି ଗୋଟିଏ କାର୍ଯ୍ୟ ସାଧନ କଲେ ନିର୍ମଳ ଆନନ୍ଦର ଅନୁଭବ ଆସେ ଓ ସେ କାର୍ଯ୍ୟରେ ଶାରୀରିକ ଶ୍ରମର ନିୟୋଗ ଥିବାରୁ ତାହା ଆହୁରି ଶୁଭପ୍ରଦ ହୁଏ ।

ଅଙ୍ଗ ଚାହେଁ ଚାଳନା, କାରଣ ଶରୀରର କାନ୍ତି ଏଥିରେ ବିସ୍ତାରିତ ହୁଏ । ସେତିକି ନୁହେଁ, ଅନ୍ତର ଭିତରେ ଶୌର୍ଯ୍ୟ ପ୍ରକାଶ ପାଏ ।

ସର୍ବୋପରି ସର୍ବଂସହା ଧରିତ୍ରୀ ସହିତ ମାଟିର ମଣିଷ ଏକାତ୍ମ ହୋଇଯିବା ଦ୍ୱାରା ମଣିଷର ଶିକ୍ଷା ପୂର୍ଣ୍ଣ ହୁଏ । ଭଗବତ ଉଲ୍ଲାସ ମନ ମଧ୍ୟରେ ଜୀବନର ସାର୍ଥକତା ଆଣିଦିଏ ।

ଓଡିଶାରେ ଏହି ଭାବକୁ ସଂପ୍ରସାରିତ କରିବାପାଇଁ ନାନା କାର୍ଯ୍ୟ ହେଉଛି । କେହି ପଦଯାତ୍ରାରେ ବାହାରି ଭାରତର ଦର୍ଶନ ଓ ସଂସ୍କୃତିକୁ ବ୍ୟାଖ୍ୟାନ କରୁଛି, କେହି ଆତ୍ମସେବୀ ଲୋକଙ୍କୁ ପରାର୍ଥେ ଜୀବନ ବିନିଯୁକ୍ତ କରିବାକୁ ନାନା ଅନୁଷ୍ଠାନ

Digitized by srujanika@gmail.com

ଗଢୁଛି । ବହୁ ଛାତ୍ରାବାସ, ସଦନ, ସଂଘ ନିର୍ମାଣ କରି ଲୋକେ ଏହି ଭାବକୁ ପ୍ରଚାର କରୁଛନ୍ତି ।

କିନ୍ତୁ ଓଡିଶାରେ ଗୋଟିଏ ଅଭୁତପୂର୍ବ ଆନ୍ଦୋଳନ ଇତିମଧ୍ୟରେ ଜନ୍ମ ନେଇଛି । ପ୍ରାଚୀନ ଭାରତର ଜୀବନ ନିର୍ବାହରେ ଏହାର ଅବଶ୍ୟ ଦୃଷ୍ଟାନ୍ତ ଅଛି । କିନ୍ତୁ ଏ ଯୁଗର ଯନ୍ତ୍ରକୌଶଳ ସମକ୍ଷରେ ଏଭଳି ଆନ୍ଦୋଳନର ମୂଳଭିତ୍ତି ଓ ଉଦ୍ଦେଶ୍ୟ ଯେ ସାର୍ଥକ ହୋଇଛି ଏହାର ସମ୍ୟକ୍ ବିଚାର କରିବା ଆବଶ୍ୟକ ।

ଟ୍ରାକ୍ଟର ଅଛି, ରୋଲର୍ ଅଛି, ସର୍କାରଙ୍କ ପି. ଡବଲ୍ୟୁ.ଡି. ବିଭାଗ ଅଛି । ଆଉ ନିର୍ଦ୍ଦିଷ୍ଟ ଗୋଟାଏ ସର୍ବହରା ଶ୍ରେଣୀ କୁଲି ମଜଦୁର ନାମରେ ଦେଶରେ ଉଠିଛନ୍ତି । ଆଦେଶ ଆସିବା ମାତ୍ରେ ରାସ୍ତା ତିଆରି ହୋଇଯାଏ, କିନ୍ତୁ ହେବାକୁ ବହୁ ବିଳମ୍ବ ହୁଏ । ରାସ୍ତା ତିଆରି କରୁଛନ୍ତି ସେହି ଦୀନ ଦରିଦ୍ର ଅଭୁକ୍ତ ଶ୍ରମିକ । ଏଭଳି ନିର୍ମାଣରେ ସେମାନଙ୍କର ଆନ୍ତରିକତା ନାହିଁ, ଦେଶପ୍ରୀତି ନାହିଁ, ଜନକଲ୍ୟାଣ ପାଇଁ ଶ୍ରମଦାନର ମର୍ଯ୍ୟାଦା ନାହିଁ । ଜୀବିକା ନିର୍ବାହର ଗୋଟାଏ ପନ୍ଥା ଭାବରେ ତାହା କାର୍ଯ୍ୟକାରୀ ହୁଏ ।

ଓଡିଶାର ଗ୍ରାମ ଗ୍ରାମାଞ୍ଚଳରେ ଶତ ଶତ ପଥ ପକାଇବା ପାଇଁ, ସହସ୍ର ମାର୍ଗ ନିର୍ମାଣ କରିବାପାଇଁ ଜନଶକ୍ତିର ଅଭାବ । ଏ ଜନଶକ୍ତି ଭିତରେ ଶିକ୍ଷିତ ବାବୁ - ଭାୟାଙ୍କର ଶକ୍ତିର ସଂଯୋଗ ଘଟିନାହିଁ । ପଙ୍ଗୁ ଗ୍ରାମବାସୀ ଘର ପିଣ୍ଡା ଉପରେ ବସି ଲୋକେ କାମ କରୁଥିବାର ଦେଖି ଆତ୍ମତୃପ୍ତି ପାଆନ୍ତି । କରୁଣାର ପାତ୍ର ଭାବରେ ସେମାନଙ୍କ ପ୍ରତି ଦୟନୀୟ ଭାବ ଦେଖାନ୍ତି ।

ଆଜି ଓଡିଶାରେ ଗୋଟିଏ ଆନ୍ଦୋଳନ ଦେଖାଦେଇଛି । ତାହା ଶତମାର୍ଗ ଆନ୍ଦୋଳନ । ଏହି ସଙ୍ଗଠନର ସୈନିକମାନେ ପଣ କରିଛନ୍ତି ସେମାନେ ଶତମାର୍ଗ ନିର୍ମାଣ କରିବେ । ଗ୍ରାମ ଗ୍ରାମ ଭିତରେ ସାମ୍ୟ, ମୈତ୍ରୀ ଓ ଉଦାର ବିଚାରଧାରା ଏହି ମାର୍ଗ ଆନ୍ଦୋଳନ ମଧ୍ୟ ଦେଇ ପ୍ରବାହିତ ହେବ । ଗୋଟିଏ ଗ୍ରାମର ଅଧିବାସୀ ଏହି ଆଗନ୍ତୁକ ପଥ ନିର୍ମାଣକାରୀମାନଙ୍କୁ ପୁଷ୍ପ ଚନ୍ଦନ ଦେଇ ପାଛୋଟି ନେଇ ସେମାନଙ୍କୁ ଏହି ମହତ୍ କାର୍ଯ୍ୟରେ ସର୍ବ ପ୍ରକାର ସାହାଯ୍ୟ ଦିଅନ୍ତି ।

Digitized by srujanika@gmail.com

ଏ ଯେଉଁ ଗ୍ରହଣ ଓ ଅଙ୍ଗୀକାର ତାହାରି ଭିତରେ ରହିଛି ଗ୍ରାମ୍ୟ ଜୀବନର ଅଭିବୃଦ୍ଧି । ଏହିପରି ମାର୍ଗ ଗଢି ଚାଲିବେ ଶତ ଶତ ଗ୍ରାମର ଯୁବକ, ଯେଉଁମାନଙ୍କର ପ୍ରାଣରେ ସରସ ଦେଶପ୍ରୀତି ଓ ଜନକଲ୍ୟାଣର ଅମୃତ ପ୍ରେରିତ ହେଉଛି । ଏଥି ଭିତରେ ରହିଛି ବହୁ ବିଭେଦର ବିଲୋପ, ବହୁ ସଂଘର୍ଷର ଅବସାନ । ଗ୍ରାମ୍ୟ ଅର୍ଥନୀତି ମଧ୍ୟ ଏହାଦ୍ୱାରା ପରିବର୍ତ୍ତିତ ହୋଇଯିବ । ପଥ ନିର୍ମାଣ ପରେ ତା'ର ରକ୍ଷଣାବେକ୍ଷଣର ଦାୟିତ୍ୱ ପଡେ ଗ୍ରାମବାସୀଙ୍କ ଉପରେ । ସେମାନେ ଆନନ୍ଦରେ ତାହା ଗ୍ରହଣ କରନ୍ତି ।

ଉତ୍ତେଜନା ଓ ନିୟନ୍ତ୍ରିତ ଉଦ୍ଦୀପନା ଲୋକର କର୍ମପ୍ରବଣତାକୁ ବଢାଏ । ଶଙ୍ଖ, ହୁଳହୁଳି ଭିତରେ ଗ୍ରାମଦାଣ୍ଡରେ ଏଭଳି ମହୋତ୍ସବ ଶିଶୁ ମନରେ ମହତ ଭାବ ସୃଷ୍ଟି କରେ। ସୁସ୍ଥ ନାଗରିକତାର ମୂଳପତନ ଏହି କାର୍ଯ୍ୟ ପର୍ଯ୍ୟାୟ ମଧ୍ୟ ଦେଇ ପଡେ ଏବଂ ତାହାର ଅଭ୍ୟୁଦୟ ସମ୍ଭବ ହୁଏ ।

ଏ ଆନ୍ଦୋଳନର କର୍ତ୍ତା କେହିନାହିଁ, ଏହାର ବିଚାର କେହି କରିନାହିଁ । ଏ' ଆସିଛି ଦେଶର ଆଦିମ ସଂସ୍କୃତି ଓ ପରମ୍ପରା ସୂତ୍ରରେ ମାନବର ମହାବୋଧିରୁ। ଆଜିଯାଏ ବିଦେଶୀ ଶାସନ ଓ ବୈଦେଶିକ ରୁଚି ଘେନି ଏହା ଉପରେ ଦୀର୍ଘକାଳ ଗୋଟାଏ ଆବରଣ ରହିଥିଲା । ସ୍ୱାଧୀନତାର ଉଜ୍ଜ୍ୱଳ ଆଲୋକରେ ଏହି କୁଜ୍‌ଝଟିକା ବିଦାୟ ନେଇଛି ।

ଶତମାର୍ଗ ଆନ୍ଦୋଳନ କେବଳ ଖୋରଧା ସବ୍‌ଡିଭିଜନରେ ଏ ପର୍ଯ୍ୟନ୍ତ ଚାଲୁ ରହିଛି । ଏହାର ନିୟନ୍ତ୍ରଣ ଭାର ନେଇଛନ୍ତି ଯୁବକକର୍ମୀ ରାଜ୍ୟ ବ୍ୟବସ୍ଥାସଭାର ସଭ୍ୟ ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ । ତାଙ୍କର ପ୍ରାଣସ୍ଫୂର୍ତ୍ତି ଓ ଜନତାର ସମ୍ମିଳିତ କର୍ମାବେଗ ଏହାକୁ ଏକ ବିଶିଷ୍ଟ ରୂପ ଦେଇଛି ।

ଓଡିଶାର ଜୀବନ ନାଟିକା ରହିଛି ତାହାର ସହର, ନଗର ଓ ଗ୍ରାମଗ୍ରାମାନ୍ତର ମଧ୍ୟଦେଇ ସୁଗମ ଯାତାୟତ ପଥ ଉପରେ । ବହୁ ସଂଖ୍ୟକ ପଥ ନିର୍ମିତ ହେଲେ ପଥଯାତ୍ରୀ ଅକ୍ଳେଶରେ ଦେଶର ଚାରିଆଡେ ବିଛେଇ ହୋଇଯିବେ । ତାହାଦ୍ୱାରା ସହଜ ସାମାଜିକତା, ପ୍ରଫୁଲ୍ଲ ଆତିଥେୟତା ଓ ନାନା ଭାବର ଆଦାନ ପ୍ରଦାନ

Digitized by srujanika@gmail.com

ସମ୍ଭବ ହେବ । ଏହିପରି ନାନା ସାଧୁ ଉଦ୍ଦେଶ୍ୟ ଘେନି ଏ ଆନ୍ଦୋଳନ ଆରମ୍ଭ ହୋଇଛି । ପୂର୍ବେ ଶୁଭବୁଦ୍ଧିରେ ପରିଚାଳିତ ହୋଇ ଲୋକେ ପଥପାର୍ଶ୍ୱରେ ବୃକ୍ଷରୋପଣ କରୁଥିଲେ, ସରକାର ଘର ସ୍ଥାପନ କରୁଥିଲେ, ତୃଷାର୍ତ୍ତ ପାଇଁ, ଗ୍ରୀଷ୍ମ ଋତୁରେ ଜଳଛତ୍ର ରଖୁଥିଲେ । ଏ ସବୁର ଉତ୍ସ ସେହି ମୈତ୍ରୀ ଭାବ ।

ଆଜି ଶତମାର୍ଗ ଆନ୍ଦୋଳନ ଓଡିଶାର ଏକ ପ୍ରାନ୍ତରେ କ୍ଷୀଣରୂପ ଧରି ଅଗ୍ରଗତି କରୁଛି । ଏହାର ବିପୁଳତାର ଉପଲବ୍ଧି ହୁଏତ ସମ୍ଭବ ହୋଇନାହିଁ । କିନ୍ତୁ ଭବିଷ୍ୟତରେ ଏହାର ପରିଚାଳନା ଓ ସଂଗଠନ କିପରି ହେବ, ତାହା କହି ହେଉନାହିଁ। ତେବେ ଏତିକି ଲକ୍ଷ୍ୟ କରାଯାଉଛି ଯେ ଏ ଆନ୍ଦୋଳନ ମୂଳରେ ଶତସହସ୍ର ପ୍ରାଣବନ୍ତ ଯୁବକଙ୍କର ଯେ ଶ୍ରମଦାନର ଅପୂର୍ବ ମନୋଭାବ ଦେଖାଯାଇଛି ତାହାହିଁ ଜନତାର କଲ୍ୟାଣ ପାଇଁ ଶତମାର୍ଗ ଆନ୍ଦୋଳନ ଭଳି ବହୁପ୍ରକାର ଅନୁଷ୍ଠାନ ସୃଷ୍ଟି କରିବ । ଈଶ୍ୱରଙ୍କର କରୁଣା ଓ ଦେଶବାସୀଙ୍କର ଶୁଭେଚ୍ଛା ଘେନି ଶତମାର୍ଗ ଆନ୍ଦୋଳନ ଯେପରି ଶତାୟୁ ହୁଏ ଏବଂ ଏହାର ସଂଗଠନରେ ଯେଉଁମାନେ ଉତ୍ସାହିତ ହୋଇ କାର୍ଯ୍ୟ କରୁଛନ୍ତି ସେମାନେ ଯେପରି ତ୍ୟାଗ ଓ ସେବାରେ ଅନ୍ୟର ଆଦର୍ଶସ୍ଥାନୀୟ ହୁଅନ୍ତି, ମୁଁ ତାହା ହିଁ କାମନା କରୁଛି । ଆମ୍ଭମାନଙ୍କର ଛୋଟ ଛୋଟ ହୃଦୟରେ ନିଖିଳ ଜନ-ଚେତନା ଜାଗ୍ରତ କରିବାକୁ ହେବ । ଆମ ସମସ୍ତଙ୍କର ସ୍ୱାର୍ଥ ରହିଛି । ଜୀବନଧାରଣ ପାଇଁ ମୌଳିକ ଭୋଗ୍ୟବସ୍ତୁର ଆବଶ୍ୟକତା ଅଛି । ତଥାପି ବୃହତ୍ତର ପରିପ୍ରେକ୍ଷୀରେ ଏ ସ୍ୱାର୍ଥ ବିଳାସକୁ ସୀମିତ ରଖି ସାମ୍ୟ, ସୌଜନ୍ୟ ଓ ବିଶ୍ୱପ୍ରୀତିରେ ନିଜକୁ ଉଦବୁଦ୍ଧ କରିବାକୁ ହେବ ।

ଶତମାର୍ଗ ଆନ୍ଦୋଳନ ଲୋକର ଶୁଭ ବୁଦ୍ଧି ଓ ସଂହତି ଉପରେ ଗଢି ଉଠିଛି । ଏହା ହିଁ ଏହାକୁ ଚିରନ୍ତନ କର୍ମଧାରା ରୂପେ ଶୋଭିତ କରିବ । ଶତମାର୍ଗର ସୈନ୍ୟବାହୀନୀକୁ ମୁଁ ନମସ୍କାର କରୁଛି । ସେମାନଙ୍କର ଜୟ ଯାତ୍ରା ପୁଷ୍ପାସ୍ତୃତ ହେଉ ଏବଂ ସେମାନଙ୍କର ଶୁଭ ହସ୍ତରେ ଧରିତ୍ରୀ ସୁନ୍ଦର ହେଉ ।

◆

Digitized by srujanika@gmail.com

ହେ ଶତମାର୍ଗ ନିର୍ମାଣ ସେନାବାହିନୀ

ଅଧ୍ୟାପକ ଶ୍ରୀ ପ୍ରହ୍ଲାଦ ପ୍ରଧାନ

ହେ ଶତମାର୍ଗ ନିର୍ମାଣ ସେନାବାହିନୀ,

ଆପଣମାନଙ୍କୁ ନମସ୍କାର । ଆପଣମାନେ ଆଜି ଶୁଭକାର୍ଯ୍ୟରେ ହାତ ଦେଇ ଅଛନ୍ତି । ଆଜି ଆପଣମାନେ ମାର୍ଗ ନିର୍ମାଣକୁ ବ୍ରତ ରୂପରେ ଗ୍ରହଣ କରିଛନ୍ତି, ତାହା କେତେ କଷ୍ଟ । "ଦୁର୍ଗଂ ପଥସ୍ତତ୍ କବୟୋ ବଦନ୍ତି ।" କବିମାନେ ତାକୁ ଦୁର୍ଗମ ପଥ ବୋଲି କହିଛନ୍ତି, କିନ୍ତୁ ଆପଣମାନେ କିଛି ଭ୍ରୂକ୍ଷେପ ନକରି ଅଗ୍ରସର ହେଉଛନ୍ତି, ସମସ୍ତ ବାସନା, ସମସ୍ତ ପୌରୁଷ, ଶୁଭମାର୍ଗରେ ବିନିଯୋଗ କରୁଛନ୍ତି । "ପୌରୁଷେଣ ପ୍ରୟଲେନ ଯୋଜନୀୟା ଶୁଭେ ପଥି" । ପୁରୁଷୋଚିତ ପ୍ରଯତ୍ନରେ ନିଜର ସମସ୍ତ ବାସନା, ସମସ୍ତ ଶକ୍ତି ଶୁଭ ମାର୍ଗ ନିର୍ମାଣରେ ବିନିଯୋଗ କରିବା ଉଚିତ୍; ଆପଣମାନେ ଏହା କରୁଛନ୍ତି । ପରନ୍ତୁ, ଏହି ମାର୍ଗ ନିର୍ମାଣ, ଆପଣମାନଙ୍କ ସୁକୃତର କାର୍ଯ୍ୟ ,"ଏଷ ବଃ ପନ୍ଥା ସୁକୃତସ୍ୟ ଲୋକେ ।" ଆପଣମାନଙ୍କ ଏହି ପନ୍ଥା ପୃଥିବୀରେ ସୁକୃତର କାର୍ଯ୍ୟ, ପୁଣ୍ୟର କାର୍ଯ୍ୟ, ଶତଶତ ଲୋକ ଏହାଦ୍ୱାରା ଉପକୃତ ହେବେ । ଆଜି ଲୋକେ କି କଷ୍ଟରେ ଅଛନ୍ତି, କି ଦୁଃଖ ଦାରିଦ୍ର୍ୟରେ ନିୟୋଜିତ ହେଉଛନ୍ତି, ଖାଇବାକୁ ନ ପାଇ କି ଯନ୍ତ୍ରଣା ଭୋଗୁଛନ୍ତି । କିନ୍ତୁ ଆପଣଙ୍କ ଏହି ପଥ ଦେଶକୁ

Digitized by srujanika@gmail.com

ସମୃଦ୍ଧ କରିବ, ଧନ ସମ୍ପତ୍ତି ଆଣିବ। "ପଥ ଆନକ୍ତି ମଧ୍ୱା ଘୃତେନ" ଆପଣଙ୍କ ଏହି ପଥ ମଧୁ ଓ ଘୃତ ଦ୍ୱାରା ଦେଶକୁ ପ୍ଲାବିତ କରିବ। "ବର୍ତ୍ମାନ୍ୱେଷା ମନୁରୀୟତେ ଘୃତମ୍" ଆପଣଙ୍କ ମାର୍ଗର ପଛେ ପଛେ ଘୃତ ଅନୁସରଣ କରିବ । "ପଥିଭିର୍ମଧୁମତ୍ତମୈଃ" ମାର୍ଗ ହେଉଛି ମଧୁଯୁକ୍ତ। ସେହି ମାର୍ଗ ଦ୍ୱାରା ଆପଣମାନେ ଦେଶର ଦୁଃଖ ଦୂର କରନ୍ତୁ । "ପଥା ମଧୁମତା ଭରନ୍" ମଧୁଯୁକ୍ତ ପଥଦ୍ୱାରା ଆପଣମାନେ ଦେଶବାସୀଙ୍କୁ ଭରଣ କରନ୍ତୁ। ଆପଣମାନଙ୍କ ନିର୍ମିତ ପଥ ଦେଇ ଦେଶକୁ ସମୃଦ୍ଧି ଆସୁ। "ପଥା ବାରୀବ ଧାବତୁ" ବନ୍ୟାର ବାରି ପରି ଏହି ମାର୍ଗ ଦେଇ ଧନ ସମୃଦ୍ଧି ଦେଶ ଭିତରକୁ ଧାବନ କରୁ। ଏଥିପାଇଁ ଆପଣମାନଙ୍କୁ ନମସ୍କାର।

ହେ ଶତମାର୍ଗର ନିର୍ମାଣ ସେନାବାହିନୀ, ଆପଣମାନେ ଦେବତା, ଆପଣମାନେ ଅଗ୍ନି। "ଅଗ୍ନି ର୍ବୈ ପଥିକୃତ" ଅଗ୍ନି ର୍ବୈ ପଥଃ କର୍ତ୍ତା।" ମାର୍ଗର ନିର୍ମାଣକର୍ତ୍ତା ହେଉଛନ୍ତି ଅଗ୍ନି। ଆପଣମାନେ ଅଗ୍ନିପରି ତେଜୀୟାନ୍, ଅଗ୍ନିପରି ଶକ୍ତିଶାଳୀ। ଆପଣମାନଙ୍କ ବାହୁରେ ଗୁରୁତର ବଳ ।

ଭରତ୍ ଯଦ ବିରତୋ ବେବିଜାନଃ
ପଥୋରୁଣା ମନୋଜବା ବ୍ୟସର୍ଜି
ତୂୟଂ ଯଯୌ ମଧୁନା ସୌମ୍ୟେ ନୋ-
ତ ଶ୍ରବୋ ବିବିଦେ ଶ୍ୟେନୋ ଅତ୍ର ।

ପ୍ରଣଶକ୍ତିର ପ୍ରାଚୁର୍ଯ୍ୟରେ ପ୍ରକମ୍ପମାନ ପକ୍ଷୀ ଗରୁଡ ସମସ୍ତଙ୍କୁ ଭରଣ ପୋଷଣ କରିବାକୁ ଯେତେବେଳେ ମନୋବେଗରେ ବିସ୍ତୃତ ପଥ ସୃଷ୍ଟିକଲା, ସୋମ ମଧୁରେ ଶୀଘ୍ର ଗମନ କଲା ଏବଂ ଏହିଠାରେ ପ୍ରଚୁର ଅନ୍ନ ମିଳିଲା, ସେହି ଗରୁଡର ବଳ ଆପଣଙ୍କ ବାହୁରେ, ଆପଣଙ୍କୁ ନମସ୍କାର ।

ଆପଣମାନେ ନିର୍ମାଣକାରୀ, ଆପଣମାନେ ଋଭୁକ୍ଷ- ।
ବି ନୋ ବାଜା ଋଭୁକ୍ଷଣଃ ପଥଶ୍ଚିତନ ଯଷ୍ଟବେ ।
ଅସ୍ମଭ୍ୟଂ ସୁରୟଃ ସ୍ତୁତାଃ ବିଶ୍ୱା ଆଶାସ୍ତରିଷଣି ॥

Digitized by srujanika@gmail.com

ହେ ଋଭୁକ୍ଷାଗଣ, ଆପଣମାନେ ବଳଶାଳୀ, ଆପଣମାନେ ସୁରି ଆପଣମାନଙ୍କୁ ସ୍ତୁତି କରୁଅଛି । ଆମେ ସବୁ ଆଶା, ସବୁ ଦିଗ ପାର ହେବାକୁ ଚାହୁଁ ଅଛୁ, ଆମକୁ ପଥ ଜଣାଇ ଦିଅ, ଆମକୁ ପଥ ଦିଅ ।

ଆପଣମାନେ ପୋଷଣକାରୀ, ଆପଣମାନେ ପୂଷା, ଆପଣମାନେ ଅର୍କ, ଆପଣମାନେ ମାର୍ଗ ମାର୍ଗର ପତି ।

ପ୍ରତମ୍ପଥଃ ପରିପତିଂ ବଚସ୍ୟା କାମେନ କୃତୋ ଅଭ୍ୟାନଳର୍କମ୍ ।
ସନୋ ରାସ୍ମଚ୍ଛୁରୁଧଶ୍ଚନ୍ଦ୍ରାଗା ଧିୟଂ ଧିୟଂ ସୀଷଧାତିପ୍ର ପୂଷା ॥

ପଥ ପଥର ପତି ଅର୍କ, ତାଙ୍କ ପାଖରେ ଆମର ସ୍ୱେଚ୍ଛାକୃତ ସ୍ତୁତି ପହଞ୍ଚୁ। ସେ ଆମକୁ ହିରଣ୍ୟଶୃଙ୍ଗ ଗାଇ ଦିଅନ୍ତୁ, ସେମାନେ ଆମର ଶୋକ, ଦୁଃଖଦୈନ୍ୟ ଦୂର କରିବେ । ପୂଷା ଆମର ବୁଦ୍ଧିକୁ ସତ୍ ପଥରେ ଚାଳିତ କରନ୍ତୁ । ଶତମାର୍ଗ ଆମକୁ ଏହିପରି ସମୃଦ୍ଧି ଆଣିଦେଉ, ଏହିପରି ବୁଦ୍ଧିର କଳୁଷତା ଦୂର କରୁ ।

ଶତମାର୍ଗ ସହିତ ଆମର ସମୃଦ୍ଧି, ଆମର ସୁଖ, ଆମର ଆନନ୍ଦ ଜଡ଼ିତ। ତାହାର ନିର୍ମାଣ କ'ଣ କମ୍ ଗୌରବର କଥା । ହେ ଶତମାର୍ଗର ନିର୍ମାଣକାରୀ, ଆପଣ କର୍ତ୍ତା, ଆପଣ ସ୍ୱୟଂ ଜ୍ୟୋତି ।

"ଅସ୍ୟ ଲୋକସ୍ୟ ସର୍ବାବତୋ ମାତ୍ରାମପାଦାୟ ସ୍ୱୟଂ ବିହତ୍ୟ ସ୍ୱୟଂ ନିର୍ମାୟ ସ୍ୱେନ ଭାଷା ସ୍ୱେନ ଜ୍ୟୋତିଷା ପ୍ରସ୍ୱପିତ୍ୟୟଂ ପୁରୁଷଃ ସ୍ୱୟଂ ଜ୍ୟୋତିର୍ଭବତି। ନ ତତ୍ର ରଥା ନ ରଥା ଯୋଗୋ ନ ପନ୍ଥା ନୋ ଭବତ୍ୟଥ ରଥାନ୍ ରଥ ଯୋଗାନ୍ ପଥଃ ସୃଜତେ, ନ ତତ୍ରାନନ୍ଦା ମୁଦଃ ପ୍ରମୁଦୋ ଭବନ୍ତ୍ୟଧାନନ୍ଦାନ୍ ମୁଦଃ ପ୍ରମୁଦଃ ସୃଜତେ ନ ତତ୍ର ବେଶାନ୍ତାଃ ପୁଷ୍କରିଣ୍ୟଃ ସ୍ତବନ୍ତ୍ୟ । ଭବନ୍ତ୍ୟଥ ବେଶାନ୍ତାନ୍ ପୁଷ୍କରିଣ୍ୟଃ ସ୍ରବନ୍ତୀଃ ସୃଜତେ ସହି କର୍ତ୍ତା ।"

ଆପଣମାନେ ଏହି ସମଗ୍ର ଲୋକର ଅଂଶକଳା ନେଇ ନିଜେ ଭାଙ୍ଗି ନିଜେ ନିର୍ମାଣ କରି ନିଜର ଦୀପ୍ତିରେ ନିଜର ଜ୍ୟୋତିରେ ଉଦ୍‌ଭାସିତ, ଏଣୁ ସ୍ୱୟଂ ଜ୍ୟୋତି। ଯେଉଁଠାରେ ରଥ ନଥିଲା, ଶଗଡ ନଥିଲା, ମାର୍ଗ ନଥିଲା, ସେଠାରେ ରଥ, ଶଗଡ, ମାର୍ଗ ସୃଷ୍ଟି କଲେ । ଯେଉଁଠାରେ ଆମୋଦ ପ୍ରମୋଦ ନଥିଲା, ସେଠାରେ ଆନନ୍ଦ

Digitized by srujanika@gmail.com

ପ୍ରମୋଦ ସୃଷ୍ଟି କଲେ । ଯେଉଁଠାରେ ଜଳାଶୟ, ପୁଷ୍କରିଣୀ କିଛି ନଥିଲା, ସେଠାରେ ଜଳାଶୟ ପୁଷ୍କରିଣୀ ସୃଷ୍ଟି କଲେ । ହେ ଶତମାର୍ଗର ନିର୍ମାଣବାହିନୀ, ଆପଣମାନେ ସୃଷ୍ଟିକର୍ତ୍ତା ।

ଆପଣମାନଙ୍କ ଏହି ଶତମାର୍ଗରେ ଦେବତାମାନେ ଆସିବେ ଓ ଆପଣମାନଙ୍କୁ ଦେବଲୋକକୁ ନେଇଯିବେ ।

"ସ ଏବଂ ଦେବଯାନଂ ପନ୍ଥାନମାପଥାଗ୍ନି ଲୋକମାର୍ଗ ସ ବାୟୁଲୋକଂ ସ ଆଦିତ୍ୟଲୋକଂ ସ ବରୁଣଲୋକ ସ ଇନ୍ଦ୍ରଲୋକଂ ସ ପ୍ରଜାପତିଲୋକଂ ସ ବ୍ରହ୍ମଲୋକମ ।"

ଯେ ଏହି ଦେବଯାନ ପନ୍ଥା ନିର୍ମାଣ କଲେ ସେ ଅଗ୍ନିଲୋକକୁ ଆସେ, ସେ ବାୟୁଲୋକକୁ ଆସେ ଆଦି ଲୋକକୁ, ବରୁଣ ଲୋକକୁ ଆସେ, ଇନ୍ଦ୍ରଲୋକକୁ ଏହି ସବୁ ଲୋକରେ ଆପଣମାନଙ୍କ ସ୍ଥାନ ଆଗରୁ ରଖା ହୋଇଅଛି । ପ୍ରଜାପତି ଲୋକକୁ ବ୍ରହ୍ମଲୋକକୁ ଆସେ ।

ହେ ଯଶସ୍ୱୀ ସୈନିକଗଣ, ଏହି ଶତମାର୍ଗ ଆପଣମାନଙ୍କ ଯଶ । "ପଥା ନୋ ଯଶ ଆବହ" । ଏହି ମାର୍ଗ ଦେଇ ଆପଣମାନେ ଯଶ ଆଣନ୍ତୁ । ଆପଣମାନଙ୍କୁ ମୋର ନମସ୍କାର । "ପଥୀନାଂ ପତୟେ ନମଃ ।" ହେ ଶତପଥ ପତି ଆପଣଙ୍କୁ ନମସ୍କାର । ନମଃ ସ୍ରୁତ୍ୟାୟ ଚ ପଥ୍ୟାୟ ନମଃ କାଟ୍ୟାୟଚ । (ନମଃ କୁଲ୍ୟାୟ ଚ ସରସ୍ୟାୟ ନ ନାଦେୟାୟ ଚ ବୈଶନ୍ତାୟ ଚ) ।

ସ୍ରୁତି ବା କ୍ଷୁଦ୍ର ମାର୍ଗର ନିର୍ମାଣକର୍ତ୍ତା, ଆପଣ ନମସ୍କାର ପନ୍ଥା ବା ବଡ ମାର୍ଗର ନିର୍ମାଣକର୍ତ୍ତା, ଆପଣଙ୍କୁ ନମସ୍କାର । କାଟ ବା ବିଷମ ମାର୍ଗର ନିର୍ମାଣକର୍ତ୍ତା ଆପଣଙ୍କୁ ନମସ୍କାର । (ଆପଣ ଜଳର ମାର୍ଗକୁଳ କେନାଲ) ନିର୍ମାଣ କରୁଛନ୍ତି, ଆପଣଙ୍କୁ ମୋର ପ୍ରଣାମ । ଆପଣ ସରୋବର ନିର୍ମାଣ କରୁଛନ୍ତି । ଆପଣଙ୍କୁ ମୋର ପ୍ରଣାମ, ଆପଣ ନଦୀ ନିର୍ମାଣ କରୁଛନ୍ତି, ଆପଣଙ୍କୁ ମୋର ପ୍ରଣାମ । ହେ ଶତମାର୍ଗର ନିର୍ମାଣସେନାବାହିନୀ, ଆପଣଙ୍କୁ ମୋର ସହସ୍ର ପ୍ରଣାମ ।

◆

Digitized by srujanika@gmail.com

ଶତମାର୍ଗର ସଙ୍କେତ

ଅଧ୍ୟାପକ ଗୌରୀକୁମାର ବ୍ରହ୍ମା

'**ଶତ**' ଓ 'ମାର୍ଗ', ଏ ଦୁଇଟିର ଅର୍ଥ ଉପରେ ଶତମାର୍ଗ ଆନ୍ଦୋଳନର ସଂକେତ ନିର୍ଭର କରେ । 'ମାର୍ଗ'ର ମୂଳ ଅର୍ଥ ହେଉଛି ଶୁଦ୍ଧ ହୋଇଥିବା, ପରିଷ୍କୃତ ହୋଇଥିବା ଅର୍ଥାତ୍ ଆମକୁ ଏକ ସ୍ଥାନରୁ ଅନ୍ୟ ସ୍ଥାନରେ ପହଞ୍ଚାଇ ଦେବା ଲାଗି ସଫା ହୋଇଥିବା ଭୂମି । ପୁଣି, ଶତ କହିଲେ, ଶହେ ନୁହେଁ । ଏହାର ଅର୍ଥ ଅନେକ, ବହୁତ, ବହୁସଂଖ୍ୟକ ଇତ୍ୟାଦି। ପଦ୍ମକୁ 'ସହସ୍ର ପତ୍ର' କୁହାଯାଏ ଓ 'ଶତପତ୍ର' ମଧ୍ୟ କୁହାଯାଏ । ପ୍ରତ୍ୟେକ ସ୍ଥଳରେ 'ଶତ'ର ଅର୍ଥ ଯଦି ଏକଶହ ହୁଅନ୍ତା ତେବେ ଗୋଟିଏ ପଦ୍ମଫୁଲକୁ ହୁଏତ ସହସ୍ରପତ୍ର ନ କହି, ଦଶଟି ପଦ୍ମଫୁଲକୁ ହୁଏତ 'ସହସ୍ରପତ୍ର' କୁହାଯାଆନ୍ତା । ସୁତରାଂ, ଶତମାର୍ଗ କହିଲେ ଆକ୍ଷରିକ ଅର୍ଥରେ ଯେପରି ବହୁ ମାର୍ଗକୁ ବୁଝାଏ, କ୍ଷଣିକ ଅର୍ଥରେ ଏହି ଶବ୍ଦ ସେହିପରି ଜାତୀୟ ଜୀବନର ଉନ୍ନତି ବିଧାୟକ ନାନା ପ୍ରକାର ଉଦ୍ୟମକୁ ବୁଝାଇଥାଏ ।

'ମିତ୍ରଲାଭ' ରେ ଯେତେବେଳେ - ଶତଦ୍ୱାର ବିବରଂ କଥା ପଢାଯାଏ, ମନେହୁଏ, ଏହି ଶତଦ୍ୱାରର ଲକ୍ଷ୍ୟ ଥିଲା ବିପତ୍ତିରୁ ଆତ୍ମରକ୍ଷା, ବିଭିନ୍ନ ସ୍ଥଳକୁ ଅବାଧ ସଞ୍ଚାର ଏବଂ ସ୍ୱଶକ୍ତିର ପ୍ରକାସ ଓ ବିଳାଶ, ମିତ୍ରଲାଭର ଅମରସ୍ରଷ୍ଟା ପଶୁପକ୍ଷୀ

Digitized by srujanika@gmail.com

ଜୀବନରେ ଏହିଭଳି ଅନେକ ବୁଦ୍ଧିର ବିଳାସ ଓ ବିକାଶ ପ୍ରକାଶ କରିଥିଲେ ହେଁ ତାହା ପ୍ରକୃତରେ ମହାବୁଦ୍ଧିଶାଳୀ ମାନବ ସମ୍ପ୍ରଦାୟର ଅଳ୍ପ ବୁଦ୍ଧିସମ୍ପନ୍ନ ଲୋକଙ୍କ ଉଦ୍ଦେଶ୍ୟରେ ଲିଖିତ । ମାନବ ସଭ୍ୟତା ଯୁଗେ ଯୁଗେ ଗମନାଗମନ ମାର୍ଗର ସରଳତା ଓ ବହୁଳତା ଉପରେ ପ୍ରତିଷ୍ଠିତ ହୋଇଆସିଛି । ବେଦରେ ଇନ୍ଦ୍ରାଦି ଦେବତା - 'ଆୟସୀ' - 'ବର୍ମ୍ମ' (ଲୁହାଧାରଣା) ଉପରେ ନିଜର ଯାନ ଚଳାଇବା କଥା ଲେଖା ଅଛି । କୌଣସି ଶାସକ ନିଜ ରାଜ୍ୟର ସମସ୍ତ ଅଞ୍ଚଳକୁ ସୁଗମ ମାର୍ଗରେ ସଂଯୁକ୍ତ କରି ରଖି ନ ପାରିଲେ, ତାହାର ରାଜ୍ୟ ହୁଏ ବିପନ୍ନ । ଆମର ଗୋଟାଏ ପ୍ରବଚନ ଅଛି - 'ପାଣିବାଟ' । ମଣିଷ ଆଉ କୁଆଡେ ଯାଉ ବା ନ ଯାଉ ପାଣି ଆଣିବାକୁ ଜଳାଶୟକୁ ଅବଶ୍ୟ ଯିବ, ନିତ୍ୟ ଓ ନିୟତ ଭାବରେ ପାଣି ଆଣିବାକୁ ଯିବା ଫଳରେ ଜଳାଶୟଟି ଦୂର ପରି ଲାଗେନାହିଁ । ଏହି ମର୍ମ ଉପରେ, ଅପେକ୍ଷାକୃତ ଦୂରବର୍ତ୍ତୀ ସ୍ଥାନର ସମୀପ ବର୍ତ୍ତିକା ସୂଚାଇବା ପାଇଁ ଲୋକମୁଖରେ ଫୁଟି ଉଠିଲା "ସେ ତ ଆମ ଗାଁକୁ ବେଶୀ ବାଟ ନୁହେଁ, ସେ ତ ଆମର ପାଣିବାଟ" । ଜୀବନଧାରଣର ମୁଖ୍ୟ ଅଙ୍ଗ ଜଳ ଲାଗି ଗୋଟିଏ ମାର୍ଗ ଗ୍ରାମ୍ୟ ଜୀବନରେ କେତେଦୂର ଓ କିପରି ଆବଶ୍ୟକ, ତାହା ଏହି ପ୍ରବଚନରେ ମୂର୍ତ୍ତିମନ୍ତ ହୋଇରହିଛି । ଗୋଟିଏ ମାର୍ଗରେ ଯଦି ଜୀବନର ଏହିଭଳି ସଂପର୍କ, ତେବେ ଶତମାର୍ଗରେ ସେ ସମ୍ପର୍କର କଥା, କଥାରେ କହିହେବ ନାହିଁ ।

'ଶତମାର୍ଗ ଆନ୍ଦୋଳନ' ଶତ ଚିନ୍ତାର ପ୍ରତୀକ, ସହସ୍ର କଳ୍ପନାର ବାହକ, ନାନା ସ୍ୱପ୍ନର ସାର୍ଥକତା ଲାଗି ସୋପାନ ସ୍ୱରୂପ । ଏହାର ବିଶେଷତ୍ୱ ଲୋକଙ୍କ ସହଯୋଗିତାରେ ମାର୍ଗ ନିର୍ମାଣ । ବିରାଟ ପୁରୁଷଙ୍କର ପରିକଳ୍ପନାରେ ବେଦରେ 'ସହସ୍ର ଶୀର୍ଷା ପୁରୁଷ'ର କଥା ଉଲ୍ଲେଖ ଅଛି । ଅର୍ଥ ସରଳ ଏହି ବେଦବାକ୍ୟାଂଶର ବ୍ୟଞ୍ଜନା ଆଜିର ରାଜନୀତିରେ ମଧ୍ୟ ଅନୁଭବ କରିହେବ । ଆଜି ଦେଶର ଶାସନ ଜଣେ ପୁରୁଷ ବା ବ୍ୟକ୍ତି କୈନ୍ଦ୍ରିକ ନୁହେଁ, ଏହା ଦେଶର ସହସ୍ର ସହସ୍ର ନାଗରିକଙ୍କ ଉପରେ, ନୀତି ଦୃଷ୍ଟିରୁ ପ୍ରତିଷ୍ଠିତ ପ୍ରାଣୀମାନଙ୍କ ଦେହରେ ନିବାସ କରୁଥିବାରୁ

Digitized by srujanika@gmail.com

ପରମାତ୍ମାଙ୍କୁ ମଧ୍ୟ ପୁରୁଷ କୁହାଯାଏ । ଦେଶର ଜନଶକ୍ତି ବା ସାର୍ବଭୌମ ଶକ୍ତି, ଏ ଗଣ-ଭୋଟ ଯୁଗରେ, ଦେଶର ନାଗରିକଙ୍କ ଠାରେ ପ୍ରତିଷ୍ଠିତ ଥିବାରୁ, ପୁରୁଷ କହିଲେ ଯେପରି ସାର୍ବଭୌମ ରାଜଶକ୍ତି ପ୍ରତିଧ୍ୱନିତ ହୁଏ, ସେହିପରି, ସେହି ଶକ୍ତିର ସଂଗଠନ ଓ ସୁପ୍ରତିଷ୍ଠା ଲାଗି ଶକ୍ତିସଂପନ୍ନ ଜନତାର ଅପରିହାର୍ଯ୍ୟ ଦାୟିତ୍ୱ ଅଭିବାଞ୍ଛିତ ହୁଏ ।

ଶତମାର୍ଗ ଆନ୍ଦୋଳନ ଏ ଦେଶରେ ଏକାନ୍ତ କାମ୍ୟ, ଲୋକଙ୍କର ଶକ୍ତିର ଅଭାବ ନାହିଁ । ଉତ୍ସାହର ଅଭାବ ନାହିଁ । ଆବେଗର ଅଭାବ ନାହିଁ । ଅଭାବ ରହିଛି ଉଦ୍‌ବୋଧନ ଶକ୍ତିର । ସଂଗଠନ ଶକ୍ତିର । ଦେଶକୁ ଗତିଶୀଳ କରିବାକୁ ହେଲେ ଲେକଙ୍କର ସେହି ଉତ୍ସାହ ଶକ୍ତିକୁ ଉଦ୍‌ବୋଧିତ କରିବାକୁ ପଡିବ । ଭାରତୀୟ ରାଜନୀତି – ସାହିତ୍ୟରେ 'ମନ୍ତ୍ରଶକ୍ତି' ପରି 'ଉତ୍ସାହ ଶକ୍ତି' ମଧ୍ୟ ବିଶେଷ ଆବଶ୍ୟକ । ଏ ଯେଉଁ ମାର୍ଗ ନିର୍ମାଣର ପରିକଳ୍ପନା କରାଯାଇଛି, ସୀମିତ ଦୃଷ୍ଟିରେ, ଏ ହୁଏତ କେବଳ ନାନା ପଥ, ନାନା ମାର୍ଗର ନିର୍ମାଣକୁ ବୁଝାଇ ଥାଏ, କିନ୍ତୁ ଟିକିଏ ଚନ୍ତାପୂର୍ଣ୍ଣ ଦୃଷ୍ଟିରେ ଦେଖିଲେ ଏ ଶତମାର୍ଗ ହେବ ଜାତୀୟ ଉନ୍ନତିର, ବହୁତ ଉତ୍କର୍ଷର ସାଧନ ଓ ସିଦ୍ଧିର ପଥ । ଅଙ୍କଶାସ୍ତ୍ରରେ 'ଦୁଇ'ରେ 'ଦୁଇ' ମିଶିଲେ ହୁଏତ 'ଚାରି' ହେବ - ତହିଁରୁ ଟିକିଏ ଉଣା ବା ଅଧିକ ହେବନାହିଁ, କିନ୍ତୁ ସଂସ୍କୃତି ରାଜ୍ୟରେ ସମାଜ-ଚେତନା କ୍ଷେତ୍ରରେ, ଅର୍ଥନୈତିକ ସଂଗଠନ ପ୍ରସଙ୍ଗରେ ଦୁଇ ରେ ଦୁଇ ଯୋଗ କଲେ ହୁଏତ ଚାରିଗୁଣ ହୋଇପାରେ । ଦୁଇ ଗାଁର ଦୁଇଟି ବୁଦ୍ଧିମାନ ଓ ଚିନ୍ତାଶୀଳ ବ୍ୟକ୍ତି ପରସ୍ପର ଠାରୁ ବିଚ୍ଛିନ୍ନ ହୋଇ କେବଳ ଚିନ୍ତାରେ ବ୍ୟସ୍ତ ଥାଇପାରନ୍ତି । ଦୁହିଁଙ୍କର ପରସ୍ପର ମିଳନର ମାର୍ଗ ସହଜ ଓ ସରଳ ହେଲେ ସେମାନେ କେବଳ ଦୁଇଗୁଣ ଚିନ୍ତା କରିବେ ନାହିଁ । ବରଂ ଏଭଳି କିଛି ଗୋଟାଏ ଅନୁଷ୍ଠାନ ପ୍ରତିଷ୍ଠା କରିବେ, ଯାହା ଦେଶ ଓ ଦଶର ଉପକାର ସାଧନ କରିବ । ପୁରାଣରେ ରାକ୍ଷସ ମାନଙ୍କର ବହୁହସ୍ତ, ବହୁଶିରର ବର୍ଣ୍ଣନା ଅଛି । ସେ ଗୁଡିକୁ ରୂପକ ବର୍ଣ୍ଣନା ବୋଲି ଧରାଗଲେ ସେମାନଙ୍କର ବହୁଶକ୍ତିର ପରିଚୟ ହିଁ ତହିଁରୁ ମିଳିବ । ଶତମାର୍ଗ

Digitized by srujanika@gmail.com

ଆନ୍ଦୋଳନରେ ଠିକ୍ ସେହିକଥା । କେବଳ ବାଣିଜ୍ୟ ବ୍ୟବସାୟ ନୁହେଁ କିମ୍ବା ସାମାଜିକ ସଂଗଠନ ପ୍ରତିଷ୍ଠା ଲାଗି ନୁହେଁ, ବୁଦ୍ଧିର, ବିଚାରର, ଶିକ୍ଷା ଓ ସଂସ୍କୃତିର ଆଦାନ-ପ୍ରଦାନ ଲାଗି, ବିତରଣ ଓ ବିନିମୟ ଲାଗି ଏହି ଆନ୍ଦୋଳନ ହେବ ଏକ ବିରାଟ ଜାତିର ସଂଗଠନର ଭିତ୍ତିଭୂମି । ଏ ଉଦ୍ୟମର ସଫଳତା ସମସ୍ତଙ୍କର କାମ୍ୟ, ଏ ଚିନ୍ତାର ପରିପୂର୍ଣ୍ଣତା ସମସ୍ତଙ୍କର ଧେୟ ଓ ଉତ୍ସାହର ଅଖଣ୍ଡ ବିକାଶ ସମସ୍ତଙ୍କର ଶ୍ରେୟ ।

'ସତ୍ୟମେବ ଜୟତେ'

Digitized by srujanika@gmail.com

ଆଗାମୀ ଯୁଗର ସ୍ରଷ୍ଟା

ପ୍ରଫେସର ଡକ୍ଟର ରାଧାନାଥ ରଥ

ଆଦିମ ଯୁଗରୁ ଆଜିଯାଏ ଲହୁ ଲୁହ ଢାଳି ଯେଉଁମାନେ ଏହି ପୃଥିବୀକୁ ନିଜ ବାହୁ ବଳରେ ଓଲଟ ପାଲଟ କରି ଯାଇଛନ୍ତି - ଶୁଷ୍କ ମରୁଭୂମିରେ ହଜାର ହଜାର ମହଣ ଓଜନର ପଥରରେ ବିରାଟ ପିରାମିଡ, ସମୁଦ୍ରର ଲହରୀ ଭିତରେ ନଭଶ୍ଚୁମ୍ବୀ ସୂର୍ଯ୍ୟମନ୍ଦିର, ଜନହୀନ ମରୁଭୂମିରେ କୃତ୍ରିମ ସମୁଦ୍ର, ଖରସ୍ରୋତା ନଦୀ ବକ୍ଷରେ ବିଶାଳକାୟ ସେତୁବନ୍ଧ ବାନ୍ଧୁଛନ୍ତି। ସେମାନଙ୍କର ସୁଖ ଦୁଃଖ ଭାବନା, ଚିନ୍ତା ଇତିହାସରେ ଲିପିବଦ୍ଧ ହୋଇ ପାରିନାହିଁ । ସେମାନଙ୍କର ପ୍ରସ୍ତରୀଭୂତ ଅସ୍ଥି ସ୍ତୁପୀକୃତ ଭାବରେ ଜମିଯାଇଛି । ରକ୍ତର ନଦୀ ଜମାଟ ବାନ୍ଧି ରହିଛି । ସେମାନଙ୍କର ହତଭାଗ୍ୟ ସ୍ତ୍ରୀ ପିଲାଙ୍କର କ୍ରନ୍ଦନ ଯୁଗ ଯୁଗ ଧରି କରୁଣ ସ୍ୱରରେ ଗଗନ ପବନରେ ଥରି ଉଠୁଛି ସତ କିନ୍ତୁ ଇତିହାସରେ ତାର ପରିଚୟ ରହିପାରିନାହିଁ। କାରଣ ଯେ ଇତିହାସ ଲେଖିଛି ତାର ଏମାନଙ୍କ ସହିତ କୋଣସି ପରିଚୟ ନାହିଁ। ଏମାନଙ୍କୁ ଯେ ଗାଇଗୋରୁ ପରି ଅଡାଇ କାମ କରାଇଛି ସେହିମାନଙ୍କ ଠାରୁ ସ୍ୱର୍ଣ୍ଣମୁଦ୍ରା ପାଇ ଐତିହାସିକ ସମାଜର ଇତିହାସ ଲେଖିଛି। ତେଣୁ ତାଜମହଲ ନିର୍ମାଣକର୍ତ୍ତାଙ୍କର କବିପ୍ରତିଭା, ଅଶ୍ରୁତପୂର୍ବ ଯଶ, ପ୍ରେମର ସମାଧି, ତାଜମହଲର ମର୍ମରେ ଗ୍ରନ୍ଥି ହୋଇ ରହିଥିବା ପ୍ରେମିକର ଅଶ୍ରୁଜଳ ବିଷୟରେ ଯେଉଁମାନେ ଶତମୁଖ ହୋଇ କବିତା ରଚନା କରିଛନ୍ତି, ଇତିହାସ ପ୍ରଣୟନ କରିଛନ୍ତି, ସେମାନଙ୍କ ପ୍ରାଣକୁ ଶିଳ୍ପୀର

Digitized by srujanika@gmail.com

ଅଶ୍ରୁ, ଶ୍ରମିକର ବେଦନା, ଶ୍ରମିକ ପତ୍ନୀର ବ୍ୟର୍ଥ ଅଶ୍ରୁ ସ୍ପର୍ଶ କରିପାରିନାହିଁ । କାମ କରିବା ଲୋକ ଯୁଗ ଯୁଗ ଧରି କାମ କରି କଚ୍ଛପ ହୋଇ ଯାଇଛି କିନ୍ତୁ ଭୋଗ କରିବା ଲୋକ ଭୋଗ କରିଯାଇଛି ଏବଂ ଇତିହାସ ସେହି ଭୋଗୀମାନଙ୍କର ଗୁଣାବଳୀରେ ପୂର୍ଣ୍ଣ, ଯେ ଯେତେ କମ୍ କାମ କରିଛି ସେ ସେତେ ବେଶୀ ବଡ ହୋଇଛି । ଇତିହାସରେ ସେ ସେତେବେଶୀ ଚହଲ ପକାଇ ପାରିଛି । ବର୍ତ୍ତମାନ ସୁଦ୍ଧା ମନୁଷ୍ୟ ସମାଜ ଏ ପ୍ରକାର ଭାଣ୍ଡାମିକୁ ସଂପୂର୍ଣ୍ଣ ଭାବରେ ଛାଡିପାରିନି । ସମୟ ସମୟରେ ଯେଉଁମାନେ ଏହି ଭାଣ୍ଡାମୀର ବିରୁଦ୍ଧରେ ଠିଆ ହୋଇଛନ୍ତି, ସେହିମାନଙ୍କ ଭିତରୁ ଅନେକେ ପୁଣି ସେହି ଜାଲରେ ପଡିଯାଇଛନ୍ତି । ଯେଉଁମାନଙ୍କ ପାଇଁ ଲଢନ୍ତି ସେହିମାନଙ୍କର ଲୁହ ଲହୁ ଭରା ସମୁଦ୍ରରେ ପହଁରି ଯେତେବେଳେ ନୂତନ ଦେଶର କୂଳରେ ପହଞ୍ଚନ୍ତି ସେଠାରେ ପୁଣି ସେହିମାନଙ୍କର ଅସ୍ଥି ସ୍ତୁପ ଉପରେ ଠିଆ ହୋଇ ନିଜପାଇଁ ଇତିହାସ ସୃଷ୍ଟି କରାନ୍ତି । ଅଗଣିତ ଜନମାନବର ତ୍ୟାଗ ଉପରେ ଗଢା ହୋଇଥିବା ତାଜମହଲ ତାଙ୍କର ଯଶୋଗାନ କରେ ଏବଂ ଏମାନଙ୍କ ପାଇଁ କାଁ ଭାଁ ଖଣ୍ଡେ ଅଧେ ପଥର 'ଅଜ୍ଞାତ ସୈନିକ'ର କବର ରୂପରେ ଲକ୍ଷ ଲକ୍ଷ ନରନାରୀଙ୍କର ତ୍ୟାଗକୁ ଉପହାସ କଲାପରି ଠିଆ ହୋଇଥାଏ ମାତ୍ର । ଏହି ପଥର ଖଣ୍ଡି ଗୁଡ଼ିକର ସଂଖ୍ୟା ହିସାବ କଲେ ମଧ୍ୟ ପୃଥିବୀ ପୃଷ୍ଠର ସୂଚ୍ୟଗ୍ର ପରିମିତ ପ୍ରତ୍ୟେକ ମାଟି ବିନ୍ଦୁ ସ୍ମୃତି ସ୍ତମ୍ଭରେ ପୂରି ଉଠିବ । ତଥାପି ତାର ଚିତ୍ର ଇତିହାସ ପୃଷ୍ଠାରେ ଅଙ୍କିତ ହୋଇପାରିନାହିଁ ।

ଏହି ବିରାଟ ଐତିହାସିକ ମିଥ୍ୟା ଓ ଅତୀତ ସଭ୍ୟତାର ନିର୍ଲ୍ଲଜ ଶଠତା ବିରୁଦ୍ଧରେ ଅଭିଯାନ ଆରମ୍ଭ କରିଛି ବିଂଶ ଶତାବ୍ଦୀର କର୍ମ କଠୋର ଉଦ୍ଧୀୟାନ ଜନତା । ସାରା ପୃଥିବୀର ଉଗ୍ର ଓ ଜାଗ୍ରତ ଜନଶକ୍ତି ଅଦମ୍ୟ ସାହସ ଓ ଅଦମନୀୟ କ୍ଷମତା ସହ ନୂତନ ରୂପରେ ଇତିହାସ ସୃଷ୍ଟି କରିଛି । ଯେଉଁ ଇତିହାସର କ୍ରୁର ରଥଚକ୍ର ତଳେ ନିଜର ବକ୍ଷ ପାତି ରାଜପଥ ତିଆରି କରୁଥିଲା ଆଜି ସେହି ନିଦାରୁଣ ରଥ ଶ୍ରମିକର ମାଂସପେଶୀରେ ଚୂରମାର ହୋଇଯାଇଛି । ସାମାଜିକ ପ୍ରଗତି, ସଂସ୍କୃତିକ ଅଗ୍ରଗତି ଲାଗି ଆଉ ମନୁଷ୍ୟର ଲହୁ ଦରକାର ନାହିଁ – ଦରକାର ତାର

Digitized by srujanika@gmail.com

ବୁଦ୍ଧି ଓ ଆଙ୍ଗୁଠିର ସୂକ୍ଷ୍ମ କୌଶଳ, ନୂତନ ମାନବୀୟ ମୂଲ୍ୟବୋଧ ଓ ନୂତନ ସମାଜବାଦୀ ସହଯୋଗ ଯୋଗୁଁ ପ୍ରକୃତିର ଅଶ୍ରୁତପୂର୍ବ ଦୁର୍ଦ୍ଦାମ ଜଡଶକ୍ତି ମନୁଷ୍ୟ ହାତରେ ଆସି ପଡିଛି । ମନୁଷ୍ୟର ଜୀବନ୍ତ ଦେହ ଆଜି ଐତିହାସିକ ରାଜପଥର ଉପାଧାନ ପରିବର୍ତ୍ତେ ତାର ସଚେତନ ନିୟାମକ । ଫଳରେ ଭବିଷ୍ୟତର ନିତ୍ୟ ନୂତନ ପଥରେ ବିଜୟ ମଣ୍ଡିତ ବୀର ହିସାବରେ ଆଗେଇବା ତା ପକ୍ଷରେ ସମ୍ଭବ ହୋଇପାରିଛି । ପ୍ରାକୃତିକ ଶକ୍ତି ସାହାଯ୍ୟରେ ପ୍ରକୃତିକୁ ଅତି ଅଳ୍ପ ସମୟ ଭିତରେ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ସ୍ୱଇଚ୍ଛାରେ ପୁନର୍ଗଠିତ ଓ ମୁହୁର୍ମୁହୁ ପରିବର୍ତ୍ତିତ କରିପାରିବା ସାଙ୍ଗେ ସାଙ୍ଗେ ସୃଷ୍ଟିର ରହସ୍ୟ ଉଦଘାଟିତ କରିବା ମନୁଷ୍ୟ ପକ୍ଷରେ ଆଜି ସମ୍ଭବ । ଏଥିରେ କ୍ରୀତଦାସର କଳ୍ପନାତୀତ ମର୍ମନ୍ତୁଦ ଆର୍ତ୍ତନାଦ କିମ୍ବା ପାଶବିକ ଯନ୍ତ୍ରଣା ନାହିଁ - ଇନ୍ଦ୍ରଦ୍ୟୁମ୍ନର ଆତ୍ମସନ୍ତୋଷ ଓ ସାମାଜିକ ଯଶ ଲାଗି ନିଜକୁ କଚ୍ଛପ କରିବା ଦରକାର ନାହିଁ - କାମ ଭିତରେ ସେ ଆଜି ଅନୁଭବ କରିପାରୁଛି ସ୍ରଷ୍ଟାର ଆନନ୍ଦ ଓ ମାନବତ୍ୱର ବିକାଶ ।

ମନୁଷ୍ୟର ଅପରିସୀମ କ୍ଷମତା ଓ ତାର ଅନ୍ତର୍ନିହିତ ଶକ୍ତିର ଆଧ୍ୟାତ୍ମିକ ପରିପୂର୍ଣ୍ଣତା ଏହି ଯୁଗରେ ହିଁ ସମ୍ଭବ । ତାର ନିଦର୍ଶନ ଗତ ଦଶବର୍ଷର ଅଲୌକିକ କାର୍ଯ୍ୟାବଳୀରେ ପ୍ରମାଣିତ ହୋଇଯାଇଛି । କିନ୍ତୁ ପ୍ରତ୍ୟେକ ଦେଶର ପ୍ରତ୍ୟେକ ଲୋକକୁ ଏହି ସୋପାନରେ ପହଞ୍ଚିବାକୁ ହେଲେ ତାକୁ ପ୍ରଥମେ ବହୁ ପରିଶ୍ରମ କରିବାକୁ ହେବ । ଚନ୍ଦ୍ରରେ ପହଞ୍ଚିବା ପୂର୍ବରୁ ଆଗେ ନିଜ ଘର, ସ୍କୁଲ, ରାସ୍ତା, ଦେଶକୁ ସଜାଡିବାକୁ ହେବ । ଆମ ଗାଁ ଗଣ୍ଡାର ଅଭାବଗ୍ରସ୍ତ ରୋଗକ୍ଲିଷ୍ଟ, ଅର୍ଦ୍ଧଭୁକ୍ତ ନିର୍ଜୀବ ଲୋକଙ୍କ ଦ୍ୱାରା ଏହା ସମ୍ଭବ ନୁହେଁ । ତେଣୁ ଯେଉଁ ସମୟରେ ପୃଥିବୀର ଦଳେ ଲୋକ ନିଜ ଇଚ୍ଛାନୁସାରେ ଇତିହାସ ସୃଷ୍ଟି କରିପାରୁଛନ୍ତି ଠିକ୍ ସେହି ସମୟରେ ଆଉ ଦଳେ ଲୋକ ଲହୁଲୁହ ଢାଳି ନିର୍ଜୀବ ନିଶ୍ଶେଷ ଭାବରେ ବହୁ କଷ୍ଟରେ ଆଖି ଟେକି ଚାହିଁ ଦେଖିଲାବେଳକୁ ନିଶ୍ଚିହ୍ନ ହୋଇଯାଉଛନ୍ତି । ତେଣୁ ଅନ୍ୟମାନଙ୍କ ପରି ଇତିହାସ ତିଆରି କରିବାର ଶକ୍ତି ଆହରଣ କରିବାକୁ ହେଲେ ଆମକୁ ଆଗ ଅକ୍ଲାନ୍ତ ପରିଶ୍ରମ କରିବାକୁ ହେବ - ଗାଁ ଗଣ୍ଡା, ସହର, ମଫସଲ, ରାସ୍ତାଘାଟକୁ ସଜାଡିବାକୁ

Digitized by srujanika@gmail.com

ହେବ ଏବଂ ଏଇ ସଜାଡିବା ଭିତର ଦେଇ ହିଁ ଆମର ମନୁଷ୍ୟତ୍ୱ ଫୁଟି ଉଠିବ, ଆମର ଅନ୍ତର୍ନିହିତ ଶକ୍ତି ଚେଇଁ ଉଠିବ, ମାଂସପେଶୀ ଶକ୍ତ ହୋଇ ଉଠିବ । ମସ୍ତିଷ୍କର ବିକାଶ ସାଙ୍ଗେ ସାଙ୍ଗେ ଅଙ୍ଗ ପ୍ରତ୍ୟଙ୍ଗରେ ସୃଷ୍ଟି କରିବାର ନୂତନ କଳା କୌଶଳ ଫୁଟି ଉଠିବ । ତେବେ ଯାଇ ଆମେମାନେ ମଧ୍ୟ ଆମ ଇଚ୍ଛାନୁସାରେ ଇତିହାସ ଗଢିବାରେ ସମର୍ଥ ହୋଇପାରିବା । ପାହାଚ ପରେ ପାହାଚ ଚଢି ହିମାଳୟ ଶିର ଦେଶରେ ପହଞ୍ଚିବା ସମ୍ଭବ, ହାତୀ ଲାଞ୍ଜ ଧରି ହଠାତ୍ ଉପରେ ପହଞ୍ଚିବା ଅସମ୍ଭବ ।

ଇତିହାସକୁ ନୂନତ ତୂଳୀରେ ଆଙ୍କିବା ଲାଗି ଯେଉଁମାନଙ୍କର ଉତ୍ସାହ ଓ ପ୍ରେରଣା ଅଛି ସେଇମାନେ ହିଁ ପ୍ରକୃତରେ ଆଗାମୀ ଦୁନିଆର ଉପଯୁକ୍ତ ସ୍ରଷ୍ଟା ଏବଂ ଏହି ନୂତନ ସୃଷ୍ଟିର ପ୍ରକୃତ କର୍ମକର୍ତ୍ତା ହେଉଛନ୍ତି ଯୁଗ ଯୁଗ ଧରି ଅକ୍ଲାନ୍ତ ପରିଶ୍ରମ କରି ଆସୁଥିବା ସେଇ ସର୍ବହରା ଶ୍ରମିକ ଦଳ । ସେହି ମାନଙ୍କର ସଂଗଠିତ ଶୋଭାଯାତ୍ରାରେ ପଥରର ରାସ୍ତା ଗଢି ଉଠିବ - ହାତ ମୁଠାରୁ ଇସ୍ପାତ ହସି ଉଠିବ - ଅଙ୍ଗ ପ୍ରତ୍ୟଙ୍ଗର ଚାଳନାରୁ ଉଦ୍ୟାନ ଶକ୍ତି ଝରି ଉଠିବ - ଏହା ସାହାଯ୍ୟରେ ହିଁ ପୃଥିବୀ ପୃଷ୍ଠରେ ପ୍ରକୃତ ଇତିହାସ ନୂଆ ହୋଇ ଲେଖା ହୋଇପାରିବ । କର୍ମବିମୁଖ, ପରନିର୍ଭରଳଶୀଳ, ଚାଟୁକାର, ଭଡାଟିଆ ଐତିହାସିକ ଦ୍ୱାରା ନୁହେଁ ।

ପ୍ରଫେସର ରେଭେନ୍ସା ମହାବିଦ୍ୟାଳୟ

◆

'ଚାଲାକି ଦ୍ୱାରା କୌଣସି ମହତ୍ କାର୍ଯ୍ୟ ସାଧିତ ହୋଇ ପାରେନା ।
ମହତ୍ କାର୍ଯ୍ୟ ସାଧନ କରିବାକୁ ହେଲେ ସେଥିପାଇଁ କଠିନ ଶ୍ରମ ଲୋଡ଼ା'
(ସ୍ୱାମୀ ବିବେକାନନ୍ଦ)

Digitized by srujanika@gmail.com

ଦେଶର ଆର୍ଥିକ ପ୍ରଗତି ପାଇଁ ସ୍ୱେଚ୍ଛା ପ୍ରଣୋଦିତ ପ୍ରଚେଷ୍ଟା

ଅଧ୍ୟାପକ ଡ଼କ୍ଟର ବୈଦ୍ୟନାଥ ମିଶ୍ର

ଆର୍ଥନୀତିକ ପ୍ରଗତି ପାଇଁ ଦେଶରେ ଯୋଜନା ହେଉଛି । ସରକାର ଅଜସ୍ର ମୁଦ୍ରା ଖର୍ଚ୍ଚ କରି କଳ କାରଖାନା ବସାଉଛନ୍ତି, ନଦୀରେ ବନ୍ଧ ବାନ୍ଧୁଛନ୍ତି ଓ ଗାଁ ଗହଳରେ ରାସ୍ତା ନିର୍ମାଣ କରୁଛନ୍ତି । ଯୋଜନା କାର୍ଯ୍ୟକୁ ପରିଚାଳନା କରିବାପାଇଁ ଓ ଯୋଜନା କାର୍ଯ୍ୟର ପ୍ରଚାର କରିବା ପାଇଁ ଅଜସ୍ର ସରକାରୀ କର୍ମଚାରୀ ମଧ୍ୟ ନିଯୁକ୍ତ ହେଉଛନ୍ତି । ତଥାପି ଦେଶରେ ଉତ୍ସାହ ସୃଷ୍ଟି ହେଉନାହିଁ । କୃଷିର ଉତ୍ପାଦନ ବଢୁଛି, ଶିଳ୍ପର ଉତ୍ପାଦନ ବଢୁଛି, ଆସ୍ତେ ଆସ୍ତେ ଜନସାଧାରଣଙ୍କର ଜୀବନ ମାନଦଣ୍ଡ ଉନ୍ନତ ହେଉଛି । ଅଥଚ ଯୋଜନା ବିରୁଦ୍ଧରେ ପ୍ରବଳ ଜନମତ ସୃଷ୍ଟି ହେଉଛି ଯେ ଯୋଜନା ଯୋଗୁଁ ଜିନିଷପତ୍ରର ଅଭାବ ପଡୁଛି ଓ ସେଥିପାଇଁ ଦରଦାମ୍ ବଢୁଛି । ଲୋକମାନେ ଯୁଦ୍ଧପୂର୍ବ ଅବସ୍ଥା ସହିତ ବର୍ତ୍ତମାନର ଅବସ୍ଥାକୁ ତୁଳନା କରି ବର୍ତ୍ତମାନର ଅଭାବ ଓ ଅନାଟନ ପାଇଁ ଯୋଜନାକୁ ନିନ୍ଦା କରୁଛନ୍ତି । ଏହାର ଏକ ପ୍ରଧାନ କାରଣ ହେଉଛି ଯେ ଯୋଜନା ସହିତ ଲୋକମାନଙ୍କର ବେଶୀ କିଛି ସମ୍ପର୍କ ନାହିଁ । ଯୋଜନାର ଚିଠା ଯେପରି ଉପରେ ତିଆରି କରାଯାଉଛି, ଏହାର କାର୍ଯ୍ୟ ସେହିପରି ଉପରବାଲାଙ୍କ ଦ୍ୱାରା ସମାଧାନ କରାଯାଉଛି । ତେଣୁ ଦେଶରେ ଏକ ନିଷ୍କ୍ରିୟ

Digitized by srujanika@gmail.com

ମନୋଭାବ ସୃଷ୍ଟି ହେଉଛି । ବିନା ଉତ୍ସାହରେ କୌଣସି ବଡ କାର୍ଯ୍ୟ କେବେହେଲେ ସଫଳ ହୋଇନାହିଁ । ଆର୍ଥନୀତିକ ଯୋଜନା ଆମର ଏକ ଜୀବନ ମରଣ ସମସ୍ୟା । ଦେଶ ଦେଶ ଭିତରେ ଯେପରି ପ୍ରତିଯୋଗିତା ଚାଲିଛି, ସେଥିରେ ଆମେ ଯେ ଖାଲି ଆମ ଦେଶର ଅବସ୍ଥାକୁ ଉନ୍ନତ କରିବାପାଇଁ ଉଦ୍ୟମ କରିବା, ତା'ନୁହେଁ, ଅନ୍ୟ ଦେଶ ସହିତ କିପରି ସମକକ୍ଷ ହେବା, ସେଥିପାଇଁ ମଧ୍ୟ ଯୋଗାଡ କରିବା ଉଚିତ୍ । ଆମ ଦେଶର ଆର୍ଥନୀତିକ ଉନ୍ନତି କରି ଜନସାଧାରଣଙ୍କର ଜୀବନ ମାନଦଣ୍ଡ ବୃଦ୍ଧି କରିବା ଏକ ବିରାଟ କାମ । କିନ୍ତୁ ତା'ଠାରୁ ଆହୁରି ବଡ କାମ ହେଉଛି ଆନ୍ତର୍ଜାତିକ ଆର୍ଥନୀତିକ ବ୍ୟବଧାନକୁ ଦୂରକରି ଅନ୍ୟାନ୍ୟ ଉନ୍ନତ ଦେଶମାନଙ୍କ ସହିତ ସମକକ୍ଷ ହେବା । ଏହାକୁ କେବଳ ସରକାରୀ ଉଦ୍ୟମରେ ସମାଧାନ କରାଯାଇ ପାରିବନାହିଁ । ସରକାରୀ ଉଦ୍ୟମ ଯଥେଷ୍ଟ ହେଲେ ମଧ୍ୟ ଜନସାଧାରଣଙ୍କର ଉତ୍ସାହ ନ ରହିଲେ ଯୋଜନା କାର୍ଯ୍ୟର ସଫଳତା ପାଇଁ ଉପଯୁକ୍ତ ବାୟୁମଣ୍ଡଳ ସୃଷ୍ଟି କରାଯାଇ ପାରିବ ନାହିଁ ।

ଗତ ୩୦/୪୦ ବର୍ଷର ଆନ୍ଦୋଳନ, ରାଜନୀତି ଯୋଗୁଁ ଦେଶରେ ସମାଲୋଚନାର ସ୍ରୋତ ଅତି ଦ୍ରୁତ ଗତିରେ ବଢିବାରେ ଲାଗିଛି । ଗାନ୍ଧିଜୀ ବିଦେଶୀ ଶାସନ ବିରୁଦ୍ଧରେ ଏକ ବିରୋଧୀ ଜନମତ ସୃଷ୍ଟି କରିବାପାଇଁ ଯେଉଁ ଆନ୍ଦୋଳନ ଆରମ୍ଭ କରିଥିଲେ, ତାର ପ୍ରଭାବରୁ ଦେଶୀୟ ସରକାର ମୁକ୍ତ ହୋଇପାରୁ ନାହାନ୍ତି । ଦେଶୀୟ ସରକାରରେ ସମାଲୋଚନାର ଅବକାଶ ନାହିଁ ବୋଲି ଆମେ କହୁ ନାହୁଁ । ଗଣତାନ୍ତ୍ରିକ ଶାସନରେ ସମାଲୋଚନା ଏକ ମୌଳିକ ଭିତ୍ତି, କିନ୍ତୁ ଏହି ସମାଲୋଚନା ଗଠନମୂଳକ ହେବା ଦରକାର । ସମାଲୋଚକମାନଙ୍କ ପକ୍ଷରେ ଏକ ବଡ ବିପଦ ଏହି ଯେ ସେମାନେ ପ୍ରଥମେ ପ୍ରଥମେ ଗଠନମୂଳକ ସମାଲୋଚନା କରିବାପାଇଁ ଉଦ୍ୟମ କରନ୍ତି କିନ୍ତୁ ପରେ ଖାଲି ସମାଲୋଚନା ବ୍ୟତୀତ ସେମାନଙ୍କୁ ଆଉ କିଛି ଦେଖାଯାଏ ନାହିଁ । ବିଶେଷତଃ ଯେଉଁମାନେ କୌଣସି ଦାୟିତ୍ୱ ବହନ ନକରି କେବଳ ସମାଲୋଚନାକୁ ନିଜର ପେଷା ବୋଲି ଗ୍ରହଣ କରନ୍ତି, ସେମାନେ ଅଧିକାଂଶ ସମୟରେ ଦାୟିତ୍ୱହୀନ ସମାଲୋଚନା ବ୍ୟତୀତ ଆଉ କିଛି ସୃଷ୍ଟି କରି ପାରନ୍ତି

Digitized by srujanika@gmail.com

ନାହିଁ । ସମାଲୋଚନାର ସାମୂହିକ ପରିଣତି (Cumulative effect) ହେଉଛି ନିଷ୍କ୍ରିୟ ମନୋଭାବ ଓ ଧ୍ୱଂସମୂଳକ ସମାଲୋଚନା । ପ୍ରତ୍ୟେକ ଜିନିଷର ଦୋଷ ଅଛି । କିନ୍ତୁ ଖାଲି ଦୋଷ ଦେଖିବା ଓ ଦେଖେଇବା ପାଇଁ ଯେଉଁମାନେ ନିଜର ବ୍ୟବସାୟ ରୂପେ ଧରନ୍ତି, ସେମାନଙ୍କର ନିଜର ଜୀବନ ଦୋଷ ବହୁଳ ହୋଇପଡେ । ସେମାନଙ୍କୁ ଯଦି କୌଣସି ଦାୟିତ୍ୱରେ ରଖାଯାନ୍ତା, ତା ହେଲେ ଏହି ଦୋଷର ମାତ୍ରା କେତେକ ପରିମାଣରେ କମି ପାରନ୍ତା । ଯେଉଁମାନେ ଯେ କୌଣସି ଦାୟିତ୍ୱ ବହନ କରୁଛନ୍ତି, ସେମାନେ ନିଶ୍ଚୟ ମାନିବେ ଯେ ଦାୟିତ୍ୱଟି ଯେତେ ଛୋଟ ହେଲେ ମଧ୍ୟ ସମାପନ କରିବା ସେତେ ସହଜ ନୁହେଁ । ଏଥିପାଇଁ ଯୋଜନା କାର୍ଯ୍ୟରେ ମଧ୍ୟ ବ୍ୟକ୍ତିଗତ ଉଦ୍ୟମ ପ୍ରତି ଜୋରଦେବା ଦରକାର ଏବଂ ପ୍ରତ୍ୟେକ ପ୍ରକାର ଲୋକ ଯେପରି ଯୋଜନା କାର୍ଯ୍ୟରେ ସକ୍ରିୟ ଭାଗ ନେଇ ପରିବେ, ସେଥିପାଇଁ କାର୍ଯ୍ୟପନ୍ଥା ଗ୍ରହଣ କରାଯିବା ଉଚିତ୍ ।

ଆମ ଦେଶରେ ଆଉ ଏକ ବଡ ବିପଦ ହେଉଛି ସରକାରଙ୍କ ଉପରେ ସବୁ କାର୍ଯ୍ୟ ପାଇଁ ନିର୍ଭର କରିବା । କଂଗ୍ରେସ ଆନ୍ଦୋଳନର ଏହା ଏକ ପରିଣତି । ବିଦେଶୀ ସରକାରଙ୍କୁ ନିନ୍ଦିତ କରିବା ସକାଶେ ଦେଶର ସମସ୍ତ ଦୁଃଖ ଓ ଦୁର୍ଦ୍ଦଶା ପାଇଁ ବିଦେଶୀ ସରକାରଙ୍କୁ ଦାୟୀ କରାଯାଉଥିଲା । ଏବେ ମଧ୍ୟ ସେଇ ମନୋଭାବ ଦୂର ହେଉ ନାହିଁ । ବଢି ହେଲେ କି ମରୁଡି ହେଲେ ଆମେ ସାହାଯ୍ୟ ପାଇଁ ସରକାରଙ୍କ ଉପରେ ପୂରାପୂରି ନିର୍ଭର କରି ରହୁଛୁ । ଜନମଙ୍ଗଳ ରାଷ୍ଟ୍ରରେ ସରକାରଙ୍କର ଦାୟିତ୍ୱ ବେଶୀ । ସରକାର ଯେ ଖାଲି ଆଇନ ଶୃଙ୍ଖଳା ରକ୍ଷା କରିବେ, ତା ନୁହେଁ, ଜନସାଧାରଣଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟପନ୍ଥା ମଧ୍ୟ ଗ୍ରହଣ କରିବେ । କିନ୍ତୁ ସରକାରଙ୍କର ଯେତେ ବିଭବ ବା ଯୋଗ୍ୟତା ଥିଲେ ମଧ୍ୟ ଲୋକମାନଙ୍କର ବିନା ସକ୍ରିୟ ସହଯୋଗରେ ସମାଜର ସର୍ବାଙ୍ଗୀନ ଉନ୍ନତି ସହଜରେ ସାଧିତ ହୋଇ ପାରିବ ନାହିଁ । ବିଶେଷତଃ ଆଜିକାଲି ଯୁଗରେ ଜନସାଧାରଣଙ୍କର ଅଭାବବୋଧ ଯେପରି ଦ୍ରୁତଗତିରେ ବଢୁଛି, ସେପରି ଅବସ୍ଥାରେ କୌଣସି ସରକାର ସହଜରେ ସମାଜର ଦାବୀ ପୂରଣ କରି ପାରିବେ ନାହିଁ । ଏଥିପାଇଁ ବ୍ୟକ୍ତିଗତ ଓ

Digitized by srujanika@gmail.com

ଆନୁଷ୍ଠାନିକ ଉଦ୍ୟମ ନିହାତି ଦରକାର । ଏହି ବ୍ୟକ୍ତିଗତ ଓ ଆନୁଷ୍ଠାନିକ ଉଦ୍ୟମ ଫଳରେ ବ୍ୟକ୍ତିର ପ୍ରାଧାନ୍ୟ ଯେପରି ରହିବ, ସମାଜର ମଙ୍ଗଳ ଓ ରାଷ୍ଟ୍ରୀୟ କ୍ଷମତାର ନିୟନ୍ତ୍ରଣ ପାଇଁ ସେହିପରି ସହଯୋଗୀ ବାୟୁମଣ୍ଡଳ ସୃଷ୍ଟି ହେବ । ରାଷ୍ଟ୍ରକୁ ଯେପରି ଭାବରେ ଅଧିକ କ୍ଷମତା ଦିଆଯାଉଛି, ସେଥିରେ ବ୍ୟକ୍ତିଗତ ଉଦ୍ୟମକୁ ଜୀବିତ ନ ରଖିଲେ, ରାଷ୍ଟ୍ର ଦରବାରରେ ବ୍ୟକ୍ତିର ପ୍ରତିଷ୍ଠା ଓ ମର୍ଯ୍ୟାଦା ଅଚିରେ ଲୋପ ପାଇଯିବାର ସମ୍ଭାବନା ।

ବିଶେଷତଃ ଆମ ଦେଶରେ ସରକାରଙ୍କୁ ଯେତେ ଅଧିକ କ୍ଷମତା ଦେଲେ ମଧ୍ୟ ସରକାର ଲୋକମାନଙ୍କର ସମସ୍ତ ପ୍ରକାର ଅଭାବ ଓ ଅସୁବିଧା ଦୂର କରିପାରିବେ ବୋଲି ଆଶା କରିବା ଅନୁଚିତ । କାରଣ ଜନସାଧାରଣଙ୍କର ଅଭାବ ଏତେ ଅଧିକ ଓ ସରକାରଙ୍କର ବିଭବ ଓ ଦକ୍ଷତା ଏତେ କମ ଯେ ଖାଲି ସରକାରୀ ପ୍ରଚେଷ୍ଟାରେ ଏସବୁ ପୂରଣ ହୋଇ ପାରିବ ନାହିଁ । ଆମ ଦେଶରେ ଅନେକ ଲୋକ ବେକାର ବା ଅର୍ଦ୍ଧ ବେକାର ଅବସ୍ଥାରେ ଅଛନ୍ତି । ଏମାନଙ୍କୁ ଏକଜୁଟ କରି ଏମାନଙ୍କର ସହଯୋଗରେ ରାସ୍ତା, ପୁଷ୍କରିଣୀ, ବନ୍ଧ ଓ ଜଳସେଚନ ପ୍ରଣାଳୀ ପ୍ରଭୃତି ସାମୂହିକ ଉନ୍ନୟନ ଯୋଜନା ଯଦି କାର୍ଯ୍ୟକାରୀ କରାଯାଏ, ତା ହେଲେ ଦେଶରେ ଯେ ଆର୍ଥନୀତିକ ପ୍ରଗତି ହେବ, ତା ନୁହେଁ, ସରକାରୀ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଏକ ସହଯୋଗୀ ବାୟୁମଣ୍ଡଳ ପ୍ରତିଷ୍ଠିତ ହୋଇପାରିବ । ଯେଉଁମାନେ ସ୍ୱେଚ୍ଛା ପ୍ରଣୋଦିତ ହୋଇ ଉନ୍ନୟନ କାର୍ଯ୍ୟରେ ସହଯୋଗ କରିବେ, ସେମାନେ ଉତ୍ସାହରେ ସରକାରୀ ଯୋଜନା କାର୍ଯ୍ୟରେ ମଧ୍ୟ ସହଯୋଗ କରିବେ । ଦେଶରେ ଉତ୍ସାହ ସୃଷ୍ଟି କରିବା ପାଇଁ ଗାନ୍ଧିଜୀ ରାଜନୀତିକ ଆନ୍ଦୋଳନ ସହିତ ଯେପରି ଗଠନମୂଳକ କାର୍ଯ୍ୟକୁ ସମାବେଶ କରିଥିଲେ ସେହିପରି ଆର୍ଥନୀତିକ ଯୋଜନାର ସଫଳତା ପାଇଁ ଏବଂ ଦେଶରେ ଏକ ସକ୍ରିୟ ସହଯୋଗୀ ମନୋଭାବ ସୃଷ୍ଟି କରିବାପାଇଁ ବ୍ୟକ୍ତିଗତ ଉଦ୍ୟମକୁ ପ୍ରସାର କରିବା ଆମର ପ୍ରଧାନ କର୍ତ୍ତବ୍ୟ ଅଟେ ।

◆

Digitized by srujanika@gmail.com

ସନ୍ମାର୍ଗ ବିପ୍ଳବ

ଶ୍ରୀ ମାୟାଧର ମିଶ୍ର

ଶୁଣୁ ଶୁଣୁ ଆପଣ ଭାବି ନେଲେଣି ଯେ କାଲି କଲମ କାଗଜର କସରତ କଲାବେଳେ କାଳେ କରମଙ୍ଗା କବଳ କରି ଆଜି କନ୍ଦଳରେ ପଶି ଯାଇଥିବି । ତା ନୋହିଲେ ଆମିଷ, ଗୋରସ ବା ମହାପ୍ରସାଦ ସଙ୍ଗରେ କଲିଜା ଭଜା ପରଶିବା କଥା ସମ୍ଭବ ହୁଅନ୍ତା କେମିତି ? 'ରାମ-ରାମ-ରାମ' କହି କାନରେ ଆଙ୍ଗୁଠି ଦେଇଦେଲେ ଆପଣ ।

ମାନୁଛି କଳି ଷଠା ଷାଠିଏର ବାରଣା ଭୋଗ କଲାପରେ ବି ତେଲ ଲୁଣ ଲଙ୍କାର ହିସାବ ଯୋଡିବାରେ ମନ ଯନ୍ତର ସବୁଗୁଡାକ ନଟ୍ ବୋଲଟ ଲାଗିପଡିଥିବା ବେଳେ ଏଭଳି ଭୁଲ ହେବାର ସମ୍ଭାବନା ଥାଏ । ପୁଣି ମାନୁଛି - ମନ ବାକ୍ସର ସବୁ ଖୋପରେ ଯେତେବେଳ ଜୀବନ ଯାତ୍ରାର ପ୍ରୋଗ୍ରାମ ଗୁଡାକ ତାଡା ତାଡା ଭର୍ତ୍ତି ହୋଇ ରହିଛି, ସେଠି ନୂଆ ଧାରଣାଟାଏ ରଖିବାପାଇଁ ଜାଗା ମିଳିବା ଅସମ୍ଭବ । ହେଲେ ପହିଲା ତାରିଖରେ ହାତକୁ ଆସି ୧୫ ତାରିଖ ବେଳକୁ ମୁହଁ ଲୁଚା ଦେଉଥିବା ମାସିକ ଦରମାର ହଲପ ନେଇ କହୁଚି କାଲି କରମଙ୍ଗା କବଳ କରିନି କି କନ୍ଦଳରେ ପଶିନି । ପଞ୍ଚଭୂତ ଆତ୍ମା ହୃଦୟ କମଳ ଦୋରସ୍ତିରେ ମୁଁ କହିପାରେ କେତେଟା ବିଷୟ ମନ ଦୁଆରେ ଠିଆ ହୋଇ 'ଭିତରେ ପ୍ରବେଶ' ପାଇଁ ଅନୁମତି ମାଗିବାରୁ ଏମିତି ଗୋଟାଏ ନାଆଁ କଲମ ଆଗରୁ ବାହାରି ଯାଇଛି ।

Digitized by srujanika@gmail.com

କଥା କଣକି, ଉଦ୍ୟୋକ୍ତାମାନେ ନାଆଁ ଦେଲେ 'ଶତମାର୍ଗ ଆନ୍ଦୋଳନ'। ଧରନ୍ତୁ ଶୁଣିବା ବେଳେ ମସ୍ତିଷ୍କର ପର୍ଦ୍ଦା ଗୁଡିକ ହୁଏତ ଅଳ୍ପ ଖୋଲି ଯାଇଥିବ, କିନ୍ତୁ ତା ପରେ ପୁଣି ସେଇ ତେଲ ଲୁଣ ଲଙ୍କାର ହିସାବରେ ମାତି ରହିଲେ। ଏହି ସମୟରେ ଆପଣଙ୍କ ମନ ଦୁଆରେ ଦେଖା ଦେଲେ 'ଶତମାର୍ଗ ଆନ୍ଦୋଳନ'ର ଧାରଣା। କେବେ କେଉଁଠି ଲୋକଟାର ଦେଖା ହୋଇଛି - ମୁହଁଟା ଚିହ୍ନା ଚିହ୍ନା ମନେ ହେଉଚି, ନାଁଟା ଜିଭ ଅଗରେ ଅଛି ଅଥଚ ଚଟ୍ କିନା ପଇଟୁ ନାହିଁ। ମନର ଖୋପ ଗୁଡାକ ବନ୍ଦ କରିଦେଇ ଆପଣ ପୁଣି ତେଲ, ଲୁଣ, ଲଙ୍କା ହିସାବଗୁଡାକ ଧରି ବସି ପଡିଲେ। ସେମିତି ଗୋଟାଏ କିଛି ହୋଇ ଯାଇଥିବ ନୋହିଲେ ଏମିତି କାହିଁକି ହୁଅନ୍ତା ?

ଆନ୍ଦୋଳନ ନା ନିଃଶବ୍ଦ ବିପ୍ଳବ ?

ଛାଡ, କହି ଦେଇଚି ଯେତେବେଳେ ପକେଇଲା ଛେପଟା ଢୋକିବି କେମିତି ? 'ଶ'ର ଦୃତୀୟ ସ୍ଥାନରେ 'ସ' ସେମିତି ଆଗ ଶିଖା ଶିଖି, ତା ପରେ ହୋ ହା, ପାଟିତୁଣ୍ଡ, ଗାଳି ଗୁଲଜ, ପେଲା ପେଲି, ଟେକାଫିଙ୍ଗା, ଶେଷରେ ଲୁହବୁହା ଗ୍ୟାସ - ଏ ଗୋଟିଏ ପର୍ଯ୍ୟାୟ। ଆଉ ପର୍ଯ୍ୟାୟରେ ଆସିଯିବ ବିବୃତି, ଚାନ୍ଦା ଭେଦା, ସଭାସମିତି, ଆନ୍ଦୋଳନ, ଭଙ୍ଗାରୁଜା, ବିପ୍ଳବ ଏ ପର୍ଯ୍ୟାୟରେ ଆନ୍ଦୋଳନର ୩ୟ ସ୍ଥାନରେ ବିପ୍ଳବ। ୩ୟ ଶ୍ରେଣୀର ମଧ୍ୟବିତ୍ତ ମନରେ ୩ୟ ସ୍ଥାନର ସଉକ ହୋଇ ଯାଇଛି ଅର୍ଥାତ ଶତମାର୍ଗ ସ୍ଥାନରେ ସତ୍‌ମାର୍ଗ ଓ ଆନ୍ଦୋଳନ ସ୍ଥାନରେ ବିପ୍ଳବ ହୋଇ ଯାଇଛି। ଆନ୍ଦୋଳନରେ ପାଣି ଉପରଟା ଚହଲେ, ଖୁବ୍ ବେଶିହେଲେ ଡଙ୍ଗାଟା, ବୋଟଟା ଓଲଟି ପଡେ। କିନ୍ତୁ ବିପ୍ଳବର ପୂର୍ଣ୍ଣ ପ୍ଳାବନ - ଘରଦ୍ୱାର, ଗାଁ ଗଣ୍ଡା, ମଶାଣି, ମନ୍ଦିର ସବୁ ବୁଡି ଏକାକାର ହୋଇଯାଏ। କାମଟା ଯେତେବେଳେ ଆରମ୍ଭ ହେଲା ସେତେବେଳେ କେଉଁଠି କେମିତି ଲୋକେ ସେଥିରେ ଭାସି ଯାଇଥିବେ। ସେତେବେଳେ ଉଦ୍ୟୋକ୍ତା ମାନଙ୍କର ଭାବ ଡଙ୍ଗାଗୁଡାକ କର୍ମ ସ୍ରୋତର ଉପରେ ଖାଲି ଚହଲୁଥିଲା। ସେଥିପାଇଁ ତାକୁ ଆନ୍ଦୋଳନ ନାଆଁ ଦେଇଥିଲେ। ବର୍ତ୍ତମାନ ଯେ ତାହା ସହରରୁ ଗାଁ ଗଣ୍ଡାକୁ ଡେର ମେଲି କେଉଁ ଯୁଗର ପୁଞ୍ଜୀକୃତ ଜଡତାକୁ ଭସାଇ ନେଇ ଏକାକାର କରିଦେବାକୁ ବସିଲାଣି - ସେଥିରେ ଯଦି ତାକୁ ବିପ୍ଳବ ବୋଲି କହି ଦିଆଯାଏ ତେବେ ତାକୁ କନ୍ଦଳ କହିବାଟା ଉଚିତ-।

Digitized by srujanika@gmail.com

ପ୍ରାୟ ସାତ ବର୍ଷ ତଳର କଥା । ଖୋଦ କଟକ ସହରରେ ଦିନେ ଗୋଟାଏ ଭାବର ଚାରା ରୋପି ଦିଆଯାଇ ଥିଲା । ଘଟାଟୋପ ନାହିଁ, କାମ ହଉ କି ନ ହଉ, ଆଗ ଖବରକାଗଜରେ ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ, ଆବାହକଙ୍କ ନାଆଁ ଛାପା ଅକ୍ଷରରେ ବାହାରିଲା ନାହିଁ, କି 'ଆରେ ନାଆଁ ମାରିନେଲାରେ' ଭାବି ପଂଝାଏ ତାର ବିରୋଧ କରିବାକୁ ଅଣ୍ଟାଭିଡି ଧାଇଁ ଆସିଲେ ନାହିଁ । କାଉଁରି କାଠି ପରଶ ଭଳି ପାଲା ନ ଥାଇ, ଦାୟିକା ନ ଥାଇ ହଠାତ୍ ଦିନେ ଧାଡି ବାନ୍ଧି ଆସିଗଲେ ଦଳେ ଲୋକ ଯୁବକ, ବୃଦ୍ଧ, ତରୁଣ ସମସ୍ତଙ୍କ ହାତରେ କୋଡି, କୋଦାଳ, ଟୋକେଇ, ଗାଣ୍ଡୁଆ । ଖୁପ୍ ଖୁପ୍ ମାଟି ହଣା ଗଲା - ମୁଣ୍ଡେ ମୁଣ୍ଡେ ଯାଇ କିଛି ଦୂରରେ ଝୁପ୍ ଝୁପ୍ ହୋଇ ଗଦା ହେଲା । ଶ୍ରାନ୍ତି ନାହିଁ, ବିଶ୍ରାମ ନାହିଁ, କେବଳ ଚାଲିଲା ଖୁପ୍ ଖୁପ୍ ମାଟି ଖୋଳା - ଝୁପ୍ ଝୁପ୍ ମାଟି ପକା । ଦିନ କେଇଟା ଭିତରେ ତିଆରି ହୋଇଗଲା ଗୋଟାଏ ସଡକ । ତାପରେ କର୍ମୀମାନେ ଯେମିତି ନୀରବରେ ଆସିଥିଲେ, ସେମିତି ନୀରବରେ କୋଡି, କୋଦାଳ, ଗଇନ୍ତି ନେଇ ଯେଝା ଘରକୁ ଚାଲିଗଲେ । କେବଳ ପଡିରହିଲା, ନୀରବ ବିଧାତାର ନୀରବ ଆଶୀର୍ବାଦ ପରି ଗୋଟାଏ ରାସ୍ତା ସବୁଦିନ ପାଇଁ, ସମସ୍ତଙ୍କ ଉପକାର ଲାଗି । ନିସ୍ତରଙ୍ଗ ନାଗରିକ ଜୀବନରେ କର୍ମର ଗୋଟାଏ ଅଚାନକ ଆଲୋଡନ ଖେଳାଇ ଦେଇ କାଉଁରି କାଠିର କୁହୁକ ସତେ କି ଉଭାନ ହୋଇଗଲା । ଏଇ ହେଲା ଆନ୍ଦୋଳନର ସୂତ୍ରପାତ ।

କିନ୍ତୁ ଏପରି ଧରି ନେବାବେଳେ କାଉଁରି କାଠି ପଛରେ ଥିବା ଅଦୃଶ୍ୟ ହାତଟାର ଶକ୍ତି-ବିଷୟ ଚିନ୍ତା କରି ନଥିଲୁ । ଆଜି ୨ଟା ଭୋଟ, କାଲି ଗୋଟାଏ ଭୋଟରେ ଜିତି ଢୋକେ ପିଇ ଦଣ୍ଡେ ଜୀଇଁ ରହୁଥିବା ଗୋଟାଏ ସରକାରକୁ ନିଜ ବ୍ୟକ୍ତିତ୍ୱର କୁହୁକରେ ଯେ ପ୍ରବଳ ଓ ସୁଦୃଢ ସରକାରରେ ପରିଣତ କରି ପାରନ୍ତି, ସେହି କରିତକର୍ମାର ହାତ ଯଶ ଯେ କେତେ ବଳିଷ୍ଠ ସେ କଥା ସେତେବେଳେ ଖିଆଲ କରି ନଥିଲୁ । ।

ଯା ଭିତରେ ସାତଟା ବର୍ଷ ବିତି ଯାଇଛି । ଯେଉଁ ପୁରୋଧାଙ୍କର ଇଙ୍ଗିତରେ ସେଦିନ ସେ ଭାବର ଚାରାଟି ସହର ମଝିରେ ପୋତା ଯାଇଥିଲା ଯା ମଧ୍ୟରେ

Digitized by srujanika@gmail.com

ସେଇ ପୁରୋଧାଙ୍କର ପୁରୋଦୃଷ୍ଟି ଆଜି ସେ ଚାରାଟିକୁ ଗୋଟାଏ ଦ୍ରୁମରେ ପରିଣତ କରିଦେଇଛି । ତା'ର ମୂଳରେ ପ୍ରେରଣା ଜଳ ସିଞ୍ଚି ବଞ୍ଚାଇ ବଢାଇବା ପାଇଁ ଉପଯୁକ୍ତ ଚାଳକ ବାହିରି ପଡିଛନ୍ତି । ସହରରୁ ତା'ର ଚେର ସମସ୍ତଙ୍କ ଅଲକ୍ଷ୍ୟରେ ଯାଇ ଗାଁ ଗହଳରେ ବ୍ୟାପିଯାଇଛି । ସେଥିରୁ ମନେ ହେଉଛି ଏତ ଆନ୍ଦୋଳନ ନୁହେଁ - ଏ ଏକ ବିପ୍ଳବ । ବିନୋବାଙ୍କ ଭୂମି ବିପ୍ଳବ ପରି ଏ ବି ଏକ ବିପ୍ଳବ - ନିଃଶବ୍ଦ ବିପ୍ଳବ । ଆଜି ହୁଏତ ଉଦ୍ୟୋକ୍ତା ମାନେ ଶହେଟି ରାସ୍ତା ତିଆରି କରିବା ଉଦ୍ଦେଶ୍ୟରେ ଏହାକୁ 'ଶତମାର୍ଗ' ଆନ୍ଦୋଳନ କହୁଛନ୍ତି । କିନ୍ତୁ ନାନା କାରଣରୁ ଆମର ବିଶ୍ୱାସ, ଦିନେ ନା ଦିନେ 'ଶତୀ ସହସ୍ର ମିଛତି, ସହସୀ ଲକ୍ଷମିଛତି' ନ୍ୟାୟରେ ଏହା ଦେଶବ୍ୟାପୀ ହେବ । ସେତେବେଳେ ଆନ୍ଦୋଳନଟା ହୋଇଥିବ ସାର୍ବଜନୀନ । ମାଟିରାସ୍ତା ତିଆରି ଲକ୍ଷ୍ୟ ବଢିଯାଇ ଜୀବନର ମାର୍ଗକୁ ବୁଝାଉଥିବ । ସେତେବେଳେ ଲୋକେ ଯାକୁ 'ଶତମାର୍ଗ' ଉଦ୍ଦେଶ୍ୟରେ ବ୍ୟବହାର ନକରି 'ସତ୍‌ମାର୍ଗ' ବା 'ସନ୍ମାର୍ଗ' ଅର୍ଥରେ ବ୍ୟବହାର କରିବେ । ଅନୁଭୂତିରୁ ଧାରଣା, ଧାରଣାରୁ ଜ୍ଞାନ ଓ ଜ୍ଞାନରୁ ବିଶ୍ୱାସ ଜନ୍ମେ । ଆମ ଏ ବିଶ୍ୱାସ ପଛରେ ସେମିତି କିଛି ଲମ୍ବା ଯୁକ୍ତି ନଥିଲେ ଆପଣଙ୍କ ପାଖରେ ମୁହଁ ଦେଖାଇବାର ହେମତ୍ ହୁଅନ୍ତା କି ?

ବନଭୂମିର ସଂସ୍କୃତି

ଧରି ନିଆଯାଉ ଆମ ଭାରତୀୟଙ୍କ ସଂସ୍କୃତି କଥା । ଆମ ସଂସ୍କୃତି ବନଭୂମିର ସଂସ୍କୃତି । ସେହିପରି ସରଳ, ସ୍ୱଚ୍ଛନ୍ଦ, ସଙ୍ଗୀତପୂର୍ଣ୍ଣ । ଆମ ଧର୍ମଗ୍ରନ୍ଥ ଭାଗବତ ନୈମିଷାରଣ୍ୟରେ କଥିତ, ଆମର ପ୍ରଥମ ବେଦଗାନ ଅରଣ୍ୟବେଷ୍ଟିତ ତପୋବନରେ ହୋଇଥିଲା, ଆମ ବଡଠାକୁରେ ବଣୁଆ ବିଶ୍ୱାବସୁର ଶବର ପଲ୍ଲୀକୁ ପବିତ୍ର କରିଥିଲେ, ଆମ ଆଇ ମା କାହାଣୀ ଗୁଡିକରେ ଅଗନାଗ୍ନି ବନସ୍ତର ବର୍ଣ୍ଣନା ପୂରି ରହିଛି । 'ସ୍ୱଚ୍ଛନ୍ଦ ବନଜାତେନ ଶାକେନାପି ପ୍ରପୂର୍ଯ୍ୟତେ, ଅସ୍ୟ ଦଗ୍‌ଧୋଦର ସ୍ୱାର୍ଥଂ କଃ କୁର୍ଯ୍ୟାଦ୍ ପାତକଂ ମହତ୍' ଭଳି ଦର୍ଶନବାଦ କେବଳ ଆମରି ପୂର୍ବପୁରୁଷ ଜଗତକୁ ଶୁଣାଇ ପାରିଥିଲେ । ଓଡିଶାର ଶେଷ ସ୍ୱାଧୀନତା ରଶ୍ମି ଦିନେ ଏଇ ବନଭୂମିକୁ ଚୁମ୍ବି ବିଦାୟ ନେଇଥିଲା । ଆଜି ବି ପ୍ରକୃତ ସ୍ୱାଧୀନତାର କାଳରଶ୍ମି ସେଇ ବନଭୂମିର

Digitized by srujanika@gmail.com

ଅନ୍ତରାଳରୁ ଉକୁଟି ଉଠିଛି । ୨୦୦ ବର୍ଷର ବିଦେଶୀ ଶାସନ ଆମ ସଂସ୍କୃତିର ଏହି ସ୍ୱାତନ୍ତ୍ର୍ୟକୁ ଲୋପ କରିପାରିନି । କାଳେ କାଳେ ରାଜା ମହାରାଜା ମାନେ ଗାଁ ଗାଁକେ ଶାସନ ଭାଗ ବୃତ୍ତି ଖଞ୍ଜି ଦେଇଛନ୍ତି, ଚୌପାଢି ବସାଇ ଦେଇଛନ୍ତି - କିନ୍ତୁ ସହରବସ୍ତି ବା 'ବାଗାନବାଟି' ପରିବର୍ତ୍ତେ, ଗଢି ଉଠିଛି ବଗାଏତ । ନିଜ ଘର ଚାରିପାଖରେ ଆମ୍ବ, ପଣସ, ପୁନାଙ୍ଗ, ଜାମୁର ବଗାଏତ ଗଢି ଓଡିଆ ତା'ର ବନସଂସ୍କୃତିର ନିର୍ଜନତା ସ୍ପୃହାକୁ ରୂପାୟିତ କଲାବେଳେ ଅନ୍ୟମାନେ ସେଠାରେ ଗ୍ରାମୋଦ୍ୟାନ ନଦେଖି ଉପହାସ କରିଛନ୍ତି ।

ବନସଂସ୍କୃତିରେ ଆଉ ଗୋଟାଏ ଲକ୍ଷଣ ସଙ୍ଗୀତ ପ୍ରିୟତା । ପ୍ରାକୃତିକ ପରିବେଷ୍ଟନୀ ମଧ୍ୟରେ ରହିଲେ ଏ ଜାତିର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଗୋଟାଏ ଅବିଚ୍ଛିନ୍ନ ସଙ୍ଗୀତ ପ୍ରବାହ ପରି ବୋଧହେବ । ଜନ୍ମ ସମୟରେ ପ୍ରଥମ ଆଶୀର୍ବାଦ ହୁଏ ସଙ୍ଗୀତରେ, ତାପରେ ଶିଶୁ ସଙ୍ଗୀତ, କ୍ରୀଡା ସଙ୍ଗୀତ, ପ୍ରମୋଦ ସଙ୍ଗୀତର ପ୍ରବାହ ମଧ୍ୟରେ ଜୀବନଟା ଗଡିଚାଲେ । ବିବାହ, ବ୍ରତ, ଉପନୟନାଦିରେ ଆଶିଷ ଓ ଶପଥ ହୁଏ ସଙ୍ଗୀତରେ, କନ୍ୟା ସ୍ୱାମୀ ଗୃହକୁ ଗଲେ ଖେଦ ପ୍ରକାଶ କରେ ସଙ୍ଗୀତରେ, ମୃତ ପାଇଁ ଶୋକ ପ୍ରକାଶ କରାଯାଏ ସଙ୍ଗୀତ ରୂପକ ବିଳାପରେ ଇତ୍ୟାଦି ଇତ୍ୟାଦି ।

ଆମ ପ୍ରାଚୀନ ଜାତୀୟତା

ଏଣେ ଆମ ଜାତୀୟତା ଅତି ପ୍ରାଚୀନ, ଅଥର୍ବ ବା ସ୍ଥବିର । ଆମ ଅନ୍ତରରେ କେବଳ ଚିନ୍ତା, ବୈରାଗ୍ୟ, ବିଶ୍ରାମ ବସାବାନ୍ଧି ରହିଛି । କର୍ମକ୍ଳାନ୍ତ ଭାବେ କର୍ମଜୀବନରୁ ଅବସର ନେଇ ସଭ୍ୟତାର ମଧ୍ୟାହ୍ନରେ ଯେତେବେଳେ ଆମ ଜାତୀୟତା ଟିକିଏ ନିଶ୍ଚିତ ହୋଇ ଗଡପଡ ହେବାକୁ ଯାଇଛି ସେତିକିବେଳେ ଶୁଣାଗଲା ଦୁନିଆ ହାଟରେ ଆମେ ଦରିଦ୍ର, ଆମ ମୌରସୀ ବଣଭୂମି ସର୍ବହରାବାଦର ଆକ୍ରମଣରେ ବାଜ୍ୟାପ୍ତ, ହିମାଦ୍ରିର ତୁଷାର ସ୍ୱପ୍ନ ଭାଙ୍ଗି, ସମୁଦ୍ରର ଢେଉ ଠେଲି ଯେଉଁ ସଭ୍ୟତାର ସ୍ରୋତ ମାଡି ଆସୁଛି ତାହା ଆମ ଭଙ୍ଗା ଘରର ଅଳସ ମଧ୍ୟାହ୍ନକୁ କର୍ମଚଞ୍ଚଳ କରିବ, ଆଉ ଜଗତର ଅଶାନ୍ତ ମାନବସ୍ରୋତ ଆମ କାନରେ ଅଷ୍ଟପ୍ରହର କର୍ମଘଣ୍ଟା ବଜାଇ ଶୁଆଇ

Digitized by srujanika@gmail.com

ବସାଇ ଦେବନାହିଁ । ଆଖି ମଳି ଉଠି ବସିଲୁ । ଆଗରେ କେତେଜଣ ଉଠିପଡି 'କାମ କାହିଁ, କାମ କାହିଁ' ବୋଲି ଖୋଜା ଲଗାଇଛନ୍ତି, ଗଣ୍ଡି ଅଳସୁଆ ପଂଝାଏ ତନ୍ଦ୍ରାଜଡିତ ସ୍ୱରରେ ବିଳିବିଳୋଉଛନ୍ତି, 'ଆରେ ଖରାବେଳଟା, ଏତେବେଳେ କି କାମ ? ଆଗେ ଟିକେ ଶୁଆଯାଉ - କାମ କଣ କୁଆଡେ ପଳାଉଚି ।' ଆଉ କେତେଜଣ ଆଖି ବୁଜି ପଡିରହି କହୁଛନ୍ତି, "ଆରେ ରଖ ତୁମ କାମ, ଆମେ କଣ କାମ କରିନୁ ନା ଯୁଦ୍ଧ କରିନୁ ଯେ କାମ ଦେଖାଉଛ । ପୁରାଣ, ଇତିହାସ ପଢ, ଆମ କାମର ଟେର ପାଇବ । ମିଛଟାରେ ବକବକ କରି ନିଦଟା ଭାଙ୍ଗୁଛ କାହିଁକି ?" କେତେକ ବସି ପଡିଥିଲେ, ପୁଣି ଢୁଳାଇବା ଆରମ୍ଭ କରିଦେଲେଣି । କାମରେ ଲାଗିଯିବା ପାଇଁ ମନ କିନ୍ତୁ ସର୍ବାଙ୍ଗରେ ଆଳସ୍ୟ ଭରି ରହିଛି । ଆଉ ଥୋକେ ପାନ କୁଟୁ କୁଟୁ କହୁଛନ୍ତି, "ଆଉ କେତେଟା ଦିନ ପାଇଁରେ ବାବୁ ! ହେଇତ ସେଦିନ କୋଣାର୍କ ଦେଉଳଟା ତୋଳିଲୁଁ, ତୁମେ କଣ ତାକୁ ରଖିପାରିଲ ? ହସ୍ତିନା, ତୋଷାଳୀ, ରତ୍ନଗିରି, ନାଳନ୍ଦା ତିଆରି କଲୁଁ - ସେସବୁ ଆଜି କାଇଁ ? ଅଯୋଗ୍ୟ ତୁମେ, ଆଜି ଯଦି ଆକାଶସ୍ପର୍ଶୀ ପ୍ରାସାଦଟାଏ ଗଢିଦେବୁଁ ତା ବି କେଉଁ ରଖିପାରିବ ? ବଡ ବଡ କଥା ଚିନ୍ତା କର । "ଯେ ନାହଂ ନାମୃତାସ୍ୟାମ୍ ତେନ ବୟଂ କିଂ କରିଷ୍ୟାମଃ ? ବରଂ ଟିକିଏ ବସିପଡ - ପାନଖଣ୍ଡେ ଖାଅ । ତା ପରେ ମନହେଲେ କାମକୁ ଯାଅ । ଆମେ ବାବୁ ହାନିରେ ନାହୁଁ କି ଲାଭରେ ନାହୁଁ ।"

ଯେଉଁମାନେ ଖାଲି ଗୋଡରେ ଅନ୍ୟମାନଙ୍କ ଜୋତା ଚିହ୍ନି ଉଣ୍ଡି ତାଙ୍କ ପଛେ ପଛେ ଉନ୍ନୟନ ପଥରେ ଚାଲିଥିଲେ ସେମାନଙ୍କ ଗୋଡରେ କଣ୍ଟା ପଥର ବାଜି ରକ୍ତ ବହୁଥିଲେ ବି ସେମାନେ ଚାଲିଥାନ୍ତେ, କିନ୍ତୁ ପାକୁଆ ପାଟି ଦରୋଟି ବଚନ ଶୁଣି ତାଙ୍କ ସାହାସ ତୁଟି ଯାଉଚି । ପ୍ରେରଣା ପାଇଁ ଯାହା ପାଖକୁ ଦଉଡିଥିଲେ ସେମାନେ କହୁଛନ୍ତି " ତୁମେ ଅଯୋଗ୍ୟ, ଅନଭିଜ୍ଞ, ଅପାରଗ । ଶୁଣି ଶୁଣି ତାଙ୍କ ମନରେ ହେଉଛି, ସତେ, ସେଇଆ ହେବପରା ।" ଫଳତଃ ଯାହାକୁ ନେତା ବାଛିଥିଲେ ତାଙ୍କ ଆଡକୁ ହାତ ବଢାଇ ସେମାନେ ରଡି ଛାଡିଛନ୍ତି , "ଆରେ ସେଉଟାକୁ ବାଛନାହିଁ, ସେଉଟା ଅଯୋଗ୍ୟ, ଅପାରଗ, ଅନଭିଜ୍ଞ ।" ଖଣ୍ଡିଆ

Digitized by srujanika@gmail.com

ଗୋଡରେ କନାପଟି ଗୁଡାଇ ଯେଉଁଟି ବାଟ କଢାଇ ଯାଉଥିଲା ସେ ବି ଏ ଉକ୍ତି ଶୁଣି ଭାବୁଛି "ସତେ - ମୁଁ ଅଯୋଗ୍ୟ ବୋଧହୁଏ ?" ଏ ପଂଗୁଙ୍କ ଅବସ୍ଥା ଦେଖି ଅନ୍ୟମାନେ ମୁରୁକେଇ ମୁରୁକେଇ ହସିଲେଣି । କାଲି ସକାଳେ ସେମାନେ କହି ବୁଲିବେ, "ଆମେ ୟାଙ୍କୁ ଅମୁକ କଥାରେ ସାହାଯ୍ୟ କରିଛୁଁ । ୟାଙ୍କର ଘରଦ୍ୱାର, ରାସ୍ତାଘାଟ କରିଦେଇଛୁଁ, ଆମରି ଲାଗି ତ ସେ ମଣିଷ ।"

ନେତା ଓ ମାର୍ଗ

'ତବ ବାଧତି ବାଧତେ' । ଆମେ ଅମଣିଷ - ଏଇ ପଦକ ସ୍ଥବିର ମନକୁ ଚାବୁକ ମାରୁଛି । ପାନଖଣ୍ଡ ପାଟିରୁ କାଢିପକାଇ ଉଠିପଡିଲେ । କିନ୍ତୁ 'ମାର୍ଗ' କାହିଁ ? ଆଉ କିଏ ବା ସ୍ଥବିର, ଶିଶୁ, ପ୍ରାଚୀନ, ନୂତନ, ଅର୍ବାଚୀନ, ପ୍ରାଜ୍ଞ, ଛୁଆଁ ଅଛୁଆଁ, ଥିଲାବାଲା, ନଥିଲାବାଲା, ସମସ୍ତଙ୍କୁ ଗଛମୂଳରୁ ଉଠାଇ, ଅଗ୍ରଗାମୀ ଦଳଙ୍କ ଗୋଡରେ ଔଷଧବାନ୍ଧି ୟାଙ୍କୁ ବାଟ ଦେଖାଇବ ? କେଉଁ ବାଟରେ ନେବ ? ଦରକାର ନେତା ଓ ମାର୍ଗ - ସଚ୍ଚାନେତା ଓ ସତମାର୍ଗ, କାରଣ 'ନେତା' ଓ 'ନୀତି' ପରସ୍ପର ସହାୟକ । ନେତା ଯେପରି ଜନମତ ଗଢେ, ଲୋକମାନଙ୍କର ଏକନିଷ୍ଠ ଇଚ୍ଛା ଓ ଆନୁଗତ୍ୟ ମଧ୍ୟ ସେହିପରି ନେତାକୁ ବଡ କରେ । ପରସ୍ପରକୁ 'ଅପାରଗ' କହି ଗୋଡଧରି ତଳକୁ ଟାଣି ନେବାର ଏ ଯେଉଁ ନୀତୋଚକ୍ର ଆମର ଆତ୍ମବିଶ୍ୱାସ ତୁଟାଇ ଦେବାକୁ ବସିଛି ତାକୁ ଖର୍ବ କରିବାକୁ ଲୋଡା ନେତା, ଜନମତ ଓ ମାର୍ଗ ।

ମୁଁ ଜାଣେ ଆପଣ ହସୁଛନ୍ତି । ସେ ବାବୁତ କହୁଛନ୍ତି, "ଆରେ - ଏ କଣ କହୁଚି ? ନେତା ନାହାନ୍ତି ? ଆମ ଭିତରେ ନେତା ନାହାନ୍ତି ? ଆମେ ବେଟ୍ ଦଉଚୁ - ତୁମେ ଆମକୁ ବାଟ ଛାଡିଦିଅ, ଆମେ କେମିତି ନେତୃତ୍ୱ ଦେବୁଁ ଦେଖିବ ।" ଆଉ ସେପଟ ଉତ୍ତରମୁହଁ । ବାବୁତ ଭାବୁଛନ୍ତି, "ହେଇଟି ଉତ୍ତରପଟ ବସ୍ତି ବାଲାଏ କେମିତି ମିଳିମିଶି ଅସାଧ୍ୟ ସାଧନ କରୁଛନ୍ତି - ଆଉ ଏଇଟା କହୁଛି କଅଣନା ନେତା ନାହାନ୍ତି । କିଆଁ - ନେତା ଚାହିଁଲେ ଗଣ୍ଡା ଗଣ୍ଡା ମିଳିବେ ।" ପଶ୍ଚିମ ମୁହାଁ ବାବୁ ଜଣକ କହୁଚନ୍ତି, "ଲୋକଟା ଯାହା କହୁଚି ସତ ହୋଇପାରେ - ହେଲେ ଏ

Digitized by srujanika@gmail.com

ନେତା ନମିଳିବା କଥାଟା ଠିକ୍ ନୁହେଁ ।" ଆଉ ଦି ଚାରିଜଣ ସେପଟେ ବାହାସ୍ଫୋଟ ମାରି ରଡି ଛାଡିଲେଣି, "ରଖ ରଖ ଆମର ପଛେ ଆଗକୁ ଯିବା ନୋହୁ, ଆମୁକୁ ପଛେ ସମସ୍ତେ ଛିଛାକର କରନ୍ତୁ, ଆମେ ଆଉ କାହାରିକି ନେତା ମାନିବୁ ନାହିଁ । ହୁଏତ ତୁମେ ସମସ୍ତେ ଆମକୁ ନେତା ମାନିନିଅ, ନୋହିଲେ ଆଉ ଯିଏ ନେତା ହବ ତାକୁ ଦେଖିନେବୁ ।"

ଟିକିଏ ଶୁଣନ୍ତୁ । ଆପଣମାନେ ଏଇ କେତେଜଣତ ଆମ କଥାର ତିନି ପ୍ରକାର ପ୍ରତିବାଦ କଲେଣି । ଏତେକାଳର ପୁରୁଣା ଜାତିଟାର ସମସ୍ତେ ଯେ କେତେ ପ୍ରକାର ପ୍ରତିବାଦ କରିବେ ବା କରୁଛନ୍ତି ସେଇଟା କଅଣ ଏଇଥିରୁ ଅନୁମାନ କରି ହେଉନାହିଁ ? ମୁଁ ସେଇଥିପାଇଁ କହୁଥିଲି ଆମେ ସମସ୍ତେ ଯଦି ଜଣକ ପଛରେ ନଚାଲିବା କିମ୍ୱା ସେ ଜଣକ ଯଦି ଆମ ସମସ୍ତଙ୍କୁ ତା ପଛରେ ନେଇ ନ ପାରିବେ ତେବେ ବିଶ୍ୱ ପଙ୍ଗତରେ ନିମନ୍ତ୍ରଣ ପାଇବାତ ଦୂରର କଥା, ତା'ର କାର୍ଯ୍ୟସୂଚୀଟାଏ ମଧ୍ୟ ପାଇ ପାରିବା ନାହିଁ । ଯଦି ନେତା ଓ ଜନମତ ପରସ୍ପରର ପରିପୂରକ ହୁଅନ୍ତି, ତେବେ ବିଶ୍ୱପଙ୍ଗତରେ ପତ୍ର ମିଳିବ । ରୋହି ମୁଣ୍ଡଟା ନହେଉ ଅନ୍ତତଃ ଆମ ପାଟି ଜୋରରେ ମାଛ ବେସରଟା ପତ୍ରଛେଦ ହେବନାହିଁ ।

ଛାଡ - ଅସଲ କଥା ହେଉ । ବନ୍ଧୁମାନେ ଉତ୍ତରପଟ ବସ୍ତି ବା ପଶ୍ଚିମପଟ ଗାଁ ବାଲାଙ୍କ କଥା କହିଲେ ଯେ ସେଥିରେ ଟିକିଏ କେଁ ରହିଯାଉଛି । ଆମ ସଂସ୍କୃତି ଓ ଆମ ଜାତୀୟତା କଥା କହୁଥିଲି ନା । ସେଥିରୁ ଆମ ମନୋବୃତ୍ତି ଓ ତାଙ୍କ ମନୋବୃତ୍ତି ମଧ୍ୟରେ କି ଫରକ୍ ରହିଛି ସେଇଟା ସ୍ପଷ୍ଟ ହେଲାନାହିଁ ପରା ? କାହିଁକି ନା ମନୋବୃତ୍ତି ନେଇ କାର୍ଯ୍ୟପନ୍ଥା ବା ମାର୍ଗ ଫରକ୍ ହେବ, ଆଉ ଯେଉଁ ନେତା ଆମ ସଂସ୍କୃତି, ଆମ ଜାତୀୟତା ଓ ଆମ ମନୋବୃତ୍ତି ନବୁଝି ଚଳାଇବାକୁ ଯିବ ସେ ବିଚରା ହତବାକ୍ ହେବାଛଡା ଲାଭ କିଛି ପାଇବନାହିଁ ।

ଶ୍ରୀକ୍ଷେତ୍ର ଗଲାବେଳେ ଘୋଡାଗାଡି ଓ ବଳଦଗାଡି ଏକା ଦିଗରେ ଯାଆନ୍ତି । ବଳଦଗାଡି ରାସ୍ତାରେ ବି ଯାଏ । ବିଲରେ ପଡିଥିବା ସିଧାବାଟ ଶଗଡଗୁଳାରେ ବି ଯାଏ । ଘୋଡାଗାଡି କିନ୍ତୁ ରାସ୍ତା ଛଡା ଅନ୍ୟ ବାଟେ ଯାଏନାହିଁ । ବଳଦ କାହିଁକି

Digitized by srujanika@gmail.com

ଘୋଡା ପରି ଗ୍ୟାଲପ କରୁନାହିଁ ଭାବି ଯଦି ବଳଦ ପିଠିରେ ପାଞ୍ଚଣ କଷି ଦିଆଯାଏ, ତେବେ ବାଟରେ ବରଂ ଶାଗୁଣା କୁକୁରଙ୍କର କଚେବାର ପଡିବ, ଯାତ୍ରୀର କିଛି ଲାଭ ନାହିଁ । ସେହିପରି ଆମେ ଯେବେ ଅନ୍ୟମାନଙ୍କ ଭଳି ଚାଲିନପାରିବୁ ତେବେ ସେଥିପାଇଁ ଆମକୁ ଅଳସ ବା ଅପଟୁ କହିବା ଭୁଲହେବ । ସେମାନଙ୍କ ପନ୍ଥା ଆମ ପନ୍ଥାରେ ଫରକ ନିଶ୍ଚୟ ରହିବ ।

ସ୍ୱସ୍ତିପନ୍ଥାମନୁଚରେମ

ଆମ ପନ୍ଥା କ'ଣ ? ଆମ ସମାଜରେ ଗୁରୁ ଓ ପ୍ରତିଭାବାନ୍‌ର ପୂଜା ଏବେ ବି ରହିଛି । 'ନବୀନ' ମାନେ ମନେ ମନେ ଯାହା ଭାବନ୍ତୁ ପଛକେ ସେଥିରେ ବିପ୍ଳବ କରିନାହାନ୍ତି । ସୃଷ୍ଟିର ପ୍ରାକ୍ କାଳରୁ ଜାତି ଯେଉଁ ଘର କରିଥିଲା ହଜାର ଅତ୍ୟାଚାର, ଅସୁବିଧା ମଧ୍ୟରେ ବି ତା ଘର ଭାଙ୍ଗି ନାହିଁ କି ଭିଟାମାଟି ଛାଡି ଉଠିଯାଇନାହିଁ । ଆଗନ୍ତୁକ ଶତ୍ରୁ, ମିତ୍ର, ଯୁବକ, ବୃଦ୍ଧ, ଅକର୍ମଣ୍ୟ, ଭିକ୍ଷୁକ ସମସ୍ତଙ୍କୁ ସମାଜରେ ସ୍ଥାନ ଦେଇ ସେ ମାଟିଜଗି ପଡି ରହିଛି । ସମସ୍ତଙ୍କୁ ମନେଇ ନେବା ଆମର ନୀତି । ଗଛମୂଳରେ ଶୋଇ ରହିଥିବା ଲୋକକୁ ଆମର ପ୍ରଗତିକାମୀମାନେ ପରିତ୍ୟାଗ ବା ନିଃଶେଷ କରି ନଦେଇ ବରଂ ସେମାନେ ଉଠିବା ପର୍ଯ୍ୟନ୍ତ ଅପେକ୍ଷା କରି ରହୁଛନ୍ତି । ଏଇତ ଆଖି ଆଗରେ ଚୀନର ଅନ୍ୟାୟ ଅନୁପ୍ରବେଶ ସତ୍ତ୍ୱେ ଆମର ନେତା ବା ଜାତି ସ୍ଥୈର୍ଯ୍ୟ-ଧୈର୍ଯ୍ୟ ନହରାଇ, ବହୁ ଦାବୀ ସତ୍ତ୍ୱେ ଗୋଟାଏ ଶ୍ରେଣୀକୁ ରାଜନୀତି କ୍ଷେତ୍ରରୁ ନିଃଶେଷ କରି ନଦେଇ ହୃଦୟ ପରିବର୍ତ୍ତନ ନୀତିରେ ଆସ୍ଥା ରଖି ଅପେକ୍ଷା କରୁଛନ୍ତି ।

କିନ୍ତୁ ଉତ୍ତର ଓ ପଶ୍ଚିମରେ ତା'ତ ହୋଇନାହିଁ । ଇଉରୋପରେ ଯେତେବେଳେ 'ଅପେକ୍ଷାକୃତ ସ୍ଥବିର' ମନୋବୃତ୍ତିର ପ୍ରବଳ ଚାପରେ 'ନବୀନ' ମନୋବୃତ୍ତି ବିରକ୍ତ ହୋଇ ପଡିଛି, ସେତେବେଳେ ସେ 'ମେ ଫ୍ଲାଉଆର' ଜାହାଜରେ ଆମେରିକାକୁ ପଳାଇଛି । ଏହି ବିସମ୍ବାଦ ବେଳେ ଯଦି ଗୋଟାଏ ଶ୍ରେଣୀର ଗତିପଥରେ ବାଧା ପଡିଛି ତେବେ 'ସ୍ଥବିର' ଓ 'ନୂତନ' ମଧ୍ୟରେ ସଂଘର୍ଷ ହୋଇ ବରଂ ଗୋଟାଏ ଶ୍ରେଣୀ ଲୋପ ପାଇଯାଇଛି, କିନ୍ତୁ ସାଲିସ୍ ହୋଇନାହିଁ । ରୁଷିଆରେ ଧର୍ମଯାଜକମାନଙ୍କୁ ନିପାତ କରିଦିଆଯାଇଛି । ଇଂଲଣ୍ଡରେ ଜଣେ ନେତା (ରାଜା) କ୍ୟାଥଲିକ୍ ମାନଙ୍କୁ ପୋଡି ପକାଇବା ବେଳକୁ ଆଉଜଣେ ପ୍ରୋଟେଷ୍ଟାଣ୍ଟଙ୍କୁ ପୋଡି

Digitized by srujanika@gmail.com

ପକାଇଛି । ଏବେ ତ ତିବ୍ବତରୁ ଗୋଟାଏ ଶ୍ରେଣୀକୁ ନିପାତ କରିଦେବାର ବାହାଦୂରୀ ଚୀନ ଦେଖାଇ ଦେଇଛି ।

ମୋଟ ଉପରେ ଏ ଜାତି ଏକ ଅତି ସ୍ଥବିର ଜାତି (adult race), ଏ ଜାତିର ମୂଳ ନୀତି ହେଲା ହୃଦୟ ପରିବର୍ତ୍ତନ । ଅନ୍ୟମାନେ ଅପେକ୍ଷାକୃତ 'ନୂତନ'(non adult), ତାଙ୍କର ନୀତିହେଲା ନିଃଶେଷ (elimination)। ଶତ ବା 'ସତ୍‌ମାର୍ଗ' ହେଲା ସ୍ଥବିରର 'ଆକାଂକ୍ଷା', କିନ୍ତୁ 'ଆନ୍ଦୋଳନ' ହେଲା 'ନବୀନ'ର ଉଦ୍ଦାମ ରକ୍ତର ବହିଃପ୍ରକାଶ ମାତ୍ର । ଏ ଦୁଇ ବିରୋଧୀ ଭାବର ସମନ୍ୱୟ ନାମତଃ ଓ କାର୍ଯ୍ୟତଃ କରାଇବାରେ ହିଁ ନେତୃତ୍ୱର ଇନ୍ଦ୍ରଜାଲ ବୋଲ କରିଛି ।

ବନ ସଂସ୍କୃତିର ନାରିକେଳ ଦୁର୍ବାକ୍ଷତ

ଧର ଗାଁରେ ରାସ୍ତାଟିଏ ଦରକାର, ଜଣେ ସ୍ଥବିର ହାତରେ ନିମନ୍ତ୍ରଣ ପଠାଗଲା ଗେଲପ୍ ଅର୍ଥାତ୍ ଛାପା କାଗଜରେ ନୁହେଁ ଆମ ବନ ସଂସ୍କୃତିକୁ ଚାହିଁ ନାରିକେଳ ଦୁର୍ବାକ୍ଷତ ଗୁବାକ ଯୋଗେ । ସମାଜର ଅବଚେତନ ମନରେ ଯେଉଁ 'ପ୍ରାଚୀନ' ବଲା ବାନ୍ଧି ରହିଛି ତାହା ଏସବୁକୁ ସଶ୍ରଦ୍ଧ ଅଭିନନ୍ଦନ ଜଣାଇଲା । 'ନବୀନ' ମନୋବୃତ୍ତି ନିର୍ମାଣ ବାହିନୀର ସମରବାଦ୍ୟ, କଦମଭଙ୍ଗୀ ଓ ସୈନିକ ଶୃଙ୍ଖଳା ପ୍ରତି ଆକୃଷ୍ଟ ହୋଇ ମାର୍ଗ ନିର୍ମାଣରେ ସହଯୋଗ କଲା । ନାରୀମାନେ ଶଙ୍ଖ, ହୁଳହୁଳି ଦେଇ ଓ ବାହିନୀର ଖାଦ୍ୟପେୟର ବନ୍ଦୋବସ୍ତ କରି ଗଠନ କାର୍ଯ୍ୟରେ ସହାୟତା କଲେ । ଏଠାରେ ମନେ ରଖିବାର କଥା ମୂଳ ଗଠନ କାର୍ଯ୍ୟଟି 'ନବୀନ'ଙ୍କ ଦ୍ୱାରା ସମ୍ପନ୍ନ ହେଉଛି, କିନ୍ତୁ ସମସ୍ତେ ଶକ୍ତି ଅନୁଯାୟୀ ସ୍ୱେଚ୍ଛାକ୍ରମେ ଏଥିରେ ଜବରଦସ୍ତ ବା 'ନିପାତ'ର ଚିହ୍ନ ବି ନାହିଁ ।

ରାସ୍ତା ତିଆରି କାହିଁକି ? କାରଖାନା ତିଆରି କର, ନଇରେ ବନ୍ଧ ପକାଅ - ଏତେ କଥା ଥାଉ ଥାଉ ଶହେଟା ରାସ୍ତା ତିଆରି ପାଇଁ ତରବର କାହିଁକି ? ଇତିହାସରୁ ଦି'ପଦ କହେଁ - ଉତ୍ତର ମିଳିଯିବ । ମଗଧ, ଅଙ୍ଗ, ବଙ୍ଗ, କଳିଙ୍ଗ, କୋନ୍ନଜ, ଚେର, ଚୋଳ, ପାଣ୍ଡ୍ୟର - ବିଭିନ୍ନ ଯୁଗରେ ବିଭିନ୍ନ ରାଜ୍ୟ ଭାରତରେ ଗଢି ଉଠିଛନ୍ତି । 'ଦିଗ୍‌ବିଜୟୀ' ବୀର ବି ସେଥିରୁ ବାହାରି ପଡେଶୀ ଭାରତୀୟ

Digitized by srujanika@gmail.com

ରାଜ୍ୟକୁ ଛାରଖାର କରିଛନ୍ତି । କିନ୍ତୁ ଅଖଣ୍ଡ ଭାରତ ଗଢି ପାରି ନାହାନ୍ତି । ଏମାନଙ୍କ ଭିତରେ ସଂହତି ନଥିବାରୁ ଶକ, ହୁନ, ମୋଗଲ, ଇଂରାଜ, ଫରାସୀ - ଯେ ଯେତେବେଳେ ଆସିଛନ୍ତି ସେ ଏମାନଙ୍କୁ ଖଣ୍ଡ ଖଣ୍ଡ କରି ଗ୍ରାସ କରିଛନ୍ତି । ଅଥଚ ୧୪ଟା ଭାଷା ଓ ଅଶେଷ ଉପଭାଷା ଭିତ୍ତିରେ ବିଖଣ୍ଡିତ ଜାତିଟା କାହାରି ପ୍ରତିରୋଧ କରିପାରିନାହିଁ। ଇଂରେଜମାନେ ଇଂରେଜୀ ମାଧ୍ୟମରେ ଯେଉଁ ଅଖଣ୍ଡ ଭାରତ ଧକାମରା ଭାବେ ରଖିଥିଲେ ତାହାକୁ ଚଳାଇବାର ଦାୟିତ୍ୱ ଆମ ଉପରେ ନ୍ୟସ୍ତ । ଆମେ ବୁଝୁଛୁଁ ଦେଶରେ ଗୋଟାଏ ଭାଷା ଓ ଗୋଟାଏ ଲିପି ହେବା ନିତାନ୍ତ ଦରକାର । ତା ନହେଲେ ବିଭିନ୍ନ ପ୍ରାନ୍ତୀୟ ଭାଷାଭାଷୀ ମଧ୍ୟରେ ଭାବ ଆଦାନ ପ୍ରଦାନ ବା ସଂଯୋଗ ରହି ପାରିବ ନାହିଁ ।

ଓଡିଶାରେ ଅବସ୍ଥା ଆହୁରି ଶୋଚନୀୟ । ପଶ୍ଚିମ ପଟରେ ଥିବା ସମ୍ବଲପୁରୀ ଅଞ୍ଚଳର ଭାଷା ଉପକୂଳ ଅଞ୍ଚଳରେ ବୁଝି ହେଉ ନାହିଁ । କଟକର ଓଡିଆ, ବାଲେଶ୍ୱରୀ ଓଡିଆ, ପୁରୀ ଓଡିଆ, ବ୍ରହ୍ମପୁରୀ ଓଡିଆ ଭାଷା ଉଚ୍ଚାରଣ ଓ ଶବ୍ଦ ବିଭବ ଦୃଷ୍ଟିରୁ ପରସ୍ପର ଠାରୁ ବିଭିନ୍ନ । ଏ ଗୁଡିକ ସ୍ଥାନରେ ଗୋଟିଏ ଭାଷା ନ ଚଳାଇଲେ ଓଡିଶାର ବିଭିନ୍ନ ଅଞ୍ଚଳରେ ଆଞ୍ଚଳିକ ବିଦ୍ୱେଷ ଦେଖା ଦେଉଛି ବା ଦେବ । ଅଥଚ ଆଇନ ବଳରେ ଜୋର ଜବରଦସ୍ତ ଗୋଟାଏ ନିଷ୍ପତ୍ତି ଅନ୍ୟ ଉପରେ ଲଦି ଦେବା ଆମ ମନୋବୃତ୍ତି ବା ଐତିହ୍ୟ ନୁହେଁ। ତେଣୁ ଭାରତୀୟ ଭାଷା ମାନଙ୍କର ସମନ୍ୱୟ ଯେତିକି ଦରକାର, ଓଡିଶାରେ ମଧ୍ୟ ତା ଠାରୁ କମ୍ ଦରକାର ନୁହେଁ । ଏଥିପାଇଁ ପ୍ରଧାନ କଥା ହେଲା ଭାରତରେ ତଥା ଓଡିଶାରେ ପ୍ରତ୍ୟେକ ଲୋକ ବିଭିନ୍ନ ଅଞ୍ଚଳରେ ଲୋକଙ୍କ ସଙ୍ଗରେ ମିଶିବାର ସୁବିଧା ପାଇବା । ଆଗେ ଦେଶର ଅଖଣ୍ଡତା, ପରେ ଅନ୍ୟ କିଛି। ସେଥିପାଇଁ ରାସ୍ତା ଦରକାର, ଆଗେ ଦରକାର। ଆଉ ଗୋଟିଏ ଆବଶ୍ୟକତା ହେଉଛି ରାସ୍ତା ଭ୍ରମଣର ସୁବିଧା। ଅଥଚ ବର୍ତ୍ତମାନ ଆମର ପ୍ରତି ୧୦୦ ବର୍ଗ ମାଇଲରେ ୨୬ ମାଇଲ ରାସ୍ତା ବି ନାହିଁ । ହିମାଳୟ ଅଞ୍ଚଳରେ ରାସ୍ତା ନ ଥିବାରୁ ଆମ ମହାଦେବଙ୍କ ଘର ଆଡେ କେମିତି କାମଳ ରୋଗର ଦାଉ ଦେଖା ଗଲାଣି ତାହା ଆଖି ଆଗରେ ଦେଖୁଥାଇଁ । ତେଣୁ ଆମର ପ୍ରଥମ ଓ ପ୍ରଧାନ ସମସ୍ୟା

Digitized by srujanika@gmail.com

ରାସ୍ତା । ସେ ଦିଗରେ ବିଭିନ୍ନ ରୁଚିର, ବିଭିନ୍ନ ମନୋବୃତ୍ତିର ଲୋକଙ୍କୁ ନେଇ ଯେଉଁ ଶତମାର୍ଗ ଆନ୍ଦୋଳନ ଚଳା ଯାଉଛି ତାହା ଏ ସମସ୍ୟାର ଗୁରୁତ୍ୱ ଲୋକଙ୍କୁ ଜଣାଇ ଦେଇ ପାରିବ ।

ରାସ୍ତା ସମସ୍ୟା ତୁଟାଇବା ଦିଗରେ ଶତମାର୍ଗ ଆନ୍ଦୋଳନ ପ୍ରଥମ ପଦକ୍ଷେପ ହୋଇପାରେ, କିନ୍ତୁ ଏହା ପଛରେ ଯେଉଁ ବିରାଟ ସଂଗଠନ, ବୁଦ୍ଧି କାର୍ଯ୍ୟ କରୁଛି ତାର କାଉଁରୀକାଠି ସ୍ପର୍ଶରେ ଯେ ଏହି ଆନ୍ଦୋଳନ କ୍ରମେ ଏକ ସାଙ୍ଗଠନିକ ବିପ୍ଳବରେ ପରିଣତ ହୋଇ ସାରା ଦେଶକୁ ସ୍ୱାବଲମ୍ବନଶୀଳତାର ସନ୍ମାର୍ଗ ପ୍ରଦର୍ଶନ କରିବ ଏଥିରେ ସନ୍ଦେହ ନାହିଁ । ଭଗବାନ କରନ୍ତୁ, ଏଥିରେ ପୁରୋଧାଙ୍କ ସହାୟତା ଓ ନିର୍ଦ୍ଦେଶରେ ଉଦ୍ୟୋକ୍ତାମାନଙ୍କର ନୀରବ ସାଧନା ସଫଳ ହେଉ ।

ପନ୍ଥାନଃ ତେଶୁଭାଃସନ୍ତୁ, ଶୁଭଂ ଭବତୁ ଶୁଭାନି ଭବନ୍ତୁ ।"

ଓଡିଶା ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟ

◆

"ନିଷ୍କାମ କର୍ମରୁ ହିଁ ମିଳେ ନୈସର୍ଗିକ ଆନନ୍ଦ ।।"

ଜାତି ନନ୍ଦିଘୋଷ ଚଳିବ କି ଭାଇ
ସ୍ୱାର୍ଥକୁ ସାରଥୀ କଲେ,
ଟାଣେ କିରେ ଗାଡ଼ି ଦାନାର ତୋବଡ଼ା
ଘୋଡ଼ା ମୁହେଁ ବନ୍ଧା ଥିଲେ ।।

ମଧୁସୂଦନ ଦାସ

Digitized by srujanika@gmail.com

କୀର୍ତ୍ତିର୍ଯସ୍ୟ ସ ଜୀବତି

ଶ୍ରୀ କ୍ଷିତୀଶ ଚନ୍ଦ୍ର ମିତ୍ର

କୌଣସି ଦେଶକୁ ଉନ୍ନତ କରିବାକୁ ହେଲେ ବା କୌଣସି ଜାତିକୁ ଗଢିବାକୁ ହେଲେ କଠିନ ଶ୍ରମ ଦରକାର। ଯେଉଁ ସମାଜରେ ଶ୍ରମର ଉଚିତ ମର୍ଯ୍ୟାଦାବୋଧ ନାହିଁ, ସେ ସମାଜ କେବେହେଲେ ବିଶ୍ୱ ଦରବାରରେ ଉଚ୍ଚ ସମ୍ମାନ ଲାଭ କରିପାରେ ନାହିଁ । ଅତୀତର ଇତିହାସରୁ ଏହା ହିଁ ଦେଖିବାକୁ ମିଳେ ।

ଶ୍ରମ ଭିତରେ ପୁଣି ଶ୍ରେଣୀ ବିଭାଗ ରହିଛି – ଦୈହିକ ବା କାୟିକ ଶ୍ରମ ଓ ମାନସିକ ଶ୍ରମ । ଏଥିରୁ ଏକକୁ ଅନ୍ୟଠାରୁ ଉଚ୍ଚ ସ୍ଥାନ ଦିଆଗଲେ ସାମୂହିକ ବିକାଶ ବାଧା ପ୍ରାପ୍ତ ହୋଇଥାଏ । ଇତିହାସ ପୃଷ୍ଠାରେ ଏହାର ଭୁରି ଭୁରି ଦୃଷ୍ଟାନ୍ତ ରହିଛି । ଯେଉଁ ସମାଜରେ ବା ରାଷ୍ଟ୍ରରେ କେବଳ ମାନସିକ ଶ୍ରମକୁ ଶ୍ରେଷ୍ଠ ସମ୍ମାନ ଦିଆ ଯାଇଥିଲା ଏବଂ କାୟିକ ଶ୍ରମ ପ୍ରତି ଅବଜ୍ଞା ପ୍ରକାଶ କରାଯାଇଥିଲା ସେ ସମାଜ ବା ରାଷ୍ଟ୍ର ବେଶୀ ଦିନ ଏ ଜଗତରେ ତିଷ୍ଠି ରହିପାରି ନାହିଁ, ଅଧୁନା ବିଲୁପ୍ତ ଅନେକ ପ୍ରଚୀନ ସଭ୍ୟତା ଏହାର ମୂକସାକ୍ଷୀ ।

“ପୋଥି ବାଇଗଣ ଓ ବାଡ଼ି ବାଇଗଣ” ଅତି ସାଧାରଣ ଗୋଟିଏ କଥା। ଆମର ଏହିପରି କେତେକ ଗାଉଁଲି କଥାରେ ବା ଢଗ ଢମାଳିରେ ଯେଉଁ ନିଗୂଢ଼ ତଥ୍ୟମାନ ଅନ୍ତର୍ନିହିତ ରହିଛି ସେ ସବୁ ଅନୁଧ୍ୟାନ କଲେ ଅନେକ ଚିରନ୍ତନ ସତ୍ୟର ସନ୍ଧାନ ପାଇପାରିବା। ଜଣେ ଦୁଇଜଣ ଲୋକ ବିଦ୍ୟା ବୁଦ୍ଧି ଖର୍ଚ୍ଚ କରି ଯେଉଁ ଉପଦେଶ ବା ନିର୍ଦ୍ଦେଶ ଦେବେ ସେହି ଅନୁସାରେ କାର୍ଯ୍ୟ କରି କିଛି ଫାଇଦା

Digitized by srujanika@gmail.com

ଉଠାଇବା ପାଇଁ ଶହେ ବା ହଜାରେ ଲୋକଙ୍କ ସମବେତ କାୟିକ ପ୍ରଚେଷ୍ଟା ହେବା ଦରକାର । ତେଣୁ ଆମେ ଯେତେବେଳେ ଜାତି ଗଠନରେ ଆତ୍ମନିୟୋଗ କରିଛୁ, ଆମର ସର୍ବାଦୌ ଉଚିତ, କମ୍ ଲୋକେ କମ କଥା କହି ବେଶୀ କାମ କରିବା ।

ଆତ୍ମସନ୍ତୋଷ ଲାଭ କରିବାକୁ ହେଲେ, ନିଷ୍ଠାର ସହିତ କାମ କରିବାକୁ ପଡେ । ସାହିତ୍ୟିକ କଳାକାର ଠାରୁ ଆରମ୍ଭ କରି ସାଧାରଣ କୁମ୍ଭାର, କମାର ପର୍ଯ୍ୟନ୍ତ ଯେ ଯେତିକି ପରିମାଣରେ ଆତ୍ମସନ୍ତୋଷ ଲାଭ କରିପାରିଛି ସେ ଯେ ସେତିକି ପରିମାଣରେ ନିଷ୍ଠାପର ଶ୍ରମ କରିଛି, ଏକଥା ସ୍ୱତଃସିଦ୍ଧ ବୋଲି ଧରିନେବାକୁ ପଡିବ । ବାଞ୍ଛିତ ଫଳ ଲାଭ କରିବାକୁ ହେଲେ କର୍ମରେ ନିଷ୍ଠାପର ହେବା ଦରକାର । ସ୍ୱାମୀ ବିବେକାନନ୍ଦ କହି ଯାଇଛନ୍ତି ଯେ ଚାଲାଖି ଦ୍ୱାରା କୌଣସି ମହତ୍ କାର୍ଯ୍ୟ ସାଧିତ ହୋଇ ପାରେ ନା । ତାର ଅର୍ଥ କୌଣସି ମହତ୍ କାର୍ଯ୍ୟ ସାଧନ କରିବାକୁ ହେଲେ ସେଥିପାଇଁ କଠିନ ଶ୍ରମ ଲୋଡା ।

"ସ୍ୱାସ୍ଥ୍ୟ ହିଁ ସମ୍ପଦର ମୂଳ" ଏବଂ କାୟିକ ଶ୍ରମ ହିଁ ସେହି ସ୍ୱାସ୍ଥ୍ୟକୁ ସୁସ୍ଥ ରଖିବାକୁ ସାହାଯ୍ୟ କରେ । ଯେଉଁମାନେ ଯଥେଷ୍ଟ ପରିମାଣରେ କାୟିକ ଶ୍ରମ କରନ୍ତି ସେମାନଙ୍କ ଭିତରେ ରକ୍ତଚାପ, ଅତିସାର ପ୍ରଭୃତି ମାରାତ୍ମକ ରୋଗ ଗୁଡିକର ପ୍ରାଦୁର୍ଭାବ ଦେଖାଯାଏ ନାହିଁ ।

ଖାଲି କାୟିକ ଶ୍ରମର ଉପକାରିତା ବା ପ୍ରୟୋଜନୀୟତା ଉପଲବ୍ଧି କଲେ ଚଳିବ ନାହିଁ । ଯେଉଁ ସମାଜରେ ଆମେ ବାସ କରୁଥାଇଁ ସେ ସମାଜର କିପରି ଉନ୍ନତି ହେବ ଏବଂ ଯେଉଁମାନଙ୍କ ମଧ୍ୟରେ ଆମେ ରହୁଥାଇଁ ସେମାନଙ୍କର କିପରି ମଙ୍ଗଳ ହେବ ସେହି ଦିଗରେ ଆମର କାୟିକ ଶ୍ରମକୁ ବିନିଯୋଗ କରିପାରିଲେ ଆମେ ଆତ୍ମସନ୍ତୋଷ ଲାଭ କରିବା ସଙ୍ଗେ ସଙ୍ଗେ ଶ୍ରମର ଯଥାର୍ଥ୍ୟ ମଧ୍ୟ ଉପଲବ୍ଧି କରିପାରିବୁ ।

ଅର୍ଥ ବିନିମୟରେ ଯେଉଁ ଶ୍ରମ କରାଯାଏ, ମାନସିକ ହେଉ ବା କାୟିକ ହେଉ, ତାହା ମନ ଭିତରେ ଏକ ଦାସ ମନୋବୃତ୍ତି ଆଣିଦିଏ, ସେଥିରୁ ଆତ୍ମସନ୍ତୋଷ ମିଳେନାହିଁ, ନିଷ୍କାମ କର୍ମହିଁ ଶ୍ରେଷ୍ଠ, ଏହା ଯୁଗେ ଯୁଗେ ପ୍ରମାଣିତ ହୋଇଆସିଛି । ସେଇଥିରୁ ହିଁ ମିଳେ ନୈସର୍ଗିକ ଆନନ୍ଦ । ଏହି ଅନିର୍ବଚନୀୟ ଆନନ୍ଦ ଆହରଣ

Digitized by srujanika@gmail.com

ହେଲା ମାନବର ଧର୍ମ । ସବୁ ଧର୍ମରେ ପରିହିତ ବ୍ରତେ ନିଷ୍କାମ କର୍ମକୁ ଅତି ଉଚ୍ଚସ୍ଥାନ ଦିଆଯାଇଛି ।

କୂପ ଖନନ, ବୃକ୍ଷରୋପଣ ପରି ପଥ ନିର୍ମାଣ ମଧ ଏକ ଧର୍ମ କାର୍ଯ୍ୟ ବୋଲି ପରିଗଣିତ ହୋଇଥାଏ । ପାର୍ଥିବ ଦୃଷ୍ଟିରେ ଦେଖିଲେ ଏହାର ଉପକାରିତା ଅଶେଷ ଅଛି ବୋଲି ଜଣାପଡେ । ସୁଗମ ପଥ ଦ୍ୱାରା ଭାବ ରାଜ୍ୟରେ ଚିନ୍ତାର ବିନିମୟ ଓ ବୈଷୟିକ ଦୃଷ୍ଟିରେ ଅର୍ଥନୈତିକ ଓ ଅନ୍ୟାନ୍ୟ ଉନ୍ନତି ସୁଲଭ ହୋଇଥାଏ । ପୂର୍ବେ ରାଜାରାଜୁଡାମାନେ ତେଣୁ ଭଲ ରାସ୍ତା ତିଆରି କରିବାପାଇଁ ପ୍ରଯନ୍ତ୍ କରୁଥିଲେ । ପ୍ରଜା ରାଜରେ ସେ ଦାୟିତ୍ୱ ଆସି ପଡିଛି ପ୍ରଜାଙ୍କ ଉପରେ ଏବଂ ପ୍ରଜାଙ୍କ ପ୍ରତିନିଧିତ୍ୱ କରୁଥିବା ସରକାର ଉପରେ । ଏ ଦିଗରେ ସରକାର ଯାହା ଚେଷ୍ଟା କରୁଛନ୍ତି, ତାହା ତ ସମସ୍ତେ ପ୍ରାୟ ଜାଣନ୍ତି । କିନ୍ତୁ ସେହି କାମକୁ ଆହୁରି ସୁଦୂର ପ୍ରସାରୀ କରିବା ପାଇଁ ଏବଂ ଆଗେଇ ନେବାପାଇଁ ଦଳେ ନିର୍ଭିକ ସୈନିକ ବାହାରିଛନ୍ତି "ଶତମାର୍ଗ ଆନ୍ଦୋଳନ" ର ବାନା ଧରି । ସୈନିକ ବୋଇଲେ ଆଧୁନିକ ମାରଣାସ୍ତ୍ରରେ ସୁସଜ୍ଜିତ ମୃତ୍ୟୁ ଦୂତ ନୁହନ୍ତି, କୋଡି, କାଙ୍କ, କୋଦାଳ, ଟୋକେଇ ଧାରୀ ଗାଁ ଗାଁର ସ୍ତ୍ରୀ, ପୁରୁଷ, ବାଳକ ବାଳିକା, ଧନୀ ନିର୍ଦ୍ଧନ ପାଠୁଆ ଅପାଠୁଆ, ଯେଉଁମାନେ କି ବର୍ତ୍ତମାନ ଯୁଗର ସହର କୈନ୍ଦ୍ରିକ ଜୀବନ ଧାରଣର ମୁଖ୍ୟ ସୁବିଧାକୁ ଗ୍ରାମ୍ୟ ଲୋକଙ୍କ ପାଇବାର ପଥକୁ ସୁଗମ କରିବାକୁ ଚାହାନ୍ତି, ତାହା ପୁଣି ଏହି ଅର୍ଥ ପାଗଳ ଯୁଗରେ ନିଜ ନିଜ ମନ ଭିତରେ କୌଣସି ଅର୍ଥାଭିଳାଷ ନରଖି । ଏମାନଙ୍କର ସ୍ୱେଚ୍ଛାକୃତ ସଂଘବଦ୍ଧ ଓ ନିଃସ୍ୱାର୍ଥପର କର୍ମର ହୁଏତ ଆଧୁନିକ ଦୁନିଆର ମୂଲ୍ୟବୋଧ ଅନୁଯାୟୀ ବିଶେଷ କିଛି ଗୁରୁତ୍ୱ ନଥାଇପାରେ, କିନ୍ତୁ ଚିନ୍ତା ରାଜ୍ୟରେ ଏହା ଏକ ବିରାଟ ବିପ୍ଳବର ସୂଚନା ନୁହେଁ କି ?

ବାରଟି ଗ୍ରାମ୍ୟ ରାସ୍ତା, ପ୍ରତ୍ୟେକଟି ପ୍ରାୟ ମାଇଲିଏ ଲମ୍ୱ, ଗଲା ବାରମାସ ଭିତରେ ଏହି ନିର୍ମାଣ ସେନା ବାହିନୀ କରିପାରିଛନ୍ତି । ହୁଏତ ଏଇଟା ଖୁବ୍ ବଡ କଥା ନୁହେଁ, ଯେତେବେଳେ କି ଶହ ଶହ କୋଟି ଟଙ୍କା ଏ କାର୍ଯ୍ୟ ପାଇଁ ଖର୍ଚ୍ଚ ଚାଲିଛି, କିନ୍ତୁ ରାମଚନ୍ଦ୍ରଙ୍କ ସାଗର-ବନ୍ଧନରେ ଗୁଣ୍ଡୁଚିମୂଷାର ଦାନ ବି ଅବହେଳାର ବସ୍ତୁ ନୁହେଁ । ସରଳ ଗ୍ରାମବାସୀଙ୍କ ମନୋରାଜ୍ୟରେ ଏ ଯେଉଁ ବିରାଟ ପରିବର୍ତ୍ତନ

Digitized by srujanika@gmail.com

ଆସିଛି, ଓଡିଶାର ଏକ ନିଭୃତ କୋଣରେ, ସ୍ୱାଧୀନ ଭାରତରେ ତାହାର ସ୍ଥାନ କ'ଣ ଅତି ଉଚ୍ଚ ନୁହେଁ ?

ଖାଲି ଗଛଟିଏ ପୋତି ଦେଲେ ଚଳିବନାହିଁ, ପ୍ରତିଦିନ ପାଣି ଦେଇ ତାକୁ ଜୀଆଇ ରଖିପାରିଲେ କାଳକ୍ରମେ ତାହା ଏକ ବିରାଟ ମହୀରୂହରେ ପରିଣତ ହୋଇପାରିବ । କୋଣାର୍କ ମନ୍ଦିର ଉତ୍କଳର ବାରବର୍ଷର ରାଜସ୍ୱରେ ନିର୍ମିତ ହୋଇଥିଲେ ମଧ୍ୟ ଆଜି କେବଳ ତାର ଧ୍ୱଂସାବଶେଷ ଦେଖିବାକୁ ମିଳେ । ଏହିପରି କେତେ ସୁପ୍ରାଚୀନ ବିରାଟ ବିରାଟ କୀର୍ତ୍ତିମାନ ଆଜି ଧ୍ୱଂସମୁଖରେ ପଡିରହିଛି । ଏହାର କାରଣ ଅତି ସ୍ୱଷ୍ଟ । ଦାୟାଦମାନଙ୍କର ଅବହେଳା ଓ ଅଯତ୍ନ ଯୋଗୁଁ ସମୟମତେ ମରାମତିର ବ୍ୟବସ୍ଥା ନ ହେବାରୁ ଆଜି ଏପରି ଅବସ୍ଥା । ସେହିପରି କ୍ଷଣିକ ଉତ୍ସାହ ବା ଉନ୍ମାଦନାରେ କେତେକ ପଥ ନିର୍ମାଣ କରିଗଲେ ଚଳିବ ନାହିଁ; ଏ କୀର୍ତ୍ତିଗୁଡିକୁ ଅକ୍ଷୟ କରି ରଖିବାକୁ ହେଲେ ଯଥେଷ୍ଟ ଧୈର୍ଯ୍ୟ, ଐକାନ୍ତିକ, ସୁଦୂର ପ୍ରସାରୀ ଓ ଦୀର୍ଘକାଳ ସ୍ଥାୟୀ ପ୍ରଚେଷ୍ଟା ଲୋଡା । ରାସ୍ତା ଗୋଟିଏ ତିଆରି କରିବାଠୁ ତାହାକୁ ଉପଯୁକ୍ତ ଭାବେ ରକ୍ଷଣାବେକ୍ଷଣ କରିବା ଅଧିକ କଷ୍ଟସାଧ୍ୟ, ଠିକ୍ ଯେପରି ଚର୍ଚ୍ଚିଲ ସାହେବ କହିଥିଲେ ଯେ ସ୍ୱାଧୀନତା ପାଇଁ ଭୟଙ୍କର ଲଢେଇ କରି ସ୍ୱାଧୀନତା ହାସଲ କରିବାଠାରୁ ସେ ସ୍ୱାଧୀନତାକୁ ରକ୍ଷା କରିବା ଲାଗି ଅଧିକ ତ୍ୟାଗ ସ୍ୱୀକାର କରିବାକୁ ପଡେ । ସେଥିପାଇଁ ଯେଉଁ ଗ୍ରାମରେ ରାସ୍ତା ହେଉଛି ଏବଂ ମୁଖ୍ୟତଃ ଯେଉଁ ଲୋକେ ଏହି ରାସ୍ତା ଗୁଡିକ ଦ୍ୱାରା ପ୍ରତ୍ୟକ୍ଷ ଭାବରେ ଉପକୃତ ହେଉଛନ୍ତି ସେମାନଙ୍କ କର୍ତ୍ତବ୍ୟ ବର୍ଷକୁ ଅନ୍ତତଃ ଥରେ ରାସ୍ତା ଗୁଡିକର ସମ୍ପୂର୍ଣ୍ଣ ମରାମତି କରି ଏହି କୀର୍ତ୍ତି ଗୁଡିକୁ ଅକ୍ଷୟ କରି ରଖିବା । ତାହା ହେଲେ ଯାଇ ଯେଉଁମାନେ ଏ ପଥରେ ଅଗ୍ରଣୀ ହୋଇ ବାହାରିଛନ୍ତି ସେମାନଙ୍କୁ ଚିରସ୍ମରଣୀୟ କରି ରଖିବା ସଙ୍ଗେସଙ୍ଗେ ନିଜେ ମଧ୍ୟ ଯଶସ୍ୱୀ ହୋଇ ପାରିବେ ।

ଓଡ଼ିଶା ବିଧାନସଭା କାର୍ଯ୍ୟାଳୟ

◆

Digitized by srujanika@gmail.com

ଶତମାର୍ଗ ଓ ସାମାଜିକ ଚେତନା

ଅଧ୍ୟାପକ ଡକ୍ଟର ରାଧାନାଥ ରଥ

ଆଦିମ ମାନବ ସମାଜର ଭୌତିକ ପରିବେଷ୍ଟନୀ ଯେତିକି ସଂକୀର୍ଣ୍ଣ ଥିଲା ତାହାର ସାମାଜିକ ପରିବେଷ୍ଟନୀ ସେହିପରି ସଂକୁଚିତ ଥିଲା । ତଦନୁଯାୟୀ ତାର ସାମାଜିକ ଚେତନା ତଥା ସାମାଜିକ ଚିନ୍ତାଧାରା ଅବିକଶିତ ରହିଥିଲା । ବ୍ୟକ୍ତି ଓ ପରିବେଷ୍ଟନୀର ପାରସ୍ପରିକ କ୍ରିୟା ପ୍ରକ୍ରିୟା ସଂପର୍କ ଅନୁପାତ ଅନୁସାରେ ମନୁଷ୍ୟର ସାମାଜିକ ପ୍ରକୃତି ଗଠିତ ହୁଏ । ପ୍ରାଗୈତିହାସିକ ଯୁଗରେ ମନୁଷ୍ୟମାନେ ଅଳ୍ପ ସଂଖ୍ୟାରେ ଗୋଟିଏ କ୍ଷୁଦ୍ରାୟତନ ବିଶିଷ୍ଟ ସ୍ଥାନରେ ବସବାସ କରି ରହୁଥିଲେ । ଏହି ଅଳ୍ପାୟତନ ପରିସର ବାହାରକୁ ଯିବା ସେମାନଙ୍କ ପକ୍ଷରେ ସମ୍ଭବ ନଥିଲା ଏବଂ ସେମାନଙ୍କର ବ୍ୟକ୍ତିଗତ ତଥା ସାମାଜିକ ଆବଶ୍ୟକତା ମଧ୍ୟ ଏତେ କମ୍ ଥିଲା ଯେ ନାନା ପ୍ରାକୃତିକ ବିପର୍ଯ୍ୟୟ ଭିତର ଦେଇ ଅନ୍ୟାନ୍ୟ ଅଞ୍ଚଳକୁ ଯିବା ସେମାନଙ୍କ ପକ୍ଷରେ ବିଶେଷ ଦରକାର ନଥିଲା । ତେଣୁ ନିଜର ସାମାଜିକ ଗୋଷ୍ଠୀ ଛଡା ଅନ୍ୟାନ୍ୟ ଗୋଷ୍ଠୀର ଲୋକ ସହିତ ମିଶିବାର ଅବକାଶ ସେମାନଙ୍କର ନଥିଲା । ଫଳରେ ଆଦିମ ଗୋଷ୍ଠୀମାନଙ୍କ ଭିତରେ ନାନା ପ୍ରକାର କଳି ତକରାଳ ସବୁବେଳେ ଲାଗି ରହିଥିଲା । ସଂସର୍ଗଗତ ଜ୍ଞାନ ଅଭାବରୁ ପରସ୍ପର ପ୍ରତି ନାନା ପ୍ରକାର କୁସଂସ୍କାର ପୂରି ରହିଥିଲା । ଏହା ପ୍ରାଗୈତିହାସିକ ଯୁଗରେ ଯେ କେବଳ ପରିଦୃଷ୍ଟ ହେଉଥିଲା, ତା ନୁହେଁ, ବର୍ତ୍ତମାନ ସୁଦ୍ଧା ଅଗମ୍ୟ ବନ ଜଙ୍ଗଲ ଭିତରେ ରହିଥିବା ଆଦିବାସୀ ଗୋଷ୍ଠିମାନଙ୍କ ଭିତରେ ଏ ପ୍ରକାର ଗୋଷ୍ଠୀଗତ କୁସଂସ୍କାର ଓ ବିଦ୍ୱେଷ ଦେଖିବାକୁ ମିଳେ ।

Digitized by srujanika@gmail.com

ଭୌତିକ ପରିବେଷ୍ଟନୀ ଯେତେ ବେଶୀ ପରିବ୍ୟାପ୍ତ ହୁଏ ମନୁଷ୍ୟର ସାମାଜିକ ଚେତନା ସେହି ଅନୁପାତରେ ବଦଳିବାକୁ ବାଧ୍ୟ । ସମାଜିକ ଦୃଷ୍ଟିକୋଣ ପରିବର୍ତ୍ତିତ ହେବା ସାଙ୍ଗେ ସାଙ୍ଗେ ନୈତିକ, ରାଜନୈତିକ ଓ ଅନ୍ୟାନ୍ୟ ଆନୁସଙ୍ଗିକ ଚିନ୍ତାଧାରାର ରୂପ ମଧ୍ୟ ବଦଳିବା ସ୍ୱାଭାବିକ। ତେଣୁ ଐତିହାସିକ ଦୃଷ୍ଟିକୋଣରୁ ସାମାଜିକ ବିକାଶର ପ୍ରକୃତି, ପରିବ୍ୟାପ୍ତି ତଥା ପ୍ରଖରତା ବିଷୟରେ ବିଚାର କରିବାକୁ ହେଲେ ଭୌତିକ ଆବେଷ୍ଟନୀ ବିଷୟରେ ବୈଜ୍ଞାନିକ ବିଶ୍ଳେଷଣ ନିତାନ୍ତ ଦରକାର।

ଭୌଗଳିକ ପରିସ୍ଥିତି ଭିତରେ ମନୁଷ୍ୟର ଗମନାଗମନର ସମ୍ଭାବନା ଉପରେ ତା'ର ସାମାଜିକ ଚେତନାର ବିକାଶ ନିର୍ଭର କରେ। ତେଣୁ ଯେଉଁ ଦେଶରେ ଯେତେ ବେଶୀ ଯାତାୟତର ସୁବିଧା ରହିଛି, ସେହି ଦେଶରେ ଜାତୀୟ ଚେତନା ସେତେ ବେଶୀ ହେବାର କଥା। ଖାଲି ଯାତାୟତର ସମ୍ଭାବନା ଥିଲେ ଯଥେଷ୍ଟ ନୁହେଁ - ପ୍ରକୃତରେ ଯାତାୟତ ବହୁ ପରିମାଣରେ ଘଟୁଥିବା ଦରକାର। ଅବଶ୍ୟ ଯାତାୟତର ସୁବିଧା ଥିଲେ ଲୋକମାନେ ନିଶ୍ଚୟ ଚାରିଆଡେ ଯିବା ଆସିବା କରିବେ। କିନ୍ତୁ ଯେଉଁ ଦେଶରେ ବିଭିନ୍ନ ଜାଗାକୁ ପ୍ରଥମରୁ ଯିବା ଆସିବା ସମ୍ଭବ ନୁହେଁ କିମ୍ବା ସମ୍ଭବ ହେଲେ ମଧ୍ୟ ବହୁ କଷ୍ଟସାଧ୍ୟ, ସେଠାରେ ସାମାଜିକ ଚେତନା ବଡ ସଂକୀର୍ଣ୍ଣ। ଏହି କାରଣରୁ ଆମ ଦେଶରେ ଏତେବେଶୀ ଗୋଷ୍ଠୀଗତ ଓ ଦେଶଗତ କୁସଂସ୍କାର ଓ ଅସହିଷ୍ଣୁତା, ସାଂସ୍କୃତିକ ସଂକୀର୍ଣ୍ଣତା ମଧ୍ୟ ଦେଖାଯାଇଥାଏ। ବର୍ତ୍ତମାନ ଅଖଣ୍ଡ ଜାଗତିକ ସଂସ୍କୃତି ଓ ସଭ୍ୟତାର ଉଦ୍ଭବ ହେବାକୁ ଯାଉଥିଲାବେଳେ ଓଡିଶାର ବିଭିନ୍ନ ଜିଲ୍ଲା ଭିତରେ ପ୍ରଚଳିତ କଳା ଓ ସଂସ୍କୃତି ବିଷୟରେ ଜନସାଧାରଣ ଅବଗତ ନୁହଁନ୍ତି। ବର୍ତ୍ତମାନ ଲଣ୍ଡନ, ନ୍ୟୁୟର୍କରେ ପହଞ୍ଚିବାକୁ ଯେତେ ସମୟ ଲାଗୁଛି ତା ଠାରୁ ବେଶୀ ସମୟ ଲାଗୁଛି ଓଡିଶାର ଗୋଟିଏ ଜିଲ୍ଲାରୁ ଆଉ ଗୋଟିଏ ଜିଲ୍ଲାକୁ ଯିବା ଲାଗି - କଟକରୁ କଲିକତା ଯାଇ ଫେରିଲାବେଳକୁ କଟକରୁ ସେହି ଜିଲ୍ଲାର ଗୋଟିଏ ଗ୍ରାମରେ ପହଞ୍ଚିବା ସମ୍ଭବ ନୁହେଁ। ଫଳରେ କଟକ, କଲିକତା, ଦିଲ୍ଲୀ ମଧ୍ୟରେ ଯେପରି ସାମାଜିକତା ଓ ସଂସ୍କୃତିର ଐକ୍ୟ ପ୍ରତିଷ୍ଠିତ ହୋଇପାରୁଛି କଟକ ସହର ଓ ଗ୍ରାମ ଭିତରେ ସେହିପରି ସାମାଜିକ ଏକତା ସମ୍ଭବ ହୋଇପାରୁନାହିଁ।

ସାମାଜିକ ଏକତା ସହିତ ମାନସିକ ଚିନ୍ତାଧାରା ଓ ଚେତନାର ବହୁଳ ସମ୍ପର୍କ ରହିବା ସ୍ୱାଭାବିକ। ତେଣୁ ଦେଶଗତ ଓ ଜାତିଗତ ସଂସ୍ପର୍ଶ ଅନୁସାରେ

Digitized by srujanika@gmail.com

ବ୍ୟକ୍ତିଗତ ଓ ସାମାଜିକ ଚେତନାର ବୈଶିଷ୍ଟ୍ୟ ନିର୍ଭର କରେ । ଭିନ୍ନ ଭିନ୍ନ ସ୍ଥାନ ପରିଭ୍ରମଣ କଲାପରେ ମନୁଷ୍ୟର ଚେତନା ଯେପରି ଭାବରେ ବିକଶିତ ହୁଏ, କୂପମଣ୍ଡୁକ ମାନଙ୍କର ଚିନ୍ତାଧାରା ନିଶ୍ଚୟ ସେହିପରି ଭାବରେ କଦାପି ପ୍ରସ୍ଫୁଟିତ ହୋଇ ପାରିବ ନାହିଁ। ବର୍ତ୍ତମାନ ଯୁଗର ବୈପ୍ଳବିକ ଚିନ୍ତାଧାରା ଓ ବିଶ୍ୱସଂସ୍କୃତି ପଛରେ ବ୍ୟକ୍ତିଗତ ପ୍ରଚେଷ୍ଟା ଅପେକ୍ଷା ବିରାଟ ଭୌଗୋଳିକ ପରିସ୍ଥିତି ଭିତରେ ଅଗଣିତ ଜନତାର ଅବାଧ ଗମନାଗମନର ସୁବିଧା ହିଁ ବେଶୀ କାମ କରୁଛି। ବିଶ୍ୱଜନୀନ ଭାବଧାରା ବହୁକାଳ ଧରି କେତେକ କବି ଓ ଦାର୍ଶନିକଙ୍କର ରଙ୍ଗୀନ ସ୍ୱପ୍ନ ହୋଇଥିଲେ ସୁଦ୍ଧା ଆଜି ତାହା କେତେକାଂଶରେ କାର୍ଯ୍ୟକାରୀ ହୋଇପାରିଛି। ଗୋଟିଏ ସପ୍ତାହ ଭିତରେ ଜଣେ ପୃଥିବୀ ପରିଭ୍ରମଣ କରି ବହୁ ଦେଶର ହଜାର ହଜାର ଲୋକଙ୍କ ସହିତ ଯୋଗାଯୋଗ କରି ପୁଣି ନିଜ ଦେଶକୁ ଫେରି ପାରୁଛି। ତା ଫଳରେ ରାଜନୈତିକ ପରିସ୍ଥିତି ମଧ୍ୟ ବଦଳି ଯାଇଛି। ଶହେ ବର୍ଷ ପୂର୍ବେ ଭାରତବର୍ଷ ପରି ଦେଶରେ ଗୋଟିଏ ସମଗ୍ର ଦେଶବ୍ୟାପୀ ରାଜନୈତିକ ସଂସ୍ଥା ପ୍ରତିଷ୍ଠା ସମ୍ଭବ ହେଉନଥିଲା । ପୂର୍ବ କାଳରେ ଏହି ଦେଶରେ ଯେତେ ବିଶ୍ୱବିଜୟୀ ସମ୍ରାଟ ଚେଷ୍ଟା କରିଛନ୍ତି, ସାରାଭାରତ ଦେଶରେ ଗୋଟିଏ ଅଖଣ୍ଡ ରାଜ୍ୟକୁ ସ୍ଥାପନ କରିବା ଲାଗି ସେମାନଙ୍କର ସ୍ୱପ୍ନ ବେଶୀ ଦିନ ସ୍ଥାୟୀ ହୋଇପାରିବ ନାହିଁ କି ହେବା ସମ୍ଭବ ନୁହେଁ। ଇଂରେଜମାନଙ୍କର ଉଦ୍ୟମ ପଛରେ ସେମାନଙ୍କର ଜାତୀୟ ବୈଶିଷ୍ଟ୍ୟ ବା ରାଜନୀତି କୁଶଳତା ଯେତିକି ସାହାଯ୍ୟ କରିନଥିଲା, ଉନ୍ନତଧରଣର ଯାତାୟତର ସୁବିଧା ସେତିକି ସାହାଯ୍ୟ କରିପାରିଥିଲା । ବର୍ତ୍ତମାନ ଜେଟ୍ ଉଡାଜାହାଜ ଯୁଗରେ ଆମର ଚିନ୍ତାଧାରା ଓ ରାଜନୈତିକ ଦୃଷ୍ଟିକୋଣ ଏପରି ଭାବରେ ବଦଳି ଯାଇଛି ଯେ, ଅଖଣ୍ଡ ପୃଥିବୀ ସରକାର ପ୍ରତିଷ୍ଠା କରିବାର କଳ୍ପନା ଆମମାନଙ୍କ ଭିତରେ ଦେଖା ଦେଇଛି । ସାମାନ୍ୟ ସାମାନ୍ୟ କଥାରେ ଦେଶମାନେ ଜାତିସଂଘର ଆଶ୍ରୟ ନେଉଛନ୍ତି। କୌଣସି ଗୋଟିଏ ଦେଶରେ ବନ୍ୟା, ମହାମାରୀ, ଭୂମିକମ୍ପ ପରି କୌଣସି ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଲେ ସାଙ୍ଗେ ସାଙ୍ଗେ ହଜାର ହଜାର ମାଇଲ ଦୂରରେ ଥିବା ଦେଶମାନଙ୍କ ଠାରୁ ସାହାଯ୍ୟ ପହଞ୍ଚି ଯାଉଛି। ପୃଥିବୀର କୌଣସି ଦେଶରେ ଏହିସବୁ କାରଣ ଯୋଗୁଁ ହଜାର ହଜାର ଲୋକ ମରିବା ଆଉ ସମ୍ଭବ ନୁହେଁ। କିନ୍ତୁ ଆମ ଦେଶର ପୁରପଲ୍ଲୀରେ କୌଣସି ବିପତ୍ତି ଦେଖାଦେଲେ, ଯାତାୟତର ଅସୁବିଧା ଯୋଗୁଁ କୌଣସି ସାହାଯ୍ୟ ପହଞ୍ଚିବା ସମ୍ଭବ ହୋଇପାରୁନାହିଁ।

Digitized by srujanika@gmail.com

ଫଳରେ ସହରର ଅଧିବାସୀ ସେହି ଅଞ୍ଚଳର ଲୋକଙ୍କୁ ଚିହ୍ନି ପାରୁନାହାନ୍ତି, କି ସେମାନେ ମଧ୍ୟ ସରକାର କିମ୍ବା କୌଣସି ସହରୀ ପ୍ରଭାବର କର୍ତ୍ତୃତ୍ୱ ବିଷୟରେ ସଚେତନ ହୋଇପାରୁନାହାନ୍ତି । ଏପରି ପରିସ୍ଥିତିରେ କୌଣସି ଗଣତାନ୍ତ୍ରିକ ସଂସ୍ଥା ଭଲଭାବରେ ପ୍ରତିଷ୍ଠିତ ହେବା କଷ୍ଟକର - ଗଣତାନ୍ତ୍ରିକ ଶାସନସଂସ୍ଥା କଥା ତ ଦୂରର କଥା ।

ଆଧୁନିକ ପୃଥିବୀରେ ଏପରି କେତୋଟି କାରଣରୁ ଆତ୍ମଘାତୀ ସାମାଜିକ ତଥା ଗୋଷ୍ଠୀଗତ ଦ୍ୱନ୍ଦ ଦେଖାଦେଇଛି । ଆମେମାନେ ଅଖଣ୍ଡ ମହାଜାଗତୀୟ ସରକାରୀ ସଂସ୍ଥା ସ୍ଥାପନ କରିବାକୁ ଯାଉଥିବା ବେଳେ ଗୋଟିଏ ଜିଲ୍ଲାର ରାଜନୈତିକ ସଂସ୍ଥା ଓ ସାମାଜିକ ଚେତନା ଆଦିମ ଯୁଗର ସଂକୀର୍ଣ୍ଣ ଗୋଷ୍ଠୀଗତ ସଂସ୍ଥାପରି କାମ କରୁଛି । କଲିକତା ସହରରେ ହଇଜାଗ୍ରସ୍ତ ରୋଗୀକୁ ଆମେରିକାର ଡାକ୍ତରମାନେ ଚବିଶଘଣ୍ଟା ଭିତରେ ଆସି ଚିକିତ୍ସା କରୁଥିବାବେଳେ ଗୋପ, ନିମାପଡା ଅଞ୍ଚଳକୁ ବର୍ଷାଦିନେ କଟକରୁ ଚିକିତ୍ସା ପହଞ୍ଚିପାରୁନାହିଁ । "ସାତଥର ଯିବ ଗଙ୍ଗା ଥରେ ଯାଇଥିବା ଚନ୍ଦ୍ରଭାଗା - ମୁହଁ ପଡିଯିବ ରଙ୍ଗା"ର ତାତ୍ପର୍ଯ୍ୟ ବର୍ତ୍ତମାନ ସୁଦ୍ଧା ଲୋକେ ସାମ୍ୟବାଦୀ ସମାଜସଂସ୍ଥା ଦୃଷ୍ଟିରୁ ଗଣତାନ୍ତ୍ରିକ ଚେତନା ଦୃଷ୍ଟିରୁ ବିଶ୍ୱଜନୀନ ସଂସ୍କୃତିର ମୂଳଭିତ୍ତି ପ୍ରତିଷ୍ଠା ଦୃଷ୍ଟିରୁ ଶତମାର୍ଗ ଆନ୍ଦୋଳନର ଦାର୍ଶନିକ ତଥା ସାମାଜିକ ତାତ୍ପର୍ଯ୍ୟ ବର୍ତ୍ତମାନ କେତେକ ହୃଦୟଙ୍ଗମ କରିପାରୁନଥିଲେ ସୁଦ୍ଧା ଆଞ୍ଚଳିକ ପ୍ରାଥମିକ ସୁବିଧା ଦୃଷ୍ଟିରୁ ଅନ୍ତତଃ ଏହାର ମୂଲ୍ୟବୋଧ ଜନସାଧାରଣଙ୍କର ହେଉଥିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

◆

"ଏ ନିଷ୍କାମ କର୍ମ ଯୋଗେ କୃତ କର୍ମ ଫଳ,
ଆରମ୍ଭେ ନହୁଏ ନାଶ ନହୁଏ ବିଫଳ ।
ଏ ଧର୍ମରେ ତ୍ରୁଟି ହେଲେ ପାପ ହୁଏ ନାହିଁ,
ଅଳ୍ପ କଲେ ମହାଭୟୁ ତ୍ରାଣ କରିଥାଇ ।।"

ଗୀତା ୨/୪୦

Digitized by srujanika@gmail.com

ଶତମାର୍ଗରେ ଗତିକରି
ଶତପଥ ବ୍ରାହ୍ମଣ ହୁଅ

ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ

ବାଇବେଲରେ କୁହାଯାଇଛି "ତୁମେ ମୁଣ୍ଡଝାଳ ତୁଣ୍ଡରେ ମାରି ନିଜର ରୁଟି ଖଣ୍ଡକର ଯୋଗାଡ଼ କରିବ।"

ଆଉ ମଧ୍ୟ ଏକଥା ସତ ଯେ ନିଜକୁ କାର୍ଯ୍ୟକ୍ଷମ ରଖିବାକୁ ହେଲେ ପ୍ରତ୍ୟେକ ଲୋକର ଶାରୀରିକ ଶ୍ରମ କରିବା ଆବଶ୍ୟକ।

ଦରିଦ୍ରର ଶାରୀରିକ ବଳ ଧନୀର ବଳ ଅପେକ୍ଷା ଅଧିକ। ଏହାର ଗୋଟିଏ କାରଣ ହେଉଛି ଯେ ଦରିଦ୍ର କାୟିକ ଶ୍ରମ କରେ, କିନ୍ତୁ ଧନୀକ ସେପରି କରିବାରେ ଅବହେଳା ଦେଖାଇଥାଏ।

ସୈନିକମାନଙ୍କର କାୟିକ ଶକ୍ତି ଅଧିକ, କାରଣ ସେମାନେ ଶାନ୍ତି ସମୟରେ ମଧ୍ୟ ନିୟମିତ ଭାବେ ଅଙ୍ଗଚାଳନା କରିଥାନ୍ତି। ଯେତେବେଳେ ଯୁଦ୍ଧ ଆରମ୍ଭ ହୁଏ ସେତେବେଳେ ସେମାନେ ସହଜରେ ଯୁଦ୍ଧର ଧକଲ ସହିପାରନ୍ତି।

ମୋଟେ ଖେଳାଖେଳି ନକରି ସବୁବେଳେ କାମ କଲେ ପିଲାମାନେ ଫୁର୍ତ୍ତି ହୁଅନ୍ତି ନାହିଁ। ଏହାର ଅର୍ଥ ହେଉଛି ଯେ ଜଣେ ଯେତେ ପାରେ ସେତେ କରୁ ପଛକେ, ଖେଳ ଓ ଡିଆଁଡେଇଁ ପାଇଁ ତାର କିଛି ସମୟ ରଖିବା ଉଚିତ୍, ନୋହିଲେ ସେ ବୋକା ହୋଇଯିବ।

ତେଣୁ ଫୁର୍ତ୍ତି ପାଇଁ, ମନର ସୁଖ ପାଇଁ ତଥା ସମାଜ କଲ୍ୟାଣ ଓ ସମୂହକଲ୍ୟାଣ ପାଇଁ ଆମେ ନିଶ୍ଚୟ କାମ କରିବା। ତାହା ଆମର ମନ ଓ ଶରୀରକୁ ସଂପୂର୍ଣ୍ଣ ସତେଜ ରଖିବ।

Digitized by srujanika@gmail.com

ଆମେ ସମସ୍ତଙ୍କ ହିତ ପାଇଁ କାମ କରିବା । ସନ୍ନ୍ୟାସିମାନଙ୍କର ସଂସାରବନ୍ଧନ ନଥାଏ, ସେମାନେ ସମସ୍ତଙ୍କ ହିତ ପାଇଁ କାମ କରନ୍ତି । ତାହାହିଁ ନିଷ୍ପୃହ କର୍ମ । ଏହାର ଅର୍ଥ ହେଉଛି - କୌଣସି ପ୍ରକାର ବ୍ୟକ୍ତିଗତ କାମନା ନରଖି କର୍ମ କରିବା । କିନ୍ତୁ ଏହି କର୍ମ ହେବ ସମସ୍ତଙ୍କ ହିତ ଅର୍ଥାତ୍ ସମୂହ ହିତ ପାଇଁ । ସେଇଥିଲାଗି ଶଙ୍କରାଚାର୍ଯ୍ୟ ଓ ଅନ୍ୟ ସନ୍ନ୍ୟାସିମାନେ ସମସ୍ତଙ୍କ ହିତ ସାଧନ ଉଦ୍ଦେଶ୍ୟରେ ଭାରତର ଚାରିଆଡେ ଭ୍ରମଣ କରିଥିଲେ । ମନୁଷ୍ୟ ଜାତିକୁ ମହତ୍ ଜୀବନର ବାଣୀ ଶୁଣାଇ ସେମାନେ କୁମାରୀକାଠାରୁ ହିମାଳୟ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ । ଓଡିଶାରେ ଆଚାର୍ଯ୍ୟ ହରିହର ଦାସ ନିଜର ଅନୁରକ୍ତ ସହଚାରୀମାନଙ୍କ ସହ ଭୂଦାନ ନିମନ୍ତେ ତାହାହିଁ କରିଛନ୍ତି। ତଥାକଥିତ ଦଳିତ ଜାତିଙ୍କ ଉନ୍ନତି ଉଦ୍ଦେଶ୍ୟରେ ମହାତ୍ମାଗାନ୍ଧୀ ମଧ୍ୟ ତାହା କରିଥିଲେ । ଏସବୁ ହେଉଛି ପରହିତ ସାଧନ । ଦେଶହିତରେ ଉତ୍ସର୍ଗ କରାଯାଉଥିବା ଜୀବନ ଉପରେ କଣ ତା ଉପରେ ଯାହା କୁହାଯାଇଛି ଏହା ଠିକ୍ ସେଇ । ମୁଁ ଆଉଥରେ କହେ ଆମ ଆତ୍ମାର ସମୁନ୍ନତି ପାଇଁ ଯାହା ଆବଶ୍ୟକ ତାହା ହିଁ ନିଷ୍ପୃହ କର୍ମ ।

ଯେତେବେଳେ ମନୁଷ୍ୟ ତାକୁ ପାଇଯାଏ ସେତେବେଳେ ସେ ଏକ ନୂତନ ଜୀବନର ଅନୁଭୂତି ଲାଭ କରେ । ସେ ଅନୁଭବ କରେ ଯେ ବଞ୍ଚି ରହିବାରେ ମୂଲ୍ୟ ଅଛି କାରଣ ସେତେବେଳେ ଏହା ଆଉ ସ୍ୱାର୍ଥପର ହୋଇନଥାଏ । ଏହା ସେତେବେଳେ 'ପରହିତାୟ' ଉତ୍କୃଷ୍ଟ ଜୀବନ ।

ଯେତେବେଳେ ମନୁଷ୍ୟ ଏହା ହୃଦୟଙ୍ଗମ କରେ ସେତେବେଳେ ଯାଇ ସେ ସମୂହ ହିତପାଇଁ କାୟିକ ଶ୍ରମ କରିବାକୁ ଆରମ୍ଭ କରେ ।

ଗୀତାରେ କୁହାଯାଇଛି ଯେ ମନୁଷ୍ୟକୁ ସବୁବେଳେ କର୍ମ କରିବାକୁ ପଡିବ । ତାହା ମଧ୍ୟ ଶରୀରର ପ୍ରକୃତି । ଅଳସୁଆ ଲୋକର ମନ ସଇତାନର କାରଖାନା । ତେଣୁ ଲୋକର ବଳକା ଶକ୍ତିକୁ କର୍ମପାଇଁ ଅର୍ଥାତ୍ ଅନ୍ୟର ହିତ ଉଦ୍ଦେଶ୍ୟରେ କାୟିକ ଶ୍ରମପାଇଁ ଉତ୍ସର୍ଗ କରିବାକୁ ହେବ ।

Digitized by srujanika@gmail.com

ଡକ୍ଟର ହରେକୃଷ୍ଣ ମହତାବ ନିଜେ ଶକ୍ତିର ଏକ ଭଣ୍ଡାର। ତାଙ୍କର ପୌରୋହିତ୍ୟରେ ଆରମ୍ଭ କରାଯାଇଥିବା ଶତମାର୍ଗ ଆନ୍ଦୋଳନ ଏସବୁ କାରଣରୁ ମୋ ମନକୁ ଘେନିଛି । ବର୍ତ୍ତମାନ ହେ ଅନ୍ତେବାସୀ ବର୍ଗ, ଶତମାର୍ଗରେ ଗତିକରି ଶତପଥ ବ୍ରାହ୍ମଣ ହୁଅ । ଏହି ଆନ୍ଦୋଳନ ଅନ୍ୟମାନଙ୍କୁ ଉଦ୍ଦୀପିତ କରୁ, ଏହାହିଁ ମୋର ପ୍ରକୃତ କାମନା ।

ସଭାପତି, ଓଡିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର
୧୬.୧୨.୫୯

"ଏ ନିଷ୍କାମ କର୍ମ ଯୋଗେ ହେ ପ୍ରବୀର ପ୍ରାଣ
ବୁଦ୍ଧି ହୁଏ ସ୍ଥିର ଆଉ ଏକ ନିଷ୍ଠ ଜାଣ ।
ସକାମ କର୍ମରେ ବୁଦ୍ଧି ହୁଅଇ ଅସ୍ଥିର,
ବହୁମତି ଯୁକ୍ତ ପୁଣି ସର୍ବଦା ଅଚିର ॥"
ଗୀତା ୨/୪୧

Digitized by srujanika@gmail.com

SHATMARG ANDOLAN
or
THE HUNDRED ROADS MOVEMENT

Sri K.C. Mitra

The inherent goodness of man is the fundamental basis of human society and the inherent desire for self-less work is the essence of human existence. To work for the public weal without any hope of reward has been the strongest point in the tradition of India from time immemorial. All the great public works done at different periods of Indian history bear testimony to the love of Indians for doing something for the common interest of the people. The old village society in India gives undisputable proof of this noble ideal which is still discernible in Indian blood. And Shatmarga Andolan is one a recent manifestation of this peculiar trait in Indian character.

Among all the public works of benefit road-building has perhaps occupied the pride of place on Indian scene. Beginning right from the Emperors to the common men, road-building has all along been

Digitized by srujanika@gmail.com

regarded by all as a religious act. There are innumerable bright examples in Indian history when road-building was considered to be the main item of public work in this country.

Road carries with it light and culture and brings economic progress through trade and commerce. It helps the interchange of ideas and ideals and strengthens the ties of friendship. Its importance in the life of a nation is like that of an artery in human body. This aspect has not been overlooked by those who are planning for the future all round development of this country. They have properly emphasized the importance of roads in the development of a country. But for those who do not believe either in a totalitarian regimentation or in a philosophy of absolute dependence on the State initiative, or, to express it in nutshell, those who do not like to be spoon-fed for all the time and for all things, feel that if the State enterprises could be supplemented by voluntary work, to whatever little extent that might go, it would surely accelerate the pace of development manifold. This conception has taken the shape of "Shatmarga Andolan".

Man does not live by bread alone nor does the earning of bread alone consumes all his time and energy. The superfluous time and energy not required for earning one's bread are altered away in divers way by all and sundry. To harness and channelize this

Digitized by srujanika@gmail.com

superfluity and make it available for some constructive work of common benefit is the aim of the Shatamarga Andolan.

This movement had its birth in a remote village in the district of Puri in Orissa. It is, so to say, a spontaneous response from the simple village folk to the clarion call from all quarters for an all round development of the country.

The Shramadan movement initiated in the country by Vinobajee might have given a fillip to the organizers of this movement but they wanted to canalize all the idle human energy living dormant in the countryside to one specific item of nation-building activities, that is to say, to the road-building programme.

During the Plan period, greater attention is being paid to road-making but even then if the villagers do not co-operate whole-heartedly with the State, it might not be possible for the State alone, inspite of its vast financial resources and a net-work of organizational set including the technical know-how, to meet all the necessity of new roads in a vast count like ours. The villagers must come half-way with roads and meet the Government's road which will become one to the benefit of the villagers themselves. That is why the organizers of the movement have taken upon themselves the task of constructing link roads in the villages and connecting them with the nearest

Digitized by srujanika@gmail.com

district major roads. The movement has mainly captivated the minds of common men of the villages who are mostly habituated to manual labour. They are most ungrudgingly working for construction of new roads in the villages in a co-operation spirit without any hope of reward except the benefit that would accrue to the village as a whole through the medium of a road communication.

In two years time, 25 village roads have been constructed by the volunteers of Shatamarg Andolan without any expenditure whatsoever from any quarters. The total length of these roads may come to 25 miles roughly - not a mean achievement for the simple villager of the locality.

The value of the work done by these villagers should on no account be calculates only on pound, shilling, pence basis, because the morale it upholds before our countrymen has a deeper meaning at a time when people in general have become accustomed to think the terms of "less work and more profit".

This movement has been able to bring a sense of unity among the villagers will work together for a village road and it has also helped in toning down factional spirit in some of the villages which existed in the past. It has demonstrated the dignity of labour and has been a training ground for work on co-operative basis.

Digitized by srujanika@gmail.com

It has been a unique experiment in uplifting the minds of the common village people from the old groove of thinking that everyone should work for himself alone. It is teaching them the first lesion in building up a corporate life in the village society afresh and a way of living in harmony with one's neighbor. Once this spirit of labour for love is instilled in the villagers their excess energy can be diverted for other important items of national-building works very easily.

If this activity spreads out to other areas in the State and it must spread like contagion because of its inherent strength and usefulness to the people themselves, what miracle could not be achieved at least in road building in the countryside within a period five years from now.

It seems this movement is only a happy augury of greater things to come in future. May the Light of Heaven brighten the path of these selfless workers in the years to come.

♦

Digitized by srujanika@gmail.com

ଶତମାର୍ଗର
କବିତା ଓ କାହାଣୀ

Digitized by srujanika@gmail.com

ଶତମାର୍ଗ ଆନ୍ଦୋଳନ
ସଫଳ ହେଉ

ଶ୍ରୀ ରାଧାମୋହନ ଗଡନାୟକ

ଏତେ ଗାଆଁ ଏତେ ସାହି ଦେଖୁଚତ ଚଉବାହି
ଗତାଗତ ପାଇଁ ନାହିଁ ସୁଗମ ପଥ,
ହୃଦୟ ମୁକୁଳା କରି ବୁକୁର ମମତା ଭରି
ଏକ ଆନେ ଅନାଇଚି ଅନବରତ ।
ଆସ ଭାଇ ଆସ ହେ ତେବେ,
ଗାଆଁରୁ ଗାଆଁକୁ ପଥ ବାନ୍ଧିବା ଏବେ ।

ମାଟିର ପଥ ଏ ନୁହେଁ ଗ୍ରାମେ ଗ୍ରାମେ ଗୃହେ ଗୃହେ
ଫିଟାଇବ ଅଭିନବ ହୃଦୟ ପଥ,
ବେଦନା ବିପାକ ରାଶି ପରସ୍ପରେ ପରକାଶି,
ଗଢିବା ମଙ୍ଗଳ ପାଇଁ ମନୋଜ୍ଞ ମତ ।
ଫୁଲ ପରେ ଫଳ ପରାଏ ।

Digitized by srujanika@gmail.com

ଜୀବନର ଦୀକ୍ଷା ଯାହା ଆସିବ ଛାଏଁ ।

ଉଠ ଆଜି ଭାଇମାନେ   ଏକ ମନେ ଏକ ପ୍ରାଣେ
ଅନାବିଳ ଶ୍ରମଦାନେ ସଜାଗ ହୁଅ,
କଳ କଳ ଛଳ ଛଳେ   ତୋଳି ଆନନ୍ଦର ସ୍ୱରେ
ସ୍ୱଚ୍ଛନ୍ଦେ ବୁହାଇ ଦିଅ ଜୀବନ ସୁଅ ।
ତୋଳି ଭରା ପ୍ରାଣର ଢେଉ ।
ଶତମାର୍ଗ ଆନ୍ଦୋଳନ ସଫଳ ହେଉ ।

ଅନୁଗୁଳ

◆

Digitized by srujanika@gmail.com

ମାର୍ଗାଭିଳାଷ

ଶ୍ରୀ ଜ୍ଞାନୀନ୍ଦ୍ର ବର୍ମା

ଶତମାର୍ଗ ଖୋଲୁ ଦ୍ୱାର
ସହସ୍ର ମାର୍ଗର,
ଶତ ହେଉ ସତ,
ସହସ୍ର ଓ ଲକ୍ଷ ପଥେ
ଏ ଜାତିର ଚାଲୁ ମନୋରଥ,
ଲକ୍ଷ୍ୟ ହେଉ ଏ ଦେଶକୁ କରିବା ଭାସ୍ୱର ।

ମତବାଦେ ଦୀର୍ଣ୍ଣ ଏହି ଜୀର୍ଣ୍ଣ ପୃଥିବୀରେ
ଦୀନ, ଦୁଃଖୀ ଜନତାର ପାଇଁ
ଆଜି ଯେଉଁ ବୀରଗଣ ପଥ ନିର୍ମାଣିଲେ
ତାଙ୍କୁ ମୋର ନମ୍ର ନମସ୍କାର ।

◆

Digitized by srujanika@gmail.com

ଉଦୟର ପଥ

ଅଧ୍ୟାପକ ବିନୋଦ ଚନ୍ଦ୍ର ନାୟକ

-୧-

ପାଟ ଆଉ ପୋଡ଼ା ଭୂଇଁ
କଳା ସାପ ପରି ବଙ୍କା ନଇ
କଣ୍ଟାବଣ ଖାଲ ଢିପ
କ୍ଷୁରଧାର ସ୍ରୋତେ କାହିଁ ବହି,
ଝରଟାଏ ଛୁଟି ଆସେ
ଏ ସବୁର ମଧ୍ୟେ ଏକପଥ
ରଚନା କରିଛ ତୁମେ
ପଦେ ତୁମ ତେଣୁ ଦଣ୍ଡବତ ।

- ୨ -

ପଥ ନୁହେଁ ବନ୍ଧୁ ଏହା
ଏ ଯେ ତୀର୍ଥ କୋଟି ଜନତାର,
କୋଟିଏ ପ୍ରାଣର ଉତ୍ସ
ନିକଷର ବକ୍ଷେ ସ୍ୱର୍ଣ୍ଣଗାର,
ଏ ଦେଶ ତିମିର ବକ୍ଷେ
ଖୋଦିଲ ଏ ଆଲୋକର ପଥ,
ତୁମେ ତ ଆଣିଲ ଗଙ୍ଗା
ମୋ ଦେଶର ନବ ଭଗିରଥ ।

Digitized by srujanika@gmail.com

- ୩ -

ଆଗାମୀ ଜୀବନ ପାଇଁ
ପାନ କରି ଆଜିକାର ବିଷ,
ମନ୍ଥି ଯନ୍ତ୍ରଣା-ସାଗରେ
ଆଣିଦେଲ ଅମୃତ ଆଶିଷ ।
ନୂତନ ଶତାବ୍ଦୀ ସୂର୍ଯ୍ୟେ
ବାହିନେବ ଅରୁଣର ରଥ ।
ହେ ନମସ୍ୟ, ସେଥିଲାଗି
ରଚିଗଲ ଉଦୟର ପଥ ।

◆

Digitized by srujanika@gmail.com

କୋଟି ବୃକ୍ଷତଳେ
କୁସୁମ-କୋମଳ ପଥ

ଶ୍ରୀମତୀ ବ୍ରହ୍ମୋତ୍ରୀ ମହାନ୍ତି

ଏଇ ଯେ ସରଣୀ ଖୋଲି ଖୋଲି ଯାଏ
ପଲ୍ଲୀର ବୁକୁ ଛୁଇଁ
ବନ୍ଧୁ ହେ ତାରେ ପ୍ରଣତି ଜଣାଅ ଥରେ,
ଲକ୍ଷ ଚରଣ ପରଶେ ନେବ ସେ
ପାବନ ତୀର୍ଥ ରୂପ
ଦିଗେ ଦିଗେ ଶତ ଶ୍ରମ-ବର୍ତ୍ତିକା ଜଳେ ।

ସ୍ୱେଦ ଢାଳି ଯିଏ ବନ୍ଧୁର ଭୂମେ
ମସୃଣିଲେ ଏ ପଥ
ସେମାନେ ମଣିଷ, ମଣିଷ ଆମରି ପରି,
ରକତ ମାଉଁସ ଦେହ ଧରି ଆମେ
ମଣିଷରେ ଅମଣିଷ
ସେମାନେ ମଣିଷ ମହାମାନବର ସରି ।

Digitized by srujanika@gmail.com

ଆମ ଛାତି ତଳେ କେବଳ ବାଜୁଛି
ସ୍ୱାର୍ଥର ଜୟଗାନ
ସୀମିତ ଦୃଷ୍ଟି ଖାଲି ଆପଣାର ପାଇଁ,
ଏଇ ମାଟି ଯିଏ ହାଣି ହାଣି କଲେ
ବନ୍ଧୁର ସମତୁଲ
ସେ ମଣିଷ ତୁଲେ ଆମର ତୁଳନା କାହିଁ ?

ତୁମେ କି ଭାବୁଛ ସେମାନେ କେବଳ
ରଚିଗଲେ ଏଇ ପଥ,
ମାଟିରେ ତିଆରି ଧୂସରିତ ପଥ ଖାଲି,
ମୁଁ ଦେଖୁଛି ଚାହିଁ କୋଟି ବୁକୁତଳେ
କୁସୁମ କୋମଳ ପଥ
ତିଆରିଲେ ଯହିଁ ସାହାରାର ମରୁବାଲି ।

କେତେ ଅନ୍ଧାର କକ୍ଷରେ ଦେଲେ
ଆଲୋକର ଦୀପ ଜାଳି
କେତେ ନିଦ୍ରିତ ନୟନରେ ଜାଗରଣ,
କର୍ଣ୍ଣେ ଶ୍ରମର ମନ୍ତ୍ର, କଣ୍ଠେ
ଜୟଯାତ୍ରାର ଗୀତି,
ସ୍ୱେଦଚର୍ଚ୍ଚିତ ଅଭିଯାନ ଆମରଣ ।

ନୂଆ ନୁହେଁ କିଛି ପୁରୁଣା ସତ୍ୟ
'ଶତମାର୍ଗ'ର ସୁରେ
ସରଣୀ ତିଆରି ଧରଣୀର ଜୟଗାନେ,

Digitized by srujanika@gmail.com

ବିଶ୍ୱର ପ୍ରାଣେ ପ୍ରାଣେ ପରଶିଲେ
ରୁଦ୍ଧ ଦୁଆର ଖୋଲି
ସ୍ୱାର୍ଥ ବିହୀନ କର୍ମର କଲତାନେ ।

ଏତେ ଉତ୍ସାହ, ଏତେ ଆକୁଳତା,
ଉଦ୍ଦୀପନା ଯା ବୁକେ
ରଣ ଉନ୍ମାଦ କ୍ଲାନ୍ତିହୀନ ସେ ବୀର
ମାଟି ସଙ୍ଗେ ଯୁଝି ମାର୍ଗ ବିରଚେ
ମର୍ତ୍ତ୍ୟରେ ସୁର ଭୂଇଁ
ବଂଧୁ ତା' ପଦେ ନତ କର ବାରେ ଶିର ।

◆

Digitized by srujanika@gmail.com

ମନ-ମାର୍ଗରେ
ହସୁ ଏ ଧରଣୀ ଧୀରେ

କୁମାରୀ ଆଶାଲତା ଦାସ

ଆହେ ଚଉବାହା ହୁଅ ତୁମେ ସାହା
'ଶତମାର୍ଗ'ର ପଥେ,
ସାରଥି ସାଜ ଏ ନିର୍ମାଣ ସେନା-
ବାହିନୀ ବିଜୟ ରଥେ ।
ସେ କେଉଁ ମୂଳକେ ବିପୁଳ ପୁଲକେ
ପଲ୍ଲୀର ଯେତେ ଜନ
ନବ ଜାଗରଣେ ଆଜି ଏକ ମନେ
ଦେଇଛନ୍ତି ଦେହ, ମନ ।
ଅଗ୍ରଣୀ ସାଜି 'ଶତ ସରଣୀ'ର
ନିର୍ମାତା ଅଭିଯାନେ
ଅଗତିର ଗତି ନିର୍ଦ୍ଦେଶେ ନିଜ
ଶକ୍ତି ଓ ଶ୍ରମ ଦାନେ ।

Digitized by srujanika@gmail.com

ପ୍ରଗତି ପ୍ରଦୀପ ଜଳାଇ ବକ୍ଷେ
ଦକ୍ଷ ସେନାନୀ ଚାଲେ
ଦେଶ ଦୁର୍ଗତି ଦୁରିତ ଲକ୍ଷେ
ଉନ୍ନତ କରି ଭାଲେ ।
ଭୁଲି ଭେଦଭାବ ଦୁଃଖ ଅଭାବ,
ଉତ୍ସାହ ଇନ୍ଧନେ
ଶତ 'ସତ୍-ପଥ' ଗଢି ଯିବେ ବୋଲି
ବନ୍ଧୁତା ବନ୍ଧନେ ।
ଭ୍ରାତୃ ଭାବରେ ଶତ୍ରୁ ପ୍ରାଣର
ରୋଷ ଓ ହିଂସା ଟାଳି
ଶାନ୍ତିର ଦୂତ କରେ ଅଭିଭୂତ
ପ୍ରାଣେ ପ୍ରାଣେ ପ୍ରୀତି ଢାଳି ।
ଦୀନ ଅର୍ଥିତେ ସେବାର କାରଣେ
କର, ଚରଣକୁ ଚାଳି
ଜାଗ୍ରତ କରେ ଜନ ଶକ୍ତିକୁ
ଯୁଗର ତନ୍ଦ୍ରା ଟାଳି ।
ଶ୍ରମ ଅଙ୍କରେ ପଲ୍ଲୀ-ବଧୂର
ଶଙ୍ଖ ଓ ହୁଳହୁଳି
କୀର୍ତ୍ତନ ସାଥେ ହରିବୋଲ ନାମ
ହୃଦେ ଉଠେ ଉଛୁଳି ।
ପ୍ରତି ପୁରେ ପୁରେ ମଙ୍ଗଳ ଦୀପ
ଆଲୋକର ସମାରୋହ,
ଉନ୍ମାଦ ଆଣେ ହୃଦୟ ହ୍ରଦରେ
ସ୍ପନ୍ଦନ ଅହରହ ।

Digitized by srujanika@gmail.com

ଆଗେ ଅଗ୍ରଣୀ ଗ୍ରାମର ଗ୍ରାମଣୀ
ଧର୍ମର ଧ୍ୱଜା ଧରି,
ଶ୍ରମ ସଙ୍ଗୀତେ ନବ ଇଙ୍ଗିତେ
କର୍ମ କାମନା କରି ।
ପଶ୍ଚାତେ ଚାଲେ ନିର୍ମାଣ ସେନା
କର୍ମର ଅନୁରାଗେ,
କୋଡ଼ି ଓ କୋଦାଳ ଯୋଡ଼ି ଯୋଡ଼ି ଧରି
ପଲ୍ଲୀର ପୁରୋଭାଗେ ।
ଗଭୀର ପୁଲକେ ଗ୍ରାମ୍ୟ ମୂଲକେ
ଚକିତେ ଚାହାନ୍ତି ସର୍ବେ,
ଏ ଶ୍ରମ, ଶାନ୍ତି ପ୍ରୀତିର ପ୍ରତୀକ
ଶତମାର୍ଗର ପର୍ବେ ।
(ତେଣୁ) ଅନୁରକ୍ତିରେ ଭକ୍ତି ଅରପି
ଜଣାଏ ଜଣାଣ ପ୍ରଭୁ,
ତୁମରି ଆଶିଷେ ଏ ଶୁଭ ସାଧନା
ଜଗତେ ସଫଳ ଲଭୁ ।
ମାଟି ମାନବର ମନ ମାର୍ଗରେ
ହସୁ ଏ ଧରଣୀ ଧୀରେ,
ନିର୍ମାଣ ସେନା - ବାହିନୀ କରଣୀ
ଶୋଭୁ ଇତିହାସ ଶିରେ ।

ଛତ୍ରପୁର

◆

Digitized by srujanika@gmail.com

ଧର୍ମ-ରାସ୍ତା

ଡକ୍ଟର ରାଜେଶ୍ୱରୀ ଦଳବେହେରା

"ନଜାଣି କରି ଭଗବାନ ତମକୁ ମାଇକିନିଆ ଜନମ ଦେଇଛନ୍ତି ! ଓହୋ କି ହେଲା ଭଲା । ହାତ ଅଛି, ଗୋଡ ଅଛି, ପେଟ ଅଛି, ପାଟି ଅଛି, ସବୁ ଅଛି - ତଥାପି ଅଥର୍ବ । ଦୁଆରେ ଟିକେ ଗୋବର ଲଗେଇ ଦେବାକୁ ହାତ କଣ ଛିଣ୍ଡି ଯାଇଥିଲା କି ? ଆମ୍ବ ଡାଳ ତ ସକାଳୁ ଆଣି ଘରେ ଥୋଇଛି - ବାଇରେ ଦୂବ ଦି କେନା କଣ ନ ଥିଲା ! ଓହୋ, ହଇଓ ସରକୁ ବୋଉ ... ଆହେ କାନକୁ ଶୁଭୁଛି ଟିକି ... ? ସେମାନେ ପରା ଦେଉଳ ପାଖରେ ଆସି ହେଲେଣି । ଗାଆଁଟା ଯାକର ଲୋକ ସେଠି ଜମା । ବାଜା ବାଇଦରେ କାନ ତାବଦା ହେଉଛି - ତମକୁ ଶୁଭୁଚି ଟିକି ... ଆଉ କେତେବେଳେ ଦୁଆରେ ପୂର୍ଣ୍ଣକୁମ୍ଭ ଥୋଇବ ! ଆଣ ପାଣି ଲୋଟାଟା ଆଣ ... ବେଗି ଆଣ । ଦୀପ ବଳିତା ସବୁ ସଜାଡ଼ି ରଖିଚ ଟିକି ? ସମସ୍ତଙ୍କ ଦୁଆରେ ମଙ୍ଗଳଦୀପ ଜଳି ଉଠିଲାଣି । ପୂର୍ଣ୍ଣକୁମ୍ଭ ତ ସମସ୍ତଙ୍କ ଦୁଆରେ ଥୁଆ ହୋଇଗଲାଣି । ତମେ ଆଉ କେତେବେଳେ ଥୋଇବ ... ହେ ସରକୁ ବୋଉ ... ଏ ମୁଣ୍ଡଟା କଣ ତଳେ ପକାଇଦେବାକୁ ପାଞ୍ଚ କରିଛ ନା ଆଉ କ'ଣ ... ? ? "

ଫୁଲ ଚନ୍ଦନ ସଜାଡୁ ସଜାଡୁ ମହାପାତ୍ରେ ଗର୍ଜି ଉଠିଲେ ନିଜ ସ୍ତ୍ରୀଙ୍କ ଉପରେ। ସ୍ତ୍ରୀ ତାଙ୍କ ଅଝଟ ଅଲିଅଳ ପୁଅ ଚଇତନର ପେଟ ଟିପିଧରି କହିଲେ ... "ଏଣେ ପିଲାଟା ଗଡୁଚି ପେଟ କଣ ହେଉଚି ବୋଲି । ଟିକେ ସମ୍ଭାଳି ପାରୁନ ... ମୁଁତ

Digitized by srujanika@gmail.com

ହେଇ ଦୁଆରେ କୁମ୍ଭ ଓ ଦୀପ ଥୋଇ ଦେଇ ଆସୁଚି । ପାଟି କାଇଁକି କରୁଚ ?"

ବାପା କଥା ଶୁଣି ବସି ପଡିଲା ଚଇତନ । "ବୋଉ, କଣ ହେଉଚି କିଲୋ ... କୁମ୍ଭ ଦୀପ କାଇଁ ଦୁଆରେ ଥୁଆ ହେବ । କଣ ଯାତରା ହେବ ? କହ ବୋଉ, କହ କଅଣ ହେବ ।" ଚଇତନ ବସିପଡି ବୋଉର ବେକରେ କଅଁଳ ହାତ ଦୁଇଟିକୁ ଛନ୍ଦି ଅଥୟ ହୋଇ ପଚାରି ବସିଲା ।

"ତୋର ପରା ପେଟ କ'ଣ ହେଉଚି-ଦେ' ପେଟ ମାଡି ଶୋଇପଡ .."

"ନାଇଁ ବୋଉ କହ କଅଣ ହେବ !"

"ସେ ପରା ନିର୍ମାଣ ସେନା, ଆଜି ଆମ ଗାଁକୁ ଆସୁଛନ୍ତି ... ଗାଁରେ ସଡକ ପକାଇବେ । ଆମ ଗାଆଁ କୁଣିଆ ସେମାନେ । ବାପା ଫୁଲ ଚନ୍ଦନ ଧରି ବାଟକୁ ଗଲେଣି । ଗାଆଁ ବାଲା ଖୋଳ କରତାଳ ସଂକୀର୍ତ୍ତନ ଧରି ତାଙ୍କୁ ପାଛୋଟି ଆଣିବେ ଗାଆଁ ମୁଣ୍ଡରୁ । ଦେ ଧନଟା ପରା ଶୋଇପଡ ପେଟ ମାଡି ... ତୋ ପେଟ ପରା କ'ଣ ହେଉଚି !!!"

"ନାଇଁ ବୋଉ ମୋ ପେଟ ଭଲ ହୋଇ ଗଲାଣି ।"

"ଏଁ ... ପେଟ ଭଲ ହୋଇଗଲାଣି !!"

"ହଁ ବୋଉ, ବାପା ସବୁଦିନ ସଞ୍ଜବେଳେ ମୁଁ ପାଠ ନ ପଢିଲେ ରାଗି ପାଟି କରନ୍ତି ବୋଲି ମୁଁ ଆଜି ପାଠ ଭୟରେ ପେଟ କଣ ବୋଲି କହୁଥିଲି । ସତରେ ବୋଉ ମୋ ପେଟ କିଛି ହେଉନି ... ମୋ ପେଟ ଭଲ ଅଛି ... ମୁଁ ଯାଉଚି ସିଆଡେ ..."

ମହାପାତ୍ରଙ୍କ ସ୍ତ୍ରୀ ଆବାକାବା ହୋଇ ପୁଅ ମୁହଁକୁ ଅନାଇଚନ୍ତି । ଚଇତନ ବିଜୁଳି ବେଗରେ ଦୁଆରେ ଯାଇ ହାଜର ।

ବୋଉ ଆଡକୁ ଚାହିଁ ଏତିକି ବେଳି ତାର, ବୋଲି କହି ସରଜୁ ଟିକେ ହସିଲା । ମହାପାତ୍ରଙ୍କ ସ୍ତ୍ରୀ କୁମ୍ଭ ଓ ଦୀପଜାଳି ଦୁଆରେ ନେଇ ଥୋଇଲେ ।

ନିର୍ମାଣ ସେନାବାହିନୀଙ୍କୁ ଗ୍ରାମବାସୀ ଯଥାବିଧିରେ ପାଛୋଟି ଆଣିଲେ । ଶୋଭାଯାତ୍ରା, ପଟୁଆର, ହରିବୋଲ, ହୁଳହୁଳି ଭିତରେ ସେନାବାହିନୀ ଗ୍ରାମ ପ୍ରବେଶ କଲେ । ବିଦ୍ୟାଭୀରୁ ଛଳ ଶିରୋମଣି ଚଇତନ ଅସୁମାରି ଜନଗହଳି ଭିତରେ କେଉଠି କୁଆଡେ ହଜିଗଲା ।

Digitized by srujanika@gmail.com

X X X X

ପରଦିନ ପ୍ରଭାତ ।

ନିର୍ମାଣ ସେନା ତଥା ଦୁର୍ଗାପ୍ରସାଦ ଗ୍ରାମବାସୀଙ୍କୁ ଅଭ୍ୟର୍ଥନା ଜଣାଇବା ଲାଗି ଲାଲ ସୂର୍ଯ୍ୟ ଅବିର ଲେପି ନିଜର ପଥ ପ୍ରସ୍ତୁତ କରୁଛନ୍ତି । କାକର କୋଟିକଣାରେ ଗାଁର ସବୁଜ ପ୍ରାନ୍ତର ହସି ଉଠୁଛି । ଦୁର୍ଗାପ୍ରସାଦର ପ୍ରତିଟି ପ୍ରଭାତ ଅପେକ୍ଷା ଆଜି ପ୍ରଭାତରେ ଏକ ସ୍ୱାତନ୍ତ୍ୟ ରହିଛି - ଏକ ଅଭିନବ ମନରେ ଏ ପ୍ରଭାତ ଜନ୍ମ ନେଇଛି ...

ହରିବୋଲ ହୁଳହୁଳି ଶବଦରେ ଫାଟି ପଡୁଛି ଆକାଶ ...

ହଳଦୀ ବାଟୁ ବାଟୁ ଅଟକି ଗଲା ସରଜୁର ହାତ ଯୋଡିକ - ମାର୍ଗଶୀର ଗୁରୁବାର ଆଜି - ସହଳ ଗାଧୋଇ ନ ଗଲେ ବୋଉ ପାଟି କରିବ - ଲକ୍ଷ୍ମୀ ଠାକୁରାଣୀ ବିମନା ହେବେ - ତରତରରେ ହଳଦୀ ଶିଳ ଉପରେ ହାତ ବୁଲେଇ ଆଣିଲା ସେ -

ସେବ ଅପା ଅନେଇ ଥିବ ସିଆଡେ ...

ଯାଃ-ଉଛୁର ହୋଇଗଲା ଆଜି -

"ଗହମ ନିଦ ଭାଙ୍ଗି ନାଇଁ କିଲୋ ସରଜୁ" - ସଜନା ଗଛ ଆରପାଖରୁ ହସି ହସି ବାହାରି ଆସିଲା ସେବ ଅପା । ପତଳା ଲମ୍ବା ଦେହକୁ ଖଇରିଆ ଶାଢୀ ଖଣ୍ଡକ ଭାରି ସୁନ୍ଦର ମନଉଚି - ଗହଳ କଳାବାଳ ଲମ୍ବି ଆସିଛି ଅଣ୍ଟା ତଳକୁ । ଆଖି ଯୋଡାକ ଉଜଳି ଉଠିଲା ସରଜୁର ।

"ବହୁତ ବରଷ ବଞ୍ଚିବୁ ତୁ ସେବ ଅପା - ଏଇନାଗେ ପରା ତୋର କଥା ଭାବୁଥିଲି । ଚାଲେ- ମୋର ତ ସରିଗଲାଣି ।"

ହାତ ଧରାଧରି ହୋଇ ବାହାରି ଆସିଲେ ଦୁହେଁ - ଉଛୁଳା ଯଉବନ ଲହଡା ଭାଙ୍ଗୁଛି ଦେହରେ ... କୁଆଁରୀ ମନ ତଳେ ତଳେ କେତେ ଯେ ସବୁଜ ସ୍ୱପ୍ନ ଲୁଚକାଳି ଖେଳୁଛି... ବୟସ ଯାଉନାହିଁ - ଆସୁଚି ।

Digitized by srujanika@gmail.com

ଗାଁ ଦାଣ୍ଡରେ ହରିବୋଲ ସଂକୀର୍ତ୍ତନ ପୁଣି ହୁଳହୁଳି ଶବ୍ଦ - ବିସ୍ମୟଭରା ନୟନରେ ଚାହିଁଲେ ଦୁହେଁ । ପୋଖରୀ ହୁଡା ଆରପଟେ ଅସୁମାରୀ ମଣିଷ - ଅଦିନିଆ ଯାତ ଲାଗିଚି ।

କଅଣ ସେ ଜାଣିଚୁ ଆଲୋ ସେବ ଅପା ?

ତୋର ବାହାଘର ମ ।

ଧେତ୍ - ମୋର କାହିଁକି, ତୋର ହଉନାଇଁ । ମାଉସୀ ପରା ସେ ଦିନ କହୁଥିଲା ଆର ଗାଁ ପଧାନ ପୁଅ ସାଙ୍ଗେ ତୋ' ବାହାଘର ପକ୍କା ହୋଇଗଲାଣି । ସତେ ମ ସେବ ଅପା,ଆମକୁ ସବୁ ଛାଡିଗଲାବେଳେ କେମିତି ବାହୁନିବୁ କହିଲୁ -

"ହା ମୋ ସାଙ୍ଗମାନେ ...

ପୋଖରୀ ଗାଧୁଆ ମନେ ପଡିବ ଲୋ ମୋ ସାଙ୍ଗମାନେ ..."

ଖିଲି ଖିଲି ହସି ଉଠିଲେ ଦିହେଁ ... ଆଖି ଦେଖେଇଲା ସେବତୀ - ଧେତ୍ ଡବରିଟା । ସବୁଦିନେ ଖାଲି ତୋର ସେଇକଥା । ଦେଖିଲୁଣି, ସେ ବନ୍ଧ ଆରପଟେ କଅଣ ଖୋଳୁଛନ୍ତି ସେ ମିଣିପିଗୁଡା । ସରଳୁ ଉତ୍ତରରେ କହିଲା - ଆମ ଗାଁ ସଡକ ତିଆରିବା ପାଇଁ ପରା ଏମାନେ ଆସିଚନ୍ତି ଆଉ କୋଉ ଗାଁରୁ ? ବାପା କାଲି କହୁଥିଲେ ... ଆମ ଗାଁକୁ କୁଣିଆ ହେଇ ଆସିଛନ୍ତି ଏମାନେ - ପଇସା, ପତର କିଛି ଲାଗିବ ନାଇଁ - ସମସ୍ତେ ହସିଖେଳି ମନ ଫୁଲାଣିଆ ଗୀତ ଗାଇ ରାସ୍ତା ପକାଇବେ ।

ଡବ ଡବ ଆଖି କାଢି ଚାହିଁଲା ସେବତୀ - "କାହିଁକି ମ ? ଆମ ଗାଁରେ ସଡକ ପକେଇବା ପାଇଁ ସରକାର ଟଙ୍କା ଦବନାଇଁ କି ? ଏମାନେ କାଇଁ କୁଣିଆ ହେଇ ଆଇଚନ୍ତି ମ ?"

"ନାଇଁଲୋ ହୁଣ୍ଡୀ, ଏ ପରା ଧରମ ରାସ୍ତା ହଉଚି । ଏ ରାସ୍ତାରେ ମୁଠାଏ ମାଟି ପକେଇ ଦେଲେ ମଣିଷ ତରି ଯିବ । ବାପା ପରା କହୁଥିଲେ କାଲି ।"

ଧରମ ରାସ୍ତା ... ଯୁଗେ ଯୁଗେ ଏ ମଣିଷର ମନ ଉପରେ ଆଧିପତ୍ୟ ବିସ୍ତାର କରିଚି । ଧର୍ମ-ଧର୍ମର ବିଶ୍ୱାସ ଧରି ମଣିଷ ଅସମ୍ଭବକୁ ସମ୍ଭବ କରିଚି -

Digitized by srujanika@gmail.com

ଆତ୍ମାର ସଦଗତି ଲାଗି ଜୀବନକୁ ଉତ୍ସର୍ଗ କରିଚି ... ମୋକ୍ଷର ମୋହ ଏ ଜାତିକୁ ପାଗଳ କରିଚି ...

ସେଇ ଧର୍ମରାସ୍ତା ଉପରେ ନିଜର ଦୁର୍ବଳ ହାତ ଦିଓଟିରୁ ଦି ମୁଠା ବାଲି ପକେଇବା ପାଇଁ ଧାଇଁ ଆସିଚି ମଣିଷ କାହିଁ କେତେ ଦୂରରୁ ... ଭୁଲି ଯାଇଚି ହିଂସାବାଦ ଭେଦ ବିଭେଦ, ମାନ ଅଭିମାନ, ଆଉ ରାଗ ଅଂହକାର, କାନ୍ଧରେ କାନ୍ଧ ମିଳେଇ ଆଗେଇ ଚାଲିଛନ୍ତି ସମସ୍ତେ ଧର୍ମ ଅର୍ଜନ ପାଇଁ ... ଝାଳନାଳ ହୋଇ ସେମାନେ ଗଢ଼ିବେ ଯୋଉ ରାସ୍ତା ତାରି ଉପରେ ଭବିଷ୍ୟତର ବଂଶଧରମାନେ ଚାଲୁ ଚାଲୁ ଭକ୍ତିରେ ମଥା ନୋଇଁବେ - ସେମାନେ ବି ଭୁଲିଯିବେ ଇର୍ଷା, ବିଦ୍ୱେଷ, କୂଟ କାପଟ୍ୟ ...।

ଆଖି ଡୋଳାକୁ ଲମ୍ବେଇ ଚାହିଁଲା ସେବତୀ - "ସତରେ ! ଆଖି ପାଉ ନାଇଁ... ପିମ୍ପୁଡି ଧାର ଭଳି ଲାଗିଚନ୍ତି ଲୋକ । ଆଲୋ ସରଜୁ ଦେଖିଲୁଣି ନା ! ସତରେ କେତେ କେଉଁ ଗାଁର ଲୋକ ଆସି ସେଠାରେ ମାଟି ହାଣୁଛନ୍ତି !।"

ମଥା ଉପର ଓଢଣାଟାକୁ ସଜାଡି ନଉ ନଉ ହସିଲା ସରଜୁ । ଚାହିଁ ଦେଖିଲା ବନ୍ଧ ଆଡେ । ଜନ ଗହଳିରେ ଗାଆଁ ମୁଣ୍ଡ ଉଛୁଳି ପଡୁଛି । ଏକ ଅନାବିଳ ନିଃସ୍ୱାର୍ଥପର ଆନନ୍ଦର ଢେଉ ସତେ ଯେପରି ସଭିଙ୍କର ହୃଦୟ ସାଗରରେ ନହଡା ଭାଙ୍ଗୁଚି । ଅପର ଗାଆଁର ଲୋକ ନିଜ ଗାଆଁର ଲୋକ, ସମସ୍ତେ କୋଡି, କାଙ୍କ, କୋଦାଳ ଧରି ଶ୍ରମଦାନ କରି ଆନନ୍ଦ ଆହରଣ କରୁଛନ୍ତି । ସରଜୁର ମନଟା ଭାବପୂର୍ଣ୍ଣ ହୋଇ ଉଠିଲା । ନିଜ ଗାଁଆ ଲୋକେ ମାଟି ହାଣି ରାସ୍ତା କରୁଛନ୍ତି । ସେମାନେ ଚାଲିବେ, ତାଙ୍କ ପିଲେ ଚାଲିବେ, ତାଙ୍କ ହଳ ଲଙ୍ଗଳ ଶଗଡ ଚାଲିବ, କ୍ଷତି କଣ ? କିନ୍ତୁ ସେ ଯେଉଁ ଅପର ଗାଆଁର ଲୋକ ମାଟିର ଅସ୍ତ୍ର ଧରି ରାସ୍ତା ଗଢୁଛନ୍ତି, ସେମାନେ କଅଣ କରିବେ ? ସତେ କଣ ସେମାନେ ଏଠାରେ ଚାଲିବାକୁ ଦୌଡି ଆସିବେ ? ତାଙ୍କ ଶଗଡ କଣ ଏ ରାସ୍ତାରେ ଚାଲିବ ! ତାଙ୍କ ଗୋଡରେ କଣ୍ଟା ଫୁଟିବ ବୋଲି ଆଶଙ୍କା କରି କ'ଣ ସେମାନେ ଏଠାରେ ଆସି ରାସ୍ତା ପକାଉଛନ୍ତି ? ନାଇଁ ତ ତେବେ ଏହି ତ ଧର୍ମ, ଏଥିରେ ତ ମୋକ୍ଷ ।

Digitized by srujanika@gmail.com

ଆଉ ସମ୍ଭାଳି ପାରିଲାନି ସରଜୁ - ହୃଦୟର ଚପା ଭାବରାଶିକୁ ସହସା ପ୍ରକାଶ କରି ବସିଲା, ସେବ ଅପା ... ଆମେ ଏ ଧର୍ମ ରାସ୍ତାରେ ମାଟି ପକାଇବାକୁ ଗଲେ କଣ ହୁଅନ୍ତା ନି !!

ଜିଭ କାମୁଡି ପକାଇଲା ସେବ । "ଏଁ କଣ କହିଲୁ, ଆମେ ଯିବା ମାଟି ପକାଇବାକୁ ?"

କାହିଁ କ'ଣ ହେବ ? ଆମର ତ ହାତ ଅଛି, ଗୋଡ ଅଛି ... ଆମେ କ'ଣ କାମ କରି ପାରିବା ନାହିଁ ? ଆଉ କେତେ ଦିନ କବାଟ କଣରେ, ହାତେ ଲମ୍ବ ଓଢଣା ଭିତରେ ନିଜକୁ ଲୁଚାଇ ରଖି ଲହୁଲୁହ ଢାଳିବା କହିଲୁ ସେବ ଅପା । ଯୁଗ ପରା ବଦଳି ଗଲାଣି । ପୁରୁଷଙ୍କ ସହିତ ସମାନ ଭାବରେ କାନ୍ଧ ମିଳେଇ ଚାଲିବାକୁ ନାରୀମାନେ ଶିଖିଲେଣି । ତା' ପରେ ଏତ ଧର୍ମ ରାସ୍ତା ପଡୁଚି । ପୁଣ୍ୟ ଅର୍ଜନ କ'ଣ କେବଳ ପୁରୁଷଙ୍କର, ଆଉ ସେଥିରେ ନାରୀମାନଙ୍କର ଭାଗ ନେବାର କିଛି ନାହିଁ ?

ପୋଖରୀ ତୁଠକୁ ଗୋଡ ବଢେଇଲା ସେବତୀ - ସେମିତି ସାହସରେ ଏ ଗାଆଁର କିଏ ବାହାରିବମ !!

ଶୀତୁଆ ସକାଳର ଛାତି ଉପରେ ଲୋଟି ପଡୁଚି କଅଁଳିଆ ଖରା - ଖିଲି ଖିଲି ହେଇ ପାଣି ଭିତରକୁ ପଶିଲେ ଦିହେଁ - ଉଷୁମ ଦେହରେ ହେମାଳ ପାଣି ବାଜି ଥରି ଉଠୁଚି ମଞ୍ଜ ଭିତର ... ତୁଠ ଉପରେ ଆଉ ସାହି ମାଇପିଙ୍କର ସଭା ବସିଚି ... ଆଲୋଚନା ଚାଲିଚି ।

କି କାଳ ନ ହେଲା ସତରେ ? ଏ ଆଖି କଣ ନ ଦେଖିଲା । କୋଉ ଘରର ପିଲେ ଆସି ଜମା ହୋଇଛନ୍ତି ସଡକ କରିବାକୁ !! ଧନ୍ୟରେ ଯୁଗ ...

ପଥର ଉପରେ ଗୋଡ ଘଷୁ ଘଷୁ ଅଟକି ଗଲା ସରଜୁର ପାଦ ଯୋଡିକ - ଜାଣିଲୁଣି ନା ସେବ ଅପା, ସେ କୋଉ ଦେଶରେ ପରା ମାଇପି ମାନେ ଗେରସ୍ତଙ୍କ ସଙ୍ଗେ କଜିଆ କରି ଏକା ଜିଦରେ ଆପେ ଆପେ କୂଅଟାଏ ଖୋଳି ପକାଇଲେ । କାହାଣୀ ନୁହେଁ ମ, ସତକଥା, ଖବର କାଗଜରେ ବାହାରିଥିଲା ବୋଲି ହରି

Digitized by srujanika@gmail.com

କହୁଥିଲା । ଆଚ୍ଛା କହିଲୁ ଦେଖି, ଏ ଯୁଗରେ ଅସମ୍ଭବ ଆଉ କଅଣ ରହିଲା ?

ସତେ ? ଗାଲରେ ହାତ ଦେଲା ସେବତୀ - କିନ୍ତୁ ତୁ ଯାହା କହ ସେବଅପା, କାମ ଭଳି କାମଟାଏ ଏକା ... ଧରମ କଅଣ ଖାଲି ମରଦଙ୍କର ଏକଚାଟିଆ ? ମାଇପିମାନେ ବି କାହିଁକି ନ କରିବେ - କହିଲ ?

ଲୁଗା ବଦଳେଇବା ପାଇଁ ତୁଠକୁ ଆସିଲା ସେବତୀ ... ଭାଗ୍ୟଲୋ ଭଉଣୀ ଭାଗ୍ୟ ! ଭାଗ୍ୟରେ ଥିଲେ ଏମିତି କରିବାକୁ ମିଳେ - ଆମ ଭାଗ୍ୟରେ ସେ ସବୁ କାହୁଁ ଜୁଟିବ ?

ବନ୍ଧ ଆରପାଖେ ଲୋକ ଗହଳି ବଢୁଚି ... ହୁଳହୁଳି ହରିବୋଲରେ ମେଦିନୀ କମ୍ପୁଚି ... ଗହଳି ଭିତରେ କିଏ ଜଣେ କହୁଚି ...

"ଏ ମାଟି ସଭିଙ୍କର ... ସୃଷ୍ଟିର ଆରମ୍ଭରୁ ଏଇ ମାଟି ଉପରେ ପାଦ ପକେଇ ମଣିଷ ଶପଥ ନେଇଚି । ସେ ଏ ଦୁନିଆକୁ ଆସିଚି ତାର କର୍ତ୍ତବ୍ୟ କରିବା ପାଇଁ - ନିଜର କର୍ତ୍ତବ୍ୟ ଯିଏ ନକରେ - ସେ ମଣିଷ ନୁହେଁ ... ଶ୍ରମ ହେଉି ଜୀବନ ... ଯିଏ ପରିଶ୍ରମ କରେ, ଭଗବାନ ତାକୁ ସହାୟ ହୁଅନ୍ତି ... ଆଜିର ଏ ଧର୍ମରାସ୍ତା ହଉଚି ଶ୍ରମର ପ୍ରତୀକ ... ମୁକ୍ତି ପଥର ସହାୟକ ...

ଆଜି ଯିଏ ଏ ରାସ୍ତାରେ ମୁଠାଏ ମାଟି ପକେଇବ, ସେ ଭଗବାନଙ୍କର କରୁଣା ପାଇବ ..."

ତଟସ୍ଥ ହୋଇ ଚାହିଁଥିଲା ସେବତୀ - ଲୋମମୂଳ ଟାଙ୍କୁରି ଉଠୁଚି ... ରକ୍ତ ଭିତର ତାତି ଉଠୁଚି ... କେଜାଣି କୋଉ ଗାଁରୁ ସବୁ ଆସିଚନ୍ତି ତାଙ୍କ ଗାଁରେ ସଡକ ଖୋଳିବାକୁ - ନହୁନୁହାଣ ହୋଇ ସେମାନେ ସଡକ ପକାଇବେ, ସଡକ ଉପରେ ଚାଲିବେ ସେ ଗାଁ ଲୋକ ନୁହେଁ ? ଏଇ ଗାଁ ଲୋକ ... ଧରମ ହବ ତାଙ୍କର - ଯାଙ୍କର ନୁହେଁ...

ଦେଖୁଥିଲା ସେବତୀ - ଆପଣା ଘର ଭେଦାଭେଦ ଭୁଲି କେମିତି ମାଟି ଖୋଳୁଛନ୍ତି ସମସ୍ତେ ... ବଡ ସାନର ବିଚାର ନାହିଁ ସେଠି - ସମସ୍ତେ ଏକ ... ସମସ୍ତଙ୍କ ମୁହଁରେ ହସ - ହରିବୋଲ ... ମନ ହେଲା ସେଇ ଗହଳି ଭିତରେ ସେ

Digitized by srujanika@gmail.com

ବି ମିଶି ଯାଆନ୍ତା କି ? ସରଜୁର ପଣତ କାନିକୁ ଭିଡି ଧରିଲା ସେ -

ସରଜୁ

ଉଁ -

ଯିବା କିଲୋ, ମାଟି ଦି ମୁଠା ପକେଇ ଦବା ଲାଗି । ଆମେ କାହିଁକି ବାଦ ଯିବା କହିଲୁ ?

ତୁ ତେବେ ସତରେ ଯିବୁ ? ସତରେ ସେବ ଅପା ଯିବ ??

ହଁ ଲୋ ମୁଁ ଯିବି ... ଚାଲେ ...

କିଲି କିଲି ହୋଇ ଗହଳି ଭିତରେ ପଶିଗଲେ ଦିହେଁ - ହୁଳହୁଳି ହରିବୋଲ ଶବ୍ଦରେ କାନ ଅତଡା ପଡୁଥିଲା -

◆

"କର୍ମ କର ପାର୍ଥ ହୋଇ ସଦା ସମ ଚିତ୍ତ
ସମଚିତ୍ତ ହେବା ଯୋଗ ନାମେ ଅଭିହିତ ॥"

ଗୀତା ୨/୪୮

Digitized by srujanika@gmail.com

ଶତମାର୍ଗର ଉଦ୍‌ବୋଧନୀ
ଓ ଶିବିର ସଙ୍ଗୀତ

Digitized by srujanika@gmail.com

ଶିବିର ସଙ୍ଗୀତ

(୧)

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

ନିର୍ମାଣ ସେନା ଆରେ ଦର୍ପ ଭରେ ଆଗେଇ ଚାଲ,
ଆରେ ଆଗେଇ ଚାଲ ।

ଆଗେ ତୋର ଆସୁମାରି ବନ୍ଧ ପାତି,
ଏ ଦୁନିଆ ପରଖୁଛି ତୋହରି ଛାତି
ଶତମାର୍ଗ ସାଥୀ, ଆଜି ଉଠରେ ମାତି
ବୀର ଦର୍ପଭରେ ଆଜି ଆଗେଇ ଚାଲ ।

ଚାହିଁ ଦେଖ ଦେଶ ସାରା ଦୈନ୍ୟ ଦୁଃଖ,
ଘୋଟିଅଛି ଦୁର୍ଦ୍ଦିନ ନାହିଁରେ ସୁଖ
ଆସ ଅଗ୍ନି ମୁଖ, ତେଜି ସ୍ୱାର୍ଥ ସୁଖ
ନାଶି ଅନ୍ଧକାର ଜ୍ଞାନ ଆଲୁଅ ଜାଳ ।

Digitized by srujanika@gmail.com

ସେନା ଆରେ ଆଣ ତୋର ଅସ୍ତ୍ର ଲୋଡି
କୋଦାଳ, ଫାଉଡ଼ା, ଆଉ କାଙ୍କ, କୋଡ଼ି,
ଉଠା ମୁଣ୍ଡେ ଝୁଡ଼ି, ଚାଲ ଯୋଡିକି ଯୋଡ଼ି,
ଆରେ ସୂର୍ଯ୍ୟ ସେନା ଗଢ ଦେଶକୁ ତୋର ।

ଶୋଇଛି ଏ ଜାତି ଘୋର ନିଦ୍ରା କୋଳେ,
ଜାଗ୍ରତ କର ସାଥି ଅସ୍ତ୍ର ରୋଳେ,
ତୋର ହୃଦୟ ତଳେ ଚିର ରଶ୍ମି ଜଳେ
ସେ ଆଲୋକେ ଜଡ ଜରା ଜାଳରେ ଜାଳ ।
ନିର୍ମାଣ ସେନା ଆରେ ଆଗେଇଚାଲ ।

◆

ସୁଖ ସ୍ୱାର୍ଥପର । ଆନନ୍ଦ ନିଃସ୍ୱାର୍ଥପର । ସୁଖ ସର୍ବେସର୍ବା ହେବାକୁ ଚାହେଁ । ଆନନ୍ଦ ପରପାଇଁ ଧରଣୀର ଧୂଳିମାଟିରେ ଗଢ଼ିଯାଏ । ସୁଖ, ଦୁଃଖର ଅନ୍ୟରୂପ ହୋଇଥିବା ବେଳେ ଆନନ୍ଦର ସଦାବେଳେ ଆତ୍ମସ୍ଫୁର୍ତ୍ତି ହୋଇଥାଏ ।

ପ୍ରବର୍ତ୍ତକ, ଶତମାର୍ଗ

Digitized by srujanika@gmail.com

ଶିବିର ସଙ୍ଗୀତ

ଶ୍ରୀ ଗୋପାଳ କାନୁନଗୋ

ନିର୍ମଳ ଆଜି ଦିଗ୍ ବିଦିଗ୍
ଜୟ ଜୟ ଗାଅ ଆରେ ନିର୍ଭୀକ
ଶତମାର୍ଗର ବୀର ସୈନିକ
ଚାଲରେ ଚାଲରେ ଚାଲରେ ଚାଲ୍ ।

ଚାହିଁ ଦେଖ ନଭେ ଜାଗିଛି ସୂର୍ଯ୍ୟ,
ବଜାଅ ଶଙ୍ଖ ବାଜୁରେ ତୂର୍ଯ୍ୟ
ନିର୍ମାଣ ସେନା ଆଣ ପ୍ରାଚୁର୍ଯ୍ୟ
ମାଡି ଚାଲ, ବେଗେ ଚାଲ । (କୋରସ୍)

ତମସା ଗର୍ଭରେ କରି ଆଘାତ
ଆଣିଛୁରେ ଆମେ ନବ ପ୍ରଭାତ
କର୍ମ ମନ୍ତ୍ରେ କରି ନିପାତ
ଜଡତାରେ ଛାରଖାର ।

Digitized by srujanika@gmail.com

ଆଣରେ କୋଦାଳ, ଆଣରେ କାଙ୍କ,
ନିର୍ମାଣ ସେନା ଆମେ ନିଃଶଙ୍କ
ମାର୍ଗେ ମାର୍ଗ କରିବା ଯୁକ୍ତ
        ଦୁନିଆର ଚାରି ଧାର ।

ହସିବ ଧରଣୀ ହସିବ ସ୍ୱର୍ଗ
ଘୃଣ୍ୟ ବିଭେଦ ହୋଇବ ଖର୍ବ
ନୂତନ ଆଲୋକେ ହେବ ଅପୂର୍ବ
        ଶୀର୍ଣ୍ଣ ମାନବ ଭାଲ । (କୋରସ୍)

ଏଇ ଗୋଡିମାଟି କରି ଏକତ୍ର
ମାର୍ଗ ଗଢିବା ଅତି ବିଚିତ୍ର
ଆସ ହେ ବନ୍ଧୁ ଆସ ହେ ମିତ୍ର
        ଚିର ଉନ୍ନତ ଲାଲ୍ । (କୋରସ୍)

◆

Digitized by srujanika@gmail.com

ସମାନ ଆମର ମସ୍ତରେ.......

ଶ୍ରୀ ଦୁର୍ଗାଚରଣ ପରିଡା

('କଦମ୍ କଦମ୍ ବଢାଏ ଯା' ବୃତ୍ତରେ ଗାଇବାକୁ ହେବ)

ଚାଲ ଚାଲ ଚାଲ ରେ
ଅରୁଣ ଉଷା ଭାଲ ରେ
ଶତମାର୍ଗର ସୈନିକ
ତମସା ଭେଦି ଚାଲରେ । ଘୋଷା ।
ନବୀନ ମନ୍ତ୍ର କଣ୍ଠରେ
ନୂତନ ଭାଷା ଓଷ୍ଠରେ
ଯୁଗ ଯୁଗର କଲ୍ମଷ
ନିମିଷେ କର ନଷ୍ଟ ରେ ।୧।

ଡାକେ ରେ ରଶ୍ମି ସୂର୍ଯ୍ୟର
ଡାକେ ରେ ଧ୍ୱନି ତୂର୍ଯ୍ୟର
ବକ୍ଷ ରକ୍ତ ଦେଇ ଏ
ମାଟିକି କର ପୂଜ୍ୟ ରେ ।୨।

Digitized by srujanika@gmail.com

ପୁଣ୍ୟ ଏ ପଥ ରେଣୁ
ମସ୍ତକେ ବୋଳ ତେଣୁ
ବାଅ ମୈତ୍ରୀ ବେଣୁ
ପ୍ରଗତି ଗଙ୍ଗା ଆଣ ରେ ।୩।

ଆମ ଏ ଅଶ୍ୱ ଝଙ୍କାରେ
ଆମରି ଧମନୀ ଟଙ୍କାରେ
ନିୟୁତ ଯୁଗର ନିଦ୍ରା
ପଳାଏ ଏକଇ ଫୁତ୍କାରେ ।୪।

ଏ ପଥର ମହା ଶିକ୍ଷା
ଏ ପଥର ନବ ଦୀକ୍ଷା
ବିଶ୍ୱ ମାନବେ ବାନ୍ଧ
ନିବିଡ ପ୍ରୀତି ପାଶରେ ।୫।

ସମାନ ଆମର ମନ୍ତ୍ର
ସମାନ ଆମର ଚିତ୍ତ
ସମାନ ଆମର ଭକ୍ତି
ସମାନ ଆମରି ଯଜ୍ଞ ରେ ।୬।

◆

Digitized by srujanika@gmail.com

ଗାଁ ମନ୍ତ୍ରଣା

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

ଗ୍ରାମଣୀ କହନ୍ତି ହସି ଯେ
ଚଉପାଢୀ ପରେ ବସି,
"କାଲି ଉପଗତ ହୋଇବେ ଆସି ସେ "
ନିର୍ମାଣ ସେନା
ଜାଣିଛ ତ ଗ୍ରାମବାସୀ ।

ଆମ ଆମନ୍ତ୍ରଣ ପାଇ ସେ
ଆମରି ଦେଶର ଭାଇ,
ଆମ ଲାଗି ମାର୍ଗ ରଚିବା ପାଇଁ ହେ
ଯୁବକ ଦଳ
ଆନନ୍ଦେ ଆସନ୍ତି ଧାଇଁ ।

ଆମ ବନ୍ଧୁ ସେହିମାନେ ହେ
ପାନ ଗୁଆ ଆମନ୍ତ୍ରଣେ
ଆମ ବିଧି ରଖି ଚଳିବା ଆମେ ଯେ
ହେ ଗାଆଁ ଭାଇ,
ମିଶି ତାଙ୍କ ସହ କାମେ ।

Digitized by srujanika@gmail.com

ସଂକୀର୍ତ୍ତନ ପଟୁଆର ଯେ
କୁମ୍ଭ ଥାପି ଦ୍ୱାରେ ଦ୍ୱାରେ,
ପାଛୋଟି ଆଣିବା ପ୍ରୀତି ଶ୍ରଦ୍ଧାରେ ହେ
ଆମ ଗ୍ରାମରେ
ଯଥାବିଧି ସହକାରେ ।

ଭେଦଭାବ ସବୁ ଭୁଲି ହେ
କଳି ଡକରାଳ ଠେଲି,
ପୁଣ୍ୟ ଆନ୍ଦୋଳନେ ହୋଇବା ମେଳି ହେ
ହରଷେ ଦେଇ
ହରିବୋଲ ହୁଳହୁଳି ।

କହ ଦାସେ, ମିଶ୍ରେ, ଆପଣେ
ସୁବୁଦ୍ଧି କି ଭାବ ମନେ
ସ୍ୱାଇଁ ତ ଅଛନ୍ତି, ନାୟକେ, ପଧାନେ
କେଣିକି ଗଲେ
ଆଉ ଆଉ ଭାଇମାନେ ?”

ଏ ପାଖକୁ ଟିକେ ଚାହିଁ ଯେ
ତୁରନ୍ତ ବୋଇଲେ ସ୍ୱାଇଁ
“ସଭିଏଁ ତ ଆସୁଅଛନ୍ତି ହେଇ
ଚଉପାଢୀକି
ରହିପାରିବ କେ କାହିଁ !!”

Digitized by srujanika@gmail.com

ଗ୍ରାମଣୀ ଫେଡିଲେ ମନ ଯେ
"କାଲି କି ଯେ ଆୟୋଜନ,
ତ୍ରୁଟି ଟିକେ ହେଲେ ନ ହେବ ଜାଣ ହେ
ଭାଇ ହେ ମୋର
ଏଇତ ଗ୍ରାମର ମାନ ।"

ଏକ ସ୍ୱରେ ଉଚ୍ଚାରଣେ ଯେ,
ବୋଇଲେ ଗ୍ରାମର ଜନେ;
"ଆଉ କି ଭାବନା କରୁଚ ମନେ
ନିଯୁକ୍ତ ଆମେ,
ଶତମାର୍ଗ ଆନ୍ଦୋଳନେ ।"

◆

"ଅନ୍ନରୁ ଉତ୍ପନ୍ନ ଯେତେ ଜଗତର ପ୍ରାଣୀ
ଏ ଅନ୍ନ ଉତ୍ପନ୍ନ ମେଘୁ ବରିଷଲେ ପାଣି ।
ମଣିଷର ଯଜ୍ଞରୁ ତ ମେଘ ଜନ୍ମ ଲଭେ,
କର୍ମରୁ କେବଳ ଯଜ୍ଞ ଜନ୍ମଇ ଏ ଭବେ ॥
ଗୀତା ୩/୧୪

Digitized by srujanika@gmail.com

ବିଦାୟ ସଙ୍ଗୀତ

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

ଭାଇମାନେ; ରଖିଥିବ ଟିକି ମନେ
ବୃନ୍ତ ଯେଉଁପରି ପୁଷ୍ପଥାଏ ଧରି
ନିରନ୍ତରେ ସଯତନେ ।

ଅଳପ ଦିନରେ ଏ ଦୀନ ପ୍ରାଣରେ
ସ୍ନେହ ଦେଲ ଅକାତରେ
ଜୀବ ଯିବା ଯାଏଁ ଝୁରି ହେଉଥିବୁ
ଦିବା ରାତି ନିରନ୍ତରେ ।

ତମ ସ୍ନେହ ବିଥି ରଖିବୁ ସାଇତି
ଇହ ପର କାଳ ପାଇଁ,
ଶରୀରର ସିନା ଛାଡ ବାଡ ହୁଏ
ହୃଦୟର ହୁଏ କାହିଁ ?

Digitized by srujanika@gmail.com

ଏ ଗାଆଁର ଯେତେ ଶତମାର୍ଗ ସାଥି
ସଭିଏଁ ପ୍ରାଣର ଭାଇ,
ସୁଖେ ଦୁଃଖେ ଗୁନ୍ଥା ହେଲା ଏ ଜୀବନ
ସାକ୍ଷୀ ରହିଛନ୍ତି ସାଇଁ ।

ସାକ୍ଷୀ ଏହି ରାସ୍ତା ଯାର ପିଣ୍ଡ ଗଢା
ତୁମର ଏ ମୁଣ୍ଡ ଝାଳେ,
ଭୁଲୁଥିଲେ ମନେ ପକାଉ ଥିବଟି
ଯୁଗେ ଯୁଗେ କାଳେ କାଳେ ।

ଆଜ ପୂଜା ପର୍ବ ପରି ହେ ଅପୂର୍ବ
ଶତମାର୍ଗ ଦିନ ପାଳି,
ଦ୍ୱାରେ ଥାପି କୁମ୍ଭ ମଙ୍ଗଳ ପ୍ରଦୀପ
ହରିବୋଲ ହୁଳହୁଳି ।

ଆର ସାଲେ ଏହି ଦିବସରେ ଭାଇ
ଏହି ପୁଣ୍ୟ ପଥେ ଆସି,
ବରଷ ଗୋଟାର ଭଙ୍ଗା ରୁଜା ସବୁ
ସଜାଡିବ ଗ୍ରାମବାସୀ ।

ସେତେବେଳେ ସତେ ନ ଆସେ ପରତେ
ମନେ ପଡିବୁଟି ଆମେ,
ଅଳପ ଦିନରେ ବହୁତ ଯେ କଥା
ଘଟିଥିଲା ତୁମ ଗ୍ରାମେ ।

◆

Digitized by srujanika@gmail.com

ଶତମାର୍ଗ ରଜଦୋଳି ଗୀତ

ଶ୍ରୀମତୀ ବନଜବାସିନୀ ଶ୍ରୀଚନ୍ଦନ

ବନସ୍ତେ ଡ଼ାକିଲା ଗଜ
ବରଷକେ ଥରେ ଆସିଛି ରଜ
ଆସିଛି ରଜ ଲୋ
ଘେନି ନୂଆ ସଜବାଜ ।୦।
ଶତମର୍ଗ ଆନ୍ଦୋଳନ
ଆସିଅଛି ପରା ସେ ନିମନ୍ତ୍ରଣ
ସେ ନିମନ୍ତ୍ରଣ ଲୋ
ମନ ହୁଏ ଛନ ଛନ ।୧।
ହାତେଧରି କୋଡ଼ି କାଙ୍କ
ପହଞ୍ଚିବା ଯାଇ କଳିରି ବାଙ୍କ
କଲରିବାଙ୍କ ଲୋ
ରାସ୍ତା ନିର୍ମାଣରେ ରଙ୍କ ।୨।

Digitized by srujanika@gmail.com

ଆସ ହେ ଭାଇ ଭଉଣୀ
ନଈ ବହୁଛି ଉଜାଣି ପୁଣି
ଉଜାଣି ପୁଣି ଲୋ
ପକାଇବା ମାଟି ହାଣି ।୩।
ଗାଁ ପୋଖରୀର ଦଳ
ସଫାକରି ଏବେ କର ନିର୍ମଳ
କର ନିର୍ମଳ ଲୋ
ଗାଁ ଦାଣ୍ଡ ପରିମଳ ।୪।
ଭୁଲିଯିବା ଭେଦଭାବ
ଗାଁରେ ରହିବ ନାହିଁ ଅଭାବ
ନାହିଁ ଅଭାବଲୋ
ଗଢ଼ିବା ସମାଜ ନବ ।୫।
ଆମ ବାହୁ ଆମ ସାହା
ଦେଖାଇବ ପରା ଆମକୁ ରାହା
ଆମକୁ ରାହା ଲୋ
ପାଖେ ପାଖେ ଚଉବାହା ।୬।
ଇସ୍କୁଲ ଛପର ହେବ
ଟାଇଲ୍‌ରେ ଭାଇ ଦିଅ ଜବାବ
ଦିଅ ଜବାବ ହେ
ପଇସା ସମସ୍ତେ ଦବ ।୭।
ସ୍ୱେଚ୍ଛାକୃତ ଶ୍ରମଦାନ
ଆଗେଇ ଆସ ନୂଆ ଯବାନ
ନୂଆ ଯବାନ ହେ
ତମ ହେବ ଅବସାନ ।୮।

Digitized by srujanika@gmail.com

ଉଇଁବ ନବୀନ ସୂର୍ଯ୍ୟ
ବାଜିବ ଦୁନ୍ଦୁଭି ଟମକତୂର୍ଯ୍ୟ
ଟମକତୂର୍ଯ୍ୟ ଗୋ
ଶତମାର୍ଗ ଅନିବାର୍ଯ୍ୟ ।୯।
ଶତମାର୍ଗ ପଟୁଆରେ
ପତାକା ଉଡ଼ଇ ସେ ଫର ଫର
ସେ ଫର ଫର ଲୋ
ଘୁଞ୍ଚିଯିବ ଅନ୍ଧକାର ।୧୦।
ଜୟ ଶତମାର୍ଗ ଜୟ
ସଙ୍ଘଂଶକ୍ତି ଅଟେ ଆମ ଅଭୟ
ଆମ ଅଭୟ ହେ
ଗାଁ ପ୍ରଗତିରେ ଲୟ ।୧୧।

◆

ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁ ଦେଖୁ କିବା ସହୁ
ମୋ ଜୀବନ ପଛେ ନର୍କେ ପଡ଼ିଥାଉ
ଜଗତ ଉଦ୍ଧାର ହେଉ ।
(ଭୀମଭୋଇ)

Digitized by srujanika@gmail.com

ଶତମାର୍ଗର
ପଥ ନିର୍ମାଣ

Digitized by srujanika@gmail.com

ପ୍ରଥମ - ମହତାବ ମାର୍ଗ

କୋଦବେରେଣୀ, ବେଗୁନିଆ

ଶତମାର୍ଗ ଆନ୍ଦୋଳନର ପ୍ରଥମ ପର୍ଯ୍ୟାୟରେ ପୌଷ କୃଷ୍ଣ ତ୍ରୟୋଦଶୀ ତିଥିରେ ୧୯୫୯ ମସିହା ଜାନୁଆରୀ ସାତ ତାରିଖରେ ନିର୍ମିତ ହୋଇଛି - ମହତାବ ମାର୍ଗ, ବେଗୁନିଆ ଥାନାର କୋଦବେରେଣୀ ଗାଁରେ। ବାଘମାରୀ କଳାପଥର ରାସ୍ତାରୁ କୋଦବେରେଣୀର ଅଦୂର ପଶ୍ଚିମରେ ଅବସ୍ଥିତ ଠଣାପଲ୍ଲୀ ଗ୍ରାମକୁ କୋଦବେରେଣୀ ସହିତ "ମହତାବ ମାର୍ଗ" ସଂଲଗ୍ନ କରୁଅଛି। କୋଦବେରେଣୀ ଆଉ ଠଣାପଲ୍ଲୀ ମଝିରେ ବ୍ୟବଧାନ ମାତ୍ର ଏକମାଇଲ। କିଛି ବାଟ ପଡିଆ ଓ ଆଉ ଖଣ୍ଡେଦୂର ପାଣିଦଣ୍ଡା। ଚଲାବାଟ ଛଡା ସାଧାରଣ ଯାନବାହନ ଏ ବାଟରେ ଯିବା ସମ୍ଭବ ହୁଏନାହିଁ। ଏକଦା ଠଣାପଲ୍ଲୀ ଗ୍ରାମ ଅଗ୍ନ୍ୟୁତ୍ପାତ ଫଳରେ ଧ୍ୱଂସ୍ତ ବିଧ୍ୱସ୍ତ ହୋଇଗଲା ପଛକେ ନିଆଁଳିଭା ଦମକଳ ଏହି ଦଣ୍ଡାରେ ଅଟକି ହତଭାଗ୍ୟ ପଲ୍ଲୀଟିକୁ ଧ୍ୱଂସ ମୁଖରୁ ରକ୍ଷା କରିପାରିନଥିଲା।

ସେହି ଠଣାପଲ୍ଲୀକୁ କୋଦବେରେଣୀ ସହ ଶତମାର୍ଗ ଆନ୍ଦୋଳନର ମହତାବ ମାର୍ଗ ଆଜି ସଂଲଗ୍ନ କରୁଛି। ଏ ଆନ୍ଦୋଳନ ଜାନୁଆରୀ ସାତ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। କୋଦବେରେଣୀ ଗ୍ରାମବାସୀଙ୍କ ସମେତ ଅନ୍ୟଗ୍ରାମର ଚାଳିଶ ଜଣ ନିର୍ମାଣସେନାଙ୍କ ଚାରିଦିନର ଅନାବିଳ ଶ୍ରମଦାନ ଫଳରେ ୨୦ଫୁଟ ପ୍ରସ୍ଥ ଓ ୧୫୦୦ ଫୁଟ ଲମ୍ବ ବିଶିଷ୍ଟ ରାସ୍ତା ନିର୍ମିତ ହୋଇପାରିଲା। ତତ୍‌କାଳୀନ ଖୋର୍ଦ୍ଧା ଏସ.ଡ଼ି.ଓ ଶ୍ରୀଯୁକ୍ତ ଦେବାନନ୍ଦ ନାୟକ ଓ ରାସ୍ତାଟିକୁ ଉଦ୍‌ଘାଟନ କରିଥିଲେ।

◆

ଦ୍ୱିତୀୟ - ଶକ୍ତିପଥ

ଦିଘିରି-ମଣ୍ଡଳସିଂହ, ବୋଲଗଡ଼

ଅନବନତ ଅବିଚଳ 'ଜଗତୀ' ଅଭିମୁଖେ ଅଭିଯାନ ଚଳାଇ ଆନ୍ଦୋଳନର ଦ୍ୱିତୀୟ ପର୍ଯ୍ୟାୟରେ ନିର୍ମାଣ ସେନାବାହିନୀ ଗଢିଲେ ତାଙ୍କର

Digitized by srujanika@gmail.com

'ଶକ୍ତିପଥ' ବୋଲଗଡ ଥାନା ମଣ୍ଡଳସିଂହ ଗ୍ରାମରେ । ସେ ଦିନଥିଲା ବୈଶାଖ ଶୁକ୍ଳ ନବମୀ । ଦିଘିରୀ ଠାରୁ କାଉତରାକୁ ଯେଉଁ ମାଟି ରାସ୍ତାଟି ପଡିଚି ସେଇ ଚିକିଟା ପଟୁମାଟିର ରାସ୍ତାରେ ବିଛେଇଲେ ସେମାନେ ଗେଙ୍ଗୁଟି ଓ କ୍ଷୁଦ୍ରଶିଳା । ମଣ୍ଡଳସିଂହଠାରୁ ଦୁଇମାଇଲ ଦୂରରେ ଅବସ୍ଥିତ ଜଗତୀ ପାହାଡ ବକ୍ଷରୁ ୩୦୦ ଗାଡି ଶିଳା ସଂଗ୍ରହ କରି ପଚାଶଖଣ୍ଡ ଶଗଡରେ ତାକୁ ବୁହାଇ ଆଣିଲେ ମଣ୍ଡଳସିଂହ, ଦିଘରୀ ଓ କାଉତରା ଗ୍ରାମବାସୀ । ଜାନୁଆରୀ ମାସ ୧୭ ତାରିଖରୁ ୨୧ ତାରିଖ ଯାଏଁ ପାଞ୍ଚଦିନର ପରିଶ୍ରମ ଫଳରେ ୮ ଫୁଟ ପ୍ରସ୍ଥ ଓ ୬୬୦ ଫୁଟ ଲମ୍ବ ୩୦୦୦ ଘନଫୁଟ ମେଟାଲ ଓ ଛୋଟ ଶିଳା ଓ ୧୫୦୦ ଘନଫୁଟ ମୋରମ ବିଛାଯାଇ ପାରିଥିଲା । ସର୍ବମୋଟରେ ଏହି ମାର୍ଗ ରଚନାରେ ୮୦୦ ଜଣ ଲୋକ ଶ୍ରମଦାନ କରିଥିଲେ । ଶକ୍ତିପଥର ଦ୍ୱିତୀୟ ଦିବସର କାର୍ଯ୍ୟ ଚାଲୁଥିବାବେଳେ ସୌଭାଗ୍ୟବଶତଃ ଆଚାର୍ଯ୍ୟ ହରିହର ଦାଶ ଏ ନିଷ୍କାମ କର୍ମ ଉପରେ ତାଙ୍କର ଶୁଭ ଆଶୀର୍ବାଦ ଢ଼ାଳିଦେଇଥିଲେ ।

◆

ବିଶେଷ ଦ୍ରଷ୍ଟବ୍ୟ:-

ଢ଼ିମାଖାଇ ଠାକୁରାଣୀ

ମଣ୍ଡଳସିଂହ ଗ୍ରାମବାସୀ ନିର୍ମାଣ ସେନାବାହିନୀକୁ ପାନ ଗୁଆ ନିମନ୍ତ୍ରଣ କରିଦେଲେ ସିନା ଶତମାର୍ଗର ଯୁବକ ଦଳ ସେ ଗାଁରେ ପହଞ୍ଚି ସେଠି ପରିସ୍ଥିତି ଯାହା ଦେଖିଲେ ସେଥିରେ ସେ କିଂ କର୍ତ୍ତବ୍ୟବିମୂଢ଼ ହୋଇ ପଡ଼ିଲେ । ଦିଘିରୀଠାରୁ ମଣ୍ଡଳସିଂହ ଯାଏଁ ଖାଲି କାଳିମାଟିଆ ଚିକିଟା ଗହୀର । ମୁଠେ ଦୋରସା ମାଟି କି ବାଲି ମୁଠେ କେଉଁଠି ନାହିଁ । ଏଥିରେ ରାସ୍ତା ନିର୍ମାଣ ବା ହୁଏ କେମିତି ?

ମଣ୍ଡଳସିଂହ କାଉତରାକୁ ଲାଗିକରି ଠିଆ ହୋଇଛି ଟାଙ୍ଗରା ଜଗତି ମୁଣ୍ଡିଆ । ଟେକା ଢ଼େଲା ଓ ଛୋଟ ଛୋଟ ପଥର ଶିଳାରେ ଭର୍ତ୍ତି । ଯୁବକଦଳ ସ୍ଥିର କଲେ ସମସ୍ତେ ସଦଳ ବଳେ ଜଗତୀ ଉପରକୁ ଚଢ଼ି ପାହାଡ଼ ଉପରେ ଥିବା ଟେକା ପଥର ସବୁକୁ ପାହାଡ଼ ତଳକୁ ଗଡ଼ାଇ ପକାଇବେ । ତାହାହିଁ ହେଲା । ଏବେ ପାହାଡ଼ ତଳ ଟେକା ପଥର ରାସ୍ତା ପାଖକୁ ଆସିବା କଥା । ଗାଁରେ ଯେଉଁ କେତେ ଲୋକଙ୍କର ଶଗଡ଼ ଥିଲା ସେଥିରେ କେତେ ବୁହା ହେଲା । ଆଉ ସବୁ ଆସିବ କେମିତି ? ପଡ଼ିଲା ଚିନ୍ତା ।

Digitized by srujanika@gmail.com

ମଣ୍ଡଳସିଂହର ମେଳେଛ ପରିଡ଼ା। ଗୋରା ତକ୍ ତକ୍ ଗଜା ଭେଣ୍ଡିଆ। ଗାଆଁ ମଝି ପୋଖରୀ କୂଳ ଝଙ୍କାଳିଆ ଓସ୍ତଗଛ ମୂଳରେ ପିଣ୍ଡିକା ପକାଇ ବସି ମୁଣ୍ଡକୁ ଖୁବ୍ ଜୋରରେ ଝୁଲେଇ ଗାଁ ଲୋକଙ୍କୁ କହିଲା, "ମୁଁ ଏଠିକି ଡ଼ିମାଖାଇ ଠାକୁରାଣୀ ଆସିଛି। ମାରିଲା କୁହାଟ ପରେ କୁହାଟ। ଚାହୁଁ ଚାହୁଁ ଗାଁଲୋକେ ରୁଣ୍ଡ ହୋଇଗଲେ। କଣ ଗାଁର ଭଲ ମନ୍ଦ ଭବିଷ କଥା ଠାକୁରାଣୀ କହିବ। ଏହା ଭାବି ତା ମୁଣ୍ଡରେ ସାନ୍ଦୁର ଠୋପା ମାରି ଗଜରା ମାଳ ପିନ୍ଧାଇ ଦେଲେ। ବେକଠୁଁ ଅଣ୍ଟାଯାଏଁ ଗାଢ଼ ନେଳି ପାଟ ଖଣ୍ଡୁଆ ଲମ୍ବାଇ ଦେଲେ। କିଏ କେତେ ଧୂପଦୀପ ଦେଲେ। ଠାକୁରାଣୀ ପୁଣି ଉଚ୍ଚରେ କୁହାଟ ମାରି କହିଲେ, "ଶୁଣ ମୋ ଶିଶୁ ସନ୍ତାନଗଣ ମୁଁ ଆସିଲି ଡିମାଖାଇ ଠାକୁରାଣୀ ଏଇ ଓସ୍ତ ଗଛରେ ରହିଲି। ମୋର ଯେଉଁ ଭକ୍ତଗଣ ଜଗତୀ ପାହାଡ଼ ଆଡୁ ଆସିବେ ସୋମନେ ହାତରେ ଗୋଟେ ଦିଟା ଡିମା ଆଣି ଏ ଗଛମୂଳେ ପକାଇଲେ ମୁଁ ପ୍ରସନ୍ନ ହେବି। ଭଲ ମନ୍ଦକୁ ତା ପାଖେ ପାଖେ ରହିଥିବି। ଯେ ମୋ ଆଜ୍ଞାକୁ ଅବଜ୍ଞା କରିବ ତାର ସର୍ବ ବିଘ୍ନ ଘଟାଇବି। ଏହା ପରଠୁଁ ଯେ ମୁଣ୍ଡିଆ ଆଡୁ ଆସିଲା ସେ ହାତରେ ଡ଼ିମା ଆଣି ଓସ୍ତ ମୂଳରେ ପକାଇଲା। ସତେ ଯେମିତି ଡ଼ିମାର ଏକ ଛୋଟ ପାହାଡ଼ ହୋଇଗଲା। ଏ ସବୁ ଡ଼ିମାରେ ଶକ୍ତିପଥ ସତେ ଯେମିତି ଶକ୍ତି ପାଇଗଲା।

◆

ତୃତୀୟ - ପଲ୍ଲୀପଥ

ଫିରିଫିରା -ବୋଲଗଡ଼ ଥାନା

ବୋଲଗଡ ଥାନାର ଅନାମଧେୟ ଫିରିଫିରା ଗ୍ରାମକୁ ସଭ୍ୟତାର ଆଲୋକ ଛୁଟାଇ ନେବାପାଇଁ ଏହି ପଞ୍ଚାୟତର ନିମନ୍ତଣ ପାଇ ନିର୍ମାଣ ସେନାବାହିନୀ କଳାଙ୍ଗରେ ଫେବୃଆରୀ ମାସ ଛଅ ତାରିଖରେ କାର୍ଯ୍ୟ ଆରମ୍ଭ କଲେ ମାଘ ଅମାବାସ୍ୟା ତିଥିରେ। କଳାଙ୍ଗରୁ ଫିରିଫିରା ଯିବା ରାସ୍ତାଘାଟରେ ଘୋର ସଙ୍କଟ ଏ ଯାବତ୍ ଉପବ୍ଧି ହେଉଥିଲା। ମଝିରେ ଖଣ୍ଡେ ସରକାରୀ ପାଣିଦଣ୍ଡା। ବର୍ଷାଦିନେ ଏହି ପାଣିଦଣ୍ଡାରେ ଅଣ୍ଟାଏ ପାଣି ଜମା ହୁଏ। ଫଳରେ ଫିରିଫିରା, ଗ୍ରାମ କଳାଙ୍ଗ ତଥା ଚତୁପାର୍ଶ୍ୱର ଅନ୍ୟ ଗ୍ରାମ ମାନଙ୍କଠାରୁ ଦୁର୍ଦ୍ଦିନରେ ବିଛିନ୍ନ ହୋଇ ରହେ।

ଶତମାର୍ଗର ତୃତୀୟ ପର୍ଯ୍ୟାୟ ହେଲା - କଳାଙ୍ଗରୁ ଫିରିଫିରାକୁ ରାସ୍ତା - ୧୫ ଫୁଟ ପ୍ରସ୍ଥ ଓ ୧୮୯୦ ଫୁଟ ଲମ୍ବର ରାସ୍ତା। ଚତୁଃପାର୍ଶ୍ୱର ଗ୍ରାମବାସୀ ତଥା

Digitized by srujanika@gmail.com

ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କର ସହଯୋଗ ଫଳରେ ମାତ୍ର ଚାରିଦିନରେ ୫୬,୭୦୦ ଘନଫୁଟର ମାଟିକାମ ହେଲା । ସର୍ବମୋଟରେ ୧୫୦୦ରୁ ଅଧିକ ଲୋକ ଶ୍ରମଦାନ କରି ଗଢିଲେ ଅଭିନବ ଭାବରେ ଏହି ପଲ୍ଲୀପଥ ।

ଅଭିନ୍ନ ବେହେରାଙ୍କ ଗୋଟିଏ ଟଙ୍କା

"ଓହୋ କି ଭାଗ୍ୟ ମୋର । ଆଜି କି ଦେଖିଲା ମୋ ଆଖି । ସତ୍ୟ ଯୁଗ କଣ ଆସିଯିବକି ? କି ରାସ୍ତା ଏ ପଡୁଛି । ଧର୍ମ ରାସ୍ତା । ଏଇ ରାସ୍ତା ଉପର ଦେଇ ସମସ୍ତେ ସ୍ୱର୍ଗକୁ ଯାଆନ୍ତି । ଜନ୍ମ-ଜରା ଯନ୍ତ୍ରଣାରୁ ମୋକ୍ଷ ହେଇ ଯାଆନ୍ତି । ଧର୍ମ ଦେବତାକୁ ଧରି ଯୁଧିଷ୍ଠିର ମହାରାଜା ସ୍ୱଦେହରେ ସ୍ୱର୍ଗକୁ ଗଲେ । ସ୍ୱର୍ଗକୁ ସିଢ଼ି ପକାଇବ ବୋଲି ଜୀବନ ସାରା କହିଲା । ଜୀବନ ଗଲା ପଛକେ ସ୍ୱର୍ଗକୁ ସିଢ଼ି ବାନ୍ଧିବା ଲଙ୍କପତି ରାବଣ ପାଇଁ ସମ୍ଭବ ହୋଇ ପାରିଲା ନାହିଁ ।

ଏଇ ତ ମୋ ଆଖି ଆଗରେ ଧର୍ମରାସ୍ତା ପଡୁଛି । ମୁଁ ଆଜି ଏ ସୁଯୋଗକୁ ହାତ ଛଡ଼ା କରିବି ନାହିଁ ।"

ଏହପରି କେତେ କଣ ପାତାଳରୁ ଆକାଶ ଯାଏଁ ଭାବି ଚାଲିଛି ଅଭିନ୍ନ ବେହେରା । ଟିକାତାଳ ଗଉଡ଼ ସାହିର ଷାଠିଏ ବର୍ଷର ବୁଢ଼ା ଅଭିନ୍ନ ବେହେରା ।

ଆବାଳ ବୃଦ୍ଧ ବନିତା ଓ ଇସ୍କୁଲର କୁନି କୁନି ପୁଅ ଝିଅଙ୍କ ମେଳରେ ନିର୍ମାଣ ସେନା ବାହିନୀ ଡ୍ରମ ବିଗୁଲର ତାଳେ ତାଳେ ମାର୍ଚ୍ଚିଂ ଗୀତ ଗାଇ କଳାଙ୍ଗରୁ ଫିରିଫିରା ଗ୍ରାମକୁ ମାଘ ମାସ ଅମାବାସ୍ୟା ତଥିରେ ପଲ୍ଲୀପଥ ପକାଉଥାନ୍ତି ।

ପଲ୍ଲୀପଥ ନିର୍ମାଣ ମହୋତ୍ସବରେ ମୁଗ୍ଧ ଓ ଉତ୍‌ଫୁଲ୍ଲିତ ହୋଇ ଝିଅ ଘରକୁ କଣ ମୁଢ଼ି ମୁଆଁ ଗଣ୍ଠିଲିକି ମୁଣ୍ଡେଇ ଯାଉଥିବା ବାଟରେ ଏ ଦୃଶ୍ୟ ଦେଖି ଶିହରି ଉଠିଲା ଅଭିନ୍ନ ବେହେରା । ତାର ମନ ହେଲା, ଆଉ ଝିଅ ଘରକୁ ନଯାଇ ସେଇଠି ସେ ଶତମାର୍ଗରେ ମିଶି ଯାଆନ୍ତା କି । ହେଲେ ଏପରି ଝିଅ ଘର ଯିବା ବାଟରେ ତାହା ସମ୍ଭବ ହୋଇ ପାରିଲା ନାହିଁ । ତେଣୁ ସେ ମନରେ ସ୍ଥିର କଲା ତା ବଦଳରେ ଗୋଟିଏ ଲୋକ ସେ ରାସ୍ତା କାମରେ ଲାଗିବ ଓ ତାର ମଜୁରୀ ବାବଦକୁ ସେ ଗୋଟିଏ ଟଙ୍କା ଟଙ୍କା, ଶିବିର ପରିଚାଳକ ବାବୁ ରହେମାନ ଖାଁଙ୍କୁ ଦେଇଯିବ ।

ତାହାହିଁ ହେଲା । ଅଭିନ୍ନ ବେହେରା ରହେମାନ ଖାଁଙ୍କୁ ଟଂକାଟିଏ ଦେଇ ଆଦେଶକୁ ଅପେକ୍ଷା କରି ରହିଲେ । ପରିଚାଳକ ରହେମାନ ଖାଁ ଏହି ଟଂକାଟି ବିଷୟରେ

Digitized by srujanika@gmail.com

ପ୍ରବର୍ତ୍ତକ ଓ ପ୍ରବୀଣ ନବୀନ ସଭ୍ୟମାନଙ୍କୁ ଏକାଠି ବସାଇ ଆଲୋଚନା କରାଇଲେ। ଏହା ଏକ ନୀତିଗତ ପ୍ରଶ୍ନ ହୋଇ ଥିବାରୁ ଆଲୋଚନା ଟିକେ ଅଧିକ ସମୟ ଲାଗିଲା। ଶେଷକୁ ସାର ହେଲା ଏହା କେବଳ ନୀତି ଦୃଷ୍ଟିରୁ ସେ ଟଂକାଟିଏ ହେଲେ ମଧ୍ୟ ଗ୍ରହଣ କରାଯାଇ ପାରିବ ନାହିଁ।

x x x

ଅଭିନ୍ନ ବେହେରା ଝିଅ ଘର ଭାର ନୁହଁ, କେବଳ ନିଆଶାଭାର ମୁଣ୍ଡେଇ ଆଗକୁ ଆଗ ଗଲା।

◆

ଚତୁର୍ଥ - ସତ୍ୟପଥ

ବେଲଡ଼ିହି, ବାଣପୁର ଥାନା

ବାଣପୁର ମାଳାଞ୍ଚଳର ସନ୍ନିକଟବର୍ତ୍ତୀ ଗ୍ରାମ ବେଲଡିହି। ବିଖ୍ୟାତ ଓଡିଶାର ଏକ ଅଖ୍ୟାତ ଓ ନିଭୃତ ପଲ୍ଲୀ। ଇତିହାସ କି ଭୂଗୋଳ କୌଣସି ପୋଥିରେ ତାର ନାମ ଲେଖା ହୋଇନି। ସେହି ବେଲଡିହିର ଅନ୍ୟତମ ବିଶିଷ୍ଟ ଉଦ୍ୟୋଗୀ ବ୍ୟକ୍ତି ବଳଭଦ୍ର ନରେନ୍ଦ୍ରଙ୍କ ନେତୃତ୍ୱରେ ଚାଲିଲା ଶତମାର୍ଗ ଆନ୍ଦୋଳନର ଚତୁର୍ଥ ପର୍ଯ୍ୟାୟ ଅପ୍ରେଲ ମାସ ୧୬ ତାରିଖରେ ବୈଶାଖ ଶୁକ୍ଳ ନବମୀ ତିଥିରେ। ବେଲଡିହି ଓ ନୂଆସାହି ପରସ୍ପର ଅଙ୍ଗାଙ୍ଗୀ ଭାବେ ସଂପୃକ୍ତ। ମଝିରେ ୧୦୦୦ ଫୁଟର ଏକ ପାଣି ଦଣ୍ଡାର ବ୍ୟବଧାନ। ବର୍ଷର ବହୁମାସ ଗ୍ରାମବାସୀ ତଥା ଗାଇଗୋରୁ ଏଇ ଦଣ୍ଡାରେ ଯିବା ସମୟରେ ଘୋର ଅସୁବିଧା ଭୋଗ କରୁଥିଲେ। ଗ୍ରାମବାସୀ ତଥା ନିର୍ମାଣ ସେନାବାହିନୀଙ୍କ ଶତମାର୍ଗ ଆନ୍ଦୋଳନ ଫଳରେ ପାଣିଦଣ୍ଡାଟି ଏକ ସୁନ୍ଦର ରାସ୍ତାରେ ପରିଣତ ହୋଇପାରିଲା ମାତ୍ର ଚାରିଦିନର ପରିଶ୍ରମ ଫଳରେ। ଏହି 'ସତ୍ୟପଥ' ନିର୍ମାଣରେ ସର୍ବମୋଟରେ ୬୮୦ ଜଣ ଲୋକ ଶ୍ରମଦାନ କରିଥିଲେ। ବିଶେଷତଃ ବାଣପୁରର କେତେକ ସମ୍ଭ୍ରାନ୍ତ ବ୍ରାହ୍ମଣ ବଂଶୀୟା ସ୍ତ୍ରୀ ଲୋକ ତଥା ବେଲଡିହର ସ୍ତ୍ରୀଲୋକ ମାନେ ହୁଳହୁଳି ପକାଇ ସତ୍ୟପଥରେ ଶ୍ରମଦାନ କରିଥିଲେ। ୧୮ ଫୁଟ ପ୍ରସ୍ଥ, ୫ ଫୁଟ ଉଚ୍ଚତା ଓ ୧୦୦୦ ଫୁଟ ଲମ୍ବ ବିଶିଷ୍ଟ ସତ୍ୟପଥରେ

Digitized by srujanika@gmail.com

ସର୍ବମୋଟରେ ୬୦୦୦ ଘନଫୁଟର ମାଟି କାମ କରାଯାଇଥିଲା ଓ ୪୦୦ ଗାଡି ଗୋଡି ବିଛାଯାଇଅଛି । ତତ୍‌କାଳୀନ ରାଜସ୍ୱ ମନ୍ତ୍ରୀ ଶ୍ରୀଯୁକ୍ତ ସତ୍ୟପ୍ରିୟ ମହାନ୍ତି ଏହି ସତ୍ୟପଥର ଶୁଭ ଉଦ୍‌ଘାଟନ କରିଥିଲେ ।

ସତ୍ୟପ୍ରିୟ ମହାନ୍ତି

◆

ପଞ୍ଚମ - ସିଦ୍ଧିପଥ

ହଜ, ବେଗୁନିଆ ଥାନା

ଜାତୀୟ ରାଜପଥର ଖୋର୍ଦ୍ଧା ବ୍ରହ୍ମପୁର ମଧ୍ୟରେ ପଶ୍ଚିମକୁ ଜଙ୍କିଆ-ସିକୋ ରାସ୍ତାକଡ ହଜ ଗ୍ରାମରେ ଶତମାର୍ଗ ଆନ୍ଦୋଳନରେ ୫ମ ପର୍ଯ୍ୟାୟ ଆରମ୍ଭ ହୁଏ, ଏହି ଗ୍ରାମର କେତେକ ବିଦ୍ୟାଧାୟୀ ତୁରୁଣ ଯୁବକମାନଙ୍କ ଉଦ୍ୟମରେ । ନିର୍ମଳ ବୈଶାଖ ପୂର୍ଣ୍ଣିମାର ଚନ୍ଦ୍ରପକ୍ଷ ରାତ୍ରିରେ ଏହି ରାସ୍ତାର କାର୍ଯ୍ୟ ଚାଲୁଥିଲା । ଏହାପୂର୍ବରୁ ଏଠାରେ ଗୋଟିଏ ହୋଇ ସୁନ୍ଦର ରାସ୍ତା ନଥିଲା । ଏହି ଆନ୍ଦୋଳନ ଫଳରେ ମୋରମ ଓ ମାଟି ବୋହି ଏ ରାସ୍ତାଟିକୁ ଏକ ସୁଦୃଢ, ସୁନ୍ଦର ଓ ପକ୍କା ରାସ୍ତା କରିବାକୁ ଯତ୍ନ କରାଯାଇଛି । ସିଦ୍ଧିପଥ ଆରମ୍ଭ ହେବା ପରେ ପରେ ଏହି ଗ୍ରାମର ପାଇକସାହିର ଜନସାଧାରଣ ଏକ ପାଇକରୋଡ ପକାଇଛନ୍ତି ଓ ଗଉଡ ସାହିର ଲୋକେ ଅନ୍ୟ ଏକ ରାସ୍ତା କାର୍ଯ୍ୟ ଆରମ୍ଭ କରିଛନ୍ତି । ଆନ୍ଦୋଳନର ପଞ୍ଚମ ପର୍ଯ୍ୟାୟରେ କେତେକ ଗ୍ରାମ୍ୟ ରାସ୍ତା ତିଆରି କରାଯାଇ ପାରିଅଛି ।

◆

ଷଷ୍ଠ- ଆନନ୍ଦମାର୍ଗ

ବିଲ ଖଉରଣି, ବୋଲଗଡ଼ ଥାନା

ବିଲଖଉରଣି ବୋଲଗଡ ଥାନାର ଏକ ନିପଟ ପଲ୍ଲୀ । ଏ ଗାଆଁର ଦେଢ ମାଇଲ ଦୂରରେ ପୂର୍ତ୍ତ ବିଭାଗର ପିଚ୍ ରାସ୍ତା ଖୋର୍ଦ୍ଧାରୁ ନୟାଗଡ ଯାଇଛି । କିନ୍ତୁ ଖଣ୍ଡେ ଛୋଟ ମାଟି କାଦୁଅର ସଡକ ଏଇ ରାଜରାସ୍ତାରୁ ଏ ଗାଆଁ ଭିତରକୁ ନାହିଁ ।

Digitized by srujanika@gmail.com

ବର୍ଷା ଦିନେ ଏ ଗାଆଁ ଦାଣ୍ଡରେ ହୁଏ ଆଣ୍ଠୁଏ ପାଣି । ମାଇପେ ଆଣ୍ଠୁଏ ପାଣି ଭିତରେ ପଶି କୂଅରୁ ପାଣି ନିଅନ୍ତି । ଏଇ ଅସୁବିଧା ଯୋଗୁଁ କେହି ଏ ଗାଆଁରେ ଝିଅ ଦେଇ ବନ୍ଧୁ ବାନ୍ଧିବାକୁ ଇଚ୍ଛା କରନ୍ତି ନାହିଁ ।

ସେଇ ଗାଆଁ ବିଲଖଉରଣିରେ ଗ୍ରାମବାସୀଙ୍କ ସହଯୋଗରେ ଚାଲିଲା ଶତମାର୍ଗର ଷଷ୍ଠ ଅଭିଯାନ ଜ୍ୟେଷ୍ଠ କୃଷ୍ଣ ତ୍ରୟୋଦଶୀରେ । ଯୁଗ ଯୁଗର ଏଇ ଅସୁବିଧାକୁ ଦୂର କରିବାକୁ ସେମାନେ ଅଣ୍ଟା ଭିଡିଲେ ... କମର କଷିଲେ । ଅଳପକେ ଅସୁବିଧା ଉଭେଇ ଗଲା । ସାତ ଦିନର ଅକ୍ଳାନ୍ତ ପରିଶ୍ରମ ଫଳରେ ଜନ୍ମ ହେଲା ଏକ ଅଭିନବ ମାର୍ଗ - "ଆନନ୍ଦ ମାର୍ଗ" । ଏହାର ଲମ୍ବ ୭୨୨୦ ଫୁଟ, ଓସାର ୧୫ ଫୁଟ - ଉଚ୍ଚତା ୨ ଫୁଟ । ମୋଟରେ ୩୦୦ ଗାଡି ବାଲି ପଡିଛି ଓ ସମୁଦାୟ ୯୩୫ ଜଣ ଲୋକ କାମ କରିଛନ୍ତି ।

◆

ସପ୍ତମ - ପ୍ରଗତି ପଥ

ଡିହ ଖଉରଣି, ବୋଲଗଡ଼ ଥାନା

ଆଷାଢ ଶୁକ୍ଳ ତୃତୀୟାରେ ଚାଲିଲା ଆନ୍ଦୋଳନର ସପ୍ତମ ପର୍ଯ୍ୟାୟ, ବୋଲଗଡ ଥାନା ଡିହଖଉରଣି ଗ୍ରାମରେ । ବିଲଖଉରଣିର ଅଳ୍ପ ପଶ୍ଚିମକୁ ଡିହଖଉରଣି । ଏ ଗାଆଁର ଘର ବାଡିର ଜମି ଅଳ୍ପ, ତା ତୁଳନାରେ ମାତ୍ର ଜନସଂଖ୍ୟା ବହୁତ ବେଶୀ । ବିଲଖଉରଣିର ଯେଉଁ ଦୂରାବସ୍ଥା, ଡିହଖଉରଣିର ମଧ୍ୟ ସେହି ଅବସ୍ଥା । ଏହି ଅବସ୍ଥାକୁ ଦୂର କରିବା ପାଇଁ ଚାରି ଦିନର ସଂଗଠିତ ଉଦ୍ୟମ ହେଲା । ଲକ୍ଷାଧିକ ଘନଫୁଟର ମାଟି କାମ କରାଗଲା । ଏକ ସଂକୀର୍ଣ୍ଣ ସରକାରୀ ପାଣି ଦଣ୍ଡା ଏକ ସୁନ୍ଦର "ପ୍ରଗତି ପଥ"ରେ ପରିଣତ ହେଲା । ପ୍ରଗତି ପଥ ଡିହଖଉରଣି ଗାଁ ଭିତରୁ ଆରମ୍ଭ ହୋଇ ଖଉରଣି ମୌଳିକ ବିଦ୍ୟାଳୟ ନିକଟରେ ଆନନ୍ଦ ମାର୍ଗ ସହିତ ସଂଯୁକ୍ତ ହୋଇଅଛି ।

◆

Digitized by srujanika@gmail.com

ଅଷ୍ଟମ - ମୈତ୍ରୀ ପଥ

ଟାଙ୍ଗୀସାହି, ବୋଲଗଡ଼ ଥାନା

ଟାଙ୍ଗୀସାହି ବୋଲଗଡ ଥାନାନ୍ତର୍ଗତ ଏକ ବିରାଟ ଜନବସତି । ବୋଲଗଡ-ନୟାଗଡ ରୋଡ୍ ଠାରୁ ଅନତିଦୂରରେ ଅବସ୍ଥିତ । ମିତ୍ରତାର ସ୍ମାରକ ସ୍ୱରୂପ ଆଶ୍ୱିନ ମାସ ଶୁକ୍ଳ ତ୍ରୟୋଦଶୀ ଦିନ ଏହି ଗ୍ରାମରେ ଶତମାର୍ଗର ଅଷ୍ଟମ ପର୍ଯ୍ୟାୟ ଅନୁଷ୍ଠିତ ହେଲା ବିପୁଳ ଉତ୍ସାହ ସହକାରେ । ବୈଦିକ ବିଧି ପାଳନ କରି ଗ୍ରାମବାସୀମାନେ ଖୋର୍ଦ୍ଧା-ନୟାଗଡ ପିଚ୍ ରାସ୍ତାରୁ ମୈତ୍ରୀ ପଥକୁ ଟାଣି ନେଲେ ଟାଙ୍ଗୀସାହି ଯାଏଁ । ପାଞ୍ଚ ଦିନରେ ୩୨୦ ଜଣଙ୍କ ପରିଶ୍ରମ ଫଳରେ ୨୨ ଫୁଟ ପ୍ରସ୍ଥ ଓ ୩୦,୦୦୦ ଫୁଟ ଲମ୍ବର ମୈତ୍ରୀ ପଥ ସମ୍ଭବ ହୋଇ ପାରିଥିଲା । ଗ୍ରାମର ବୟୋବୃଦ୍ଧ ଶ୍ରୀଯୁକ୍ତ କାଶୀନାଥ ବିଶ୍ୱାଳ ମୈତ୍ରୀପଥର ଶୁଭ ଦେଇଥିଲେ । ରାଜ୍ୟ ସରକାରଙ୍କ ଗ୍ରାମ ପଞ୍ଚାୟତ ବିଭାଗ ଡ଼େପୁଟି ଡ଼ାଇରେକ୍ଟର ଓ ଡ଼େପୁଟି ସେକ୍ରେଟାରୀ ଶ୍ରୀ ଉଦୟନାଥ ସାହୁ ଓ.ଏ.ଏସ୍ ଏହାକୁ ଉଦ୍‌ଘାଟନ କରିଥିଲେ ।

◆

ନବମ- ଜାତୀୟ ପଥ

ପଞ୍ଚୁକୋଟ, ବୋଲଗଡ଼ ଥାନା

ଆନ୍ଦୋଳନର ନବମ ପର୍ଯ୍ୟାୟ ଆରମ୍ଭ ହୁଏ ଟାଙ୍ଗୀ ସାହିର ଅନତିଦୂର ପଞ୍ଚୁକୋଟ ଗ୍ରାମରେ କାର୍ତ୍ତିକ କୃଷ୍ଣ ଦ୍ୱିତୀୟା ତିଥିରେ । ଏକ ସରକାରୀ ପାଣିଦଣ୍ଡା ବ୍ୟତୀତ ଏ ଗାଁକୁ ରାସ୍ତା ନଥିଲା ଅନାଦି କାଳରୁ । ଗ୍ରାମବାସୀମାନେ ସ୍ଥିର କଲେ, ନୂଆ ରାସ୍ତା ବାନ୍ଧିବେ । ଶତମାର୍ଗ ଆନ୍ଦୋଳନ ହେଲା । ମାତ୍ର ୩ ଦିନରେ ୧୮୦ ଜଣ ଲୋକଙ୍କ ପରିଶ୍ରମ ଫଳରେ ୨୦ ଫୁଟ ପ୍ରସ୍ଥ ଓ ୨ ଫୁଟ ଉଚ୍ଚ ଓ ୧୩୮୦ ଫୁଟ ଲମ୍ବର ଜାତୀୟ ପଥ ନିର୍ମିତ ହୋଇ ପାରିଛି । ସର୍ବ ମୋଟରେ ୨୮,୮୦୦ ଘନଫୁଟ ମାଟି ଉଠିଛି ଓ ରାସ୍ତାଟିରେ ୨୦୦ ଗାଡି ବାଲି ପଡିପାରିଛି । ଶତମାର୍ଗର ଅଳପ ଦିନର ସ୍ମୃତିକୁ ଏ ଯାବତ ପଞ୍ଚୁକୋଟବାସୀ ସାଇତି ରଖିଛନ୍ତି ।

◆

Digitized by srujanika@gmail.com

ଦଶମ - ଜନପଥ

ଦେଉଳି, ବେଗୁନିଆ ଥାନା

କାର୍ତ୍ତିକ ଶୁକ୍ଳ ସପ୍ତମୀ। ଏହି ଦିବସରେ ବେଗୁନିଆ ଥାନା ଦେଉଳୀ ଗ୍ରାମରେ ଶତମାର୍ଗର ଦଶମ ପର୍ଯ୍ୟାୟ ଅନୁଷ୍ଠିତ ହେଲା ଅତି ଆଡମ୍ବର ସହକାରରେ। ଦେଉଳୀ ଗ୍ରାମବାସୀଙ୍କ ମନରେ ନୂତନ ଆଶା ଓ ଆଲୋକର ସୂତ୍ରପାତ ହେଲା। ଶ୍ରଦ୍ଧା ଓ ବିଶ୍ୱାସକୁ ମୂଳଧନ କରି ସେମାନେ ବାନ୍ଧିଲେ ଜନପଥ। ଏ ପର୍ଯ୍ୟନ୍ତ ଜନପଥ ହିଁ ଶତମାର୍ଗର ଦୀର୍ଘତମ ପଥ। ଶହଶହ ଲୋକଙ୍କ ଅପୂର୍ବ ଉତ୍ସାହ ଓ ଉଦ୍ଦୀପନା ଫଳରେ କେଇଟି ଦିନ ଭିତରେ ଜନପଥ ହସି ଉଠିଲା। ତା ଉପରେ ଶୋଭାଯାତ୍ରା ଓ ପଟୁଆର ଚାଲିଲା। ଜନପଥର ଛାତି ଫୁଲି ଉଠିଲା। ଏହି ଜନପଥରେ ସମୁଦାୟ ୧୦୫୨ ଜଣ ଲୋକ କାମ କରୁଥିଲେ। ଏହାର ଲମ୍ବ ଦୁଇମାଇଲ୍, ପ୍ରସ୍ଥ ୨୨ ଫୁଟ ଓ ସର୍ବ ମୋଟରେ ଲକ୍ଷାଧିକ ଘନଫୁଟ ମାଟିକାମ ହୋଇଛି। ରଣପୁରର ବାଣିକଲଠାରୁ ବେଗୁନିଆ ପର୍ଯ୍ୟନ୍ତ ଦୀର୍ଘ ୧୦ ମାଇଲ ରାସ୍ତା ବାନ୍ଧିବା ନିମନ୍ତେ ଦେଉଳୀ ସାଧାରଣ ସଭାରେ ଦେଉଳୀ, ତୁଳସୀବେରେଣା, ନୟାପଲ୍ଲୀ, କଡବ ଓ ବାଗଲପୁରର ଲୋକେ ପ୍ରତିଶ୍ରୁତି ଦେଇଛନ୍ତି। ତୁଳସୀବେରେଣା ଓ ନୟାପଲ୍ଲୀ ଲୋକେ ଏହି ଜନପଥକୁ ବହୁ ବାଟ ଆଗେଇ ନେଇଗଲେଣି। ଏହି ବିରାଟ ଜନପଥ ଗାଁକୁ ଗାଁ ପଡିବ। ଅର୍ଥାତ୍ ଦେଉଳି ଲୋକେ ତୁଳସୀବେରେଣାରେ ଲଗାଇବେ ଓ ତୁଳସୀ ବେରେଣା ଲୋକେ ନୟାପଲ୍ଲୀ ନେବେ, ନୟାପଲ୍ଲୀ ଲୋକେ କଡବରେ ଲଗାଇବେ, କଡବ ଲୋକେ ବାଗଲପୁରଠାରେ ରାସ୍ତାକୁ ନେଇ ଛାଡିବେ ଓ ତା ପରେ ଏହି ଜନପଥ ବେଗୁନିଆରେ ପହଞ୍ଚିବ। ଦେଉଳି ଗ୍ରାମର ବୟୋଜ୍ୟେଷ୍ଠ ଶ୍ରୀ ହରେକୃଷ୍ଣ ପ୍ରହରାଜ ଜନପଥର ଶୁଭ ଦେଇଥିଲେ।

◆

Digitized by srujanika@gmail.com

ଏକାଦଶ - ଶାନ୍ତିପଥ

ଜାମୁସାହି, ବେଗୁନିଆ ଥାନା

ସେଇ କାର୍ତ୍ତିକ ଶୁକ୍ଳ ଅଷ୍ଟମୀରେ ବେଗୁନିଆଁ ଥାନା ଜାମୁସାହି ଗ୍ରାମରେ ଶତମାର୍ଗର ଏକାଦଶ ପର୍ଯ୍ୟାୟ ଅନୁଷ୍ଠିତ ହେଲା । ଜାମୁସାହି ଏକ ମୁସଲମାନ ବସ୍ତି । ଗାଁଟି ଛୋଟ ହେଲେ ମଧ୍ୟ ସେମାନେ ଏହି ବିଶ୍ୱାସ ଓ କର୍ମରେ ଅନୁପ୍ରାଣିତ ହୋଇ ଗଢିଲେ ସେମାନଙ୍କର ଶାନ୍ତିପଥ । ନିଜର ଗାଁ ଭିତରକୁ ଏହି ଶାନ୍ତିପଥ ଗଲା - ୧୦୮ ଜଣ ଲୋକଙ୍କର ଅନାବିଳ ଶ୍ରମ ଦାନରେ ।

◆

ଦ୍ୱାଦଶ - ଧର୍ମପଥ

ତଣ୍ଡାଳ, ବେଗୁନିଆ ଥାନା

ଶତମାର୍ଗର ଦ୍ୱାଦଶ ପର୍ଯ୍ୟାୟ ଅନୁଷ୍ଠିତ ହୁଏ ତଣ୍ଡାଳରେ "ଧର୍ମରାସ୍ତା" ବାନ୍ଧିବାରେ କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ତିଥିରେ । ତଣ୍ଡାଳ, ବେଗୁନିଆଁ ଥାନାର ରାସ୍ତା ବିହୀନ ଏକ କ୍ଷୁଦ୍ର ଜନବସତି । କାର୍ତ୍ତିକ ମାସ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ଏ ଗାଆଁରେ ଆରମ୍ଭ ହେଲା ଶତମାର୍ଗ ଆନ୍ଦୋଳନ । ତଣ୍ଡାଳ ତଥା ଆଖପାଖ ଗ୍ରାମବାସୀଙ୍କର ଅନାବିଳ ଶ୍ରମଦାନରେ ଧର୍ମପଥ ପରିପୁଷ୍ଟ ହେଲା । ବାଘମାରୀଠାରୁ କଳାପଥରକୁ ଯେଉଁ ରାସ୍ତା ଯାଇଛି, ଠିକ୍ ଗୋବିନ୍ଦପୁରଠାରୁ କଣ୍ଟାବାଡକୁ ଏକ ମାଟି ରାସ୍ତା ବାହାରିଛି । ଏହି ମାଟି ରାସ୍ତାରୁ ତଣ୍ଡାଳକୁ ଆସିଲା ଧର୍ମପଥ । ଲମ୍ବ ଏକ ମାଇଲ ୧୨୫୪ ଫୁଟ । ପ୍ରସ୍ଥ ୧୫ ଫୁଟ । ଉଚ୍ଚତା ଫୁ୧/୬ ଇଞ୍ଚ । ୩୦୮ ଜଣଙ୍କ ପରିଶ୍ରମ ଫଳରେ ୫୦,୦୦୦ ଘନଫୁଟ ମାଟିକାମ ହୋଇପାରିଛି । ତତ୍କାଳୀନ ଉତ୍କଳ କଂଗ୍ରେସ କମିଟିର ସଭାପତି ଶ୍ରୀଯୁକ୍ତ ରାଜକୃଷ୍ଣ ବୋଷ ଏ ପଥ ପରିଦର୍ଶନ କରି କୃଷ୍ଣଚନ୍ଦ୍ର ପଣ୍ଡା ଓ ସେଇ ସମସ୍ତ ଗ୍ରାମବାସୀଙ୍କୁ ଅଶେଷ ପ୍ରଶଂସା କରିଥିଲେ । ସେ ପଥ ନିର୍ମାଣବେଳେ ଓଡ଼ିଶା ଲୋକସମ୍ପର୍କ ପକ୍ଷରୁ ଏକ ଡ଼କୁମେଣ୍ଟାରି ଫିଲ୍ମ ପ୍ରସ୍ତୁତ କରାଯାଇଥିଲା ।

◆

Digitized by srujanika@gmail.com



Digitized by srujanika@gmail.com

ତ୍ରୟୋଦଶ - ବିନୟ ପଥ

ବଡ଼ ପଦର, ବେଗୁନିଆ

ଶତମାର୍ଗ ଆନ୍ଦୋଳନର ତ୍ରୟୋଦଶ ପର୍ଯ୍ୟାୟ ଅନୁଷ୍ଠିତ ହେଲା ବେଗୁନିଆ ଥାନାର ବଡପଦର ଗ୍ରାମରେ - ବୈଶାଖ ଶୁକ୍ଳ ଦ୍ୱିତୀୟା ଦିବସରେ । ବର୍ଷ ବର୍ଷ ଯୁଗ ଯୁଗ ଧରି ଏ ଗ୍ରାମର ରାସ୍ତା ଥିଲା ଏକ ବିରାଟ ସମସ୍ୟା । ମାଣିବନ୍ଧ ଟାଙ୍ଗୀଠାରୁ ଖଣ୍ଡିଏ ଛୋଟ ନାଳ ଭିତର ଦେଇ ଏ ଗ୍ରାମର ନରନାରୀ ଓ ଗୋମହିଷାଦି ଗୃହପାଳିତ ପଶୁ ପ୍ରଭୃତି ଯାତାୟତ କରୁଥିଲେ । ବର୍ଷାଦିନେ ସେମାନଙ୍କର ଦୁଃଖର କାହାଣୀ ବର୍ଣ୍ଣନାତୀତ ହୋଇଉଠେ । ଯୁଗ ଯୁଗର ସମସ୍ୟାକୁ ଘୁଞ୍ଚାଇ ଦେବା ଲାଗି ସେମାନେ କଲେ ଶତମାର୍ଗ ଆନ୍ଦୋଳନ । ଗ୍ରାମର ଆବାଳ ବୃଦ୍ଧ ବନିତା ଉତ୍ସାହରେ ଧର୍ମରାସ୍ତା ପକାଇଲେ । ସେମାନଙ୍କର ଅଦ୍ଭୁତ ନିଷ୍ଠା ଓ ଶ୍ରମ ଜରିଆରେ ସୃଷ୍ଟି ହେଲା "ବିନୟ ପଥ ।" ୨୦ ଫୁଟ ପ୍ରସ୍ଥ, ୪ ଫୁଟ ଉଚ୍ଚ ଓ ପ୍ରାୟ ଏକମାଇଲ୍ ଲମ୍ୱର ସୁନ୍ଦର ପଥ - ବିନୟ ପଥ । ଓଡିଶାର ପରିବହନ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ବୃନ୍ଦାବନ ନାୟକ ଏ ରାସ୍ତାକୁ ଉଦ୍‌ଘାଟନ କରିଥିଲେ ।

ବୃନ୍ଦାବନ ନାୟକ

◆

ଚତୁର୍ଦ୍ଦଶ - ନ୍ୟାୟପଥ

ବଡ଼ନୟାପଲ୍ଲୀ, ବେଗୁନିଆ

ବଡପଦର ସନ୍ନିକଟ ବଡନୟାପଲ୍ଲୀ ବେଗୁନିଆଁ ଥାନାର ଏକ ବୃହତ୍ ଜନବସତି । ବେଗୁନିଆଁ ହେଉଛି ଏ ଅଞ୍ଚଳର ବ୍ୟବସାୟ କେନ୍ଦ୍ର । ତେଣୁ ବେଗୁନିଆଁକୁ ଏକ ସ୍ଥାୟି ଓ ସୁନ୍ଦର ରାସ୍ତା ବାନ୍ଧିବାକୁ ଏ ଗ୍ରାମବାସୀ ବଦ୍ଧ ପରିକର ହେଲେ । ମଝିରେ ସୁଆଁଳ ଯାଏଁ କେବଳ ଧାନଜମି ଓ ଏକ ବଡ ନାଳ । ଶତମାର୍ଗର ତୂର୍ଯ୍ୟ ଏ ଗ୍ରାମର ଯୁବକ ଯୁବତୀ ଓ ବୟୋବୃଦ୍ଧଙ୍କ ମନରେ ଅଦମ୍ୟ ଉତ୍ସାହ ସୃଷ୍ଟି କଲା । ବୈଶାଖ ଶୁକ୍ଳ ତୃତୀୟାରେ ସେମାନେ ଚଳାଇଲେ ସେମାନଙ୍କର ଶତମାର୍ଗ । ଯୁଗ ଯୁଗର ଅନ୍ୟାୟକୁ ବରଦାସ୍ତ ନ କରିବା ପାଇଁ ଏହି ନବନିର୍ମିତ ରାସ୍ତାଟିର ନାମ

Digitized by srujanika@gmail.com

ରଖିଲେ ସେମାନେ "ନ୍ୟାୟପଥ"। ସୁଆଁଳି ଯାଏଁ ରାସ୍ତା ଲମ୍ବିଗଲା। ଗ୍ରାମବାସୀମାନେ ଆଗ୍ରହ ସହକାରେ ସେମାନଙ୍କର ଜମିର କିୟଦଂଶ ଛାଡିଦେଲେ। ୪ ଫୁଟ ଉଚ୍ଚ, ୧୮ ଫୁଟ ପ୍ରସ୍ଥ ଓ ପ୍ରାୟ ଏକ ମାଇଲ୍ ଲମ୍ବର ନ୍ୟାୟପଥ ପଡିଗଲା ଗ୍ରାମବାସୀଙ୍କର ଅନାବିଳ ଶ୍ରମଦାନ ଫଳରେ। ଓଡିଶାର ପରିବହନ ମନ୍ତ୍ରୀ ଶ୍ରୀଯୁକ୍ତ ବୃନ୍ଦାବନ ନାୟକ ଏ ରାସ୍ତାଟିକୁ ଉଦ୍‌ଘାଟନ କଲେ।

ବୃନ୍ଦାବନ ନାୟକ

◆

ପଞ୍ଚଦଶ - ସ୍ତୁତିପଥ

ନନ୍ଦପଲ୍ଲୀ, ବୋଲଗଡ଼

ବୋଲଗଡ-ନୟାଗଡ ବଡ ରାସ୍ତାର ଅନତିଦୂରରେ ନନ୍ଦପଲ୍ଲୀ ଏକ କ୍ଷୁଦ୍ର ଜନବସତି। ରାସ୍ତା ଓ ଯୁଗର ଆଲୋକ ବିନା ଏମାନେ ଅନ୍ଧାରରେ ଅଣ୍ଡାଳି ହେଉଥିଲେ। ଶତମାର୍ଗ ଆନ୍ଦୋଳନ ଜରିଆରେ ଗ୍ରାମବାସୀ କଲେ ଏକ ନୂଆ ରାସ୍ତା - ସ୍ତୁତିପଥ। ଜ୍ୟେଷ୍ଠ କୃଷ୍ଣ ତୃତୀୟାରେ ସେମାନେ ଶତମାର୍ଗ ଉତ୍ସବ ପାଳନ କରିଥିଲେ। ବିଧାନ ସଭାର ବାଚସ୍ପତି ପଣ୍ଡିତ ନୀଳକଣ୍ଠ ଦାସ ଏ ରାସ୍ତାକୁ ଉଦ୍‌ଘାଟନ କରିଥିଲେ।

ନୀଳକଣ୍ଠ ଦାସ

◆

ଷୋଡଶ - କରୁଣାପଥ

ବ୍ରହ୍ମପୁରା, ବୋଲଗଡ଼ ଥାନା

ଜ୍ୟେଷ୍ଠ କୃଷ୍ଣ ଚତୁର୍ଥୀରେ ବୋଲଗଡ ଥାନା ବ୍ରହ୍ମପୁରା ଗ୍ରାମରେ ଚାଲିଥିଲା ଶତମାର୍ଗ ଆନ୍ଦୋଳନ। ବୋଲଗଡ-ନୟାଗଡ ବଡ ସଡକରୁ ଏକ ସୁନ୍ଦର ରାସ୍ତା ନେବାପାଇଁ ଗ୍ରାମବାସୀ ଅଣ୍ଟା ଭିଡି ବାହାରିଲେ। ଅଳ୍ପ କେଇ ଦିନର ପରିଶ୍ରମ ଫଳରେ ଗଢା ହେଲା ଏକ ସୁନ୍ଦର ରାସ୍ତା - ନାମ ଦେଲେ 'କରୁଣାପଥ' ବିଧାନସଭା ବାଚସ୍ପତି ପଣ୍ଡିତ ନୀଳକଣ୍ଠ ଦାସ ଏ ରାସ୍ତାକୁ ଉଦଘାଟନ କଲେ।

◆

Digitized by srujanika@gmail.com

[illegible]



Digitized by srujanika@gmail.com

ଶତମାର୍ଗ ଆୟୋଜନ [illegible] [illegible] କାର୍ଯ୍ୟକ୍ରମ ସମୟର କେତୋଟି ଛବି









ସଁପୁର, ବୋଲଗଡ଼

Digitized by srujanika@gmail.com

ବୋଲଗଡ ଥାନାର ସଁପୁର ଏକ ପ୍ରସିଦ୍ଧ ଗ୍ରାମ, ଲୋକ ସଂଖ୍ୟା ଦୁଇ ହଜାରରୁ ଅଧିକ । ଶତମାର୍ଗ ନୀତି ଓ ଆଦର୍ଶରେ ପ୍ରଭାବିତ ହୋଇ ଏମାନେ ଗଢିଲେ ଏକ ନୂଆ ପଥ - 'ପବିତ୍ର ପଥ' । ଜ୍ୟେଷ୍ଠ ମାସର ପବିତ୍ର ଶୁକ୍ଳ ସପ୍ତମୀରେ । ଆନନ୍ଦ ଓ ଉନ୍ମାଦନାର ପ୍ରବଳ ସ୍ରୋତ ପ୍ଲାବିତ ହେଲା ଏ ଗାଆଁର ବୁକୁରେ । ରାତି ଅଣ୍ଟିଲାନି - ଯୁବ ଶକ୍ତିକୁ । ପେଟ୍ରୋମାକ୍ସ ଜାଳି ନିର୍ଦ୍ଦିଷ୍ଟ କାଳ ଭିତରେ ସମାପ୍ତ କଲେ ତାଙ୍କର 'ପବିତ୍ର ପଥ'। ଓଡିଶାର ରାଜସ୍ୱ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ସତ୍ୟପ୍ରିୟ ମହାନ୍ତି ଏ ରାସ୍ତା ଉଦ୍‌ଘାଟନ କରିଥିଲେ ।

ସତ୍ୟପ୍ରିୟ ମହାନ୍ତି

◆

ଅଷ୍ଟାଦଶ - ମୁକ୍ତିପଥ

ଗବଡିହ, ବୋଲଗଡ଼

ଗବଡିହ ଗାଁ ନା ଭୂଗୋଳ ପୋଥିପତରରେ ନ ଥିବ କି କେହି କେବେ ଶୁଣି ନଥିବେ । ଅଖ୍ୟାତ ତେଣୁ ଅବହେଳିତ । ଅଶିକ୍ଷାର ଅନ୍ଧାରରେ ଯୁଗ ଯୁଗ ଧରି ନିପତିତ । ଗାଁକୁ ରାସ୍ତା ନାହିଁ । ପାଣିଦଣ୍ଡାରେ ଗମନାଗମନ ଯାହା ହୁଏ । ସେଇ ଛୋଟ ଗାଁ ଗବଡିହ ବୁକୁରେ ବି ଶତମାର୍ଗର ସ୍ପର୍ଶ ଲାଗିଲା । ଗ୍ରାମବାସୀ ଓ ଯୁବକଦଳ ଉତ୍ସାହିତ ହେଲେ । ଆଷାଢ କୃଷ୍ଣ ଦଶମୀରେ ଗାଁକୁ ବାନ୍ଧିଲେ ଏକ ନୂଆ ପଥ - ମୁକ୍ତିପଥ । ଏହି ନବନିର୍ମିତ ରାସ୍ତା ଦେଇ ସେ ଗାଁକୁ ଶିକ୍ଷା, ସଭ୍ୟତା ଓ ଆଲୋକର ଧାରା ବହି ଆସିବ ବୋଲି ସେମାନେ ଆଶା କରିଛନ୍ତି । ମୁକ୍ତିପଥକୁ ଗବଡିହରୁ ଖଙ୍ଗୁଡିଆ ଯାଏଁ ନେବାକୁ ଗବଡିହର ସେନାବାହିନୀ ଅଟଳ ପଣ କରିଛନ୍ତି । ଈଶ୍ୱର ସେମାନଙ୍କ ବୁକୁରେ ଅଜସ୍ର ଆତ୍ମବଳ ଦେଇଛନ୍ତି ।

◆

Digitized by srujanika@gmail.com

ଊନବିଂଶ - ପୁଣ୍ୟପଥ

ବୃନ୍ଦାବନପୁର, ବୋଲଗଡ଼

ଦଘିରୀ ବୃନ୍ଦାବନପୁର ମଧ୍ୟ ଦେଇ ଯେଉଁ ରାସ୍ତାଟି ଯାଇଛି ମଣ୍ଡଳସିଂହ କାଉତରା ଯାଏଁ ସେ ରାସ୍ତାର ଦୂରାବସ୍ଥା କେବଳ ବର୍ଷାଦିନେ ଅନୁଭୂତ ହୁଏ । ଆଣ୍ଠୁଏ ପଙ୍କ, ଚିକିଟା ମାଟି । ଗାଁ ଦାଣ୍ଡରେ ତ ଏଇ ରାସ୍ତାଟି ଯାଇଛି । ଫଳତଃ ବହୁ ଲୋକ, ଯାନବାହନ ଓ ଗୋରୁଗାଈଙ୍କ ଯିବା ଆସିବା ଫଳରେ ପଙ୍କ କାଦୁଅ ବେଶୀ ହୁଏ ଓ ଦଘିରୀ ବୃନ୍ଦାବନପୁର ଗ୍ରାମବାସୀ ତାର ଦୁଃପରିଣାମ ଅଙ୍ଗେ ଅଙ୍ଗେ ନିଭାନ୍ତି, ଏବେ କିନ୍ତୁ ଆଉ ସେ ଅବସ୍ଥା ନାହିଁ । ଦଘିରୀ ଓ ବୃନ୍ଦାବନପୁରର ଯୁବକଦଳ ଓ ଗ୍ରାମବାସୀ ଶତମାର୍ଗଙ୍କୁ ଆମନ୍ତ୍ରଣ ଦେଇ ସେଠାରେ ସୃଷ୍ଟି କଲେ ଏକ ଅପୂର୍ବ ଉତ୍ସାହ । ଗାଁର ଯେତେ ଶଗଡ ଥିଲା ସବୁକୁ ଯୋଚିଲେ । ଟାଙ୍ଗୀ ସାହିର ଟାଙ୍ଗୀ ମୁଣ୍ଡିଆରୁ ବୋହି ଆଣିଲେ ମୋରମ ବା କରକଚା । ଶହ ଶହ ଗାଡି ମୋରମ ଢ଼ାଳିବା ପରେ ପଙ୍କ କାଦୁଅର ରାସ୍ତା ଟାଣ ହୋଇ ଉଠିଲା । ଯୁଗ ଯୁଗର ଅସୁବିଧାକୁ ଘୁଞ୍ଚାଇ ଦେଲେ ସେ ଲୋକେ ମାତ୍ର ଗୋଟିଏ ଦିନରେ, ଗୋଟିଏ ଉତ୍ସାହରେ ।

◆

ବିଂଶ, ଏକବିଂଶ ଓ ଦ୍ୱାବିଂଶ

ବିଜୟ ପଥ, ଆଲୋକ ପଥ, ସାଧନା ପଥ

ବେଗୁନିଆ ଥାନାର ଏକ ଅଗମ୍ୟ ଅଞ୍ଚଳ, କଡବ ଗ୍ରାମ ପଞ୍ଚାୟତ ଅନ୍ତର୍ଭୁକ୍ତ । ସେ ଅଞ୍ଚଳକୁ ରାସ୍ତା, ଶିକ୍ଷା ଓ ଆଲୋକର ଗତି ହୋଇ ନଥିଲେ ମଧ୍ୟ ମନୁ ମହର୍ଷିଙ୍କ ବଂଶଧରଙ୍କ ପାଦ ପଡିଛି । ସେମାନେ ଯୁଗ ଯୁଗ ପାଇଁ ବାସ ନିର୍ମାଣ କରି ରହିଛନ୍ତି । ସୀମାପଲ୍ଲୀ, ନାରାୟଣୀପଡା ଓ ମୁଗମଣ୍ଡା ଏ ଦୁର୍ଗମ ଅଞ୍ଚଳର ତିନିଖଣ୍ଡ ଗ୍ରାମ ପରସ୍ପର ସନ୍ନିକଟ । ଏ ତିନିଖଣ୍ଡ ଗ୍ରାମକୁ ମାର୍ଗ, ଶିକ୍ଷା ଓ ସଭ୍ୟତାର ଆଲୋକ ଛୁଟାଇ ଦେବାପାଇଁ ସେମାନେ କଲେ ନିମନ୍ତ୍ରଣ ଶତମାର୍ଗର ନିର୍ମାଣ ସେନାବାହିନୀକୁ ।

ପୂଣ୍ୟ କାର୍ତ୍ତିକ ପୂର୍ଣ୍ଣମୀ । ପ୍ରାଚୀନ ଉତ୍କଳୀୟ ଯେଉଁ ଦିବସରେ ବାଣିଜ୍ୟର ବୋଇତ ଭସାଇ ଦେଉଥିଲେ ସୁଦୂର ଜାଭା, ସୁମାତ୍ରା, ବୋର୍ଣ୍ଣିଓ ଦ୍ୱୀପକୁ, ଧନଧାନ୍ୟ ଓ ଲକ୍ଷ୍ମୀଙ୍କ ଭଣ୍ଡାରରେ ରାଇଜ ପରିପୂର୍ଣ୍ଣ କରିବା ଲାଗି । ଆଜି ସେହି ଦିନ କାର୍ତ୍ତିକ ପୂର୍ଣ୍ଣମୀ ।

Digitized by srujanika@gmail.com

ବେଗୁନିଆର ଦୁର୍ଗମ ଅଞ୍ଚଳରେ ଆଜି ବିପୁଳ ଆୟୋଜନ, ପ୍ରତି ଦ୍ୱାରେ କୁମ୍ଭ, ପ୍ରଦୀପ ଓ ତୋରଣର ସାଜସଜ୍ଜା । ହରିବୋଲ, ହୁଳହୁଳି, ଶଙ୍ଖ ଓ ବାଦ୍ୟର ଆୟୋଜନରେ ନିଭୃତ ପଲ୍ଲୀ ଗୁଡିକ ମୁଖରିତ । ନିର୍ମାଣ ସେନାବାହିନୀ ସହିତ ମିଶି ତିନିଖଣ୍ଡ ଗ୍ରାମର ଗ୍ରାମାବାସୀ ମାନେ ଗଢିଥିଲେ ନୂଆ ପଥ - ବିଜୟ ପଥ, ଆଲୋକ ପଥ ଓ ସାଧନା ପଥ । ସୀମାପଲ୍ଲୀଠାରୁ ନାରାୟଣୀପଡା - 'ବିଜୟ ପଥ', ନାରାୟଣୀପଡାଠାରୁ ମୁଗମଣ୍ଡା - 'ଆଲୋକ ପଥ' ଓ ମୁଗମଣ୍ଡା ଠାରୁ ବେସିକ୍ ବିଦ୍ୟାଳୟ - 'ସାଧନା ପଥ' । ପୁଣ୍ୟ ପୂର୍ଣ୍ଣମୀରେ ଏ ଦୁର୍ଗମ ଅଞ୍ଚଳକୁ ପାଦରେ ମାଇଲ ମାଇଲ ବାଟ ଚାଲି ଚାଲି ଆସିଲେ ଓଡିଶାର ବିକାଶ ମନ୍ତ୍ରୀ ଶ୍ରୀଯୁକ୍ତ ରାଧାନାଥ ରଥ - ଶତମାର୍ଗର ଅପୂର୍ବ ନିନାଦରେ । ତିନୋଟି ନୂଆ ପଥକୁ ସେ ଉଦଘାଟନ କଲେ । ଲୋକଙ୍କ ମନରେ ଅପୂର୍ବ କର୍ମ ପ୍ରେରଣା ସୃଷ୍ଟି କଲେ ।

ରାଧାନାଥ ରଥ

◆

ତ୍ରୟୋବିଂଶ - କର୍ମପଥ
ଅଚ୍ୟୁତପୁର, ବେଗୁନିଆ

ଅଚ୍ୟୁତପୁର । ଦକ୍ଷିଣ ବେଗୁନିଆଁର ଏକ ବିରାଟ ଜନବସତି । ଏଠାରେ ମାର୍ଗଶୀର କୃଷ୍ଣ ଅଷ୍ଟମୀରେ ଆରମ୍ଭ ହେଲା ଶତମାର୍ଗ ଆନ୍ଦୋଳନ । ଗ୍ରାମବାସୀ ଓ ଗ୍ରାମର ତରୁଣ ଉତ୍ସାହୀ ଯୁବକଦଳ ଗଢିଲେ ତାଙ୍କର କର୍ମପଥ । ଦିନ ନାହିଁ, ରାତି ନାହିଁ, ଅବିରାମ ଶ୍ରମ କରି ସେମାନେ ଟାଣିନେଲେ ଏକ ସୁନ୍ଦର ଓ ମଜବୁତ ରାସ୍ତା ନିଜ ଗାଁରୁ କମାଗୁରୁ-ଟାଙ୍ଗୋଳ ସଡକକୁ । ଅଚ୍ୟୁତପୁର କର୍ମପଥ ଦେଖି ଟାଙ୍ଗୋଳ-କମାଗୁରୁ ସରକାରୀ ରାସ୍ତା ଲଜ୍ଜାରେ ମଳିନ ପଡିଗଲା । ଠାଏ ଠାଏ ସତ୍ତା ବି ଲୋପ କରି ପକେଇଲା । ଅଚ୍ୟୁତପୁର ନରନାରୀ ମାଙ୍ଗଳିକ ବିଧିରେ କର୍ମପଥର ଉଦ୍‌ଯାପନ ଉତ୍ସବ ପାଳନ କଲେ । ଓଡିଶାର ଭୂତପୂର୍ବ ଗ୍ରାମମଙ୍ଗଳ ମନ୍ତ୍ରୀ ଶ୍ରୀ ପବିତ୍ରମୋହନ ପ୍ରଧାନ ଏହି ଉତ୍ସବରେ ପୌରହିତ୍ୟ କରିଥିଲେ ।

◆

Digitized by srujanika@gmail.com

ଚତୁର୍ବିଂଶ - ଶ୍ରମପଥ

ପବିତ୍ରମୋହନ ପ୍ରଧାନ

କଲରାଝର- ବେଗୁନିଆ

କଲରାଝର। ଦକ୍ଷିଣ ବେଗୁନିଆର ଅତି ଅନୁନ୍ନତ ପଛୁଆ ଗାଁ ବୋଲି ସମସ୍ତଙ୍କର ଧାରଣା। ଶିକ୍ଷା, ସଭ୍ୟତା ଓ ଆଲୋକର ଧାରା ସ୍ୱପ୍ନ ଏ ଗ୍ରାମରେ। ଶରୀର ଶ୍ରମ କରି ସମସ୍ତେ ଜୀବିକା ନିର୍ବାହ କରନ୍ତି । କିନ୍ତୁ ଶତମାର୍ଗ ଆନ୍ଦୋଳନର ଅପୂର୍ବ ଉନ୍ମାଦନାରେ ଏ ଗାଁଆ ମାତି ଉଠିଲା। ଅପେକ୍ଷାକୃତ ଅଛ ସଭ୍ୟତାସମ୍ପନ୍ନ ଗ୍ରାମ ମାନଙ୍କରେ ଲୋକମାନେ ଯେତେବେଳେ ପରସ୍ପର ଭିତରେ ବାଦ ବିବାଦରେ ରତ, ସେତେବେଳେ କଲରାଝର ଏକତାବଦ୍ଧ ଭାବରେ ଶତମାର୍ଗର ଧ୍ୱଜା ଧରି ଆଗେଇଗଲା। ସମସ୍ତେ କଲେ ଶ୍ରମଦାନ, ଆନନ୍ଦ ମନରେ, ନିର୍ମଳ ଚିତ୍ତରେ । ଫଳରେ ସମ୍ଭବ ହେଲା ଏକ ସୁନ୍ଦର ପଥ - 'ଶ୍ରମପଥ'। ଜଙ୍କିଆ-ସିକୋ ରୋଡରୁ କଲରାଝର ଯାଏଁ 'ଶ୍ରମପଥ' ମାଡି ଚାଲିଲା। ଗ୍ରାମର ନରନାରୀ ସମସ୍ତେ 'ଶ୍ରମପଥ'ର ଉତ୍ସବକୁ ବିଧିବଦ୍ଧ ଭାବରେ ପାଳନ କଲେ। ଶ୍ରୀଯୁକ୍ତ ପବିତ୍ରମୋହନ ପ୍ରଧାନ ଏ ଉତ୍ସବରେ ଯୋଗ ଦେଇଥିଲେ। ଉତ୍ସବର ଦିନ - ମାର୍ଗଶୀର କୃଷ୍ଣ ନବମୀ।

◆

ପଞ୍ଚବିଂଶ - ପ୍ରଜ୍ଞାପଥ

ବେଗୁନିଆ, ବେଗୁନିଆ

ଗାଁ ଗାଁର ବୁକୁ ଛୁଇଁ ଶତମାର୍ଗର ଅଭିଯାନ ଯେତେବେଳେ ଆଗେଇ ଚାଲିଲା, ସେତେବେଳେ ବେଗୁନିଆଁ ଗାଁ ବାଣୀପୀଠର ଶିକ୍ଷାଗୃହ ଭିତରେ ସୁକୁମାର କୋମଳମତି ବିଦ୍ୟାର୍ଥୀ ବାଳକ ବାଳିକାମାନେ ଆଉ ଥୟ ଧରି ରହି ପାରିଲେ ନି। ଶତମାର୍ଗର ସଙ୍ଗୀତରେ ହୃଦୟତନ୍ତ୍ରୀ ତାଙ୍କର ଝଙ୍କୃତ ହୋଇ ଉଠିଲା। ସେମାନେ ପୁସ୍ତକ ଛାଡି କୋଡି, କୋଦାଳ ଧରିଲେ। 'ନିଜର କାମ ନିଜେ କରିବା, ଆମରି ଦେଶ ଆମେ ଗଢିବା' ମନ୍ତ୍ରରେ ଉଦବୁଦ୍ଧ ହୋଇ ମାଟି ସଙ୍ଗେ ଯୁଦ୍ଧ ଆରମ୍ଭ କରିଦେଲେ। ଦିନ କେଇଟାରେ ଏକ ସୁନ୍ଦର ମୋରମର ରୋଡ ସମ୍ଭବ ହେଲା କଅଁଳ ହାତର କଠିନ ଆଘାତରେ। ଛାତ୍ରଛାତ୍ରୀଙ୍କ ସଙ୍ଗେ ଯୋଗ ଦେଲେ ଶିକ୍ଷକମାନେ। ଆଗରୁ

Digitized by srujanika@gmail.com

ଏହି ବିଦ୍ୟାନୁଷ୍ଠାନକୁ କୌଣସି ସ୍ୱତନ୍ତ୍ର ରାସ୍ତା ନଥିଲା । ଶତମାର୍ଗର ଉତ୍ସାହରେ ମାତ୍ର ତିନୋଟି ଦିନରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ଖୋର୍ଦ୍ଧା, ନୟାଗଡ, ମେନ୍ ରୋଡରୁ ସ୍କୁଲ ପର୍ଯ୍ୟନ୍ତ ଏକ ସୁନ୍ଦର ରାସ୍ତା ନିର୍ମାଣ କରିଦେଲେ । ଏଇ ରାସ୍ତା ଦେଇ ବିଦ୍ୟାପୀଠକୁ ଜ୍ଞାନାଲୋକର ଧାରା ଅବାରିତ ଗତିରେ ଆସିପାରିବ ବୋଲି ନାମଟି ତା'ର ରଖିଲେ 'ପ୍ରଜ୍ଞାପଥ', ମାର୍ଗଶୀର ମାସ ଶୁକ୍ଳ ଦ୍ୱାଦଶୀ ତିଥିରେ ଓଡିଶାର ମୁଖ୍ୟମନ୍ତ୍ରୀ ତଥା ଶତମାର୍ଗର ପୁରୋଧା ଡକ୍ଟର ହରେକୃଷ୍ଣ ମହତାବ ଏହି 'ପ୍ରଜ୍ଞାପଥ' ଉଦଘାଟନ କରିଥିଲେ ।

ହରେକୃଷ୍ଣ ମହତାବ

ଶତମାର୍ଗର ଅସ୍ଥାୟୀ ନଦୀବନ୍ଧ ଯୋଜନା ଫୁଲି ଉଠିଲା ଝୁମାଣ ପାଣି

ଟାଙ୍ଗୋଳ, ବେଗୁନିଆ ଥାନା

ଏଇ କେତେ ଦିନ ଧରି ଟାଙ୍ଗୋଳର ନଡ଼ିଆପଲା ଓ ମଇଁଷିଖିଆ ଚାଷୀ ଚାହିଁ ରହିଛି ତାର କ୍ଷେତକୁ । ଆକାଶ-ଛୁଆଁ ଆଶା ତାର ମକର ଉଡ଼ା ଗୁଡ଼ି ପରି ମନ-ଆକାଶରେ ଉଡ଼ି ଉଡ଼ି ଯାଉଛି । ସୁନାର କ୍ଷେତ ତାର ଗହୀର ବୁକୁରେ ନହଡ଼ା ମାରୁଛି । ବରଷ ଗୋଟାର ହାଡ଼ଭଙ୍ଗା ମିହନ୍ତର ମୂଲ କଣ ସତରେ ହାତରେ ତାର ପଡ଼ିବ ? ଗହଳିଆ ବୁଦାରୁ "ରତନଚୂଡ଼ି" ଆଉ "ରଙ୍ଗଆରାଇ" ପୁରଷ୍ଟିଆ ଶିଁଷା ଭିତରୁ ଈଷତ ଲାଲ ରଙ୍ଗର ଧାନ ସବୁ ବାହାରି ମନ୍ଦ ପବନରେ ଦୋହଲି ଯାଉଛି । "ପଦ୍ମ କେଶରୀ," "ଚିନାମାଳି", "ଗୋପାଳ ଭୋଗ" ଓ "ଝିଲି ପରାଗ"ର ଈଷତ ହରିତ ଓ ସଫା ରଂଗର ଆସ୍ତରଣ, ଆଉ ପୁଣି ତା ଉପରେ "କଳାକୃଷ୍ଣ", "କଳାକଦମ୍ବ" "କଳାଜିରା" ଓ "କୃଷ୍ଣଭୋଗ"ର କଳା ଝୋଟି, ଯେ କେହି ଦର୍ଶକ ମନକୁ ଯେ ପୁଲକିତ କରୁଛି, ଏହା ସହଜରେ ଜାଣି ହେଉଛି । ନୀଳ ଆକାଶରେ ଚାନ୍ଦ ଓ ଧରଣୀରେ ଦୋଳାୟିତ ବିସ୍ତୀର୍ଣ୍ଣ ଗହୀର ଗାଲିଚାର ଲୁଚକାଳି ଖେଳ, କି ମନୋହର, କି ମନୋମୁଗ୍ଧକର ସତେ । ପୁଣି ତା' ସାଙ୍ଗକୁ "ତୁଳସୀ ବାସ", ବାସ ଚହଟାଇ ଦଉଚି ସାରା ଗହୀର ।

Digitized by srujanika@gmail.com

ସୁନାର କ୍ଷେତକୁ ଦେଖି ଦେଖି ଚାଷୀ ଯେତେ ସ୍ୱପ୍ନର ଯୋଜନାମାନ ଯୋଡ଼ି ପକାଏ ତାହା କେବଳ ସେହିଁ ଜାଣେ। କିନ୍ତୁ ଯେଉଁ ସୂର୍ଯ୍ୟ ବାଦଲକୁ ଆକାଶରେ ସୃଷ୍ଟି କରେ ସେହି ବାଦଲ ସେ ସୂର୍ଯ୍ୟକୁ ଘୋଡ଼ାଇ ପକାଏ। ଦିନ ପରେ ରାତି, ସୁଖ ପରେ ଦୁଃଖ, ଉଷ୍ମ ପରେ ଶୀତ ପରି ଅନୁକ୍ରମ ଅନୁସାରେ ପରିବର୍ତ୍ତନର ସୂତ୍ରପାତ ହୋଇଥାଏ। ସେହିପରି ଚାଷୀର ଉଲ୍ଲାସ ଯେ ହତାଶରେ ପରିଣତ ହେବ ତା' କଣ ସେ କେବେ ଆଶଙ୍କା କରି ପାରିଥିଲା ?

ଆଉ ମାତ୍ର ଦି ତିନିଟା ପାଣିରେ ଏ ସୁନାକ୍ଷେତ ଉତୁରି ଯାଇଥାନ୍ତା। ହେଲେ ଇନ୍ଦ୍ରଦେବ ନିଷ୍ଠୁର ହେଲେ। ପୂର୍ବର ଦିନ ପରି ଟିକେ ଦୟା କଲେନି। ଆଗପରି ଆଉଟିକେ ଠିକ୍ ଭାବେ ବର୍ଷା ହେଲାନି। ଆକାଶରେ ବହୁତ ମେଘ ଭାସିଲା ହେଲେ ଭୂଇଁରେ ଟୋପେ ପାଣି ନାହିଁ। ଖାଲି ଆକାଶକୁ ଚାହିଁ ଚାହିଁ ଦିନ ଗଲା।

ଏହି ପରିସ୍ଥିତିରେ ଟାଙ୍କୋଳ ଚାଷୀ ପାନ ଗୁଆ ମହାର୍ଦ୍ଦ ନେଇ ଶତମାର୍ଗକୁ ଆମନ୍ତ୍ରଣ କଲେ। ଶତମାର୍ଗ ସେନା ଆସିଲେ। ସଦାଶିବ ମିଶ୍ରଙ୍କ ବଜାର ସାହି ବସାଘରେ ଅଫିସ୍ ହେଲା। ଅଭିମନ୍ୟୁ ସାହୁଙ୍କ ନେତୃତ୍ୱରେ ଯୁବକମାନେ ଏକାଠି ହେଲେ। ନିର୍ମାଣ ସେନା ବାହିନୀ ଟାଙ୍କୋଳ ଗ୍ରାମର ପଶ୍ଚିମପଟ ନଡ଼ିଆପଲା ଗହୀରକୁ ଅନୁଧ୍ୟାନ କରିବାକୁ ଗଲେ। ଦେଖିଲେ ରଣପୁର ଠାରୁ ମୟୁରଝାଲିଆ ଦେଇ ବାଉଁଶ ନଈ ବହିଆସି ଆଗରେ ସିକୋବାଟ ତଳେ ମଲାଗୁଣିରେ ମିଶିଛି। ନଈଟିରେ ଅନବରତ କ୍ଷୀଣ ଜଳ ସ୍ରୋତଟିଏ ଯାଇ ମଲାଗୁଣି ପାଣିରେ ମିଶି ଯାଉଛି। ନିର୍ମାଣ ସେନା ବାହିନୀ ଆଉ ଟାଙ୍କୋଳ ଗ୍ରାମବାସୀଙ୍କ ମଧ୍ୟରେ ବହୁ ବିଚାର ବିମର୍ଷ ହେଲା। ଶେଷରେ ସ୍ଥିର ହେଲା, ନଈଟିର ଏକ ଅଣଓସାରିଆ ସଂକୀର୍ଣ୍ଣଜାଗା "ଝୁମ୍ପାଣ"ଠାରେ ବାଲି ବସ୍ତା ଦ୍ୱାରା ବନ୍ଧ କରାଯାଇ ପୂର୍ବପଟକୁ ପାଣି ଉଠାଇଲେ ତାହା ସହଜରେ ଯାଇ ନଡ଼ିଆପଲା ଗହୀରରେ ମାଡ଼ି ପାରିବ।

ଶେଷରେ ତାହାହିଁ ହେଲା। ବାଉଁଶ ନଈର ପଶ୍ଚିମ ପଟ ହୁଡ଼ାରେ ଶତମାର୍ଗର ଶିବିର ତମ୍ବୁ ପୋତା ହେଲା। ପତାକା ଉଡ଼ିଲା। ବହୁ ରକମର ଉଦ୍‌ବୋଧନୀ ସଂଗୀତ

Digitized by srujanika@gmail.com

ଡ୍ରମ ବିଗୁଲର ତାଳେ ତାଳେ ଗାୟକମାନେ ଗାଁ ଯୁବକଙ୍କ ସଙ୍ଗେ ଗାଇ ଚାଲିଲେ। ବାଉଁଶିଆ କୂଳ ପ୍ରକମ୍ପିତ ଓ ପ୍ରତିଧ୍ୱନିତ ହୋଇ ଉଠିଲା। ଟାଙ୍ଗୋଳ ଗାଁରୁ ସଂଗ୍ରହ କରାଯାଇଥିବା ବସ୍ତା ସବୁରେ ବାଲି ଭର୍ତ୍ତି କରାଯାଇ ନଦୀବକ୍ଷକୁ ବନ୍ଧାଇ ଦିଆଗଲା। ଦୁଇଦିନର ଅଜସ୍ର ପରିଶ୍ରମ ଫଳରେ ବାଉଁଶ ନଈର କ୍ଷୀଣ ସ୍ରୋତଟି ଉପରକୁ ଉପରକୁ ଫୁଲି ଉଠିଲା। ହରିବୋଲ ଜୟ ଜୟକାର ପଡୁଥାଏ। ନଈ ପାଣି ପଶିଲା ନଡ଼ିଆପଲ୍ଲୀ ଗହୀର ଛାତିରେ..........

ଶ୍ରୀ ଅନନ୍ତ ନାରାୟଣ ସାମନ୍ତରାୟ
ସମ୍ପାଦକ, ରାମଚନ୍ଦ୍ର-କଞ୍ଚନା ମହାବିଦ୍ୟାଳୟ
ଟାଙ୍ଗୋଳ

◆

"ଆତ୍ମାକୁ ଉଦ୍ଧାର କର ଆତ୍ମା ସାହାଯ୍ୟରେ,
ସେ ଆତ୍ମାକୁ ଅଧୋଗାମୀ କରାଅନି ଥରେ।
ଏ ଆତ୍ମା ଅଟଇ ପରା ନିଜର ବାନ୍ଧବ,
ବଇରି ସେ ଆତ୍ମା ପୁଣି ଜାଣିବ ପାଣ୍ଡବ ॥"
ଗୀତା ୬/୫

Digitized by srujanika@gmail.com

ଶତମାର୍ଗର ଅଭିଜ୍ଞତା

Digitized by srujanika@gmail.com

ଶତମାର୍ଗ ନିର୍ମାଣ ସେନାବାହିନୀରେ ଆମର ଅଭିଜ୍ଞତା

ଶଗଡଭଙ୍ଗା, ମାନପୁର ଓ ନନ୍ଦପୁରର ଆମେ ଚାରିଜଣ । ସାଙ୍ଗ ହୋଇ ପାଦରେ ଚାଲି ଚାଲି କୋଦବେରେଣୀ ଗଲୁ । ଶତମାର୍ଗ ଆନ୍ଦୋଳନ ସେଠାରେ ହେବ । କ'ଣ ଶତମାର୍ଗ ବୋଲି ଆମ ମନରେ କିଛି ଧାରଣା ନଥିଲା । ସତ୍ୟାନନ୍ଦ ବାବୁ ମାଟି ହାଣି ସଡକ ପକାଇବେ, ଏ ବିଶ୍ୱାସ ମୋଟେ ହେଲାନାହିଁ । କିନ୍ତୁ ସେଠାରେ ବହୁଗ୍ରାମର ସାଙ୍ଗ ସାଥିଙ୍କ ସହ ମେଳ, ଶତମାର୍ଗ ଶୋଭାଯାତ୍ରା ଓ ପଟୁଆର ଭିତରେ ଯୁବକ ମନ ଉତ୍ତେଜିତ ହୋଇ ଉଠିଲା । ମନରେ ସାହସ ଆସିଲା ଏବଂ ଦେଖୁ ଦେଖୁ ଦିନ ଚାରିଟା ଭିତରେ ଗୋଟାଏ ନୂଆ ରାସ୍ତା ହୋଇଗଲା । ଏଇ ନୂଆ ରାସ୍ତା ହେବାର ଆନନ୍ଦ ଆମେ କେବେ ଜୀବନରେ ଭୁଲି ପାରିବୁ ନାଇଁ । କ୍ୟାମ୍ପ ଶେଷ ହେଲା । ଘରକୁ ଫେରିଲୁ । ମାତ୍ର କେତେଦିନ ଯାଏଁ ଆଉ ଘରେ ରହିବାକୁ ମନ ହେଲା ନାହିଁ ।

ଶ୍ରୀ ସୁବଳ ଚରଣ ପତି
ଶ୍ରୀ କରୁଣାକର ସାମନ୍ତରାୟ
ଶ୍ରୀ କୁବେରଚରଣ ପତି
ଶ୍ରୀ ଇନ୍ଦ୍ରମଣି ଜେନା

◆

(ଦାଶକାଠିଆରେ ମୋର ଶତମାର୍ଗ ଅଭିଜ୍ଞତା ବର୍ଣ୍ଣନା)

ଯେତେ ବଡ଼କାର୍ଯ୍ୟ ମିଳିମିଶି କଲେ ....

ବନ୍ଦୁଛି ମାନ୍ୟବର

ମହତାବ ପୟର, ମୁଁ (ଘୋଷା)

ଶତମାର୍ଗ ସ୍ରଷ୍ଟା ସତ୍ୟାନନ୍ଦ ବାବୁ ତାଙ୍କ ପଦେ ମୋର କୋଟି ଜୁହାର
ଶବିର ଚାଳକ, ଆଉ ସେନା ଭାଇ ସମସ୍ତଙ୍କୁ କରୁଛି ନମସ୍କାର

Digitized by srujanika@gmail.com

ମାଟି ସଙ୍ଗେ ବାଦ	ଆରମ୍ଭି ଆନନ୍ଦ	ଲଭିଥିଲେ ଏହି	ନିର୍ମାଣ ବୀର ।
ପାଞ୍ଚଶହ ଫୁଟ	ରାସ୍ତା ନିର୍ମାଣିଲେ	କାର୍ଯ୍ୟ ବନ୍ଦ ହେଲା	ଦିନ ଏଗାର ।
ଏଗାରଟାଠାରୁ	ତିନିଟା ମଧ୍ୟରେ	ଭୋଜନ ବିଶ୍ରାମ	ହୁଏ ଆମର ।
ପୁଣି ତିନିଟାରେ	ବାହାରନ୍ତି ସେନା	ଧରି ଅସ୍ତ୍ର ନିଜ	ନିଜ ହସ୍ତର ।
ସନ୍ଧ୍ୟା ପାଞ୍ଚଟାରେ	କାର୍ଯ୍ୟ ଶେଷ କରି	ମିଟିଙ୍ଗ କରନ୍ତି	ପାଖ ପଲ୍ଲୀର ।
ସଭାରେ କେବଳ	ଆଲୋଚନା ହୁଏ	ଜନ ଗତି ହେଉ	ସତ ମାର୍ଗର ।
ଏଇ ଅଛ ସିନା	ଦୈନନ୍ଦିନ କାର୍ଯ୍ୟ	ଅଭିଜ୍ଞତା ଆମ	ହେବ ପ୍ରଚାର ।
ଯେତେବଡ କାର୍ଯ୍ୟ	ମିଳିମିଶି କଲେ	ଅସାଧ୍ୟ ରହିବ	ନାହିଁ କାହାର ।

ସୁରେନ୍ଦ୍ର ସାମନ୍ତରାୟ (ଶଗଡଭଙ୍ଗା)

◆

ସଡ଼କ ରାସ୍ତା ନୁହଁ, ସତ୍ୟ, ଧର୍ମ କ୍ଷମା ଓ ସେବାର ମାର୍ଗ

ତା୭।୧।୫୯ ରିଖ ଠାରୁ ତା ୧ ୧।୧।୫୯ ରିଖ ଯାଏଁ କୋଦବେରେଣୀ କ୍ୟାମ୍ପରେ ଯୋଗଦେଇ ଗ୍ରାମକୁ ଫେରି ଆସିବା ସମୟେ ମନ ମଧ୍ୟରେ ଏପରି ଭାବ ଆସିଲା - ପ୍ରକୃତରେ ସତ୍ୟାନନ୍ଦ ବାବୁ ଯେଉଁ ଶତମାର୍ଗ ଆନ୍ଦୋଳନ କରିଅଛନ୍ତି, ଶହେ ଗୋଟି ସଡକ ରାସ୍ତା ନୁହେଁ ଯେ ସତ୍ୟ, ଦୟା, ଧର୍ମ, କ୍ଷମା, ସେବା, ଏହିପରି ଧର୍ମାର୍ଥ ଶହେଟି କାର୍ଯ୍ୟ ଏଥିରେ ଅଛି । ମନୁଷ୍ୟ ଜୀବନରେ ଏହା ସ୍ବାର୍ଥକର ଭାବି ମୋ ମନରେ ବଡ ଆନନ୍ଦ ଉତ୍ସାହ ହେଲା । ମୋର ପରିବାର ଦୁଃଖରେ ଥିଲେ ମଧ୍ୟ ତାକୁ ତଳେ ପକାଇ ଦେଶର ସେବା କରିବାରେ ନିଯୁକ୍ତ ହେଲି ।

ଶ୍ରୀ ବଂଶୀଧର ନାଏକ (କାଉତରା)

◆

Digitized by srujanika@gmail.com

ଅଛି ଖାଲି ଆନନ୍ଦ ଉତ୍ସାହ, ଶକ୍ତି ଓ ସାମର୍ଥ୍ୟ

ସ୍ୱାଧୀନତା ହାସଲ ପରେ ମଧ୍ୟ ଆମ ଦେଶରୁ ଦୁଃଖ ଦୁର୍ଦ୍ଦଶା ଦୂର ହୋଇନାହିଁ । ତା'ର କାରଣ ଅନେକେ କେବଳ ସ୍ୱାର୍ଥ, ବାଦ, ବିବାଦ, ବିଭେଦ ପ୍ରଭୃତିରେ ଲିପ୍ତ ଅଛନ୍ତି । ଏଥିରୁ ସମସ୍ତଙ୍କୁ ନିବର୍ତ୍ତାଇବା ପାଇଁ ସତ୍ୟାନନ୍ଦ ବାବୁଙ୍କ ଶତମାର୍ଗ ଆନ୍ଦୋଳନ ଚାଲିଛି । ମୁଁ ପ୍ରଥମେ ଶତମାର୍ଗ କଥା ଭଲ ଭାବରେ ବୁଝି ନଥିଲି । କିନ୍ତୁ ସମସ୍ତ କଥା ମଣ୍ଡଳସିଂହ କ୍ୟାମ୍ପରୁ ବୁଝିଗଲି । ଏ ଆନ୍ଦୋଳନରେ ଯୋଗ ଦେଲେ ଏତେ ଆନନ୍ଦ ଲାଗେ ବୋଲି ମୁଁ ଜାଣିନଥିଲି । ବାଟଚଲା ପାଦ କଷ୍ଟ ନାଇଁ, ଘର ଛଡା ବିଦେଶ ଦୁଃଖ ନାଇଁ । ଅଛି ଖାଲି କେବଳ ଆନନ୍ଦ, ଉତ୍ସାହ, ଶକ୍ତି ଓ ସାମର୍ଥ୍ୟ । ତେଣୁ ମୁଁ ଏହି ଆନ୍ଦୋଳନରେ ଯୋଗ ଦେଇଦେଲି ।

ଶ୍ରୀ ରାମଚନ୍ଦ୍ର ମାର୍ଥା (କମାଗୁରୁ)

◆

"ମୁଁ ଶତମାର୍ଗ ଆନ୍ଦୋଳନରେ ଯୋଗ ଦେବି"

ମୋର ଘର ଖଣ୍ଡପଡା କାଳିକାପ୍ରସାଦ, ନାମ ନାରାୟଣ ସ୍ୱାଇଁ । ମୁଁ ଗଲା ତା ୧୬ରିଖ ଦିନ ମଣ୍ଡଳସିଂହ କପିଳବାବୁଙ୍କ ଘରକୁ କୁଣିଆଘର ଆସିଥିଲି । କପିଳବାବୁଙ୍କ ଠାରୁ ଶୁଣିଲି ଆଜି ଆମର ପ୍ରତିନିଧି ଚମ୍ପତିବାବୁ ଆସିବେ । ସେ ଗୋଟିଏ ଶତମାର୍ଗ ଆନ୍ଦୋଳନ ଚଳାଇଛନ୍ତି । ମୁଁ ସେ କଥା ଶୁଣି ଶତମାର୍ଗ ଆନ୍ଦୋଳନ କଣ ବୋଲି ଭାବି ଗ୍ରାମକୁ ନ ଯାଇ ରହିଲି । ସେ ଦିନ ୪ଟା ସମୟକୁ ଚମ୍ପତିବାବୁ ଆସିଲେ ଏବଂ ତାଙ୍କ ସଙ୍ଗତରେ ୧୫/୧୬ ଜଣ ଯୁବକ ଆସିଥିଲେ । ମୁଁ ସେମାନଙ୍କୁ ଦେଖି ମୋ ମନରେ ଖୁବ୍ ଗୋଟେ ଉତ୍ସାହ ଆସିଲା । ତା'ପରଦିନ ସକାଳବେଳା ଆଚାର୍ଯ୍ୟ ହରିହର ଦାଶ ଓ ୩/୪ ଜଣ ନେତାଜୀ ମଧ୍ୟ ଆସି ଦିଘିରୀ ମୌଳିକ ବିଦ୍ୟାଳୟ ଠାରେ ଉପସ୍ଥିତ ହେଲେ । ଦିନ ୪ ଘଣ୍ଟା ବେଳେ ପଡୋଶୀ ଗ୍ରାମ ମାନଙ୍କରୁ ଅନେକ ଲୋକ ଆସି ରୁଣ୍ଡ ହେଲେ । ଘ୫ଣ୍ଟା ସମୟେ ଗୋଟିଏ ସାଧାରଣ

Digitized by srujanika@gmail.com

ବିରାଟ ସଭା ଗଠିତ ହେଲା । ଏଥିରେ ମଧ୍ୟ କେତେ ଉତ୍ତମ ଲୋକ ଭାଷଣ ଦେଇଥିଲେ । ମୁଁ ଏହା ଦେଖି ମନରେ ଭାବିଲି ଶତମାର୍ଗ ଆନ୍ଦୋଳନ ଏହାକୁ କହନ୍ତି । କାଇଁ ଏଥିରେ ଶତମାର୍ଗ ଆନ୍ଦୋଳନର କୌଣସି ବିଷୟ ପଡିଲା ନାଇଁ । ଭୂଦାନ ଯଜ୍ଞର ସମସ୍ତ ବିଷୟ ପଡିଲା । ଏହି ଭୂଦାନକୁ ଶତମାର୍ଗ କହନ୍ତି । ଏହା ଭାବି ମୁଁ ଭାତ ଖାଇ ଶୋଇଲି । ସକାଳୁ ଉଠିଲା ବେଳକୁ ଏହି ସେନାବାହିନୀମାନେ ଅଛନ୍ତି । ମୁଁ ପଚାରିବାରେ ଏହି ଯୁବକ ଭିତରୁ ଜଣେ କହିଲେ ଏଠାରେ ସଡକ ତିଆରି ହେବ । ଆମ୍ଭେମାନେ ସମସ୍ତେ ମାଟି ବୋହି ସଡକ ତିଆରି କରିବୁ । ମୁଁ ଏକଥା ଶୁଣି ମୋ ମନରେ କେମିତି ଗୋଟିଏ ଭାବ ଖେଳିଗଲା - ଏମାନେ ବଡ ବଡ ଘରର ପିଲା, ମଧ୍ୟ ଚମ୍ପତିବାବୁ ଜଣେ ପ୍ରତିନିଧି । ଏମାନେ ମୁଣ୍ଡରେ ମାଟି ବୋହି ସଡକ ବାନ୍ଧିବେ । ବେଳ ୮ ଘଣ୍ଟା ସମୟକୁ ବାଜା ବଜାଇ ଗୀତ ଗାଇ ସମସ୍ତେ ଜଗତୀ ମୁଣ୍ଡିଆକୁ ଗଲେ । ମୁଁ ମଧ୍ୟ ତାଙ୍କ ସାଙ୍ଗରେ ଗଲି । ସମସ୍ତେ ମୁଣ୍ଡିଆରୁ ପଥର ଗଡାଇଲେ । ମୁଁ ମଧ୍ୟ ସେମାନଙ୍କ କାମ ଦେଖି ପଥର ଗଡାଇଲି । ସେହି ମୁଣ୍ଡିଆ ଉପରେ ସେମାନଙ୍କଠାରୁ ଶତମାର୍ଗ ଆନ୍ଦୋଳନ ବିଷୟ ଶୁଣି ସମସ୍ତ ବିଷୟ ବୁଝି ପାରିଲି । ମୁଁ ସେଥିରୁ ଜାଣିପାରିଲି ଏହି ନିର୍ମାଣ ସେନାରେ ନାମ ଲେଖାଇଲେ ବିଶେଷ ମଣିଷ ହୋଇପାରିବି, ଏଥିରେ ମଣିଷର ଅଭିଜ୍ଞତା ଅଛି । ଦୁଇ ଦିନ କାମ କଲା ପରେ କଳାଙ୍ଗର ସରପଞ୍ଚ ଗୁଆ, ନଡିଆ, ପାନ, ମହାପ୍ରସାଦ ନେଇ ସେହି ରୋଡ୍ ଉପରେ ଆମନ୍ତ୍ରଣ କଲେ । ମୁଁ ଏହା ଦେଖି ମୋ ମନରେ ଆହୁରି ଆନନ୍ଦ ଆସିଲା । ସେହି ଶତମାର୍ଗ ଆନ୍ଦୋଳନରେ ମୋ ମନ ସଦା ସନ୍ତରେ ରହିଲା । ମୁଁ ମଧ୍ୟ ସେହି ରୋଡ୍ ଉପରେ ରହେମାନ୍ ଖାଁଙ୍କ ନିକଟରେ ମୋର ନାମ ଓ ଗ୍ରାମ ଇତ୍ୟାଦି ଲେଖାଇ କହିଲି ମୁଁ ଶତମାର୍ଗ ଆନ୍ଦୋଳନରେ ଯୋଗ ଦେବି ।

ଶ୍ରୀ ନାରାୟଣ ସ୍ୱାଇଁ (ଖଣ୍ଡପଡା)

◆

Digitized by srujanika@gmail.com

ହରିବୋଲ ଶୁଣି ଆପେ ଆପେ
ପାଟିରୁ ଖସିଲା ହୁଳହୁଳି

ବାଣପୁରର ଗୋଟିଏ ଛୋଟ ଗାଁ ବେଲଡିହରେ ଶତମାର୍ଗ ଆନ୍ଦୋଳନ ଚାଲିଥାଏ। ଆଗରୁ ଆମ ବାବୁଙ୍କଠାରୁ ଶତମାର୍ଗ ଆନ୍ଦୋଳନ କଥା ଶୁଣିଥିଲି। ତେଣୁ ମୁଁ ଓ ମୋର ଦଶ ବାର ଜଣ ସାଙ୍ଗ ଭଉଣୀ ସାଥି ହୋଇ ଶତମାର୍ଗ ଆନ୍ଦୋଳନ ଦେଖିବାକୁ ଗଲୁ । ସେଠାରେ ସଂକୀର୍ତ୍ତନ ହରିବୋଲ ଧ୍ୱନି ଭିତରେ ମାଟି ବୁହା ହୋଇ ଧର୍ମ ରାସ୍ତା ପଡୁଛି । ଏହା ଦେଖି ଦେହ ଆମର ଶୀତେଇ ଉଠିଲା । ମନ ଭିତରଟା କେମିତିକା ହୋଇଗଲା । ହରିବୋଲ ଧ୍ୱନି ଶୁଣି ଆମ ପାଟିରୁ ମନକୁମନ ହୁଳହୁଳି ବାହାରି ଆସିଲା । ଆମ ସାଙ୍ଗରେ ସେ ଗାଆଁର ଝିଅ ବୋହୂ ଓ ମାଇପିମାନେ ହୁଳହୁଳି ଦେଲେ । ସମସ୍ତେ ମାଟି ବୋହି ଧର୍ମ ରାସ୍ତାରେ ପକାଇଲେ । ଦିଅଁ ଦେଉଳକୁ ଯାଇ ମୁଣ୍ଡିଆ ମାରିଲେ ଧରମ ହୁଏ ବୋଲି ଆଗରୁ ମୋର ଧାରଣା ଥିଲା । କିନ୍ତୁ ଏପରି କାମରେ ଧର୍ମ ଓ ପୁଣ୍ୟ ହୁଏ ବୋଲି ସେଦିନ ମୋର ଧାରଣା ଦୃଢ ହେଲା । ଆମେ ସେଇ ଦିନଠାରୁ ଶତ ମାର୍ଗରେ ମନ ଦେଲୁ ।

ଶ୍ରୀମତୀ ପ୍ରଫୁଲ୍ଲ କୁମାରୀ ଦାସ (ବାଣପୁର)

◆

ଆମେ ସବୁ ସେତୁବନ୍ଧର କୁନି କୁନି ଗୁଣ୍ଡୁଚିମୂଷା

ବୋଲଗଡ ବେଗୁନିଆର କୋଉ କୋଉ ଗାଁରେ ରାସ୍ତା ପକାଇବାକୁ ବାବା ଯାଆନ୍ତି ବୋଲି ମୁଁ ଆଗେ ବୋଉଠୁଁ ଶୁଣିଥିଲି । ଏବେ ଆଜି ଆମ ଗାଁରେ ସେହି ରାସ୍ତା ପଡୁଛି । ବାବା ଓ ଅନ୍ୟ ଗାଁର କେତେ କେତେ ଲୋକ ଆସି ଆମ ଗାଁ ଭେଣ୍ଡିଆ ପିଲାଙ୍କୁ ଧରି ରାସ୍ତା ପକାଉଛନ୍ତି ଜାଣି ମତେ ଖୁବ୍ ଭଲ ଲାଗିଲା ।

ମୁଁ ଆମ ଗାଁ ସ୍କୁଲର ପଞ୍ଚମ ଶ୍ରେଣୀରେ ପଢୁଥାଏ । ମୋ ସଙ୍ଗେ ମୋ ସାଥି ପିଲେ ସରଳୁ ଅପା, ବଗ ଅପା, ମୁକୁନ୍ଦ ଭାଇନା, କଇ ଅପା ଓଗେର ପଢୁଥାନ୍ତି ।

Digitized by srujanika@gmail.com

ଦଶ ବାର ସାହିର ଆମ ଗାଆଁ ହଜ, ଏକ ବଡ ଗାଆଁ । ହେଲେ ଗାଁ ବାହାରକୁ ଯିବାକୁ କାହା ପାଇଁ କିଛି ଗୋଟେ ରାସ୍ତା ନ ଥାଏ । ଜଙ୍କିଆ-ସିକୋ ସଡକ ଛକକୁ ଯିବା ପାଇଁ କେତେ ଲୋକଙ୍କ କବଲା ପଡିଆ ଓ ପୂର୍ବ ପଟ ଗହୀର ମାଳ ମଝିରେ ଏକ ଚଲାବାଟ ଥାଏ । ସେଇ ଚଲା ବାଟରେ ଗାଁ ଲୋକେ ଆଉ ଆମେ ସ୍କୁଲ ପିଲେ ଯାଉଥାଉଁ । ଗାଁକୁ ବଡ ଗାଡି କଥା ଛାଡ, ସେତେବେଳେ ଛୋଟ କାର୍ ଖଣ୍ଡେ ବି ଆସି ପାରୁନଥିଲା ଜଙ୍କିଆ-ସିକୋ ସଡକ ଡେଇଁ ନୂଆ ସାହି ପାଖରେ ଆମ ସ୍କୁଲ ।

ଗାଁର ଯେଉଁ ଲୋକଙ୍କର ପୂର୍ବ ପଟ ଗହୀର ପାଖକୁ ଲାଗି କବଲା ପଡିଆ ଥିଲା ସେ ସମସ୍ତେ ଯେଝା ପଡିଆରୁ କିଛି କିଛି ଜାଗା ଛାଡିଲେ । ତାରି ଉପରେ ଚାଲିଲା ଏ ରାସ୍ତା ଆନ୍ଦୋଳନ - ସିଦ୍ଧି ପଥ । ଡ୍ରମ୍, ବିଗୁଲ୍ ବାଜୁଥାଏ - ମାର୍ଚ୍ଚିଂ ଗୀତ ବୋଲା ଯାଉଥାଏ - "ଶତମାର୍ଗ ସେନା ଆରେ ଆଗେଇ ଚାଲ, ଆରେ ଆଗେଇ ଚାଲ" ..... ତାକୁ ଦେଖି ମୁଁ ଓ ମୋର ସାଙ୍ଗ ଭାଇ ଭଉଣୀ ମାନଙ୍କର ଦେହ ଶୀତେଇ ଉଠିଲା । ସେଇ ଗୀତ ସଙ୍ଗେ ଆମେ ସବୁ ଗୀତ ଗାଇ ହଳ ହୋଇଥିବା ପାଖ ଧାନ ବିଲରୁ ମାଟି ଢେଲା ବୋହି ଆଣି ସେ ସିଦ୍ଧି ପଥରେ ପକାଇ ଚାଲିଲୁ । ସତେ ଯେମିତି ଶ୍ରୀରାମଙ୍କ ସେତୁ ବନ୍ଧର ଆମେ ସବୁ କୁନି କୁନି ଗୁଣ୍ଡୁଚି ମୂଷା ଥିଲୁଁ ।

କୁମାରୀ ଦେବସ୍ମିତା ଚମ୍ପତିରାୟ
ପଞ୍ଚମ ଶ୍ରେଣୀ ଛାତ୍ରୀ
ସିଦ୍ଧେଶ୍ୱରୀ ପ୍ରାଇମେରୀ ସ୍କୁଲ

◆

ବହୁ ଭିତରେ ଆନନ୍ଦ ନିଆରା

ମାଟ୍ରିକ ପରୀକ୍ଷା ଦେଇ ଗାଁରେ ବସିଥାଏ । କଲେଜରେ ନାଁ ଲେଖାଇ ନଥାଏ । ଏଇ ସମୟରେ ବୋଲଗଡ ଥାନା ବିଲଖଉରଣିରେ ସତ୍ୟାନନ୍ଦ ବାବୁଙ୍କର ଶତମାର୍ଗ କ୍ୟାମ୍ପ ପଡିଲା । ମନ ହେଲା, କ'ଣ ଏ ଶତମାର୍ଗ ଯାଇ ଟିକେ ଦେଖି ଆସିବି । ସେମାନଙ୍କ ସାଙ୍ଗରେ ଗଲି । କେତେଆଡୁ କେତେ ପିଲେ ଆସିଥାନ୍ତି । ଗ୍ରାମର ସବୁ ଲୋକଙ୍କ ଆନନ୍ଦ ଉତ୍ସାହ ଭିତରେ ରାସ୍ତା କାର୍ଯ୍ୟ ଚାଲିଲା । କେତେ

Digitized by srujanika@gmail.com

ଗୀତ, ନୃତ୍ୟ, ଆମୋଦ ପ୍ରମୋଦ । ଘର ଛାଡି ବା ପରିବାର ଛାଡି ବାହାରକୁ ନଗଲେ ବହୁ ଭିତରେ ରହି ଯେଉଁ ଆନନ୍ଦ ଉପଭୋଗ କରାଯାଏ, ଯେଉଁ ମୈତ୍ରୀ ଓ ସୌହାର୍ଦ୍ଦ୍ୟ ପ୍ରତିଷ୍ଠିତ ହୁଏ ତାହା ଜାଣିହେବ ନାହିଁ । ସେହି ଗୋଟିଏ କ୍ୟାମ୍ପରୁ ଫେରି ମୋର ଇଚ୍ଛା ହୁଏ ସବୁ କ୍ୟାମ୍ପରେ ଯାଇ ଯୋଗ ଦେବାକୁ । କିନ୍ତୁ ପାଠପଢା

ଶ୍ରୀ ଶଶିଭୂଷଣ ଦାସ (ହଜ)

◆

Digitized by srujanika@gmail.com

ଶତମାର୍ଗ ଆନ୍ଦୋଳନ ପଞ୍ଜିକା

ସନାମଧନ୍ୟ ଜ୍ୟୋତିର୍ବିଦ୍ ଶ୍ରୀ ହରିହର ଖଡ଼ିରତ୍ନକୃତ ପଞ୍ଜିକାରୁ

ପ୍ରଥମ	ପୌଷ କୃଷ୍ଣ ତ୍ରୟୋଦଶୀ	ମହତାବ ମାର୍ଗ	ବେଗୁନିଆ ଥାନା, କୋଦବେରେଣୀ ଗ୍ରାମ
ଦ୍ୱିତୀୟ	ପୌଷ ଶୁକ୍ଳ ନବମୀ	ଶକ୍ତିପଥ	ବୋଲଗଡ ଥାନା, ମଣ୍ଡଳସିଂହ
ତୃତୀୟ	ମାଘ ଆମାବାସ୍ୟା	ପଲ୍ଲୀପଥ	ବୋଲଗଡ ଥାନା, କଳାଙ୍ଗ
ଚତୁର୍ଥ	ବୈଶାଖ ଶୁକ୍ଳନବମୀ	ସତ୍ୟ ପଥ	ବାଣପୁର ଥାନା, ବେଲଡିହ
ପଞ୍ଚମ	ବୈଶାଖ ପୂର୍ଣ୍ଣିମା	ସିଦ୍ଧି ପଥ	ବେଗୁନିଆ ଥାନା, ହଜ
ଷଷ୍ଠ	ଜ୍ୟେଷ୍ଠ କୃଷ୍ଣ ତ୍ରୟୋଦଶୀ	ଆନନ୍ଦମାର୍ଗ	ବୋଲଗଡ ଥାନା, ବିଲଖଉରଣି
ସପ୍ତମ	ଆଷାଢ ଶୁକ୍ଳ ତୃତୀୟା	ପ୍ରଗତି ପଥ	ବୋଲଗଡ ଥାନା, ଡିହଖଉରଣି
ଅଷ୍ଟମ	ଆଶ୍ୱିନ ଶୁକ୍ଳ ତ୍ରୟୋଦଶୀ	ମୈତ୍ରୀ ପଥ	ବୋଲଗଡ ଥାନା, ଟାଙ୍ଗୀ ସାହି
ନବମ	କାର୍ତ୍ତିକ କୃଷ୍ଣ ଦ୍ୱିତୀୟା	ଜାତୀୟ ପଥ	ବୋଲଗଡ ଥାନା, ପଞ୍ଚୁକୋଟ
ଦଶମ	କାର୍ତ୍ତିକ ଶୁକ୍ଳ ସପ୍ତମୀ	ଜନପଥ	ବେଗୁନିଆ ଥାନା, ଦେଉଳୀ
ଏକାଦଶ	କାର୍ତ୍ତିକ ଶୁକ୍ଳ ଅଷ୍ଟମୀ	ଶାନ୍ତି ପଥ	ବେଗୁନିଆ ଥାନା, ଜାମୁସାହି
ଦ୍ୱାଦଶ	କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ	ଧର୍ମ ପଥ	ବେଗୁନିଆ ଥାନା, ତଣ୍ଡାଳ
ତ୍ରୟୋଦଶ	ବୈଶାଖ ଶୁକ୍ଳ ଦ୍ୱିତୀୟା	ବିନୟ ପଥ	ବେଗୁନିଆଥାନା, ବଡ଼ପଦର
ଚତୁର୍ଦ୍ଦଶ	ବୈଶାଖ ଶୁକ୍ଳ ତୃତିୟା	ନ୍ୟାୟପଥ	ବେଗୁନିଆ ଥାନା, ବଡ଼ନୟାପଲ୍ଲୀ
ପଞ୍ଚଦଶ	ଜ୍ୟେଷ୍ଠ କୃଷ୍ଣ ତୃତିୟା	ସ୍ମୃତିପଥ	ବୋଲଗଡ଼ ଥାନା, ନନ୍ଦପଲ୍ଲୀ
ଷୋଡ଼ଶ		କରୁଣାପଥ	ବୋଲଗଡ଼, ବ୍ରହ୍ମପୁରା
ସପ୍ତଦଶ	ଜ୍ୟେଷ୍ଠ ଶୁକ୍ଳ ସପ୍ତମୀ	ପବିତ୍ରପଥ	ବୋଲଗଡ଼, ସଂପୁର
ଅଷ୍ଟାଦଶ		ମୁକ୍ତିପଥ	ବୋଲଗଡ଼, ଗବଡ଼ିହ
ଉନ୍ନବିଂଶ		ପୁଣ୍ୟପଥ	ବୋଲଗଡ଼, ବୃନ୍ଦାବନପରୁ
ବିଂଶ	କାର୍ତ୍ତକ ପୁର୍ଣ୍ଣମୀ	ବିଜୟ ପଥ	ବେଗୁନିଆ, ସୀମାପଲ୍ଲୀ
ଏକବିଂଶ	କାର୍ତ୍ତକ ପୁର୍ଣ୍ଣମୀ	ଆଲୋକ ପଥ	ବେଗୁନିଆ,ନାରାୟଣୀପଡ଼ା
ଦ୍ୱାବିଂଶ	କାର୍ତ୍ତକ ପୁର୍ଣ୍ଣମୀ	ସାଧନାପଥ	ବେଗୁନିଆ, ମୁଗମଣ୍ଡା
ତ୍ରୟୋବିଂଶ	ମାର୍ଗଶିର କୃଷ୍ଣ ଅଷ୍ଟମୀ	କର୍ମପଥ	ବେଗୁନିଆ, କଲରାଝର
ଚତୁର୍ବିଂଶ	ମାର୍ଗାିର କୃଷ୍ଣ ନବମୀ	ଶ୍ରମପଥ	ବେଗୁନିଆ, କଲରାଝର
ପଞ୍ଚବିଂଶ	ମାର୍ଗଶିର ଶୁକ୍ଳ ଦ୍ୱାଦଶୀ	ପ୍ରଜ୍ଞାପଥ	ବେଗୁନିଆ

Digitized by srujanika@gmail.com

ଶିବିର ପରିଚାଳକଙ୍କ ସ୍ମୃତିରୁ.....

ଅବଦୁଲ୍ ରହମାନ ଖାଁ

ଏହା ବଡ଼ ଆନନ୍ଦ ଓ ସୌଭାଗ୍ୟର କଥା ଯେ ଆମରି ଜୀବନ କାଳ ଭିତରେ ଶତମାର୍ଗ ଆନ୍ଦୋଳନର କର୍ମସୂଚୀ ପ୍ରବର୍ତ୍ତନ କରାଯାଇଅଛି । ଏ ଆନ୍ଦୋଳନର ଅନ୍ତର୍ନିହିତ ନୀତି ଓ ଆଦର୍ଶ ଯେ କୌଣସି ବ୍ୟକ୍ତି, ପରିବାର, ସମାଜ ଓ ଜାତି ପକ୍ଷେ ଯେ ଅଶେଷ ହିତକର ତାହା ପ୍ରକାଶ କରିବାର କିଛି ପ୍ରୟୋଜନ ନାହିଁ ।

ଶତମାର୍ଗ ଆନ୍ଦୋଳନର ମୁଁ ଥିଲି ଶିବିର ପରିଚାଳକ । ପ୍ରଥମେ ୧୯୫୯ ମସିହାରେ ଆମ ଏ ଦକ୍ଷିଣ ବେଗୁନିଆର ଦଶ ବାର ଜଣ ସ୍ୱେଚ୍ଛାସେବୀ ଯୁବ ନିର୍ମାଣ ସେନା ବାହିନୀକୁ ନେଇ ବୋଲଗଡ଼ ଥାନା କୋଦବେରେଣୀ ଗ୍ରାମରେ ଆରମ୍ଭ କରାଗଲା । ତା'ପରେ ଗୋଟିଏ ପରେ ଗୋଟିଏ କ୍ୟାମ୍ପ ପଡ଼ିଲା । ପ୍ରତ୍ୟେକ କ୍ୟାମ୍ପରେ ସେ ଗ୍ରାମର ଅନେକ ଯୁବକ ଆସି ଏ ଆନ୍ଦୋଳନରେ ସାମିଲ ହେଉଥିଲେ ଶେଷ ପର୍ଯ୍ୟାୟକୁ ଆମ ସେନାବାହିନୀର ସଭ୍ୟ ସଂଖ୍ୟା ପ୍ରାୟ ସାଢ଼େ ଏଗାରଶରେ ଆସି ପହଞ୍ଚି ଯାଇଥିଲା । ନିୟମାନୁସାରେ ପ୍ରତିଟି କ୍ୟାମ୍ପରେ ସାମିଲ ହୋଇଥିବା ନବାଗତ ସଭ୍ୟମାନଙ୍କୁ ନେଇ ଏକ ଶାଖା ଗଠନ କରାଯାଉଥିଲା । ଶାଖା କମିଟିର ସଭାପତି ଓ ସମ୍ପାଦକଙ୍କ ନାମ ଶତମାର୍ଗ ରେଜିଷ୍ଟରରେ ବିଦ୍ଧିବଦ୍ଧ ଭାବରେ ଲିପିବଦ୍ଧ

Digitized by srujanika@gmail.com

ହୋଇ ରହୁଥିଲା। ବ୍ୟକ୍ତି, ପରିବାର ଓ ଗ୍ରାମର ସମୂହ ନୈତିକ ବିକାଶ ଦିଗରେ କ୍ୟାମ୍ପ କମିଟିମାନେ କାର୍ଯ୍ୟ କରୁଥିଲେ।

ଶତମାର୍ଗ ନିର୍ମାଣ ସେନା ବାହିନୀରେ ସାମିଲ ହେବା ପାଇଁ ଆବେଦନ ପତ୍ର ସ୍ୱସ୍ତିପନ୍ଥା ମନୁଚତରମ

୧. ନାମ
୨. ପିତାଙ୍କ ନାମ ଓ ଠିକଣା
୩. ବୟସ
୪. ବ୍ୟାବସାୟ
୫. ଶିକ୍ଷାଗତ ଯୋଗ୍ୟତା
୬. ବୃତ୍ତି କଣ
୭. ଅଭିରୁଚି ବା ପ୍ରବୃତ୍ତି କେଉଁଥିରେ:
୮. ସ୍ୱାବଲମ୍ବୀ ନା ନାହିଁ
୯. ତାରିଖ

ସଂକଳ୍ପ

ମୋତେ ନିର୍ମାଣ ସେନା ବାହିନୀରେ ସାମିଲି କରାଗଲେ ମୁଁ ମୋର ସମଗ୍ର ଜୀବନକୁ ସେହି ସତ୍‌ଆଦର୍ଶରେ ଗଢ଼ି ତୋଳିବାକୁ ସଂକଳ୍ପ କରୁଅଛି।

ସ୍ୱାକ୍ଷର

ନିର୍ମାଣ ସେନାବାହିନୀଙ୍କୁ ଆମନ୍ତ୍ରଣ କରିବା ବିଧି

ଗାଁଆଁକୁ ଗାଆଁ ରାସ୍ତା ବାନ୍ଧିବା ପାଇଁ ବା ସରକାରୀ ମୁଖ୍ୟ ରାଜପଥ ସଙ୍ଗେ ନିଜର ପଲ୍ଲୀ ଗ୍ରାମକୁ ସଂଲଗ୍ନ କରିବା ଇଚ୍ଛାରେ ସମୂହ ଗ୍ରାମବାସୀ ଏକମତ ହୋଇ ଶତମାର୍ଗ ଆନ୍ଦୋଳନର ନିର୍ମାଣ ସେନା ବାହିନୀକୁ ବୈଦିକ ରୀତିରେ ପାନ ଗୁଆ ନଡ଼ିଆ ମହାର୍ଦ୍ଦ ପଠାଇ ଆମନ୍ତ୍ରଣ କରିବେ।

ଯେଉଁ ଦିବସର ଯେଉଁ ସମୟରେ ନିର୍ମାଣ ସେନା ବାହିନୀ ଉକ୍ତ ଗ୍ରାମକୁ ଆସିବେ ତାଙ୍କୁ ଗ୍ରାମବାସୀ ଖୋଳ ସଂକୀର୍ତ୍ତନ ସହ ପାଛୋଟି ଆଣିବେ। ଆଗରୁ

Digitized by srujanika@gmail.com

ଗ୍ରାମର ପ୍ରତ୍ୟେକ ପରିବାରର ଦ୍ୱାର ଦେଶରେ ଗୋମୟ ଲିପି ପୂର୍ଣ୍ଣକୁମ୍ଭ ସ୍ଥାପନ କରିଥିବେ। ଗ୍ରାମବାସୀ କୌଣସି ରାଜନୈତିକ ଦଳର ସ୍ଲୋଗାନ ନଦେଇ କେବଳ "ହରିବୋଲ, ହୁଳହୁଳି, ଆମରି କାମ ...... ଆମେ କରିବା; ଆମରି ଦେଶ .... ଆମେ ଗଢ଼ିବା" ଇତ୍ୟାଦି ସ୍ଲୋଗାନ ଦେବେ। ନିର୍ମାଣ ସେନା ବାହିନୀରେ ଯେତେ ଜଣ ସଭ୍ୟ ଯାଇଥିବେ ସେମାନଙ୍କୁ ରହିବା ପାଇଁ ଗାଁ ସ୍କୁଲ, ଗାଁ କୋଠଘରେ ବ୍ୟବସ୍ଥା କରିବେ। ନଚେତ ଜଣ ଜଣଙ୍କୁ ନେଇ ଏକ ଏକ ପରିବାରରେ ବନ୍ଧୁ ବା କୁଣିଆ ପରି ପରି ରଖିବେ। ପ୍ରତି ସନ୍ଧ୍ୟାବେଳେ ସଭା ସମିତି ଓ ମନୋରଂଜନ କାର୍ଯ୍ୟକ୍ରମ ରହିଥାଏ ।

◆

ପ୍ରତ୍ୟେକ କ୍ୟାମ୍ପରେ ମାର୍ଗ ଉଦ୍‌ଘାଟନ ଉତ୍ସବ ଅବସରରେ ସେ ଗ୍ରାମର ନିର୍ମାଣ ସେନା ବାହିନୀରେ ଯୋଗ ଦେଇଥିବା ଯୁବକମାନଙ୍କୁ ଉତ୍ସବର ମୁଖ୍ୟ ଅତିଥି, ପ୍ରବର୍ତ୍ତକ ଓ ପରିଚାଳକଙ୍କ ସ୍ୱାକ୍ଷରରେ ଆନ୍ଦୋଳନର ନବାଗତଙ୍କୁ ପ୍ରଶଂସାପତ୍ରମାନ ଦିଆଯାଉଥିଲା।

ଆଜି ଅର୍ଦ୍ଧଶତାବ୍ଦୀରୁ ଉର୍ଦ୍ଧ୍ୱକାଳ ଅତୀତ ହୋଇ ଗଲାଣି। ଏତେ ଦିନ ତଳର ବହି, ଓ ଅନ୍ୟାନ୍ୟ ଛପା କାଗଜ ପତ୍ର ଖୋଜିଲେ ମିଳୁନି। ଶତମାର୍ଗର ୨ୟ ବାର୍ଷିକୀ ସ୍ମାରକୀ ଗ୍ରନ୍ଥରୁ ଖଣ୍ଡିଏ ଜେରକ୍ସ କପି ମଧ ପାଇବା ପାଇଁ ଇତି ମଧ୍ୟରେ ଅନେକ ବର୍ଷ ବିତିଗଲା। ପାଇ ହେଲାନି। ଶେଷକୁ ଖଙ୍ଗୁରିଆର ଶ୍ରୀ ବାସୁଦେବ ପଟ୍ଟନାୟକ ଓ ବୋଲଗଡ଼ରୁ ଶ୍ରୀ ରବି ପରିଡ଼ାଙ୍କ ଠାରୁ ଖବର ପାଇ ସଁପୁରର ଶ୍ରୀ ରମେଶ ଚନ୍ଦ୍ର ଦେଓଙ୍କ ଠାରୁ ଖଣ୍ଡେ ଜେରକ୍ସ କପି ମଳିଲା। ଏଥିପାଇଁ ତାଙ୍କୁ ଓ ତାଙ୍କ ଝିଅ ପିଙ୍କିକୁ ଅଶେଷ ଧନ୍ୟବାଦ। ଶତମାର୍ଗର ଦୁଇ ଖଣ୍ଡ ବହି ପ୍ରାପ୍ତ ହେବା ପରେ ଏବେ ସେ ସ୍ମୃତିକୁ ସାଇତି ରଖିବା ପାଇଁ ଶତମାର୍ଗର ପୁନର୍ମୁଦ୍ରଣ କାର୍ଯ୍ୟ କରାଯାଉଛି।

କୌଣସି ଏକ ଟର୍ଚ୍ଚ ଲାଇଟର ଆଲୋକ ପରିଧି ଦୂରତା କ୍ରମେ କ୍ରମେ

Digitized by srujanika@gmail.com

ଅଧିକ ବଢ଼ିବାପରି ବୟସ ବଢ଼ିବା ସଙ୍ଗେ ସଙ୍ଗେ ଜୀବନର ଅତୀତର ସ୍ମୃତି ବହୁତ ବିସ୍ତାରିତ ହୋଇଗଲାଣି । ଆଜି ଏ ଜରା ଜୀବନରେ ଶାରୀରିକ ଦୁର୍ବଳତା ଜନିତ ଅବସାଦ, ଆସିଚି ସତ, ହେଲେ ଘର ଓ ସାହି ପଡ଼ିଶାର ଯୁବକ ପୁଅ ଝିଅମାନଙ୍କୁ ଯୌବନର ଶତମାର୍ଗ ଅନୁଭୂତି କହି ବସିବା ବେଳେ ଆପେ ଆପେ ନିଜର ଶାରୀରିକ ଦୁର୍ବଳତା ଅପସରି ଯାଏ ଓ ମନରେ ଅଦ୍ଭୁତ ଉନ୍ମାଦନା ଭରି ଉଠେ । ଶତମାର୍ଗ ଯେମିତି ଏକ ଅମୃତର ସ୍ମୃତି ।

ସେତେବେଳେ ଶତମାର୍ଗ ଆନ୍ଦୋଳନରେ ନିର୍ମାଣ ସେନା ବାହିନୀର ସମସ୍ତ ସଭ୍ୟଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ମନ୍ତ୍ର ରହିଥିଲା । ମନ୍ତ୍ରଟିକୁ ମୁଖସ୍ଥ କରି, ଅର୍ଥକୁ ଭଲଭାବେ ବୁଝି ସବୁଠାରେ ବୋଲିବା ପାଇଁ ଏ ଆନ୍ଦୋଳନର ନିର୍ଦ୍ଦେଶ ଥିଲା । ମନ୍ତଟି ହେଲା-

"ସହନାବବତୁ ସହ ନୌ ଭୁନକ୍ତୁ ସହବୀର୍ଯ୍ୟ କରବାବହୈ ।
ତେଜସ୍ୱିନାବଧିତମସ୍ତୁ ମା ବିଦିଷାବହୈ ।"
ଓଁ ଶାନ୍ତିଃ, ଶାନ୍ତିଃ ଶାନ୍ତିଃ ॥

ଏ ମନ୍ତ୍ର କେବଳ ଗୁରୁ-ଶିଷ୍ୟ ଲାଗି ଅଭିପ୍ରେତ ନୁହେଁ । ସଭିଙ୍କ ପାଇଁ ଉଦ୍ଦିଷ୍ଟ । ସଂସାରରେ ପର-ଆପଣା ଭାବର ପରିଣାମ କେବଳ ଦୁଃଖ । ଆଉ ସମଭାବ ହେବାର ପରିଣାମ କେବଳ ସୁଖ । ମନ୍ତ୍ରର ଏହାହିଁ ତାତ୍ପର୍ଯ୍ୟ ।

ଶତମାର୍ଗ ଶିବିର ପରିଚାଳକ

◆

Digitized by srujanika@gmail.com

ନ ଥିବା କଥା

ଶ୍ରୀ ହଟନାଥ ମଙ୍ଗରାଜ

ଜୀବନର ଜରା ବେଳାଭୂଇଁରେ ପଦ ପାତ କଲାବେଳେ ଅନେକ ସମୟରେ ଅନେକ ଅପାଶୋରା ଯୌବନର ସ୍ମୃତିରାଜି ଆଖି ଆଗରେ ନାଚି ନାଚି ଯାଏ। ଶତମାର୍ଗ ଆନ୍ଦୋଳନର ସ୍ମୃତି ସଂଗ୍ରହ କରାଯାଉଛି। ଅତି ଭଲ କଥା। ଏ ଆନ୍ଦୋଳନର ପ୍ରବର୍ତ୍ତକ ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ ମୋର ବଡ଼ ଭାଇ। ଏ ଆନ୍ଦୋଳନର ମୂଳ ସୂତ୍ରପାତ ହେବା ଦିନରୁ ମୁଁ ଏହା ସହିତ ନିବିଡ଼ ଭାବରେ ଜଡ଼ି ରହିଛି। ରାଜନୀତି ତଥା ଯେ କୌଣସି ରଚନାତ୍ମକ କର୍ମରେ ମୁଁ ସଦାବେଳେ ସତ୍ୟାନନ୍ଦ ନନାଙ୍କ ସହିତ ଛାଇ ପରି ରହିଥାଏ। ସେ ପ୍ରଜାତନ୍ତ୍ର ପରିସରରୁ ସାହିତ୍ୟ ଛାଡ଼ି ରାଜନୀତିକୁ ଆସିଲେ। କଂଗ୍ରେସ ଦଳରୁ ବେଗୁନିଆ ନିର୍ବାଚନ ମଣ୍ଡଳୀରେ ବିଖ୍ୟାତ କମ୍ୟୁନିଷ୍ଟ ନେତା ଶ୍ରୀ ଗଙ୍ଗାଧର ପାଇକରାୟଙ୍କୁ ପ୍ରାୟ ତିନି ଶହ ପଚାଶ ଖଣ୍ଡ ଭୋଟରେ ହରାଇ ଲୋକ ପ୍ରତିନିଧି ହେଲେ। ମୁଁ ସିକୋ କମ୍ୟୁନିଷ୍ଟ ଦୁର୍ଗରେ ଜନ୍ମ ହୋଇ କମ୍ୟୁନିଷ୍ଟଙ୍କ ବିରୋଧରେ ଆଜନ୍ମରୁ ତୀବ୍ର ସ୍ୱର ଉତ୍ତୋଳନ କରୁଥିଲି। ସେତେବେଳେ ନନାଙ୍କ ନିର୍ବାଚନରେ ଆମର ସର୍ବମୋଟ ସାତ ହଜାର ପାଞ୍ଚସହ ଟଙ୍କା ଖର୍ଚ୍ଚ ହୋଇଥିଲା। ଏକ ନୀତି ଓ ଆଦର୍ଶବାଦ ଉପରେ ନିର୍ବାଚନ ଲଢ଼ାଯାଇଥିଲା। ବିଜୟୀ ହେବା ପରେ ଜନ ସମ୍ପର୍କକୁ ଦୃଢ଼ କରିବା ପାଇଁ ନନା ତାଙ୍କ ପୈତୃକ ସମ୍ପତ୍ତିରୁ କିଛି ଅଂଶ ଓ ତାଙ୍କ ପତ୍ନୀଙ୍କ (ମୋ ନୂଆବୋଉ) ସୁନା ଅଳଙ୍କାରରୁ କିଛି ବିକ୍ରି କରି ଦେଇଥିବା କଥା ମୁଁ ଭଲଭାବରେ ଜାଣିଛି। ଏପରିକି ସେ ୧୯୭୪ ମସିହାରେ ଦ୍ୱିତୀୟ ଥର ଦଶ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ବିଜୟୀ ହୋଇ ମଧ୍ୟ ଏହି ଲୋକ ସମ୍ପର୍କ ପାଇଁ ତାଙ୍କୁ ତାଙ୍କ କଳ୍ପନା ସିନେମା ପାଖ କୋଠାକୁ ମଧ୍ୟ ଶାଗ ମାଛ ମୂଲ୍ୟରେ ବିକ୍ରି କରିବାକୁ ପଡ଼ିଥିଲା। ଆମ ନିର୍ବାଚନ ମଣ୍ଡଳୀରେ ଯେଉଁ ଯେଉଁ ଗାଁରେ ଆମେ ରାତ୍ରି ରହଣି କରୁଥିଲୁ ନନାଙ୍କ ନିର୍ଦ୍ଦେଶରେ ସେ ଗାଁର ସବୁଠୁଁ ଏକ ଗରୀବ ପରିବାର ବାଛି ଏପରିକି ସୁଆଁ ଜାଉ ଖାଇ ଆମକୁ ସେଠାରେ

Digitized by srujanika@gmail.com

ରହିବାକୁ ପଡୁଥିଲା । ସେ ସଦାବେଳେ ପିଚୁକୁଳି ପରି ବହୁ ସାଧାରଣ ସଭାରେ କହିଥିବାର ମୁଁ ଜାଣିଛି ଯେ, ଯେଉଁ କର୍ମୀମାନେ ରାଜନୀତିରେ ଲୋକଙ୍କ ସେବା କରିବାକୁ ଆଗେଇ ଆସିବେ, ସେ ତାଙ୍କ କାନ୍ଧରେ ଲକ୍ଷ୍ମୀ ରହିବାକୁ ଇଚ୍ଛା କରିବେ ନାହିଁ। ରାଜନୀତି କରି ତହିଁରୁ ଅର୍ଥ ଉପାର୍ଜନ କରିବା ମହାପାପ ।

ବୋଲଗଡ଼, ବେଗୁନିଆ ଓ ବାଣପୁର ଅଞ୍ଚଳରେ ଯେଉଁ ଯେଉଁ ଗାଁରେ ଶତମାର୍ଗର କ୍ୟାମ୍ପ ପଡୁଥାଏ ସେଠାରେ ମୁଁ ଶତମାର୍ଗ ସମ୍ପର୍କ ଅଧିକାରୀ ଭାବରେ ନିଶ୍ଚିତ ଉପସ୍ଥିତ ଥାଏ । ଜୀବନରେ ଶତମାର୍ଗ ସ୍ମୃତି ଅପାଶୋରା । ଯେତେବେଳେ ଶତମାର୍ଗର ଆହ୍ୱାନ ଆସିଥାଏ, ସେତେବେଳେ ଜୀବନର ସମସ୍ତ କର୍ମ ଜଂଜାଳ ଆପେ ଆପେ ହୁଗୁଳି ଯାଏ । ମନ ଆଉ କେଉଁଥିରେ ଲାଗେନି, କ୍ୟାମ୍ପ ଉଦ୍ଦେଶ୍ୟରେ ବାହାରିଯାଏ ।

ସେତେବେଳେ ଶତମାର୍ଗର ଯେଉଁ ଦୁଇ ଖଣ୍ଡି ବାର୍ଷିକ ସ୍ମାରକୀଗ୍ରନ୍ଥ ପ୍ରକାଶ ପାଇ ପାଇଥିଲା, କେତେକ ଘଟଣାମାନ ତହିଁରେ ସ୍ଥାନ ପାଇ ପାରି ନଥିଲା । ତାହା ମୁଁ ଏଠି ଉଲ୍ଲେଖ କରୁଛି ।

୧) ମିଳନ ପଥ

ବେଗୁନିଆ ଥାନା ଅନ୍ତର୍ଗତ ଦଲକ ଆଦିବାସୀ ସାହି । ଏହି ସାହି ଲୋକେ ମୁରବୀ ଶଙ୍କର ନାୟକଙ୍କ ଜରିଆରେ ଶତମାର୍ଗକୁ ଗୁଆ ନିମନ୍ତ୍ରଣ କଲେ । ପାଞ୍ଚନମ୍ବର ଜାତୀୟ ରାଜପଥର ଅନତି ଦୂରରେ ଏହି ଆଦିବାସୀ ସାହିଟି ଅବସ୍ଥିତ । ରାଜପଥ ଓ ଆଦିବାସୀ ସାହିର ମଧ୍ୟଭାଗରେ ସାହି ଠାକୁରାଣୀଙ୍କ ଆସ୍ଥାନ । ଭିନ୍ନ ଭିନ୍ନ କିସମର ବୃକ୍ଷଲତା ଓ ନଟାନଟୀର ତଳେ ଠାକୁରାଣୀଙ୍କ ଚଉତରା । ସାହିବାଲା ବିଚାର କରି ସେଇଠି କଲେ ନିର୍ମାଣ ସେନା ବାହିନୀର ଖନ୍ଦା । ଶତମାର୍ଗର କ୍ୟାମ୍ପ ସେଠି ଦି'ଦିନ ପଡ଼ିଲା । ଦଲକ ରାସ୍ତା ଲାଗିଲା ପାଞ୍ଚ ନମ୍ବର ଜାତୀୟ ରାଜପଥରେ । ବିଜୁ ବାବୁଙ୍କ ପ୍ରଦତ୍ତ ପେଟ୍ରୋମାକ୍ସ ଜ୍ୟୋତିରେ ଦଲକ ସାହି ଉଜ୍ଜ୍ୱଳି ଉଠିଲା । ମରଦ ମଣିପି ସମସ୍ତେ କହିଲେ କି ଆଲୁଅ । ବାଟ ହେଲା, ଆଉ ଏଥର ପାଦରେ କଣ୍ଟା ଫୁଟିବ ନାଇଁ ।

(୨) ପଙ୍କାଳ ବନ୍ଧ

ସାନ ପଦର ପାଖ ବାୟା ପଲ୍ଲୀ । ନାସି କି ନାସି ଲଗା ଲଗି ହୋଇ ଗାଆଁ ପଶ୍ଚିମ ପଟେ ଠିଆ ହୋଇଛି ଦୁଇଟି ନଣ୍ଡା ପାହାଡ଼ । ବର୍ଷାଦିନେ ସେ ପାହାଡ଼ ଉପତ୍ୟକାରୁ ବର୍ଷା ପାଣି ପ୍ରବଳ ସ୍ରୋତରେ ଧସି ତଳ ଗହୀରର ବହୁ କ୍ଷୟକ୍ଷତି କରେ । ଏଇ ଥାଏ ସେ ଗାଁର ସବୁଦିନିଆ ଦୁଃଖ । ସତ୍ୟାନନ୍ଦନନା, ପଣ୍ଡିମେଶ୍ୱର ନାୟକ, ରମେଶ ପାଇକରା ଓ ମୁଁ ଥରେ ସେ ଅଞ୍ଚଳର କେତେକ ଯୁବକଙ୍କ ସାଙ୍ଗରେ ସେ ଗାଁକୁ ଯାଇଥିଲୁ । ଆଲୋଚନା ପ୍ରସଙ୍ଗରେ ଗାଁ ଦୁଃଖ ଶୁଣିଲୁ । ଆଉ ସମ୍ଭାଳି ପାରିଲୁ ନାହିଁ । ଗାଁର ପ୍ରାୟ ସବୁ ଲୋକଙ୍କୁ ବୁଝାଇ ସାଙ୍ଗରେ ଧରି ପାହାଡ଼ ଚଢ଼ିଲୁ । ଗାଁର ଅନ୍ୟତମ ବିଶିଷ୍ଟ ରଚନାତ୍ମକ କର୍ମୀ ସତ୍ୟବାଦୀ ରାୟଗୁରୁଙ୍କ

Digitized by srujanika@gmail.com

ସହ ଅନ୍ୟ ଗାଁ ଲୋକଙ୍କ ଆନ୍ତରିକ ସହଯୋଗରେ ଶତମାର୍ଗର ଧୁମ୍‌ଧାମ୍ ସହ ଦୁଇ ଦିନରେ ଦୁଇ ପାହାଡ଼ ବନ୍ଧା ହୋଇଗଲା। ପଙ୍କାଳ ବନ୍ଧ। ଗାଁର ଦୁଃଖ ଗଲା।

(୩) ଉଜ୍ଜଳପଥ

"ମିଳନପଥ" ପରି ଆଉ ଏକ ରାସ୍ତା କଥା ମନେ ପଡୁଛି। ସେଇଟାଥିଲା ଅଠରାଙ୍ଗଠାରୁ ଗଡ଼ମାଣିତ୍ରୀ। ଗହୀର ମଝିରେ ଏକ ଅତି ସଂକୀର୍ଣ୍ଣ ରାସ୍ତା। ସେଇ ସମୟରେ ଶତମାର୍ଗର ରାସ୍ତାପରି ଅଠରାଙ୍ଗର ଦୁଃଖିଶ୍ୟାମ ମହାପାତ୍ର, ଛତ୍ରପଡ଼ାର ସନାତନ ମଙ୍ଗରାଜ ଓ ବୋତଲମାର ଭ୍ରମର ନରେନ୍ଦ୍ର ସ୍କୁଲ ଛାତ୍ରଛାତ୍ରୀ ଓ କେତେକ ଉତ୍ସାହୀ ଯୁବକଙ୍କୁ ନେଇ ହଳ କରାଯାଇଥିବା ଚାଷ ଜମିରୁ ମାଟିଢ଼େଲା ଓ ଟେକାକୁ ପକାଇ ସ୍ଥାନୀୟ ସରବରାକାରଙ୍କ ବିରୋଧ ସତ୍ତ୍ୱେ ରାସ୍ତାକୁ ଅଳ୍ପ ଓସାର କରିପାରିଥିଲେ। ଗହୀର ମଝିରେ ଥିବା ମଝିନାଳକୁ ପରେ ସରକାର ଏକ ଛୋଟ ବ୍ରିଜ୍ କଲେ। ଏହି ସ୍ଥାନୀୟ ମୁଖିଆମାନେ ସେତେବେଳ ତାକୁ "ଉଜ୍ଜ୍ୱଳ ପଥ" ବୋଲି କହୁଥିଲେ।

ଅଟଳା ପଥ :

ପାଞ୍ଚ ନମ୍ବର ଜାତୀୟ ରାଜପଥର ବଡ଼ପୋଖରିଆ ଛକରୁ କମାଗୁରୁକୁ ଯାଇଥିବା ସଡ଼କର ଅଟଳା ପାହାଡ଼ ନିମ୍ନଭାଗରେ ଅବସ୍ଥିତ ଜଗନ୍ନାଥପୁର ଗାଆଁ। ପାହାଡ଼ରୁ ପାଣି ଖସି ଗାଁ ଭିତରକୁ ଯିବା ଚଲାପଥକୁ ନଷ୍ଟଭ୍ରଷ୍ଟ କରିପକାଏ। ଗାଁ ମୁଖିଆ ବୁଦ୍ଧି ବେହେରାଙ୍କ ଉଦ୍ୟମରେ ଶତମାର୍ଗ ସେଠାକୁ ଯାଇ ପାହାଡ଼ ଢ଼ିମା ସଜାଇ ଏକ ମଜଭୂତ ରାସ୍ତା ହୋଇଥିଲା। ଲୋକେ ତାକୁ ଅଟଳାପଥ ବୋଲି କହୁଥିଲେ।

ଅର୍ଦ୍ଧ ଶତାବ୍ଦୀରୁ ଉର୍ଦ୍ଧ୍ୱ ପ୍ରାୟ ବାଆନ ତେପନ ବର୍ଷତଳେ ଆମ ରାଜ୍ୟରେ ଶତମାର୍ଗ ଆନ୍ଦୋଳନ ଚାଲିଥିଲା। ପୁରୁପଲ୍ଲୀରେ ଏହାର ପ୍ରଭାବ ବେଶ୍ ପଡ଼ିଥିଲା। ଦେଉଳି ଶତମାର୍ଗ ବେଳେ ସେଠାରେ "ଶତମାର୍ଗ ମଧ୍ୟଇଂରାଜୀ ବିଦ୍ୟାଳୟ" ସ୍ଥାପିତ ହୋଇଥିଲା। ପରେ ପରେ ସେଠାରେ ହାଇସ୍କୁଲ ଓ କଲେଜ ହେଲାଣି। ଗୋଜାତିର କଲ୍ୟାଣକୁ ଆଖିଆଗରେ ରଖି ସେ ଗାଁରେ ଗିରି ଗୋବର୍ଦ୍ଧନ ଉତ୍ସବ ପ୍ରବର୍ତ୍ତନ କରାଯାଇଥିଲା। ସେ ଉତ୍ସବ ଏବେ ବି ଚାଲିଛି।

ଶତମାର୍ଗର ବିଚାରଧାରା ରେ ଜାତି ଆଜି ଗଢ଼ି ଉଠୁ ଏଇ ହେଉଛି ମୋର ଅନ୍ତିମ ଅଭିଳାଷ।

ଶତମାର୍ଗ ସମ୍ପର୍କ ଅଧିକାରୀ

Digitized by srujanika@gmail.com

ଶତମାର୍ଗ ପାଣିପାଠ ଯୋଜନା

ଶ୍ରୀ ବାଉରିବନ୍ଧୁ ଖଟେଇ

ଓଁ ମା ଦୁଲାଦେବୀ ଠାକୁରାଣୀ ଶରଣ
ଶତମାର୍ଗ ପାଣି ପାଠ କରୁଅଛି ବର୍ଣ୍ଣନ ॥
ମନେପଡ଼େ ସତ୍ୟାନନ୍ଦ ବାବୁ ଏଇ ଗାଆଁରେ
କଲେ ସଭା ପାଣି ପାଠ ପାଇଁ ଏ କାମନା ଦୁଆରେ ॥
ଜାଗହେ କୃଷକ ଭାଇ ସର୍ବେ ହୁଅ ଚଞ୍ଚଳ
ବିଜୁଳି ବିଜୁଳି ପାଇଁ ହୋଇଯିବା ପାଗଳ ॥
ନଈକୂଳରେ ଲିଫ୍ଟ ପଏଣ୍ଟ ବସିବ ଠାଇଁ ଠାଇଁ
ନାନା ଜାତିର ନାନା ଫସଲ ଆମେ କରିବା ପାଇଁ ॥
ମାଗି ନଡ଼ା ବାଉଁଶ ନଈ କରି ଇସ୍କୁଲ ଘର
ପାଠ ପଢ଼ିବେ ପିଲେ ଆମର ନଥିବ ତାଙ୍କୁ ଡର ॥
ସେତେବେଳେ ଆମରି ନାରା ଆସ ବାଇଆ ହୋଇବା
ନଈକୂଳକୁ ବିଜୁଳି ଆଣି ନାନାଦି ଚାଷ ଶିଖିବା ॥
ସତେ ପଏଣ୍ଟେ ନଈର ପାଣି ଗହୀରକୁ ଉଠିବ
ଜାତି ଜାତିକା ଫସଲରେ ଗହୀର ଆମ ହସିବ ॥
ଅପାଠୁଆ ନାହିଁ ଜ୍ଞାନ ନ ପଢ଼େ ମୁଁ ପୁସ୍ତକ
ଗୀତେ କହୁଛି ବାଉରି ଖଟେଇ ମୁଁ ତୁମର ସେବକ ॥

◆

Digitized by srujanika@gmail.com

ଶତମାର୍ଗ ଶାଖାସଭ୍ୟଙ୍କୁ ପ୍ରବର୍ତ୍ତକଙ୍କ ପତ୍ର

"ସ୍ୱସ୍ତି ପନ୍ଥାମନୁଚରେମ"

କେନ୍ଦ୍ର ଶତମାର୍ଗ ଅଫିସ
ଭୁବନେଶ୍ୱର

ପ୍ରିୟ ଶତମାର୍ଗ ସାଥିଗଣ,

ମୋର ହାର୍ଦ୍ଦିକ ଶୁଭେଚ୍ଛା

ତମ ଶତମାର୍ଗ ଅନୁଷ୍ଠାନ ପାଇଁ ଆଜି ଖଣ୍ଡିଏ ନିୟମାବଳୀ .... ପଠାଇଲି । ଏହି ନିୟମ ସବୁକୁ ମାନି ଚଳିଲେ ଜୀବନରେ ବହୁତ ଉପକାର ହେବ। ତମ ଗ୍ରାମର ତଥା ଶତମାର୍ଗର ମଙ୍ଗଳ ହେବ। ଏ ଦୁନିଆରେ ସବୁ କଥା ନିୟମରେ ଚାଲିଛି । ନିୟମ ଭିତରେ ଚାଲୁଥିବାରୁ ଚନ୍ଦ୍ର ସୂର୍ଯ୍ୟ ଆଜି ସୁନ୍ଦର। ନିୟମ ବ୍ୟତିକ୍ରମ କଲେ ସବୁ ବିଭ୍ରାଟ ହେବ । ସମୁଦ୍ର ନିୟମ ମାନି ଚଳୁଛି। ଯଦି ସେ ନିୟମ ନ ମାନିବ, ସୀମା ଲଂଘନ କରିବ ତେବେ ପରିଣତି କ'ଣ ହେବ ? ଆମେ ସବୁ ଶତମାର୍ଗର ସୈନିକ। ଆମଠି ନିୟମ ରହିବା ଦରକାର। ଆଶା ଆମେ ସମସ୍ତେ ଏହି ନିୟମ ଅନୁସାରେ କାର୍ଯ୍ୟ କରି ଆମ ଶିଶୁ ଅନୁଷ୍ଠାନଟିକୁ ଉପରକୁ ଉଠାଇବ। ତମ କାର୍ଯ୍ୟ ଯୋଗୁଁ ଆଜି ଏ ଦେଶର ବହୁ ବଡ ବଡ ଲୋକ ତମକୁ ଶ୍ରଦ୍ଧା ଜଣାଉଛନ୍ତି। ତମେ ନିଜର ସୁଖ, ସ୍ୱାଚ୍ଛନ୍ଦ୍ୟ, ଅର୍ଥ, ସମ୍ପଦ ଓ ବିଳାସକୁ ବଳିଦେଇ ଗ୍ରାମର କାର୍ଯ୍ୟରେ ମନ ବଳାଇଛ। ତେଣୁ ସମାଜରେ ଆଜି ତମ ଆସନ ଉଚ୍ଚରେ। ଏହି ଆଦର୍ଶକୁ ସବୁଦିନ ପାଇଁ ରକ୍ଷା କରିପାରିଲେ ଆମେ ନିଶ୍ଚୟ ବଡ ଲୋକ ହୋଇପାରିବା।

Digitized by srujanika@gmail.com

ତମ ସହକର୍ମୀ ଓ ଗ୍ରାମବାସୀ ତମ ଗ୍ରାମରେ ଯେଉଁ ରାସ୍ତା ନିର୍ମାଣ କରିଛନ୍ତି, ତାର କୀର୍ତ୍ତି ଆଜି ଜଗତ ଘୋଷୁଛି । ତମ ମନରେ ସେହି ଉତ୍ସାହ ଓ ଆନନ୍ଦ ଯେତେଦିନ ଯାଏଁ ଥିବ, ତମ କୀର୍ତ୍ତି ସେତେଦିନ ଯାଏଁ ଥିବ ଓ ଅମଳିନ ରହିବ । ତମ ଉତ୍ସାହକୁ ସରକାର ନିଶ୍ଚୟ ସ୍ୱୀକାର କରିବେ ।

ତେବେ ଆଜି ମୋ ମନରେ ଗୋଟିଏ ପ୍ରଶ୍ନ ଉଠୁଛି । ଆମ କୀର୍ତ୍ତିକୁ ଆମେ କିପରି ଆହୁରି ନିର୍ମଳ ଓ ଉଜ୍ଜ୍ୱଳ କରି ରଖିବା । ଦେଉଳ ଗୋଟିଏ କୀର୍ତ୍ତି, କିନ୍ତୁ ଦେଉଳରେ ଦିଅଁ ନ ରହିଲେ ସେ କୀର୍ତ୍ତିର କିଛି ମୂଲ୍ୟ ରହିବ ନାହିଁ । ସେହିପରି ଆମ ରାସ୍ତା ଗୁଡିକର କଡରେ ଯଦି ଗଛ ଲାଗିଯିବ, ତେବେ ସେ କୀର୍ତ୍ତି ସୁନ୍ଦର ହେବ । ଭବିଷ୍ୟତରେ ଆମର ପୁଅ ନାତିମାନେ ଆମକୁ ପ୍ରଶଂସା କରିବେ ଓ ଆମଠୁଁ ଶିଖି ଭଲ ମଣିଷ ହେବେ । ଆମ ରାସ୍ତାର ବାଟୋଇମାନେ ଖରାଦିନେ ଛାଇ ପାଇ ଆମକୁ ଆଶୀର୍ବାଦ କରିବେ ।

ଏବେ ଗଛ ଲାଗିବ କିପରି ? ମୁଁ ତାର ସୂଚନା ଦେଉଛି । ଏଇଟା କିଛି ବଡ କଥା ନୁହେଁ । ଆମ ଶତମାର୍ଗ ଶାଖା ଅନୁଷ୍ଠାନର ନିର୍ମାଣ ସେନାବାହିନୀର କେତେଜଣ ସୈନିକ ଆଗୁଆ ହୋଇ ବାହାରିବେ । ସେମାନେ ପ୍ରତ୍ୟେକେ ଗୋଟିଏ ଗୋଟିଏ ଗଛର ଦାୟିତ୍ୱ ନେବେ । ବର୍ତ୍ତମାନ ବର୍ଷାକାଳ । ଏବେ ରାସ୍ତା କଡରେ ଖଣ୍ଡିଏ ଖଣ୍ଡିଏ ବରଡାଳ, ଛୋଟ ଆମ୍ବଗଛ ବା ଜାମୁଗଛ ଲଗାଇଦେଲେ ତାହା ବଞ୍ଚି ଯିବ ଓ ଭବିଷ୍ୟତକୁ ବଡଗଛ ହେବ । ଖାଲି ଗଛ ପୋତିଦେଲେ ହେବନାହିଁ । ଛୋଟ ଛୁଆଟିଏ ଜନ୍ମ ହେଲେ ତାକୁ ଯେପରି ବହୁତ ବିପତ୍ତି ରହିଛି, ସେହିପରି ଗଛଟିଏ ଲଗାଇଲେ ମଧ୍ୟ ସେ ଗଛକୁ ବିପତ୍ତି ରହିଛି । ପ୍ରଥମ କଥା ହେଲା ଗାଇଗୋରୁ ଖାଇଯିବେ । ଏଥିରୁ ରକ୍ଷା ପାଇବାପାଇଁ ପ୍ରତ୍ୟେକଟି ଗଛର ଗୋଟିଏ ଗୋଟିଏ ଅଟେଇ ଦରକାର । ଯିଏ ଯେଉଁ ଗଛଟି ପାଇଁ ଅଟେଇ ତିଆରି କରିବ, ଗଛଟି ବଡ ହେବା ଯାଏଁ ସେ ତା'ର ଦାୟିତ୍ୱ ନେବ । ଖରାଦିନେ ମନ୍ଦାଏ ପାଣି ଦେବା ଦରକାର ପଡିପାରେ । ଅଳ୍ପ କଷ୍ଟ ସହି ଆଜି ଯେଉଁ ଗଛଟି ଆମେ ଲଗାଇଥିବା ଭବିଷ୍ୟତରେ ତାହା ଆମକୁ ବହୁତ ଆନନ୍ଦ ଦେବ । ପ୍ରତ୍ୟେକେ ପ୍ରତିଯୋଗିତା କରି ଗଛ ଲଗାଇବେ । ଯାହା ଗଛ ହୃଷ୍ଟପୁଷ୍ଟ ଓ ସୁନ୍ଦର ହେବ, ସେ ପ୍ରଶଂସା ଓ ପୁରସ୍କାର ପାଇବ ।

Digitized by srujanika@gmail.com

ଯେଉଁ ପୁଣ୍ୟ ଦିବସରେ ତମ ଗାଁରେ ଶତମାର୍ଗ ଆନ୍ଦୋଳନର ଉତ୍ସବ ସମାହିତ ହେଇଥିଲା, ତାହା ଓଡ଼ିଶା ହରିହର ଖଡ଼ିରତ୍ନ ପଞ୍ଜିକାରେ ସେହି ସେହି ଦିନ ଲିପିବଦ୍ଧ ହୋଇଛି। ଗାଁର ଅନ୍ୟ ପର୍ବ ପର୍ବାଣୀ ପରି ଏ ଦିନଟି ମଧ୍ୟ ତମର ଶତମାର୍ଗ ପର୍ବ ଦିବସ। ଏହି ଦିବସଟିକୁ ଗାଁର ଆବାଳ ବୃଦ୍ଧ ବନିତା ପାଳନ କରିବା କଥା। ଶାଖା ସେନା ବାହିନୀ ଗାଁଲୋକଙ୍କ ସାଥିରେ ସଂକୀର୍ତ୍ତନ କରି ନିଜ ନିର୍ମିତ ରାସ୍ତାଟିର ଯାହା କିଛି କ୍ଷୟ କ୍ଷତି ହୋଇଥିବ ତାହାକୁ ଏହି ଦିବସରେ କେବଳ ସଂସ୍କାର (ମରାମତି ବା Repair) କରିବେ। ବଂଶ ପରମ୍ପରାନୁକ୍ରମେ ତମ ନିର୍ମିତ ରାସ୍ତାଟି ଜୀବନ ସାରା ତମକୁ କେତେ ଆନନ୍ଦ ଓ ସନ୍ତୋଷ ଦେବ। ତାହା କେହି ନ କହିଲେ ମଧ୍ୟ ସମସ୍ତେ ହୃଦୟରେ ଅନୁଭବ କରିପାରିବେ।

ଏ ଦିନକୁ ଗାଆଁର ସମସ୍ତେ ଏକାଠି ବସି ପଡ଼ିବେ। ଆଲୋଚନା ବେଳେ ଯେ ଯାହାର ଦାୟିତ୍ୱ ମୁଣ୍ଡେଇ ନେଇଯିବେ। ଯେଉଁମାନେ ଗଛ ଲଗାଇବେ ସେମାନଙ୍କ ନାମରେ ଏକ ତାଲିକା ଆମ କେନ୍ଦ୍ର ଅଫିସକୁ ପଠାଇବେ। ଆଶା କରେ ଆମ ଅନୁଷ୍ଠାନର ଏହି ନିର୍ଦ୍ଦେଶକୁ ସମସ୍ତେ ଆନନ୍ଦ ମନରେ ପାଳନ କରିବେ॥

ଆପଣଙ୍କର ଓ ଗ୍ରାମର ମଙ୍ଗଳ କାମନା କରି ରହୁଛି।

ତମର

ସତ୍ୟାନନ୍ଦ ଚମ୍ପତିରାୟ

ପ୍ରବର୍ତ୍ତକ, ଶତମାର୍ଗ ଆନ୍ଦୋଳନ

♦

Digitized by srujanika@gmail.com

ଜରା ଜୀବନରେ ଶତମାର୍ଗର ସ୍ମୃତି

ଶ୍ରୀ ରଙ୍କନାଥ ରାଉତ
ଚିତ୍ରଶିଳ୍ପୀ, କେନ୍ଦୁଝର

ସ୍ୱାଧୀନତା ପ୍ରାପ୍ତିପରର ଠିକ୍ ୧୯୫୯-୬୦ ମସିହାର ଘଟଣା - ପ୍ରଥମେ ନୂଆକରି ଖଲିକୋଟ ରାଜପ୍ରସାଦରେ ଆର୍ଟସ୍କୁଲ ଆରମ୍ଭ ହୋଇଥାଏ। ସେହି ସମୟ ବେଳକୁ ଆମେ ସବୁ ପ୍ରଥମ ବ୍ୟାଚର ତୃତୀୟ ବର୍ଷର ଛାତ୍ର। ସ୍କୁଲ ଓ ହଷ୍ଟେଲର କିଛି ଅବବ୍ୟସ୍ଥା ବିରଦ୍ଧରେ ଧର୍ମଘଟ କରି ପ୍ରାୟ ଅଧିକାଂଶ ଛାତ୍ର ଛାତ୍ରୀ ମୁଖ୍ୟମନ୍ତ୍ରୀ ଡଃ ହରେକୃଷ୍ଣ ମହତାବଙ୍କୁ ଦେଖାକରି ଅସୁବିଧା ବିଷୟରେ ଜଣାଇବା ପାଇଁ ଭୁବନେଶ୍ୱରକୁ ପଳାଇ ଆସିଥିଲୁ।

ଆମର ଏ ସବୁ ଦାବୀ ବିଷୟରେ ସରକାରଙ୍କ ଦୃଷ୍ଟିକୁ ଆଣି ତା'ର ପ୍ରତିକାର ପାଇଁ ତତ୍‌କାଳୀନ ପ୍ରମୁଖ ବ୍ୟକ୍ତିତ୍ୱ ସମ୍ପନ୍ନ ବିଧାୟକ ଶ୍ରୀଯୁକ୍ତ ସତ୍ୟାନନ୍ଦ ଚମ୍ପତିରାୟ, ଶ୍ରୀଯୁକ୍ତ ରାମଚନ୍ଦ୍ର ପଟ୍ଟନାୟକ ଓ ଶ୍ରୀଯୁକ୍ତ ନିତ୍ୟାନନ୍ଦ ମହାପାତ୍ରଙ୍କ ସହ ଯୋଗାଯୋଗ ରଖିଥିଲୁଁ। ସେମାନେ ମଧ୍ୟ ଆମ ଦାବୀ ଗୁଡ଼ିକ ପ୍ରତି ସହାନୁଭୂତି ଜଣାଇ ସରକାରଙ୍କ ଉପରେ ଚାପ ପକାଇ ଏହାର ସମାଧାନ ପାଇଁ ବ୍ୟବସ୍ଥା କରିଥିଲେ। ଫଳରେ ପଟେଲ ଭବନ ନିକଟସ୍ଥ ଆସେମ୍ବ୍ଲିର ଲାଇବ୍ରେରୀ ହଲରେ (ଆଜବେଷ୍ଟସ ଗୃହ) ଆମ ୩/୪ଜଣ ଛାତ୍ର ପ୍ରତିନିଧିଙ୍କର ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ତଦ୍‌ନୁସାରେ ଶ୍ରୀଯୁକ୍ତ ସତ୍ୟାନନ୍ଦ ଚମ୍ପତିରାୟ ଓ ଶ୍ରୀଯୁକ୍ତ

Digitized by srujanika@gmail.com

ରାମଚନ୍ଦ୍ର ପଟ୍ଟନାୟକଙ୍କ ଉପସ୍ଥିତିରେ ଆମେ ଆମର ସମସ୍ତ ଅସୁବିଧା ଗୋଟି ଗୋଟି କରି ଜଣାଇଲୁଁ। ମୁଖ୍ୟମନ୍ତ୍ରୀ ମହୋଦୟ ଆମର ସବୁ କଥାକୁ ଧୈର୍ଯ୍ୟର ସହ ଶୁଣୁ-ଶୁଣୁ ଆମ କଥାମଧ୍ୟରେ ହସ୍ତକ୍ଷେପ କରି କହିଲେ - ତୁମମାନଙ୍କର ସବୁ ଅସୁବିଧା ମୁଁ ବାସ୍ତବରେ ବୁଝି ପାରୁଛି- ହେଲେ - ତୁମ ମାନଙ୍କ ଭଳି ଗାଁ-ଗଣ୍ଡାର ସାଧାରଣ ଲୋକେ ସର୍ବନିମ୍ନ ଭଲପାଣି ଟୋପେ ପାଇପାରୁନାହାନ୍ତି। ଏ ଯାଏ ରାସ୍ତାଘାଟର ଓ ଶିକ୍ଷାର କିଛି ଉନ୍ନତି ହୋଇପାରିନାହିଁ। ଯୋଜନା ମୁତାବକ ବହୁ ନୂଆ ନୂଆ ଅନୁଷ୍ଠାନ ମାନ ହେଉଥିଲେ ହେଁ କେଉଁଠି ପାଣିର ବ୍ୟବସ୍ଥା ନାହିଁ ତ -ଆଉ କେଉଁଠି ଆଲୁଅର ବ୍ୟବସ୍ଥା ହୋଇପାରିନାହିଁ। ଗାଁମାନଙ୍କରେ ଛୁଆମାନେ ଖରାବର୍ଷାରେ ଯାଇ ଗଛମୂଳେ ପାଠ ପଢୁଛନ୍ତି। ଆସେମ୍ବ୍ଲିଗୃହ ହୋଇପାରି ନଥିବାରୁ ଏଇ ଆଜବେଷ୍ଟସ ଘରେ ଆସେମ୍ବ୍ଲି ଚାଲିଛି ତୁମେ ସବୁ ଦେଖୁଛ - ରାଜ୍ୟସାରା ଏହିପରି ଅସୁବିଧା ଏସବୁର ସୁଧାର କେବେ ରାତାରାତି ହେବା ସମ୍ଭବ ନୁହେଁ। ଏଥିପାଇଁ ପର୍ଯ୍ୟାପ୍ତ ଅର୍ଥର ଆବଶ୍ୟକତା ସାଙ୍ଗକୁ ଯଥେଷ୍ଟ ସମୟର ବି ଆବଶ୍ୟକତା ରହିଛି।

ଏହାପରେ ବୋଧହୁଏ ଆମର ମାନସିକତାକୁ ବୁଝିପାରି ବା ଆମକୁ ସନ୍ତୁଷ୍ଟ କରିବା ପାଇଁ ସେଇଠାରେ ଗୋଟିଏ ଉଚ୍ଚସ୍ତରୀୟ କମିଟି ଘୋଷଣା କଲେ। ଯେଉଁଥିରେ କି ଶ୍ରୀଯୁକ୍ତ ସତ୍ୟାନନ୍ଦ ଚମ୍ପତିରାୟ ଜଣେ ସଭ୍ୟଥିଲେ। ପରିଶେଷରେ ଆମକୁ ବୁଝାଇ ତୁମ ଅସୁବିଧା ସବୁର ତଦନ୍ତକରି କମିଟି ଯେଉଁ ରିପୋର୍ଟ ଦେବ ସେହି ଅନୁସାରେ ତୁମମାନଙ୍କ କଥା ନିଶ୍ଚୟ ବୁଝାଯିବ। ଏହାପରେ ଆମର ପ୍ରାୟ ଦେଢ଼ମାସର ଧର୍ମଘଟର ପୂର୍ଣ୍ଣଚ୍ଛେଦ ସେଇଠାରେ ହିଁ ପଡ଼ିଲା। ଦୀର୍ଘଦିନ ଧରି ବ୍ୟସ୍ତ ବିବ୍ରତ ହୋଇଯାଇଥିବା ପିଲାମାନେ ଯିଏ ଯୁଆଡ଼େ ନିଜ-ନିଜ ଗାଁମାନଙ୍କୁ ପଳାଇଗଲେ।

ସମୟ ଅଭାବରୁ ସେଦିନ ମୁଁ ନିଜ ଗାଁକୁ ଯାଇନପାରି ମୋର ପୂର୍ବର ରହଣିସ୍ଥାନ ସତ୍ୟାନନ୍ଦ ସାରଙ୍କ କ୍ୱାଟରକୁ ଗଲି। ସଂଧ୍ୟା ବେଳକୁ ସେଠାରେ ଥିବା ଗ୍ରାମର କିଛି କର୍ମୀଙ୍କସହ ଆଗାମୀଦିନରେ ହେବାକୁଥିବା କ୍ୟାମ୍ପର ଆୟୋଜନ ବିଷୟରେ କଥାବାର୍ତ୍ତା ପରେ ମୋତେ ସେମାନେ ତାଙ୍କ ଅଂଚଳକୁ ଯାଇ ତାଙ୍କ

Digitized by srujanika@gmail.com

କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ କହିବାରୁ ମୁଁ ବି ସେଥିରେ ରାଜି ହୋଇଗଲି। ପରଦିନ ଆମେ ସମସ୍ତେ ସତ୍‌ମାର୍ଗର କେନ୍ଦ୍ରସ୍ଥଳୀ ହଜ ଗ୍ରାମ ଅଭିମୁଖେ ବସରେ ବସି ଚାଲିଲୁଁ। ତାଙ୍କ ଗ୍ରାମକୁ ଯିବାକୁ ହେଲେ ଜଙ୍କିଆ ଛକଠାରେ ଓହ୍ଲାଇବାକୁ ପଡ଼େ। ବସରୁ ଓହ୍ଲାଇ ସେଠାରେ ଥିବା ବଙ୍ଗଳାରେ ଖରାବେଳଟି କଟାଇ ଉପରଓଳି ସେଇ ଛକର ଡ଼ାହାଣପଟ ୪/୫ ମାଇଲର ଏକ ଅଙ୍କା ବଙ୍କା ରାସ୍ତାଦେଇ ଯାଇ ବେଳ ଥାଉଁ ଥାଉଁ ହଜରେ ପହଞ୍ଚିଗଲୁଁ। ସେ ଦିନର ସଂଧ୍ୟାବେଳଟି ସ୍ଥାନୀୟ କିଛିଲୋକଙ୍କ ସହ ବିଭିନ୍ନ ଆଲୋଚନାରେ କଟିଗଲା।

ପରଦିନ ସକାଳର ଘଟଣା -

ଦୈନିକ ନିତ୍ୟକର୍ମ ଓ ଗାଧୁଆ ସମୟ ହୋଇଯିବାରୁ ସାରେ ଓ ମୁଁ ଦି'ଜଣଯାକ ଗାଧୋଇବା ଉଦ୍ଦେଶ୍ୟରେ ବାହାରିଲୁଁ। ଗାଁ ଦାଣ୍ଡ ମଝିରେ ଯାଉଥିବା ବେଳେ ଦେଖିଲି ଘରର ବାରଣ୍ଡା ଗୁଡ଼ିକ ବହୁତ ଉଚ୍ଚା ଓ ପ୍ରାୟ ସବୁ ଗୁଡ଼ିକ ମାଙ୍କଡ଼ା ପଥରରେ ତିଆରି। ଗାଁ ବାହାରକୁ ଚାଲିଯିବାପରେ କିଛି ଉଚ୍ଚା ଓ ଢ଼ାଲୁଆ ବିସ୍ତୀର୍ଣ୍ଣ ଲାଲମାଟିଆ ବିଲ ସବୁ ଦେଖାଯାଉଥାଏ ଓ ଆଉଟିକିଏ ଦୂରକୁ ମଣିଷ ଉଚ୍ଚାର ସୁନ୍ଦର ଘଞ୍ଚସବୁଜ ବଳୟର ବିସ୍ତୀର୍ଣ୍ଣ ଅଚଳ। ପୁଣି ମଝିରେ ମଝିରେ ଛାଡ଼ି-ଛାଡ଼ି ଖଣ୍ଡ-ଖଣ୍ଡିଆ ବଡ଼ ଝଙ୍କାଳିଆ ଗଛମାନ ଏତେ ସୁନ୍ଦର ଦେଖାଯାଉଥାଏ ଯେ କୌଣସି ଭାବୁକ ବା ଶିଳ୍ପୀମନକୁ ବିଶେଷଭାବେ ପ୍ରଭାବିତ କରିବ ନିଶ୍ଚୟ। ଆଗେଇ ଆଗେଇ ପାଖକୁ ଯିବାରେ ଜଣାଗଲା- ଏ ସବୁ ସାରୁ କିଆରୀ ମଧ୍ୟରେ ଆମ୍ବଗଛମାନ ଏବଂ ମଝିରେ ମଝିରେ ମାଟି ଚୁଆ ମଧ୍ୟରେ ଗୋଟିଏ ଲେଖା ପାଣିମଡ଼ା ଟେଣ୍ଡା ଠିଆ ହୋଇଛି। ଏହିସବୁ ଦୃଶ୍ୟକୁ ଅନାଇ ଯାଉଁ ଯାଉଁ ସତ୍ୟାନନ୍ଦ ସାରେ ହଠାତ୍ ଗୋଟିଏ ଆମ୍ବଗଛମୂଳରେ ଥିବା (ମାଟିଚୁଆ) କୂଅ ପାଖରେ ଅଟକି ଗଲେ। ଏହି ଅଟକିଯିବା ମଧ୍ୟରେ ମୁଁ ଚୁଆଟିକୁ ଲକ୍ଷ୍ୟକରି ଦେଖିଲି ଗୁଡ଼ିଏ ବାଉଁଶ କିଳା ଗୋଲେଇ ହୋଇ ଚୁଆ ମଧ୍ୟରେ ପୋତାଯାଇଛି, ଯାହାକି ମାଟି ଧସେଇ କୂଅଟିକୁ ପୋତି ହୋଇନଯିବା ପାଇଁ ହୋଇଥାଏ। ତା ମଧ୍ୟରେ ପାଣିବୁହା ଟେଣ୍ଡାଟିଏ ମଧ୍ୟ ଠିଆ ହୋଇଥାଏ। ଏତିକିବେଳେ ସାରେ ମୋତେ ହାତ ଇସାରାଦେଇ

Digitized by srujanika@gmail.com

ନକ୍ସା ଆଙ୍କିବା ପରି ଟିକିଏ ଦୂରରେ ଥିବା ତାଙ୍କର ଜମି ଓ ତା ମଧ୍ୟରେ ଥିବା ଠାକୁର ମନ୍ଦିରକୁ ମୋତେ ଦେଖାଇ ଦେଉଥାନ୍ତି । ମୁଁ ଭାବୁଥାଏ ଏହାପରେ ବୋଧହୁଏ ଆମକୁ ସେହିଠାକୁ କୌଣସି ପୋଖରୀ ବା ନଦୀରେ ଗାଧୋଇବାକୁ ଯିବାକୁ ପଡ଼ିବ । ଶେଷରେ କହିଲେ- ରଙ୍ଗନାଥ । ଏଇ ଚୁଆଟି ଓ ସାଗୁ କିଆରିଟି ଆମର । ଏଇଠି ଗାଧୋଇ ପଳାଇବା ମୋତେ ସତର୍କ କରାଇଦେଇ କହିଲେ - ଏହି ବାଉଁଶ ଓ ଡେଣ୍ଡାକୁ ଭଲକରି ଧରି ଧିରେ ଓହ୍ଲାଇବ । ଡେଣ୍ଡାକୁ ଧରି ଦି'ଜଣଯାକ ଚୁଆରେ (ମାଟିକୁଅ) ପାଶିଲୁ । ପାଣି ବହୁତ ସଫା ଓ ସେଥିରେ ପ୍ରଚୁର ପରିମାଣରେ ପାଣିବେଙ୍ଗଙ୍କର ଗହଳି । ପାଣି ଏତେ ଥଣ୍ଡା ଯେ ମୁଁ ଥରଟିଏ ବୁଡ଼ମାରି ଥଣ୍ଡା ସହନପାରି ଚଟାପଟ୍ ବାହାରକୁ ବାହାରି ଆସିଲି ।

ବାଟରେ ଆସୁ ଆସୁ ସତ୍ୟାନନ୍ଦ ସା'ରେ ତା'ଙ୍କର ଏ ଅଂଚଳ ମୋତେ କେମିତି ଲାଗୁଛି ବୋଲି ପଚରାରିବାରୁ ତା'ର ଉତ୍ତରରେ କହିଲି, ସାରେ ଆପଣ ଜଣେ ସରକାରରେ ଥିବା ଖୋଦ୍ ଲୋକ, ପୁଣି ଏଠାକାର ଲୋକପ୍ରତିନିଧି, ଏଥିରେ ଆପଣଙ୍କ ନିଜ ଗାଁର ଅବସ୍ଥା ଯଦି ଏହିପରି ରାଜ୍ୟସାରାର ଅବସ୍ଥା ମଧ୍ୟ ଅଳ୍ପବହୁତେ ସେହିପରି ଥିବ । ତେବେ ମୋତେ କହନ୍ତୁ, ରାଜ୍ୟର ଏ ସର୍ବନିମ୍ନ ଅସୁବିଧାର କେବେ ଓ କିପରି ସୁଧାର ଆସିପାରିବ । ମୋ କଥା ଶୁଣି ଟିକିଏ ହସିଦେଇ - ନିଜ କଥା ଆରମ୍ଭ କରି କହିଲେ "ତୁମ କଥା ପକୃତରେ ଶତପ୍ରତିଶତ ସତ, ସେଥିପାଇଁ ତ ଏ ସତ୍‌ମାର୍ଗ ଆନ୍ଦୋଳନ" । ସରକାର ତାଙ୍କ ଯୋଜନା ମୁତାବକ ତାଙ୍କ କାମ କରୁଛନ୍ତି । ଆମେ ଆମର ନିଜ ଅଂଚଳପାଇଁ କିଛ ସର୍ବନିମ୍ନ କାମ ଆମର ଲୋକ ଶକ୍ତିକୁ ଏକଜୁଟ କରାଇ ଅନ୍ତତଃ କିଛିଟା କରିପାରିବା, ଯାହା ସରକାରଙ୍କ ଦ୍ୱାରା ଏତେଶିଘ୍ର ହୋଇପାରିବ ନାହିଁ । ସର୍ବନିମ୍ନ ସୁବିଧା କରି ସୁସ୍ଥରେ ଚଳିବାପାଇଁ ଆମ ପାଖରେ ବହୁତ ବାଟ ବା ମାର୍ଗଅଛି ଯେପରିକି - ଗାଁର ପରିବେଶକୁ ସଫାସୁତୁରା ରଖିବାର ବ୍ୟବସ୍ଥା ହେଉ - ରାସ୍ତାକଡ଼ରେ ବୃକ୍ଷରୋପଣ କରାଇବାର ବ୍ୟବସ୍ଥା ହେଉ ସାଧାରଣ ଭାବେ ଅଳ୍ପ ସାହାଯ୍ୟ ଓ ସହଯୋଗରେ ଶ୍ରମଦେଇ ଅନୁଷ୍ଠାନ ମାନ କରିପାରିବା ଭଳି ଅନେକ କାର୍ଯ୍ୟ କରିପାରିବା । ଏହାବାଦ୍ ବହୁ ଗ୍ରାମକୁ

Digitized by srujanika@gmail.com

ରାସ୍ତାଟିଏ ନାହିଁ ଯାହାଫଳରେ ପିଲାମାନେ କାଦୁଅ ଓ ଅସନା ରାସ୍ତାରେ ପାଠ ପଢ଼ିବାକୁ ଯାଇପାରୁନାହାଁନ୍ତି । ପୁଣି ରୋଗିଟିଏ ଅସୁବିଧା ବେଳେ ଡ଼ାକ୍ତରଖାନାକୁ ଯାଇପାରୁନାହିଁ । ଏଇଥିପାଇଁ ପ୍ରଥମେ ଏହି ରାସ୍ତାଘାଟର ସୁବିଧା କଥାକୁ ଅଗ୍ରାଧିକାର ଦେଇ ଏଇ କାର୍ଯ୍ୟକୁ ସତ୍‌ମାର୍ଗ ଆନ୍ଦୋଳନରେ ସ୍ଥାନ ଦେଲି । ଯାହାକି ଆସନ୍ତା କାଲିଠାରୁ ହେଉଥିବା କ୍ୟାମ୍ପରେ ଗ୍ରାମବାସୀଙ୍କ ସମୁହ ସହଯୋଗ ଓ ଶ୍ରମଦାନରେ ହେବାକୁ ଯାଉଛି ।" ଆସନ୍ତା କାଲିକୁ ଥିବା ସତ୍‌ମାର୍ଗର କ୍ୟମ୍ପ ପରିଚାଳନା ବିଷୟରେ ପଡ଼ୋଶୀ ଗ୍ରାମର କିଛି ଭଦ୍ରବ୍ୟକ୍ତି ସଂଧ୍ୟା ପୂର୍ବରୁ ଆସିପହଞ୍ଚିଥାନ୍ତି । ଆନ୍ଦୋଳନର ମୁଖ୍ୟ ପ୍ରବକ୍ତା ଓ କର୍ମୀଙ୍କଦ୍ୱାରା ବିସ୍ତୃତ ଆଲୋଚନା ହୋଇ କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ଚିଠା ପୂର୍ବରୁ ପ୍ରସ୍ତୁତ ହୋଇସାରିଥାଏ । ନିୟମ ଅନୁସାରେ କ୍ୟମ୍ପ ପଡ଼ିଥିବା ଗ୍ରାମର ଚତୁଃପାର୍ଶ୍ୱସ୍ଥ ପ୍ରାୟ ୪/୫ଟ ପଡ଼ୋଶୀ ଗ୍ରାମାବାସୀମାନଙ୍କୁ କାର୍ଯ୍ୟକ୍ରମର ସ୍ଥାନ, ସମୟ ପ୍ରଭୃତି ବିଷୟରେ ବହୁଆଗରୁ ପତ୍ରଦ୍ୱାରା ଜଣାଇ ଦିଆଯାଇଥାଏ । ବାହାରୁ ଆସୁଥିବା ସମସ୍ତ ଅତିଥି ଓ ପଡ଼ୋଶୀ ଗ୍ରାମବାସୀ ଅତିଥିମାନଙ୍କର ରହଣୀ ଖାଦ୍ୟପେୟର ବ୍ୟବସ୍ଥା ସବୁ ଗ୍ରାମବାସୀମାନେ ନିଜ ନିଜ ଦାୟିତ୍ୱରେ ବାଣ୍ଟିନେଇଥାନ୍ତି । ଶତମାର୍ଗ-ଆନ୍ଦୋଳନର ଅଭିନବ ପର୍ବଟି କିପରି ଭଲରେ ଭଲରେ ସଫଳତା ସହ ଶେଷ ହେବ ସେଥିପାଇଁ ପିଲାମାନେ ସମସ୍ତେ ନିଜ ନିଜ କାମରେ ଲାଗିପଡ଼ିଥାନ୍ତି । କିଛି ସ୍ଥାନୀୟଯୁବକ ବିଭିନ୍ନ ବାଦ୍ୟଯନ୍ତ୍ର ମୃଦଙ୍ଗ, ଘଣ୍ଟ ଝାଞ୍ଜ ତା'ସହିତ ସଂକୀର୍ତ୍ତନ ଓ ଶଙ୍ଖଧ୍ୱନୀରେ ଗ୍ରାମଟିକୁ ଉତ୍ସବ ମୁଖରିତ ଓ ଚଳଚଞ୍ଚଳ କରି ରଖିଥାନ୍ତି ।

ନିର୍ଦ୍ଧାରିତ ସମୟରେ ପରମ୍ପରା ଅନୁସାରେ ଶତମାର୍ଗର ନିମନ୍ତ୍ରିତ କର୍ମୀମାନେ ବିଭିନ୍ନ ବାଦ୍ୟଯନ୍ତ୍ରର ଧ୍ୱନିସହ ସାଥିରେ ଗୋଟିଏ ଲେଖା କୋଦାଳ ଓ ପାଛିଆ ଧରି ପଟୁଆରରେ ଆସି କ୍ୟାମ୍ପ ସ୍ଥଳରେ ଏକତ୍ରିତ ହେଉଥାନ୍ତି । ଗ୍ରାମର ବହୁ ବିଶିଷ୍ଟ ଭଦ୍ରଲୋକ ଓ ସତ୍‌ମାର୍ଗ ଆନ୍ଦୋଳନର କର୍ମୀ ସମେତ୍ ସ୍ଥାନୀୟ ଛୋଟ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ଏଠାରେ ଏକତ୍ରୀତ ହୋଇଥାନ୍ତି ଓ ସମସ୍ତଙ୍କ ହାତରେ କୋଦାଳ ଓ ପାଛିଆମାନ ଥାଏ । ଶେଷରେ ରାସ୍ତା ନିର୍ମାଣ-ହେବାକୁ ଥିବା ସ୍ଥାନ ପାଖକୁ ଏକ ବିରାଟ ପଟୁଆରରେ ଯାଇ ପହଞ୍ଚିବା ପରେ

Digitized by srujanika@gmail.com

ବିଭିନ୍ନ ବାଦ୍ୟଯନ୍ତ୍ରର ଧ୍ୱନି ସହିତ ସଂଙ୍ଖ ଓ ହୁଳହୁଳୀ ମଧ୍ୟରେ ଜଣେ ବିଶିଷ୍ଟ ଓ ବରିଷ୍ଟ ଭଦ୍ରବ୍ୟକ୍ତିଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥାଏ ଓ ରାସ୍ତାକାମ ଚାଲେ ।

ଶେଷରେ ସଂଧ୍ୟାବେଳକୁ ଆଉ ଗୋଟିଏ ପର୍ଯ୍ୟାୟର କାମ ଆରମ୍ଭହୁଏ । ଏଠାକୁ ନିମନ୍ତ୍ରିତ ହୋଇ ଆସିଥିବା ମନ୍ତ୍ରୀ ଓ ଅନ୍ୟାନ୍ୟ ଅତିଥିମାନଙ୍କର ଗୋଟିଏ ସଭାର ଆୟୋଜନ କରାଯାଇଥାଏ । ସତମାର୍ଗ ଆନ୍ଦୋଳନର କାର୍ଯ୍ୟକ୍ରମର ଅତୀତ ଓ ଭବିଷ୍ୟତ ଉପରେ କର୍ମକର୍ତ୍ତାଙ୍କ ଦ୍ୱାରା ବିବରଣୀ ପାଠ କରାଯାଏ । ପରେ ପରେ ଆସିଥିବା ଅତିଥି ଓ ବକ୍ତାମାନେ ସତମାର୍ଗ ଆନ୍ଦୋଳନର କାର୍ଯ୍ୟର ଉଦ୍ଦେଶ୍ୟ ଓ ଏହା ଆବଶ୍ୟକତା ବିଭିନ୍ନ ଦିଗପ୍ରତି ନିଜର ନିଜର ବକ୍ତବ୍ୟ ରଖିଥାନ୍ତି ।

ସବୁଠାରୁ ବଡ଼ ମଜା ଘଟଣା ହେଲା ସ୍ୱେଚ୍ଛା ପ୍ରଣୋଦିତ ହୋଇ ସେହିଗ୍ରାମର ଆୟୋଜନମାନେ ଗୋଟିଏ କିମ୍ୱା ଦି'ଟା ଶଗଡ଼ ଗାଡ଼ିରେ ଅତିଥିମାନଙ୍କୁ ବସାଇ ନେବା ପାଇଁ ଆଣିଥାନ୍ତି । ଶଗଡ଼ର ଉପର ଅଂଶ ବାଉଁଶ ପାତିଆ ତିଆରି ଏକ ଢ଼ାଙ୍କୁଣି ଦ୍ୱାରା ଆବୃତ୍ତ ହୋଇଥାଏ । ଗାଡ଼ି ଭିତରେ ବସିବା ପାଇଁ ବିଛଣାର ବ୍ୟବସ୍ଥା ହୋଇଥାଏ । ସଂଜ୍ଜୁଆ ଜହ୍ନରାତିରେ ଶଗଡ଼ଗାଡ଼ିରେ ଢ଼ଳି ଢ଼ଳି ଯିବା ମଜା ସାଙ୍ଗକୁ ବଳଦ ବେକର ଘଣ୍ଟି ଘାଗୁଡ଼ିର ଶବ୍ଦ ଓ ଶଗଡ଼ିଆର ମଜା ମଜା କଥାମାନ ଦୂରତାର କଷ୍ଟକୁ ହାଲକା କରିଦେଉଥାଏ ।

ସତମାର୍ଗ ଆନ୍ଦୋଳନର କ୍ୟାମ୍ପରୁ ଯେଉଁ ଅନୁଭୂତି ଓ ସ୍ମୃତିମାନ ମୋ ମନଭିତରେ ଆଙ୍କି ହୋଇରହିଯାଇଥିଲା । ସେ ସବୁ ଘଟଣା କାଲିପରି ଆଖି ଆଗରେ ଭାସିଯାଉଥିଲେବି ଦୀର୍ଘ ୫୦ ବର୍ଷର ଘଟଣା ସବୁକୁ ଭାବିଲା ବେଳକୁ ଆଖିପାଉ ନାହିଁ ।

ସେ'ଦିନ ଧର୍ମଘଟ ପରେ ଅନ୍ୟପିଲାଙ୍କ ପରି ମୁଁ ଗାଁକୁ ପଳାଇଯାଇଥିଲେ ହୁଏତ ଏପରି ଏକ ଆନ୍ଦୋଳନରୁ ଯେଉଁ ତତ୍ତ୍ୱ ଓ ଅନୁଭୂତି ପାଇଲି ତାହା ହୁଏତ ଜୀବନରେ କେବେ ପାଇନଥାନ୍ତି । ମୋ ପାଇଁ ସତମାର୍ଗର ଅର୍ଥ ବାସ୍ତବତା ଦୃଷ୍ଟିରୁ ବ୍ୟାପକ ଓ ସୂଦୁର ପ୍ରସାରୀ । ବର୍ତ୍ତମାନ ଆମର କଳୁଷିତ ହୋଇଯାଇଥିବା ସମାଜପାଇଁ ଓ ସମାଜର ବହୁ ଘୃଣିତ ପ୍ରଥାଠାରୁ ଲୋକମାନଙ୍କୁ ସଠିକ୍ ମାର୍ଗକୁ ଆଣିବାକୁ ହେଲେ

Digitized by srujanika@gmail.com

- ଏପରି ଏକ ଆନ୍ଦୋଳନର ଆବଶ୍ୟକତା ବିଶେଷଭାବେ ସମସ୍ତେ ଅନୁଭବ କରୁଥିବେ। ବିଭିନ୍ନ ଦୃଷ୍ଟିରୁ ଗଭୀରଭାବେ ଚିନ୍ତାକଲେ ମନେହୁଏ ଭବିଷ୍ୟତରେ ସବୁଦିନପାଇଁ ଓ ସବୁକ୍ଷେତ୍ରରେ ଏପରି ଏକ ଆନ୍ଦୋଳନର ଆବଶ୍ୟକତା ଅନୁଭୂତ ହେଉଥିବ ଏହି ବାସ୍ତବତାକୁ କେହି ଅସ୍ୱୀକାର କରିପାରିବେ ନାହିଁ।

ମୁଁ ଜଣେ ଶିଳ୍ପୀଭାବେ ସତ୍‌ମାର୍ଗରୁ ବହୁ ତତ୍ତ୍ୱ ଓ ପ୍ରତ୍ୟକ୍ଷ ଜ୍ଞାନ ସହିତ ଦୀର୍ଘ ୫୦ ବର୍ଷର ଭୌଗୋଳିକ ସ୍ଥିତି, ସମାଜିକ ଆର୍ଥିକ ଅବସ୍ଥା ଓ ଗ୍ରାମିଣ ଚଳନୀ ସାଙ୍ଗକୁ ଭିନ୍ନ ଭିନ୍ନ ମଜାଳିଆ ଚରିତ୍ର ଓ ଅନ୍ୟାନ୍ୟ ବହୁ ଅନୁଭୂତି ପାଇଛି। ପରବର୍ତ୍ତୀ ସମୟରେ ମୋ ଚିତ୍ର ମଧ୍ୟରେ ସେହ ଚରୀତ୍ରମାନଙ୍କୁ ସ୍ଥାନମଧ ଦେଇଛି। ମୋର ଟେଣ୍ଡା ମରାଯାଇଥିବା ମାଟିକୂଅର ଗାଧୁଆର ମଜାକୁ ସବୁଦିନ ମନେ ପକାଇବା ପାଇଁ ଟେଣ୍ଡାରେ ବଗିଚାକୁ ପାଣି ମଡ଼ାଇବାର ଦୃଶ୍ୟ ଆଙ୍କିଲି ଏହା ପ୍ରାୟ ୧୯୭୨ ମସିହାର ଘଟଣା। ଏବଂ ସେଇଚିତ୍ରଟକୁ "କଳିକତା ଫାଇନ ଆର୍ଟ ଏକାଡ଼େମୀ" ଦ୍ୱାରା ସର୍ବଭାରତୀୟ ଚିତ୍ରକଳା ପ୍ରଦର୍ଶନୀକୁ ପଠାଇଥିଲି। ସେଥିମଧ୍ୟରେ ମୋ ଛବିଟି ମନୋନୀତ ହୋଇ ପ୍ରଦର୍ଶନୀ ଗ୍ୟାଲେରୀରେ ସ୍ଥାନ ପାଇଥିଲା। ଏହା ମୋ ପାଇଁ କମ୍ ଗୌରବର ବିଷୟ ନଥିଲା।

ଏହିପରି ବହୁ ଅନୁଭୂତି ଓ ଅଭୁଲା ସ୍ମୃତିରୁ ସୃଷ୍ଟିହୋଇଥିବା କୃତୀ ଜୀବନକାଳ ମଧ୍ୟରେ ଏପରି ସଫଳତା ଆଣି ଦେଇଥାଏ ଯାହାକି କେବେ ଜୀବନରେ ଭୁଲି ହୁଏ ନାହିଁ।

◆

Digitized by srujanika@gmail.com

ଆମ ଶତମାର୍ଗ ଆନ୍ଦୋଳନ

ଡକ୍ଟର ଗୋପାଳକୃଷ୍ଣ ଶ୍ରୀଚନ୍ଦନ

ଆଜି ୨୦୧୦ ଜାନୁଆରୀ ମାସରେ ପଶ୍ଚାତ୍‌ଦୃଷ୍ଟି କଲେ ୫୨ ବର୍ଷ ତଳକୁ ଫେରିଯିବାକୁ ହୁଏ । ଅର୍ଥାତ୍ ୧୯୫୮ ମସିହା ସମୟକୁ । ସେତେବେଳକୁ ଆମ ଦେଶ ସ୍ୱାଧୀନତା ହାସଲ କରିବା ହୋଇଥାଏ ଏଗାର ବର୍ଷ ଅଖଣ୍ଡ ଭାରତର ବିଭାଜନ ଘଟି । ସାଧାରଣତନ୍ତ୍ର ପ୍ରବର୍ତ୍ତିତ ହୋଇଥାଏ ଆଠ ବର୍ଷ ଆଗେ ୧୯୫୦ ଜାନୁଆରୀ ୨୬ ରେ । ପ୍ରଥମ ପଞ୍ଚବାର୍ଷିକ ଯୋଜନା ଆରମ୍ଭ ହୋଇଥାଏ ୧୯୫୧ରୁ ଓ ଗ୍ରାମ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ ତଥା ଜାତୀୟ ସଂପ୍ରସାରଣ ସେବା ଆରମ୍ଭ ହୋଇଥାଏ ଗାନ୍ଧୀ ଜୟନ୍ତୀ ୧୯୫୨ରୁ ।

ପ୍ରଥମ ସାଧାରଣ ନିର୍ବାଚନ ୧୯୫୨ରେ ଓ ଦ୍ୱିତୀୟ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୁଏ ୧୯୫୭ରେ । ଏହି ସମୟଟି ସ୍ୱାଧୀନ ଭାରତ ପାଇଁ ପୌଗଣ୍ଡ ଅବସ୍ଥା । ସେତେବେଳେ ଆମ ରାଜ୍ୟ ଓଡିଶାର ଗାଁ ଗହଳି ଅବସ୍ଥା ସାଂପ୍ରତିକ ପରିପ୍ରେକ୍ଷୀରେ ଜଣ ଥିବ, ନ ଦେଖିଲା ଲୋକ ଆଦୌ ଆକଳନ କରି ପାରିବ ନାହିଁ । ସେପରି ସମୟ ଓ ଅବସ୍ଥାରେ ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ ଦ୍ୱିତୀୟ ସାଧାରଣ ନିର୍ବାଚନରେ ଓଡିଶା ବିଧାନ ସଭାକୁ ବିଧାୟକ ଭାବେ ବେଗୁନିଆ ନିର୍ବାଚନ ମଣ୍ଡଳୀରୁ ପ୍ରଥମ ଥର ପାଇଁ ନିର୍ବାଚିତ ହୋଇଥିଲେ । ଯୁବକ ବୟସ । ସାଧାରଣଙ୍କ ପାଇଁ କାମ କରିବାକୁ ଅଦମ୍ୟ ଉତ୍ସାହ ଓ ଅଭିଳାଷ । ସେତେବେଳକୁ ତ୍ରିସ୍ତରୀୟ ପଞ୍ଚାୟତୀ ରାଜ ଆମ ରାଜ୍ୟରେ ପ୍ରବର୍ତ୍ତିତ ହୋଇନାହିଁ । ୨୬ ଜାନୁଆରୀ ୧୯୬୧ରୁ ପଞ୍ଚାୟତୀ ରାଜ ଓଡିଶାରେ କାର୍ଯ୍ୟକାରୀ ହେଲା ।

Digitized by srujanika@gmail.com

ସେ କାଳର ଗାଁ ଗହଳେ

ଗାଁ ଗହଳରେ ଅଭାବ ଅସୁବିଧା ଅସୁମାରି । ଲୋକ ପ୍ରତିନିଧି ଭାବେ ଶ୍ରୀ ଚମ୍ପତିରାୟଙ୍କଠାରୁ ତାଙ୍କ ମତଦାତାମାନଙ୍କର ଆଶା ଆକାଙ୍‌କ୍ଷା ଅନେକ । ଏବର ସଂାସଦ ଓ ବିଧାୟକମାନଙ୍କ ପରି ସେତେବେଳର ସାଂସଦ ଓ ବିଧାୟକ ମାନଙ୍କ ହାତରେ କୌଣସି ହାତପାଣ୍ଠି ନଥିଲା ଜନହିତକର କାର୍ଯ୍ୟ ତ୍ୱରାନ୍ୱିତ ଭାବେ କରିବା ପାଇଁ ।

ଯୁବ ବିଧାୟକ ଶ୍ରୀ ଚମ୍ପତିରାୟଙ୍କ ଅବସ୍ଥା ଥିଲା କଣ, ସେ ସଂପର୍କରେ ତତ୍‌କାଳୀନ 'ପ୍ରଜାତନ୍ତ୍ର' ସଂପାଦକ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଯାହା କହନ୍ତି ତାହା ପ୍ରଣିଧାନ୍ୟ ଯୋଗ୍ୟ । 'ଶତମାର୍ଗ' ଶୀର୍ଷକ ଲେଖାରେ ଶ୍ରୀ ପଟ୍ଟନାୟକ ଲେଖିଛନ୍ତି - "ବନ୍ଧୁ ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ ଶତମାର୍ଗ ଆନ୍ଦୋଳନ ପ୍ରବର୍ତ୍ତନ କରି ଏକ ନୂତନ ଜୀବନର ଆସ୍ୱାଦ ଅନୁଭବ କରିଛନ୍ତି । ଏକ ନୀତି ଓ ଆଦର୍ଶବାଦ ଉପରେ ନିର୍ବାଚନ ଲଢି ଓ ବିଜୟୀ ହୋଇ ପରେ ପରେ ତାଙ୍କ ନିର୍ବାଚନ ମଣ୍ଡଳୀର ଯେଉଁ ସବୁ ଦାବୀର ସେ ସମ୍ମୁଖୀନ ହେଲେ, ବିଭିନ୍ନ ଗ୍ରାମ ଓ ବ୍ୟକ୍ତି ବିଶେଷଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ଏକ ଆଦର୍ଶହୀନ ବାସ୍ତବବାଦ ଭିତରେ ତାଙ୍କୁ କିପରି ଦେଢ ବର୍ଷ କାଳ ଏକ ଦୁର୍ବହ ଜୀବନ ଅତିବାହିତ କରିବାକୁ ପଡିଲା, ତା ମୁଁ ନିଜେ ପ୍ରତ୍ୟକ୍ଷରେ ଓ ପରୋକ୍ଷରେ ଜାଣିଚି । ମୋ ମନରେ ବେଳେ ବେଳେ ସଂଶୟ ଜାଗିଚି ଯେ ଏହି ତଥାକଥିତ ବାସ୍ତବବାଦ ମଧ୍ୟରେ ତାଙ୍କର ପ୍ରାଣ ଶେଷକୁ ଶୁଷ୍କ ହୋଇ ପଡିବ ଓ ସେ ତାଙ୍କର ସମସ୍ତ ସରସତା ଓ ଉତ୍ସାହ ହରାଇ ବସିବେ । ମାତ୍ର ଶେଷକୁ ତାଙ୍କର ଜୀବନର ମୌଳିକ ସରସତା ଓ ଆଦର୍ଶବାଦର ଜୟ ହେଲା । ଗୋଟାଏ ଘରେ ବସି ସେ ରୁନ୍ଧି ହୋଇ ଯାଉଥିବା ବେଳେ ତାଙ୍କ ପାଇଁ ଶହେଟା ରାସ୍ତା ବା ଶତମାର୍ଗ ଖୋଲିଗଲା ।" ଏ ହେଉଛି ୧୯୫୮ ମସିହା ଶେଷ ଭାଗରେ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ବକ୍ତବ୍ୟ ଯୁବ ବିଧାୟକ ଚମ୍ପତିରାୟଙ୍କ ବିଧାୟକୀୟ ଦାୟିତ୍ୱ ଓ ସମ୍ମୁଖୀନ ହେଉଥିବା ସମସ୍ୟା ତଥା ତଦ୍‌ଜନିତ ମାନସିକ ସ୍ଥିତି, କର୍ମକୁଶଳତା ଓ ପ୍ରତ୍ୟୁତ୍ପନ୍ନମତିତା ଉପରେ । ସମସ୍ୟାକୁ ସମ୍ମୁଖୀନ ହୋଇ ତହିଁରୁ ଉତୁରିବା ନିମନ୍ତେ ତାଙ୍କ ଦ୍ୱାରା ଉଦ୍ଭାବିତ 'ରଣନୀତି' ସମ୍ପର୍କରେ ।

Digitized by srujanika@gmail.com

ବିଂଶ ଶତାବ୍ଦୀର ସ୍ୱାଧୀନତା ପରବର୍ତ୍ତୀ ପଞ୍ଚ ଦଶନ୍ଧି ସମୟ ସରହଦ ମଧ୍ୟରେ ତାଙ୍କ ନିର୍ବାଚନ ମଣ୍ଡଳୀରେ ଅବସ୍ଥିତ ଗ୍ରାମଗୁଡ଼ିକରେ ନିତିଦିନିଆ ଅଭାବ, ପାନୀୟ ଜଳାଭାବ, ସ୍ୱାସ୍ଥ୍ୟ, ଶିକ୍ଷା ଆଦିର ଦୟନୀୟ ଅବସ୍ଥା ଆଜିର ମାପକାଠିରେ ଅକଳ୍ପନୀୟ।

ଚମ୍ପତିରାୟ ପ୍ରଥମେ ଗ୍ରାମରାସ୍ତା କଥା ବିଚାରକୁ ନେଇଛନ୍ତି । ଗାଁ ଗୁଡ଼ିକୁ କିପରି ବାହାର ଦୁନିଆ ସହିତ ରାସ୍ତା ଦ୍ୱାରା ଯୋଡ଼ିବାକୁ ହେବ ବିନା ସରକାରୀ ସାହାଯ୍ୟ ଓ ସହାୟତାରେ - ଏ କଥା ଚିନ୍ତା କରିଛନ୍ତି ବିଧାୟକ କବି ସତ୍ୟାନନ୍ଦ। ସେତେବେଳେ ରାଜ୍ୟ ସରକାରଙ୍କ ଆର୍ଥିକ ଅବସ୍ଥା ଯାହା, ଗାଁ ଗଣ୍ଡାର ସବୁ ଅଭାବ ଅସୁବିଧା ପୂରଣ କରିବା ନିମନ୍ତେ ଅର୍ଥ ଯୋଗାଣ କରିବା ଥିଲା ସୁଦୂର ପରାହତ। ତଥାପି ଗ୍ରାମ୍ୟ ରାସ୍ତା ନିର୍ମାଣ ନିମନ୍ତେ ଅର୍ଥ ବ୍ୟବସ୍ଥା ହେଲେ ମଧ୍ୟ ଗ୍ରାମବାସୀଙ୍କର କାମ କରିବାକୁ ସ୍ପୃହା ନଥିଲା। ଏହି ସ୍ଥାଣୁତା ଦୂର କରିବା ଥିଲା ସେ ସମୟର ଆହ୍ୱାନ୍।

ତେଣୁ ସ୍ୱେଚ୍ଛାକୃତ ଶ୍ରମଦାନ ଦ୍ୱାରା ଗ୍ରାମ୍ୟ ସଂଯୋଜକ ରାସ୍ତା ନିର୍ମାଣ କରିବା ନିମନ୍ତେ ସତ୍ୟାନନ୍ଦ ବାବୁ ଏକ ସୂତ୍ର ବାହାର କରିଥିଲେ। ତାହା ହେଉଛି ଶତମାର୍ଗ ଅଭିଯାନ ବା ଶତମାର୍ଗ ଆନ୍ଦୋଳନ। ପ୍ରଥମେ ସେ ଲକ୍ଷ୍ୟ ରଖିଲେ ଶହେଟି ଗ୍ରାମ୍ୟ ସଂଯୋଜକ ରାସ୍ତା ନିର୍ମାଣ କରାଇବା ପାଇଁ ଗ୍ରାମବାସୀଙ୍କ ସ୍ୱେଚ୍ଛାକୃତ ଶ୍ରମଦାନରେ।

ଶତ ଏକ ପ୍ରତୀକାତ୍ମକ ଓ ଦ୍ୱିଅର୍ଥବୋଧକ ଅଭିବ୍ୟକ୍ତି । ଶତ ଅର୍ଥ ଶହେ ବା ଏକ ଶହ । ସତ୍ ଅର୍ଥ ନ୍ୟାୟୋଚିତ, ଭଲ, ଉତ୍ତମ । ତେଣୁ ଶତମାର୍ଗ ଆନ୍ଦୋଳନକୁ ସତ୍‌ମାର୍ଗ ଆନ୍ଦୋଳନ ଭାବେ ଗ୍ରହଣ ଓ ପ୍ରୟୋଗ କରାଯାଇ ପାରିବ । ସତ୍ୟାନନ୍ଦ ବାବୁଙ୍କର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ତାହା ହିଁ ଥିଲା । ସତ୍ ଉପାୟରେ ବା ପନ୍ଥାରେ ଶହେଟି ମାର୍ଗ ବା ରାସ୍ତା ନିର୍ମାଣ କରିବା ତାଙ୍କର ପ୍ରଥମ ଲକ୍ଷ୍ୟ ଥିଲା । ଶହେଟି ରାସ୍ତା ନିର୍ମାଣ ହେବା ପରେ ଏହି ଆନ୍ଦୋଳନର ପରିସମାପ୍ତି ଘଟିବା ଶତମାର୍ଗ ଆନ୍ଦୋଳନର ଆଭିମୁଖ୍ୟ ବା ଦର୍ଶନ ନଥିଲା। ଗ୍ରାମବାସୀଙ୍କ ସ୍ୱେଚ୍ଛାକୃତ ଶ୍ରମଦାନରେ ବିନା ସରକାରୀ ଅର୍ଥ ବିନିଯୋଗରେ ତାଙ୍କ ନିର୍ବାଚନ ମଣ୍ଡଳୀ ମଧ୍ୟରେ

Digitized by srujanika@gmail.com

କେବଳ ନୁହେଁ, ସାରା ଓଡିଶାର ପ୍ରତ୍ୟେକ ଗ୍ରାମ ଯେପରି ସଂଯୋଜକ ରାସ୍ତା ଦ୍ୱାରା ଗ୍ରାମ ପଞ୍ଚାୟତ ସଦର ମହକୁମା, ବ୍ଲକ ସଦର ମହକୁମା, ଡାକ୍ତରଖାନା, ବିଦ୍ୟାଳୟ ସହିତ ସଂଯୋଜିତ ହୋଇ ପାରିବ - ଏପରି ଏକ ସୁଦୂର ପ୍ରସାରୀ ଲକ୍ଷ୍ୟ ଏହି ଶତମାର୍ଗ ଆନ୍ଦୋଳନର ଆଙ୍ଗିକ ଓ ଆତ୍ମିକ ଆଭିମୁଖ୍ୟରେ ନିହିତ ତଥା ପିହିତ ଥିଲା ।

ଏହାକୁ 'ଆମ ଶତମାର୍ଗ ଆନ୍ଦୋଳନ' କହିବାର ତାତ୍ପର୍ଯ୍ୟ ହେଉଛି, ଯୁବ ବିଧାୟକ ସତ୍ୟାନନ୍ଦ ଚମ୍ପତିରାୟ ମୋ ପରି ୧୯୫୮ ମସିହା ବେଳକୁ ମାତ୍ର ୨୧/୨୨ ବର୍ଷ ବୟସ ହୋଇଥିବା ଶିକ୍ଷିତ ଗଜା ଭେଣ୍ଡିଆ ମାନଙ୍କୁ ଏହି ଅଭୁତ ପୂର୍ବ ମାର୍ଗ ନିର୍ମାଣ କାର୍ଯ୍ୟକ୍ରମରେ ସଂପୃକ୍ତ କରିଥିଲେ । ଆମ୍ଭେ କେତେଜଣ ଯୁବକ ପାଠ ପଢି ଚାକିରୀ କରି ଅବସର ସମୟରେ ଏହି ଶତମାର୍ଗ ଆନ୍ଦୋଳନରେ ଆମର କାୟିକ, ମାନସିକ, ବୌଦ୍ଧିକ ତଥା ସର୍ଜନାତ୍ମକ ଶ୍ରମ ଦାନ କରୁଥିଲୁଁ । ଏହାର ଦୃଷ୍ଟାନ୍ତ ଅଛି, ଯାହା ଯଥା ସ୍ଥାନରେ ବ୍ୟକ୍ତ କରାଯିବ ।

ଶତମାର୍ଗର ପରିକଳ୍ପନା

ଶତମାର୍ଗ ଆନ୍ଦୋଳନ ପୁରାପୁରି ଆମ ଗୌରବମୟ ଐତିହ୍ୟ, ପରଂପରା ଓ ସଂସ୍କୃତି ଭିତ୍ତିକ । ଏହାର ମୂଳ ପିଣ୍ଡ ହେଉଛି - ଆଧ୍ୟାତ୍ମିକ, ନୈତିକ ତଥା ସାମାଜିକ ମୂଲ୍ୟବୋଧ ଯାହା ତ୍ୟାଗ, ନିଃସ୍ୱାର୍ଥପରତା, ପରୋପକାର, ସମୂହସ୍ୱାର୍ଥ ସୁରକ୍ଷା ଓ ପଡୋଶୀ ଭାବନା ଉପରେ ପର୍ଯ୍ୟବେସିତ ।

ଏହି ରାସ୍ତା ନିର୍ମାଣ ପାଇଁ ନିର୍ମାଣ ସେନା ବାହିନୀ ଗଠନ କରାଯାଉଥିଲା । ଯେଉଁ ଗ୍ରାମରେ ରାସ୍ତା ନିର୍ମାଣ ହେବା ପାଇଁ ପ୍ରସ୍ତାବ ଆସୁଥିଲା, ସେହି ଗ୍ରାମବାସୀ ଫୁଲଚନ୍ଦନ, ପାନଗୁଆ, ନଡିଆ, ମହାପ୍ରସାଦ ଦେଇ ନିର୍ମାଣ ସେନାବାହିନୀଙ୍କୁ ନିମନ୍ତ୍ରଣ କରୁଥିଲେ । ମହାପ୍ରସାଦ ନିମନ୍ତ୍ରଣ ଦ୍ୱାରା ନିର୍ମାଣ ସେନା ବାହିନୀର ସଦସ୍ୟମାନେ ରାସ୍ତା ତିଆରି ହେବାକୁ ଥିବା ଗ୍ରାମବାସୀଙ୍କର "ମାହାର୍ଦ୍ଦ ବନ୍ଧୁ" ହୋଇଯାଉଥିଲେ । ରାସ୍ତା ନିର୍ମାଣ ସମୟରେ ନିର୍ମାଣ ସେନା ବାହିନୀର ସଦସ୍ୟମାନେ ଗ୍ରାମବାସୀଙ୍କ ପରିବାରର ସଦସ୍ୟ ବା ବନ୍ଧୁ ରୂପେ ଭୋଜନ କରୁଥିଲେ କିମ୍ବା ଗ୍ରାମବାସୀ ସେମାନଙ୍କର ରହଣି, ଜଳପାନ ଓ ଭୋଜନ ବ୍ୟବସ୍ଥା କରୁଥିଲେ ।

Digitized by srujanika@gmail.com

ଦିନ ସାରା ରାସ୍ତା ନିର୍ମାଣ କାର୍ଯ୍ୟ ସାରି ସନ୍ଧ୍ୟାରେ ଯେତେବେଳେ ନିର୍ମାଣ ସେନାବାହିନୀ ଏକତ୍ରିତ ହେଉଥିଲେ ଗ୍ରାମର କୋଠଘରେ ବା ବିଦ୍ୟାଳୟରେ ସେଠାରେ ଆବାଳ ବୃଦ୍ଧ ବନିତା ଗ୍ରାମବାସୀଙ୍କ ଉପସ୍ଥିତିରେ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା । ଭଜନ, ସଂଗୀତ, ନିର୍ମାଣ ସେନାବାହୀନୀର ସଦସ୍ୟ ମାନେ ହାରମୋନିୟମ, ମୃଦଙ୍ଗ, କରତାଳ, ମର୍ଦ୍ଦଳ ପ୍ରଭୃତି ସହାୟତାରେ ପରିବେଷଣ କରୁଥିଲେ । ନାଟକ ମଧ୍ୟ ପରିବେଷିତ ହେଉଥିଲା ।

ଶତମାର୍ଗ ଗୀତାଭିନୟର କାଳ୍ପନିକ ବିଷୟବସ୍ତୁ

ଶତମାର୍ଗ ଆନ୍ଦୋଳନର ପ୍ରବର୍ତ୍ତକ ସତ୍ୟାନନ୍ଦବାବୁ ମୋତେ ଶତମାର୍ଗ ଆନ୍ଦୋଳନ ଉପରେ ଏକ ଏକାଙ୍କିକା ଲେଖିବାକୁ କହିଲେ । ମୁଁ ଲେଖୁ ଲେଖୁ ତିନି ଅଙ୍କ ବିଶିଷ୍ଟ ଏକ ନାଟକ ଲେଖିଥିଲି । ପ୍ରତ୍ୟେକ ଅଙ୍କରେ ଚାରି ପାଞ୍ଚ ଦୃଶ୍ୟ ଥିଲା । କ୍ରୋଡ ଦୃଶ୍ୟରେ ଭିଖାରୀ ଗୀତ ଗାଇବା ଓ ନିର୍ମାଣ ସେନାବାହିନୀ ମାର୍ଚ୍ଚିଂ ସଂଗୀତ ଗାନ କରି ଯିବା ପାଇଁ ମୁଁ ନିଜେ ବିଭିନ୍ନ ରାଗ ରାଗିଣୀର ଗୀତ ରଚନା କରିଥିଲି । ନାଟକର ଶେଷ ହୋଇଥିଲା ନିର୍ମାଣ ସେନା ବାହିନୀର ମାର୍ଚ୍ଚ ସଂଗୀତରେ । ସେ ସଙ୍ଗୀତରୁ ଘୋଷା ପଦଟି ମନେ ପଡୁଛି । ତାହା ହେଉଛି -

ଏହି ଆମର କୋଡି କୋଦାଳ ଏହି ଆମର ବାହା
ଜନ୍ମେ ଜନ୍ମେ ଏ ଦୁଇଟି ଆମରି ଭାଗ୍ୟେ ସାହା
ଏହି ଆମର କୋଡି କୋଦାଳ ଏହି ଆମର ସାହା (୦) ଘୋଷା ।

ନାଟକଟିର ପ୍ରଥମ ଦୃଶ୍ୟ ଆରମ୍ଭ ହୋଇଛି, ଜଣେ ନାପିତ ଭାର ନେଇ ଆସିଛି ବାପ ଘରୁ ଝିଅର ଶାଶୁ ଘରକୁ । ସେ ଗ୍ରାମକୁ ପଡିଥିବା ରାସ୍ତା ଏତେ ଖରାପ ଯେ ଭଣ୍ଡାରୀ ସହଜରେ ବାଟ ପାଇନାହିଁ ଗ୍ରାମ ଭିତରକୁ ଯିବାକୁ । ଗାଁର ଜଣେ ବ୍ୟକ୍ତିଙ୍କ ସହ ତାଙ୍କର ଅଚାନକ ଭେଟ ପଡିଗଲା । ରାସ୍ତାର ଦୁରାବସ୍ଥା ସଂପର୍କରେ ଦୁଇ ଜଣଙ୍କ ମଧ୍ୟରେ ଆଲୋଚନା । ଏହି ଦୃଶ୍ୟର ଗ୍ରାମାଞ୍ଚଳରେ ସଂଯୋଜକ ରାସ୍ତାର ଆବଶ୍ୟକତା ସଂପର୍କରେ ଆଭାସ ଦିଆଯାଇଛି । ନାଟକ ଗତିଶୀଳ ହୋଇଛି । ଗ୍ରାମର ପ୍ରତିପତ୍ତି ଶାଳୀ ଧନ୍ୟାଢ୍ୟ ବ୍ୟକ୍ତି ଜମିଦାର ସାମନ୍ତସିଂହାର

Digitized by srujanika@gmail.com

ଗ୍ରାମ ରାସ୍ତାର ଉନ୍ନତି ଚାହୁଁ ନାହାନ୍ତି । କାରଣ ଗ୍ରାମବାସୀଙ୍କୁ ନିଜ ହାତମୁଠାରେ ରଖି ଶୋଷଣ କରିବାରେ ଏହି ରାସ୍ତାହୀନ ଅବସ୍ଥା ତାଙ୍କୁ ସହାୟକ ହୋଇଛି । ରାସ୍ତା ଆଲୋକର ସରଣୀ । ତାଙ୍କ ପ୍ରତି ପ୍ରତିବନ୍ଧକ । ମାତ୍ର ତାଙ୍କର ପାଠୁଆ ପୁଅ ମଳୟ ବାପାଙ୍କର ବ୍ୟବସାୟରେ ସହାୟକ ନ ହୋଇ ଜନସେବାରେ ଆତ୍ମ ନିୟୋଗ କରିବାକୁ ଆଗେଇ ଆସିଛନ୍ତି, ଯାହା ତାଙ୍କ ବାପାଙ୍କର ମନକୁ ପାଇନାହିଁ । ମଳୟ ବାପାଙ୍କର ବିରୋଧୀ ବ୍ୟକ୍ତିଙ୍କର ଶିକ୍ଷିତା ଝିଅ ମିନତି ମଳୟଙ୍କର ଶତମାର୍ଗ ଆନ୍ଦୋଳନ ପ୍ରତି ଆକୃଷ୍ଟ ହୋଇଛି । ସେ ଶତମାର୍ଗ ଆନ୍ଦୋଳନରେ ଯୋଗ ଦେଇ ନିର୍ମାଣ ସେନାର ମହିଳା ଶାଖାର ସଂଚାଳିକା ହୋଇଥିଲେ ଏବଂ ରାସ୍ତା ନିର୍ମାଣ କରା ଯାଉଥିବା ଗ୍ରାମର ଝିଅ ବୋହୂମାନଙ୍କୁ ଘର କୋଣରୁ ଆଣି ରାସ୍ତା ନିର୍ମାଣରେ ଲଗାଇ ପାରିଥିଲେ । ନାଟକରେ ଜାତି, ଧର୍ମ ନିର୍ବିଶେଷରେ ଯୁବକମାନେ ନିର୍ମାଣ ସେନାରେ ଯୋଗ ଦେଇଥିବା ଦର୍ଶା ଯାଇଛି । ମୁସଲମାନ ଯୁବକ ରହେମାନ ମଳୟଙ୍କର ପ୍ରଧାନ ସହଯୋଗୀ । ମଳୟଙ୍କୁ ବିତ୍ତବାନ ଓ ପ୍ରତିପତ୍ତିଶାଳୀ ପିତା ଗୁଣ୍ଡା ଲଗାଇ ରାସ୍ତା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି କରିଛନ୍ତି । ଗ୍ରାମ ମଧ୍ୟକୁ ପଡୁଥିବା ରାସ୍ତା ତାଙ୍କ ଜମି ଉପରେ ଯିବା ଆବଶ୍ୟକ ପଡିବାରୁ ସେ ସାମାନ୍ୟ ଜାଗା ନଛାଡିବାକୁ ଜିଦ୍ ଧରି ବସିଲେ ପୁତ୍ର ମଳୟଙ୍କ ଶତ ଅନୁରୋଧ ସତ୍ତ୍ୱେ । ରାସ୍ତା ନିର୍ମାଣ ଚାଲିଛି । ଦୁଇ ଜଣ ଗୁଣ୍ଡା ସନ୍ଧ୍ୟା ବେଳେ ଅନ୍ଧକାରର ଢାଙ୍କୁଣୀ ତଳେ ମଳୟଙ୍କ ମୁଣ୍ଡ ଫଟାଇ ଦେଇଛନ୍ତି । ତଥାପି ତା ପରଦିନ ରାସ୍ତା ନିର୍ମାଣ ହୋଇଛି ।

ମଳୟ ଓ ମହିଳା ଶାଖା ସଂଚାଳିକା ମିନତିଙ୍କ ମଧ୍ୟରେ ପ୍ରେମ ଭାବ ଉଦ୍ରେକ ହୋଇଛି । ଏଥିରେ ମଳୟଙ୍କ ମୌଳବାଦୀ ପିତା ତାଙ୍କ ପ୍ରତିପକ୍ଷଙ୍କ ଝିଅ ସହିତ ନିଜର ଏକମାତ୍ର ପୁଅର ବିବାହ ପ୍ରସ୍ତାବରେ ଉତକ୍ଷିପ୍ତ ହୋଇ ଉଠିଛନ୍ତି । ତେବେ ମଳୟ ଓ ମିନତିଙ୍କର ବିବାହ ପ୍ରସ୍ତାବ ଆଗେଇ ଚାଲିଛି ଏବଂ ସେମାନଙ୍କର ବିବାହ ହୋଇଛି । ଏହି ସ୍ୱେଚ୍ଛାସେବୀ ନବ ଦମ୍ପତି ଶତମାର୍ଗ ଆନ୍ଦୋଳନର ରାସ୍ତା ନିର୍ମାଣ କାର୍ଯ୍ୟରେ ପୂର୍ଣ୍ଣ ପ୍ରାଣରେ ଝାସ ଦେଇଛନ୍ତି ।

ମଳୟଙ୍କ ବାପା ଶତମାର୍ଗ ଆନ୍ଦୋଳନକୁ ଚପାଇ ଦବାଇ ନ ପାରିବାରୁ ପୁଅର ଦୃଢତା ନିକଟରେ ହାର ମାନିଛନ୍ତି । ମୁଣ୍ଡ ଫଟାଇଥିବା ଗୁଣ୍ଡା ଦୁଇଜଣ

Digitized by srujanika@gmail.com

ମଳୟଙ୍କ ନିକଟରେ କ୍ଷମା ପ୍ରାର୍ଥନା କରି ଅନୁତାପ କରିଛନ୍ତି । ଶେଷରେ ମଳୟଙ୍କ ବାପା, ବିରୋଧୀ ଓ ପ୍ରତିରୋଧକାରୀ ଗୁଣ୍ଡା ଶ୍ରେଣୀର ଲୋକ ନିଜ ଅପକର୍ମ ପାଇଁ ଅନୁତାପ କରିଛନ୍ତି । ମଳୟଙ୍କ ବାପା ରାସ୍ତା ନିର୍ମାଣ ନିମନ୍ତେ ଜମି ଛାଡି ଦେଇଛନ୍ତି । ମଳୟଙ୍କ ବାପା, ଭଉଣୀ ମାନେ ନିର୍ମାଣ ସେନାଙ୍କ ସହ ମଳୟଙ୍କ ନବ ବିବାହିତା ପତ୍ନୀଙ୍କ ନେତୃତ୍ୱରେ ଶୋଭା ଯାତ୍ରାରେ ଆଗେଇ ଚାଲିଛନ୍ତି (ନାଟକର ଶେଷ ଦୃଶ୍ୟରେ) ରାସ୍ତା ନିର୍ମାଣ ପାଇଁ ମାର୍ଚ୍ଚ ସଂଗୀତ ଗାଇ ଗାଇ - "ଏଇ ଆମର କୋଡି କୋଦାଳ ଏଇ ଆମର ବାହା / ଜନ୍ମେ ଜନ୍ମେ ଏ ଦୁଇଟି ଆମରି ଭାଗ୍ୟେ ସାହା, ଏଇ ଆମର ......"

ଶତମାର୍ଗ ନାଟକ ବହୁବାର ଅଭିନୀତ ହୋଇଛି ଶତମାର୍ଗ ଆନ୍ଦୋଳନର ନିର୍ମାଣ ସେନା କଳାକାର ମାନଙ୍କ ଦ୍ୱାରା । ମୁଁ ୧୯୬୨ ଜୁନ୍ ୧୧ ତାରିଖରେ ହୀରାକୁଦସ୍ଥ ଆଡିମିନିଷ୍ଟ୍ରେଟିଭ୍ ଅଫିସର୍ସ ଟ୍ରେନିଂ ସ୍କୁଲରେ ତାଲିମ ପାଇଁ ଯୋଗ ଦେଲି । ସେଠାରେ 'ପ୍ରଜାତନ୍ତ୍ର' ଖବର କାଗଜରୁ ପଢିଲି - "ଆଗମୀ ଜୁନ୍ ୧୪ ତାରିଖ ରଜ ସଂକ୍ରାନ୍ତି ଅବସରରେ ଶତମାର୍ଗ ଆନ୍ଦୋଳନର ନିର୍ମାଣ ସେନାବାହିନୀଙ୍କ ଦ୍ୱାରା ହଜ ଗ୍ରାମରେ 'ଶତମାର୍ଗ' ନାଟକ ମଞ୍ଚସ୍ଥ ହେବାପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଛି ।" ହଜ ହେଉଛି ସତ୍ୟାନନ୍ଦ ଚମ୍ପତିରାୟଙ୍କ ନିଜ ଗ୍ରାମ । ଏ ସଂବାଦ ପଢି ଆନନ୍ଦରେ ଆତ୍ମହରା ହୋଇଗଲି । ସଂବାଦର କଟ୍ ପିସ୍ ବହୁ ଦିନ ପର୍ଯ୍ୟନ୍ତ ରଖିଥିଲି । ନୂଆ କରି ତାଲିମରେ ଯୋଗ ଦେଇଥିବାରୁ ଛୁଟି ନେଇ ନାଟକ ଦେଖିବାକୁ ଆଗ୍ରହାତିଶଯ୍ୟ ଥିଲେ ମଧ୍ୟ ଆସି ପାରିଲି ନାହିଁ । ଦୁଃଖରେ ମନ ଛଟପଟ ହେଲା । ସବୁ ସମ୍ଭାଳି ରହିଲି ।

ଟ୍ରେନିଂ ସାରି ଚାକିରୀରେ ଯୋଗ ଦେଲି । ବହୁ ବର୍ଷ ପରେ ନାଟକର ପାଣ୍ଡୁଲିପି ପାଇବାକୁ ଯୋଗାଯୋଗ କଲି । ମାତ୍ର ତାହା ମିଳିଲା ନାହିଁ । ମୋ ପାଖରେ ଥିବା ଚିପା କାଗଜକୁ ନିର୍ଭର କରି ପୁଣି ଥରେ ନାଟକଟିକୁ ଲେଖିବାକୁ ଚେଷ୍ଟା କଲି । ମାତ୍ର ସଫଳ ହୋଇ ପାରିଲି ନାହିଁ । ବ୍ୟାସ କବି ଫକୀର ମୋହନ ସେନାପତିଙ୍କ କ୍ଷୁଦ୍ର ଗଳ୍ପ 'ଲଛମନିଆ' ହଜିଗଲା ପରି ମୋର ପ୍ରଥମ ନାଟକଟି କେଉଁଠି ଆତ୍ମ ଗୋପନ କଲା, ତାର ପତ୍ତା ପାଇଲି ନାହିଁ । କବି ପଣ୍ଡିତ ଗୋପବନ୍ଧୁଙ୍କର

Digitized by srujanika@gmail.com

ମଧ୍ୟ ଏକ କାବ୍ୟ ଟ୍ରେନରେ ଯାଉଥିଲା ବେଳେ ହଜି ଯାଇଥିଲା । ଏହି ଦୁଇଟି ଦୃଷ୍ଟାନ୍ତ ମୋତେ ଆଶ୍ୱାସନା ଦିଏ ।

ସରକାରୀ କର୍ମ କ୍ଷେତ୍ରରେ ଶତମାର୍ଗ ଆଦର୍ଶର ପ୍ରଭାବ

ପ୍ରଶାସନିକ ତାଲିମ ପରେ ମୁଁ ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ରାସଗୋବିନ୍ଦପୁର ଓ ଠାକୁରମୁଣ୍ଡା ବ୍ଲକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ପ୍ରାୟ ଆଠ ବର୍ଷ କାମ କଲି ୩୦ ଜୁନ୍ ୧୯୬୩ରୁ ୨୪ ଅକ୍ଟୋବର ୧୯୭୦ ପର୍ଯ୍ୟନ୍ତ । ସେତେବେଳକୁ ତ୍ରିସ୍ତରୀୟ ପଞ୍ଚାୟତୀ ରାଜ ଓଡିଶାରେ ପ୍ରବର୍ତ୍ତିତ ହୋଇ ସାରିଥାଏ । ଏ ଦୁଇଟି ବ୍ଲକ ସେତେବେଳେ ଆଦିବାସୀ ଉନ୍ନୟନ ବ୍ଲକ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ଥିଲେ । ଗ୍ରାମବାସୀମାନଙ୍କୁ ନିର୍ମାଣ କାର୍ଯ୍ୟକ୍ରମରେ ଅଂଶୀଦାର କରିବା ପାଇଁ ୨୦ ପ୍ରତିଶତ ଭି.ସି. ବା ଭିଲେଜ୍ କଣ୍ଟ୍ରିବ୍ୟୁସନ (ଗ୍ରାମବାସୀଙ୍କ ଅବଦାନ)ବ୍ୟବସ୍ଥା ଥିଲା । ସେତେବେଳେ ମୋର ଶତମାର୍ଗ ଆନ୍ଦୋଳନର ସ୍ୱେଚ୍ଛାକୃତ ଶ୍ରମଦାନ କଥା ମନେ ପଡିଲା । ଏ କଥା ଏଠାରେ ଉଲ୍ଲେଖ କରିବା ଉଦ୍ଦେଶ୍ୟ ହେଉଛି - ଜାନୁଆରୀ ୨୬, ୧୯୬୧ରେ ପଞ୍ଚାୟତୀ ରାଜ ତଥା ଗୋଷ୍ଠୀ ଉନ୍ନୟନ ଓ ଆଦିବାସୀ ଉନ୍ନୟନ କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ଅଂଶ ଗ୍ରହଣ ବ୍ୟବସ୍ଥାର ବହୁ ପୂର୍ବରୁ ସତ୍ୟାନନ୍ଦ ଚମ୍ପତିରାୟ ତାଙ୍କର ଶତମାର୍ଗ ଆନ୍ଦୋଳନ ମାଧ୍ୟମରେ ଗାଁ ଗହଳିରେ ନିର୍ମାଣ କାର୍ଯ୍ୟରେ ଗ୍ରାମବାସୀଙ୍କର ଶତକଡା ଶହେ ସ୍ୱେଚ୍ଛାକୃତ ଶ୍ରମଦାନ ବିଚାରଧାରା ବାସ୍ତବ କ୍ଷେତ୍ରରେ ପ୍ରୟୋଗ କରିଥିଲେ । ମୁଁ ଶତମାର୍ଗ ଆନ୍ଦୋଳନ ସହ ସଂପୃକ୍ତ ଥିବାରୁ ଆଦିବାସୀ ଉନ୍ନୟନ ଯୋଜନା ଅନ୍ତର୍ଗତ ଭି.ସି ବା ଗ୍ରାମବାସୀଙ୍କ ଶ୍ରମ ତଥା ଅର୍ଥଦାନ କାର୍ଯ୍ୟକାରୀ କରିବାରେ କିଛି ପରିମାଣରେ ସଫଳ ହୋଇଥିଲି । କାରଣ ଶତମାର୍ଗ ଆନ୍ଦୋଳନରୁ ମୁଁ ଶିଖିଥିଲି, କିପରି ଗାଁ ଗହଳର ଲୋକଙ୍କ ସହିତ ମିଶି ରାସ୍ତା ନିର୍ମାଣ, କୂପ ଖନନ,ପୁଷ୍କରିଣୀ ଖନନ ତଥା ପଙ୍କୋଦ୍ଧାର, ପ୍ରାଥମିକ ବିଦ୍ୟାଳୟ ନିର୍ମାଣ ଓ ଛପର ବ୍ୟବସ୍ଥା କାର୍ଯ୍ୟକାରୀ କରାଇବାକୁ ହୁଏ ।

Digitized by srujanika@gmail.com

ଉଦ୍‌ବୃତ୍ତ ଜନଶକ୍ତିର ଉପଯୋଗ :

ରାସଗୋବିନ୍ଦପୁର ବ୍ଲକରେ ଯୋଗ ଦେବାପରେ Tribal and Orientation Training ପାଇବା ପାଇଁ ରାଞ୍ଚିସ୍ଥିତ ଟ୍ରେନିଂ ସେଣ୍ଟରକୁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରେରିତ ହୋଇଥିଲି । ତାଲିମ ପାଠ୍ୟକ୍ରମରେ ବକ୍ତୃତା ପ୍ରତିଯୋଗିତା, ବିତର୍କ ସଭା ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୁଏ ତାଲିମ ନବିଶ୍‌ମାନଙ୍କର ପ୍ରଗତି ମୂଲ୍ୟାୟନ କରିବା ପାଇଁ । ସାରା ଭାରତବର୍ଷରୁ ଗୋଷ୍ଠୀଉନ୍ନୟନ ଅଧିକାରୀମାନେ ଏହି ତାଲିମ ପାଇବାକୁ ଆସିଥବଲେ । ଗୋଟିଏ ପ୍ରବନ୍ଧ ପ୍ରତିଯୋଗିତାର ବିଷୟବସ୍ତୁ ଥିଲା - "The Utilisation of Surplus Manpower in Rural Area" । ଯାହା ମନେପଡୁଛି, ଭାରତର ବିଭିନ୍ନ ରାଜ୍ୟରୁ ଆମ୍ଭେମାନେ ପଚାଶ-ଷାଠିଏ ବି.ଡ଼ି.ଓ ଏହି କେନ୍ଦ୍ରରେ ତାଲିମ ନେଉଥିଲୁଁ । ଏହି ପ୍ରବନ୍ଧ ପ୍ରତିଯୋଗିତାରେ ମୋର ପ୍ରବନ୍ଧ ପ୍ରଥମସ୍ଥାନ ଅଧିକାର କରିଥିଲା । ଟ୍ରେନିଂ ପ୍ରବନ୍ଧ ପ୍ରତିଯୋଗିତାରେ ମୋର ପ୍ରବନ୍ଧ ପ୍ରଥମ ସ୍ଥାନ ଅଧିକାର କରିଥିଲା । ଟ୍ରେନିଂ ସେଣ୍ଟରର ଅଧକ୍ଷ ଓ ପ୍ରବନ୍ଧ ପ୍ରତିଯୋଗିତାର ଭାରପ୍ରାପ୍ତ ଶିକ୍ଷକ ମୋ ପ୍ରବନ୍ଧକୁ ସମସ୍ତ ତାଲିମଦାତା ପ୍ରଶିକ୍ଷକ ଓ ଶିକ୍ଷାର୍ଥୀ-ଅଧିକାରୀମାନଙ୍କ ସମାବେଶରେ ପାଠ କରିବାକୁ ବ୍ୟବସ୍ଥାକଲେ । ମୁଁ ପ୍ରବନ୍ଧଟିକୁ ପାଠ କରିଥିଲି ଏବଂ ପ୍ରବନ୍ଧ ପାଠ ପରେ ପ୍ରେକ୍ଷାଳୟକୁ ଉଚ୍ଛ୍ୱସିତ କରତାଳି ପ୍ରକମ୍ପିତ କରିଥିଲା । ଟ୍ରେନିଂ ସେଣ୍ଟରର ମୁଖପତ୍ରରେ ପ୍ରବନ୍ଧଟି ପ୍ରକାଶିତ ହୋଇଥିଲା ।

ତାଲିମ ପରେ ମୋ କର୍ମକ୍ଷେତ୍ରକୁ ଫେରିବା ପରେ ଏହାର ଓଡ଼ିଆ ଅନୁବାଦ ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ଼ର ମୁଖପତ୍ର 'ଗ୍ରାମୋଦୟ'ରେ ପ୍ରକାଶିତ ହୋଇଥିବା ମନେ ପଡୁଛି । ମୋ ପ୍ରବନ୍ଧରେ ଶତମାର୍ଗ ଆନ୍ଦୋଳନର 'ଉଦ୍‌ବୃତ୍ତ ଜନଶକ୍ତିର ଉପଯୋଗ' ସଂପର୍କୀୟ ଭାବଧାରା ପ୍ରତିଫଳିତ ହୋଇଥିଲା ।

ଅଧିକନ୍ତୁ ଶତମାର୍ଗ ଆନ୍ଦୋଳନ ଢାଞ୍ଚାରେ ମୁଁ ରାସଗୋବିନ୍ଦପୁର ବ୍ଲକରେ 'ସାରଥି' ଓ ଠାକୁରମୁଣ୍ଡା ବ୍ଲକରେ 'ସବ୍ୟସାଚୀ' ନାମରେ ଷାଣ୍ମାଷିକ ବୁଲେଟିନ୍ (ସ୍ୱାଧୀନତା ଦିବସ ଅଗଷ୍ଟ ପନ୍ଦର ଓ ସାଧାରଣ ତନ୍ତ୍ର ଦିବସ - ଜାନୁଆରୀ ଛବିଶରେ) ପ୍ରକାଶ କରୁଥିଲି ଆଦିବାସୀ ଉନ୍ନୟନ ଯୋଜନାର ବିଭିନ୍ନ କାର୍ଯ୍ୟକ୍ରମର ସଫଳତା

Digitized by srujanika@gmail.com

ଓ ବିଫଳତା ସମୀକ୍ଷା କରି । ଏହା ଦ୍ୱାରା ସମ୍ଭବତଃ ମୁଁ ପଞ୍ଚାୟତ ସମିତି ସ୍ତରରେ 'ସଂପ୍ରସାରଣ ସାହିତ୍ୟ'ର ଉନ୍ମେଷ ଘଟାଇଥିଲି । ଶତମାର୍ଗ ନାଟକ ମଞ୍ଚସ୍ଥ କଲା ପରି ରାସଗୋବିନ୍ଦପୁର ଓ ଠାକୁରମୁଣ୍ଡାରେ ଯୋଜନା କାର୍ଯ୍ୟକ୍ରମ ସଂପର୍କରେ ଲୋକ ସଚେତନତା ଜାଗ୍ରତ କରିବା ପାଇଁ ନାଟକ, ଏକାଙ୍କିକା, ସାଂସ୍କୃତିକ କାର୍ଯ୍ୟକ୍ରମ ମଞ୍ଚସ୍ଥ କରାଉଥିଲି । କମ୍ପୋଷ୍ଟ ଖତ ପ୍ରସ୍ତୁତି, ପ୍ରାଥମିକ ବିଦ୍ୟାଳୟର ହତା ଗୁଡ଼ିକ ମଧ୍ୟରେ ଫଳ ବୃକ୍ଷ ରୋପଣ, ଚିନାବାଦାମ ଓ ପନିପରିବା ଚାଷ, ଗ୍ରାମର ରାସ୍ତା ପାର୍ଶ୍ୱରେ ବୃକ୍ଷ ରୋପଣ, ବନୀକରଣ କାର୍ଯ୍ୟ ଆଦି କରାଇବାରେ ସମର୍ଥ ହୋଇଥିଲି । ମୋର ବିଭାଗୀୟ ତାଲିମ ଅପେକ୍ଷା ଶତମାର୍ଗ ଆନ୍ଦୋଳନର ପ୍ରଭାବ ମୋତେ ଏ ଦିଗରେ ଅନୁପ୍ରେରିତ କରିଥିଲା ।

ସତ୍ୟାନନ୍ଦ ଚମ୍ପତିରାୟଙ୍କ ବ୍ୟକ୍ତିତ୍ୱ ଓ ପାରିବାର ପଣିଆ ଯୋଗୁଁ ଆମ ଶତମାର୍ଗ ଆନ୍ଦୋଳନ ଓଡ଼ିଶା ଓ ଭାରତ ବର୍ଷର ତୁଙ୍ଗ ନେତୃ ସ୍ଥାନୀୟ ବ୍ୟକ୍ତିମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲା ଏବଂ ସେମାନଙ୍କର ଆଶୀର୍ବାଦ, ଶୁଭେଚ୍ଛା ଓ ପ୍ରୋତ୍ସାହନ ପ୍ରାପ୍ତ ହୋଇଥିଲା । ଯେଉଁ ସବୁ ପ୍ରେରଣାଦାୟୀ ପତ୍ର ଓ ଲେଖା ତୁଙ୍ଗ ବ୍ୟକ୍ତିତ୍ୱ ମାନଙ୍କଠାରୁ ମିଳିଥିଲା, ତାହାକୁ ଦୁଇଟି ସଂକଳନରେ ଆଲୋକ ଚିତ୍ର ସହ ସତ୍ୟାନନ୍ଦ ବାବୁ ପ୍ରକାଶ କରିଥିଲେ ଶତମାର୍ଗ ଆନ୍ଦୋଳନର ପ୍ରବର୍ତ୍ତକ ଭାବେ ।

ଶତମାର୍ଗ ଆନ୍ଦୋଳନର ଜନ୍ମ ୧୯୫୮-୫୯ରେ ହୋଇଥିଲେ ୨୦୦୯-୧୦କୁ ପଚାଶ ବର୍ଷ ପୂରିଗଲା । ଯଦି ଶତମାର୍ଗ ଆନ୍ଦୋଳନ ଏବେ ବି ଚାଲିଥାନ୍ତା, ତେବେ ତାହାର ସୁବର୍ଣ୍ଣ ଜୟନ୍ତୀ ପାଳନ କରିବା ପ୍ରାସଙ୍ଗିକ । ଆମ ଦେଶ ଓ ରାଜ୍ୟର ଅବସ୍ଥା ଯାହା, ସେଥିରେ ଶତମାର୍ଗ ଆନ୍ଦୋଳନର ଅନ୍ତର୍ନିହିତ ଦର୍ଶନ ଓ ଭାବଧାରା ଉପରେ ଅନୁଚିନ୍ତନ ଓ ରୋମନ୍ଥନ ଆବଶ୍ୟକ ।

ସେଇ ପରିପ୍ରେକ୍ଷୀରେ ଆନ୍ଦୋଳନ ସକ୍ରିୟ ଥିବା ସମୟରେ ପ୍ରକାଶିତ ସଂକଳନ ଦୁଇଟି ପୁନରାୟ ସୁସଂପାଦନା ପୂର୍ବକ ପ୍ରକାଶ କରିବା ସମୀଚୀନ ମନେହୁଏ । କାରଣ ଏଥିରୁ ପ୍ରେରଣା ପାଇ ଶତମାର୍ଗ ଆନ୍ଦୋଳନ ଆଉ ଥରେ ପୁନଃ ଜୀବନ୍ୟାସ ପାଇଲେ, ଆମ ସମାଜ ଓ ଶାସନରୁ ଅପସଂସ୍କୃତି ଓ

Digitized by srujanika@gmail.com

ଅବମୂଲ୍ୟବୋଧ ଦୂର ହୋଇପାରନ୍ତା । ହିଂସା,ଦ୍ୱେଷ, ଅସୂୟା, ଦୁର୍ନୀତି, କପଟତା - ଯାହା ବ୍ୟକ୍ତି ଓ ଗୋଷ୍ଠୀକୁ ତିଳ ତିଳ କରି ମ୍ରିୟମାଣ କରୁଛି, ତହିଁରୁ କିଛି ପରିମାଣରେ ନିଷ୍କୃତି ମିଳନ୍ତା ।

ଶତମାର୍ଗ ଆନ୍ଦୋଳନର ରାସ୍ତା ନିର୍ମାଣ କାର୍ଯ୍ୟକ୍ରମରେ ବହୁ ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ କ୍ଷମତାସୀନ ନେତା ଉପସ୍ଥିତ ରହି ନିର୍ମାଣସେନା ବାହିନୀକୁ ଉତ୍ସାହିତ ଓ ଉଦବୋଧିତ କରିଥିଲେ । ଓଡିଶାର ପ୍ରଥିତଯଶା କବି ଓ ଲେଖକମାନେ ଶତମାର୍ଗ ଆନ୍ଦୋଳନ ଉପରେ ଉଦବୋଧନ ମୂଳକ କବିତା ଓ ପ୍ରବନ୍ଧ ଲେଖିଥିଲେ । ଫଳରେ ଶତମାର୍ଗ ଆନ୍ଦୋଳନ ଏକ ଜନ ଆନ୍ଦୋଳନରେ ପରିଣତ ହେବାକୁ ଅଗ୍ରସର ହେଉଥିଲା । ବୋଲଗଡ-ବେଗୁନିଆଁ ଅଞ୍ଚଳରୁ ସାରା ରାଜ୍ୟରେ ସଂପ୍ରସାରିତ ହେବାର ସମ୍ଭାବନା ଦାନା ବାନ୍ଧିଥିଲା ।

ଶତମାର୍ଗର ଶାଶ୍ୱତ ସ୍ୱର ଓ ସତ୍ୟ :

ଆଜି ଆମେ ଅନୁଭବ କରୁଛୁ, ଶତମାର୍ଗ ଆନ୍ଦୋଳନର ବାର୍ତ୍ତା ଚିରନ୍ତନ ଏବଂ ଏହାର ଆବଶ୍ୟକତା ଓ ପ୍ରାସଙ୍ଗିକତା ଏବେ ବି ଅଛି । ଏ ସଂପର୍କରେ ୧୯୬୦-୬୧ ମସିହାରେ ଭାରତର ତତ୍‌କାଳୀନ ସମବାୟ ମନ୍ତ୍ରୀ ଶ୍ରୀଯୁକ୍ତ ଏସ୍.କେ.ଦେ. ଶତମାର୍ଗ ଆନ୍ଦୋଳନର ପ୍ରବର୍ତ୍ତକ ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟଙ୍କୁ ଯେଉଁ ପତ୍ର ଲେଖିଥିଲେ, ତାହାର ଉଦ୍ଧୃତି ଏଠାରେ ପ୍ରଦାନ କରିବାକୁ ଉଚିତ୍ ମନେ କରୁଛି -

ପ୍ରିୟ ଶ୍ରୀ ଚମ୍ପତିରାୟ,

ଆପଣଙ୍କ ଏ ମାସ ତା ୧୦ରିଖର ଏସ୍. ଏମ୍. ଏ. ୧୨୪ ନମ୍ବର ପତ୍ର ପାଇଁ ଧନ୍ୟବାଦ । ମୋର ବିଶ୍ୱାସ, ଗତବର୍ଷ ଯେତେବେଳେ ମୁଁ ଏହି ସଂଗଠନକୁ ଭେଟିଥିଲି ସେତେବେଳେ କହିଥିଲି ଯେ, ମୋ ନିକଟରେ 'ଶତମାର୍ଗ' ଶବ୍ଦର ଅର୍ଥ ହେଉଛି 'ସତ୍ ପାଇଁ ମାର୍ଗ' । ଆମେ ଦେଖୁ ଥାଇଁ, ଭାରତର ସବୁଠାରୁ ବଡ଼ ସମସ୍ୟା ହେଉଛି ଯେ, ଯେତେବେଳେ ସାଧୁମାନେ ନିଜ ନିଜ ମାର୍ଗର ପ୍ରାଧାନ୍ୟ ନେଇ ପରସ୍ପର ସହିତ ସଂଗ୍ରାମରେ ଲିପ୍ତ ଅଛନ୍ତି, ଠିକ୍ ସେତିକିବେଳେ ଅସାଧୁ ଲୋକେ ଅନ୍ୟର ବୁଜୁଳି କାଟିବାକୁ ଏକଜୁଟ୍ ହୋଇଛନ୍ତି । ଅସାଧୁମାନଙ୍କର ବିବେକ ଦଂଶନ ବୋଲି

Digitized by srujanika@gmail.com

କିଛି ନାହିଁ । ତେଣୁ ବ୍ୟକ୍ତିଗତ ଦୃଷ୍ଟିକୋଣଓ ପଦ୍ଧତି ନେଇ ସେମାନଙ୍କ ମଧ୍ୟରେ ଯେତେ ଯାହା ଅମେଳ ଥାଉ ପଛକେ, ସେମାନେ ସବୁବେଳେ ଗୋଷ୍ଠୀର ଅନ୍ୟମାନଙ୍କ ବିରୁଦ୍ଧରେ ଏକଜୁଟ୍ ହୋଇପାରୁଛନ୍ତି ।

ମୋର ଆଶା ଓ ପ୍ରାର୍ଥନା ଯେ ଶତମାର୍ଗ ଆନ୍ଦୋଳନ ଏପରି ଗୋଟିଏ ଆନ୍ଦୋଳନ ହୋଇଉଠିବ, ଯାହା ଜରିଆରେ କି ମହତ୍ ଲୋକେ ସାଧୁମାନଙ୍କ ମଧ୍ୟରେ ଲକ୍ଷର ଐକ୍ୟ ସ୍ଥାପନ ପାଇଁ ମାର୍ଗ ଦେଖାଇ ପାରିବେ ଏବଂ ସମାଜରେ ଥିବା ଅସାଧୁମାନଙ୍କ ପରିବର୍ତ୍ତନ ଘଟାଇ ସାଧୁମାନଙ୍କ ନେତୃତ୍ୱ ଅନୁସରଣ ଦିଗରେ ସେମାନଙ୍କୁ ପ୍ରବର୍ତ୍ତାଇବେ ।

ଆପଣଙ୍କ ଅନ୍ତରଙ୍ଗ,

ସ୍ୱା. ଏସ୍. କେ. ଦେ.
ଗ୍ରାମ ଗୋଷ୍ଠୀ ଉନ୍ନୟନ ଓ
ସମବାୟ ମନ୍ତ୍ରୀ, ଭାରତ

ସତ୍ୟାନନ୍ଦ ବାବୁ ଜୀବନର ସାୟାହ୍ନରେ । ତାଙ୍କୁ ୮୩ ବର୍ଷ । ଦୁର୍ବଳ ସ୍ୱାସ୍ଥ୍ୟ । ମାତ୍ର ତାଙ୍କ ଭିତରେ ଶତମାର୍ଗୀ ଚେତନା ଓ ଦ୍ୟୋତନା ଅନୁରଣିତ । ତାଙ୍କ ସଂସ୍ପର୍ଶରେ ଆସି ମୁଁ ବି ଶତମାର୍ଗୀ ପାଲଟି ଯାଇଥିଲି ପ୍ରବୃତ୍ତିରେ, ଯଦି ବା ପରିବାର ପ୍ରତିପୋଷଣ ପାଇଁ ଓଡିଶା ପ୍ରଶାସନିକ ସେବାକୁ ବୃତ୍ତି ରୂପେ ଗ୍ରହଣ କରି ନେଇଥିଲି । ଏହି ଅବସରରେ ମୋ ସହିତ ସାଇକେଲରେ ଭୁବନେଶ୍ୱରରୁ ହଜ, ରଣପୁର ଦେଇ କଲାଙ୍ଗ ଶତମାର୍ଗ ରାସ୍ତା ନିର୍ମାଣ ଶିବିରରେ ଯୋଗ ଦେବାକୁ ଯାଇଥିଲେ ମୋର ଦୁଇ ବନ୍ଧୁ ଶ୍ରୀ କାଳୀଚରଣ ଦାଶ ଓ ଭବାନୀଶଙ୍କର ପାଣିଙ୍କୁ ସ୍ମରଣ କରୁଛି । ସେମାନେ ବି ମୋ ପରି ସରକାରୀ ଚାକିରୀକୁ ବୃତ୍ତି ରୂପେ ଗ୍ରହଣ କରି ନେଇଥିଲେ ।। ଯେତେବେଳେ ଆମ୍ଭେମାନେ ସତ୍ୟାନନ୍ଦ ବାବୁଙ୍କ ପ୍ରେରଣାରେ ଶତମାର୍ଗ ଆନ୍ଦୋଳନ ସଂସ୍ପର୍ଶରେ ଆସିଥିଲୁଁ, ସେତେବେଳକୁ ଆମର ବୟସ ୨୨ରୁ ୨୪ ବର୍ଷ ମଧ୍ୟରେ । ବର୍ତ୍ତମାନ ମୋର ବୟସ ୭୪-୭୫, ଜୀବନର ଅପରାହ୍ନରେ ।

ଯେ କୌଣସି କର୍ମାନୁଷ୍ଠାନ ପାଇଁ ଉତ୍ସାହ ଅପେକ୍ଷା ନିଷ୍ଠା ଅଧିକ ଆବଶ୍ୟକ । ଏ ଆନ୍ଦୋଳନର 'ନିର୍ମାଣ ସେନାବାହିନୀ'ର କିଛି ସଭ୍ୟଙ୍କ ମନରେ ନିଷ୍ଠାହୀନ ଭାବ ଦେଖାଗଲା । ତେଣୁ ଶତମାର୍ଗ ଆନ୍ଦୋଳନ ଚେର ନଧରୁଣ୍ଣୁ, ଏହି ମୂଳ ବୃକ୍ଷର

Digitized by srujanika@gmail.com

ଜୀବନୀଶକ୍ତି ଏହି ଅବଗୁଣହିଁ କ୍ଷୟ କରିଦେଲା । ବହୁ ଆକାଂକ୍ଷିତ ଅମ୍ଳାନ ସୂର୍ଯ୍ୟ ପ୍ରଭାତ ସମୟରୁ ହିଁ ବର୍ଷାକାଳୀନ ମେଘ ଭିତରେ ଲୁଚିଯିବା ପରି ଏ ଆନ୍ଦୋଳନ ନିସ୍ତ୍ରଭ ହୋଇ ପଡ଼ିଲା । ବିଗତ ଶତାବ୍ଦୀର ଷଷ୍ଠ ଦଶକରେ ଯେଉଁ ଆନ୍ଦୋଳନର ପ୍ରବଳବନ୍ୟା ଏ ରାଜ୍ୟରେ ଘଟିଯାଇଥିଲା ତାର କ୍ଷୀଣ ଜଳଧାରା କେବେ ମରି ଯାଇନଥିଲା । ଏହାର ପ୍ରମାଣ ସ୍ୱରୂପ ଦୈନିକ 'ସମାଜ'ର ୧୨ ଜାନୁଆରୀ ୨୦୦୬ର "ସଂକ୍ଷିପ୍ତ ସମାଚାର" ଦ୍ରଷ୍ଟବ୍ୟ ।

ଆଉ ଏକ ସତ୍‌ମାର୍ଗ ଆନ୍ଦୋଳନ :

ଆଜିକାଲିର ଲୋକେ ଟିକିଏ ଟିକିଏ କଥାରେ ସରକାରଙ୍କୁ ଦାୟୀ କରୁଛନ୍ତି । କେଉଁଠି ରାସ୍ତାଘାଟ ନାହିଁ ତ, କେଉଁଠି ରାସ୍ତାଘାଟରେ ଖାଲଖମା । ପ୍ରଶାସନ ବୁଝୁନି, ସରକାର ଶୁଣୁନାହାଁନ୍ତି- ଏହା ହିଁ ଲୋକଙ୍କ ଅଭିଯୋଗ । ଗାଁଲୋକେ ମିଶି ରାସ୍ତାରେ ମୁଠାଏ ମାଟି ପକାଇଦେବା ସମ୍ଭବ ହେଉନି । ତେବେ ଏ କଥା କହିବାବେଳେ ମନେପଡ଼ିଯାଏ ଯେ, ଦିନେ ସତ୍ୟାନନ୍ଦ ଚମ୍ପତିରାୟଙ୍କ ନେତୃତ୍ୱରେ ରାଜ୍ୟରେ ସୃଷ୍ଟି ହୋଇଥିଲା 'ସତ୍‌ମାର୍ଗ ଆନ୍ଦୋଳନ' । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଗାଁ ଲୋକଙ୍କ ସହ ବନ୍ଧୁ ହୋଇ ନିଜ ଅଞ୍ଚଳରେ ସେ ରାସ୍ତାଘାଟ ନିର୍ମାଣ କରୁଥିଲେ । ଏବେ ସେମିତି କିଛି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ପୁରୀ ଓ ବାଲେଶ୍ୱର ଅଞ୍ଚଳରେ । ପୁରୀର ବ୍ରହ୍ମଗିରି ଓ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀର ୩୮ଟି ଗାଁର ଦୁଇ ହଜାର ଲୋକ ନିଜେ ନିଜେ ମୁଣ୍ଡରେ ମାଟି ବୋହି ଜମିକୁ ପାଣି ମଡ଼ାଇବା ଉଦ୍ଦେଶ୍ୟରେ ରାଜୁଆ କେନାଲରେ ୫୦୦ ଫୁଟର ସୁଉଚ୍ଚ ବନ୍ଧ ତିଆରି କରିଛନ୍ତି । ସେହିପରି ଦୀର୍ଘ ୨୦ ବର୍ଷ ଧରି ବୁଢ଼ାବଳଙ୍ଗ ନଦୀରେ ପୋଲଟିଏ ହୋଇପାରୁ ନଥିବାବେଳେ ଶେଷରେ ସ୍ଥାନୀୟ କିଛି ଯୁବକ ଏକାଠି ମିଶି ନିଜେ ପୋଲ ତିଆରି କରିଛନ୍ତି । ଏହା ଆମ ପ୍ରଗତିର ନୂଆ ସୂଚନା ନୁହେଁ କି ?

ଶତମାର୍ଗର ମୁଦ୍ରଣ

ଆମର ପରମ ସୌଭାଗ୍ୟ, ଏହି "ଶତମାର୍ଗ" ସଂକଳନଟି ଓଡ଼ିଶାର ମୁଦ୍ରଣ ଶିଳ୍ପରେ ବହୁ ସଫଳତା ଓ ସୁନାମର ଅଧିକାରୀ ତଥା ଆଗ ଧାଡ଼ିର ସ୍ୱୟଂ ସମ୍ପୂର୍ଣ୍ଣ ପ୍ରିଣ୍ଟିଂ ପ୍ରେସ: "ପ୍ରିଣ୍ଟ-ଟେକ୍ ଅଫସେଟ୍ ପ୍ରାଇଭେଟ ଲିମିଟେଡ୍", ଏଫ୍-୬୬/୧ ଓ ୬୬/୨, ଚନ୍ଦକା ଶିଳ୍ପାଞ୍ଚଳ (ଶୈଳଶ୍ରୀ ବିହାର ଜଗନ୍ନାଥ ମନ୍ଦିର ସନ୍ନିକଟ)

Digitized by srujanika@gmail.com

ଭୁବନେଶ୍ୱର-୭୫୧୦୨୪ଙ୍କ ଦ୍ୱାରା ମୁଦ୍ରିତ। ଉକ୍ତ ପ୍ରେସ୍‌ର ସ୍ୱନାମଧନ୍ୟ ସତ୍ତ୍ୱାଧିକାରୀ ଶ୍ରୀଯୁକ୍ତ ବୃନ୍ଦାବନ ବେହେରା ଓ ଶ୍ରୀଯୁକ୍ତ ବିଶ୍ୱରଞ୍ଜନ ନାୟକ ତଥା ଅନ୍ୟ ସମସ୍ତ ସୁଶିକ୍ଷାପ୍ରାପ୍ତ ସୁଦକ୍ଷ କର୍ମଚାରୀମାନଙ୍କୁ ସେମାନଙ୍କର ଐକାନ୍ତିକ କର୍ତ୍ତବ୍ୟନିଷ୍ଠା ଓ ଗୁଣାତ୍ମକ ମୁଦ୍ରଣ ପରିପାଟି ନିମନ୍ତେ ଅନେକ ଅନେକ ଆନ୍ତରିକ ଧନ୍ୟବାଦ।

ଏହି ସଂକଳନର ପ୍ରକାଶନ ମାଧ୍ୟମରେ ଆମେ ଏତିକି ଆଶା କରୁଛୁଁ, ନିବେଦନ ମଧ୍ୟ କରୁଛୁଁ, ଶତମାର୍ଗ ଆନ୍ଦୋଳନର ଦର୍ଶନ ଓ ସନ୍ଦେଶ ପୁନଃ ଓଡିଶାର ପୁରପଲ୍ଲୀରେ ରୂପାୟିତ ଓ ମୂର୍ତ୍ତିବନ୍ତ ହେଉ - ଅନ୍ତିମ ଜୀବନରେ ଏହାହିଁ ଓଡ଼ିଆଙ୍କ ରାଷ୍ଟ୍ରଦେବତା ଶ୍ରୀ ଜଗନ୍ନାଥଙ୍କ ଠାରେ ଦଣ୍ଡ ପ୍ରଣିପାତ ଅଳି ଓ ପ୍ରାର୍ଥନା ! ଜୟ ଶତମାର୍ଗ ! ଜୟ ଜଗତ !

ଡ଼କ୍ଟର ଗୋପାଳକୃଷ୍ଣ ଶ୍ରୀଚନ୍ଦନ

◆

ଶତମାର୍ଗର ମନ୍ତ୍ର

ସମାନୋ ମନ୍ତ୍ରଂ ସମିତି ସମାନୀ,
ସମାନଂ ମନଃ ସହ ଚିତ୍ତମେଷାମ୍ ॥
ସମାନଂ ମନ୍ତ୍ରମଭିମନ୍ତ୍ରୟେ ବଃ
ସମାନେନ ବୋ ହବିଷା ଜୁହୋମି ।
ସମାନୀ ବଃ ଆକୂତିଃ ସମାନୀ ହୃଦୟାନି ବଃ
ସମାନମସ୍ତୁ ବୋ ମନୋଯଥା ବଃ ସୁସହାସତି ॥

Digitized by srujanika@gmail.com

ବିନମ୍ର କୃତଜ୍ଞତା ଜ୍ଞାପନ ଓ ଯୁବ ପୀଢ଼ିଙ୍କୁ ଆଶୀର୍ବଚନ

ଗାଁ ଗହଳର ଉଦ୍‌ବୃତ୍ତ ଜନଶକ୍ତିର ବିନିଯୋଗ ପରି ସେ ସମୟର ସମାଜରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କର ବିଶେଷତାକୁ ଆଧାରକରି ଏ ଆନ୍ଦୋଳନ ପରିପୁଷ୍ଟ ହୋଇଥିଲା। ଏହି ସୂତ୍ରରେ ସେତେବେଳର ସ୍ୱନାମଧନ୍ୟ ଚିତ୍ରଶିଳ୍ପୀ ତଥା କବି ଶ୍ରୀଯୁକ୍ତ ଗୋପାଳ କାନୁନଗୋ ଶତମାର୍ଗ ସ୍ମାରକୀର ପ୍ରଚ୍ଛଦଟିକୁ ଅଙ୍କନ କରିଥିଲେ ଓ ଖ୍ୟାତନାମା କବି, ଗାଳ୍ପିକ, ଗବେଷକ, ନାଟ୍ୟକାର ଓ ଗୀତିକାରମାନେ ସେମାନଙ୍କର କଳାକୃତୀ ଦ୍ୱାରା ଏହି ସ୍ମାରକୀକୁ ସରସ ସୁନ୍ଦର ଓ ସମୃଦ୍ଧ କରିଥିଲେ। ସେତେବେଳର ଲୋକ ସମ୍ପର୍କ ବିଭାଗ ନର୍ଦ୍ଦେଶକ ଶ୍ରୀଯୁକ୍ତ ସୁଧୀର ଘୋଷ ବିଭାଗୀୟ ଡ଼କୁମେଣ୍ଟାରୀ ଫିଲ୍ମ ୟୁନିଟ୍‌କୁ କେତେକ କ୍ୟାମ୍ପକୁ ପଠାଇ ସୁଟିଂ କରାଇଥିଲେ। ଆଜି ଶତମାର୍ଗର ପୁନଃ ପ୍ରକାଶ ଅବସରରେ ସେହି ମହନୀୟମାନଙ୍କୁ ସ୍ମରଣ କରି ଗ୍ରନ୍ଥ ସଂକଳନ କମିଟି କୃତଜ୍ଞତା ଜ୍ଞାପନ କରୁଅଛନ୍ତି।

ଶ୍ରୀ ଗୋପାଳ କାନୁନଗୋ

ଏହି ନୂତନ ସଂସ୍କରଣରେ ପ୍ରକାଶ ପାଇଁ କେତେଗୁଡ଼ିଏ ଆବଶ୍ୟକୀୟ ସୂଚନା ଓ ଫଟୋଗ୍ରାଫ ଯୋଗାଇଥିବାରୁ ଜ୍ଞାନଭାରତୀର ପ୍ରତିଷ୍ଠାତା ଦରଦୀ କବି ଶ୍ରୀଯୁକ୍ତ ଅଭିମନ୍ୟୁ ବଳ, ଶ୍ରୀ ନୃସିଂହ ଚରଣ ଜେନା, ପ୍ରଜାତନ୍ତ୍ର ପରିସରର ଶ୍ରୀ ପୀତାମ୍ବର ଜେନା ଓ ଶ୍ରୀଯୁକ୍ତ ଦାମୋଦର ସାମନ୍ତରାୟଙ୍କୁ ଆମ୍ଭେ ଏଠାରେ ସ୍ମରଣ କରୁଛୁ। ଏମାନଙ୍କ ବ୍ୟତୀତ ସେ ସମୟର ନୂଆପଲ୍ଲୀର ପ୍ରମୁଖ ଶତମାର୍ଗ ସୈନିକ ଶ୍ରୀ ପଣିମେଶ୍ୱର ନାୟକ, ଶ୍ରୀମତୀ ଶର୍ମିଳା ଓ ଶ୍ରୀ ମାଧବ ବେହୁରା, ଶ୍ରୀମତୀ କିରଣ ପଣ୍ଡା, ଭୁବନେଶ୍ୱରର ଶ୍ରୀମତୀ ଶୁଭଲକ୍ଷ୍ମୀ ଓ ଶ୍ରୀ ସୂର୍ଯ୍ୟକାନ୍ତ ଦେ, ଏକାମ୍ର ଶାସନ ପଢ଼ିଆର ଶ୍ରୀ ସୁଶାନ୍ତ କୁମାର ସାହୁ,

Digitized by srujanika@gmail.com

କିଟସ୍ ଇଣ୍ଟର ନ୍ୟାସନାଲ ସ୍କୁଲର ଶ୍ରୀ ଭିକାରୀ କୁଣ୍ଡୁ ଓ ଟାଙ୍ଗୋଳ ଶତମାର୍ଗର କିଶୋର ସୈନିକ ଶ୍ରୀ ଅପନା ବେହେରା ସ୍ମରଣୀୟ ।

ସୁଦୂର ଦେଶ ବିଦେଶରେ ରହୁଥିବା ପ୍ରବର୍ତ୍ତକ ଶ୍ରୀ ଚମ୍ପତିରାୟ ଦମ୍ପତିଙ୍କ ବହୁ ନାତି ନାତୁଣୀ ଓ ଆତ୍ମୀୟ ସ୍ୱଜନ, ହଜିଲା ଅତୀତର ଏହି ଅଭିନବ ଆନ୍ଦୋଳନର ନୂତନ ପ୍ରସ୍ଥ ଦେଖିବା ପାଇଁ ଅଶେଷ ଉତ୍ସାହ ଓ ଉଦ୍‌ବେଗ ଭରା ହୃଦୟରେ ଚାହିଁରହି ଅନେକେ ଆମସହ ଯୋଗସୂତ୍ର ସ୍ଥାପନ କରିଛନ୍ତି । ସେମାନଙ୍କ ଭିତରୁ କେତେକଙ୍କ ନାମ ଏଠାରେ ଉଲ୍ଲେଖ କରି ତାଙ୍କୁ ଆଶୀର୍ବାଦ କରୁଛୁ, ସେମାନେ ତାଙ୍କର ସରସ ସୁଦୀର୍ଘ ଜୀବନରେ ସତ୍‌ମାର୍ଗର ଧାରାକୁ ଅନୁଶୀଳନ କରି ଦେଶ ଓ ଦଶର ଉନ୍ନତି ସାଧନ କରନ୍ତୁ । ଜଗନ୍ନାଥ ଓ ରଘୁନାଥ ତାଙ୍କର ସର୍ବଶୁଭ କରନ୍ତୁ । ସେମାନେ ହେଲେ ଶ୍ରୀ ସାଗର ସାମନ୍ତସିଂହାର (ନର୍ଥ କାରୋଲିନା, ରାଲେ, U.S.A) ଶ୍ରୀମତୀ ସୀମା ସାମନ୍ତସିଂହାର ଓ ଶ୍ରୀ ସୁବ୍ରତ ନରେନ୍ଦ୍ର ସିଂହ, (କାଲିଫର୍ଣ୍ଣିଆ, U.S.A) ଶ୍ରୀମତୀ ଲେଖନୀ ସାମନ୍ତସିଂହାର ଓ ଶ୍ରୀ ସଞ୍ଜୟପାତ୍ର, ହାରିସବର୍ଗ ବାର୍କ, U.S.A), କୁମାରୀ ଇତିଶ୍ରୀ ସାମନ୍ତସିଂହାର (ନ୍ୟୁଜର୍ସି, U.S.A)ଶ୍ରୀମତୀ ସରଗମ୍ ଓ ଶ୍ରୀ ପ୍ରତ୍ୟୁଷ ମାନ୍ଧାତା, ନ୍ୟୁୟର୍କ, ଶ୍ରୀମତୀ ତନୁଶ୍ରୀ ଓ ଶ୍ରୀ ମନୋଜକୁମାର ସାମନ୍ତରାୟ, (ଫ୍ରାନ୍ସ), ଶ୍ରୀ ଚିନ୍ମୟ ଚମ୍ପତିରାୟ, (ଦୁବାଇ) ଶ୍ରୀମତୀ ସମିତା ମିଶ୍ର ଓ ଶ୍ରୀ ଅମର ପ୍ରଦୀପ ସ୍ୱାଇଁ (ସୁଇଜରଲ୍ୟାଣ୍ଡ), ଶ୍ରୀମାନ୍ ଆକାଶ କମଳ ସ୍ୱାଇଁ, (ଫିଲାଡ଼େଲ୍‌ଫିଆ), ଶ୍ରୀ ନାରାୟଣ ସାମନ୍ତରାୟ (ବମ୍ବେ), ଶ୍ରୀ ସ୍ୱପ୍ନ ସରିତ୍ ଦାସ, (ଗୋଆ), ଶ୍ରୀ ଦୀପକ ଚମ୍ପତିରାୟ (ଇଷ୍ଟହାମ୍, ଲଣ୍ଡନ) ଶ୍ରୀମତୀ ସୁଶ୍ରୀ ସାମନ୍ତସିଂହାର ଓ ଶ୍ରୀ ଚଣ୍ଡୀପ୍ରସାଦ ମହାପାତ୍ର (ଦିଲ୍ଲୀ), ଶ୍ରୀମତୀ ସଲୋନୀ ସାମନ୍ତସିଂହାର ଓ ଶ୍ରୀ ପ୍ରବୋଧ କୁମାର ବଳ (ହାଇଦ୍ରାବାଦ), ଶ୍ରୀ ପ୍ରଦୋଷ ହରିଚନ୍ଦନ, ଶ୍ରୀ ସଂବିତ୍ ସାମନ୍ତସିଂହାର (ବାଙ୍ଗାଲୋର) ଶ୍ରୀ ସ୍ମୃତି ଶାଶ୍ୱତ ଚମ୍ପତିରାୟ,(କୋଟା, ରାଜସ୍ଥାନ) ଶ୍ରୀ ଲୋକେଶ ଚମ୍ପତିରାୟ ଓ ଅନ୍ୟ ଅନେକ ।

ସତ୍‌ମାର୍ଗ ସଭିଙ୍କର ମାର୍ଗ । ବିଶେଷ କରି ସମାଜର ଯୁବ ପୀଢ଼ି ଏହାକୁ ଆଦର୍ଶ ନେଲେ ନିଜର ତଥା ବିଶ୍ୱର ମଙ୍ଗଳ ହେବା ଅନିବାର୍ଯ୍ୟ ।

ଶ୍ରୀ ବରୁଣ କୁମାର ସାମନ୍ତସିଂହାର
ସମ୍ପାଦକ

Digitized by srujanika@gmail.com

ଚମ୍ପତିରାୟଙ୍କ ଜୀବନାଲେଖ୍ୟ

ନାମ	: ସତ୍ୟାନନ୍ଦ ଚମ୍ପତିରାୟ
ପିତାଙ୍କ ନାମ	: ୰ରାଜକିଶୋର ଚମ୍ପତିରାୟ
ମାତାଙ୍କ ନାମ	: ୰କାନ୍ତାମଣି ଚମ୍ପତିରାୟ
ପତ୍ନୀଙ୍କ ନାମ	: କମଳିନୀ ଚମ୍ପତିରାୟ
ଠିକଣା	: ଗ୍ରାମ -ହଜ, ପୋଷ୍ଟ-ହଜ, ଜିଲ୍ଲା-ଖୋର୍ଦ୍ଧା
ଜନ୍ମ ତାରିଖ	:୦୪.୧୦.୧୯୨୭
ପ୍ରାଥମିକ ଶିକ୍ଷା	: ସିଦ୍ଧେଶ୍ୱରୀ ପ୍ରାଇମେରି ସ୍କୁଲ, ହଜ
ମାଧମିକ ଶିକ୍ଷା	: ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟ, ଖୋର୍ଦ୍ଧା
କଲେଜ ଶିକ୍ଷା	: ରେଭେନ୍ସା କଲେଜ, କଟକ
୧୯୫୧	: ଏମ୍. ଏ. (ଉତ୍କଳ ବିଶ୍ୱବିଦ୍ୟାଳୟ)
୧୯୫୩	: ସହ-ସମ୍ପାଦକ, ପ୍ରଜାତନ୍ତ୍ର ଦୈନିକ ସମ୍ବାଦପତ୍ର
୧୯୫୪-୭୦	: ପରିଚାଳନା ସମ୍ପାଦକ, ମାସିକ ସାହିତ୍ୟ ପତ୍ରିକା "ଝଙ୍କାର" ପ୍ରଜାତନ୍ତ୍ର ପ୍ରଚାର ସମିତି, କଟକ
୧୯୫୭-୬୧	: ଓଡ଼ିଶା ବିଧାନ ସଭା ସଦସ୍ୟ, କଂଗ୍ରେସ (ବେଗୁନିଆ)
୧୯୫୮	: AFRO-ASIAN WRITERS' CONFERENCE ରେ ଭାରତର ପ୍ରତିନିଧି ସଦସ୍ୟ ଭାବେ ଯୋଗଦାନ ପାଇଁ ତାସ୍କେଣ୍ଟ ଯାତ୍ରା
୧୯୫୯	: ଓଡ଼ିଶାରେ ଶତମାର୍ଗ ଆନ୍ଦୋଳନ ପ୍ରବର୍ତ୍ତନ
୧୯୭୧-୭୪	: ଓଡ଼ିଶା ସାହିତ୍ୟ ଏକାଡ଼େମୀର ଉପ-ସଭାପତି
୧୯୭୪-୭୭	: ଓଡ଼ିଶା ବିଧାନ ସଭା ସଦସ୍ୟ, ଉତ୍କଳ କଂଗ୍ରେସ (ବେଗୁନିଆ)
୧୯୮୨-୧୯୯୦	: "ଉତ୍କଳ ପ୍ରସଙ୍ଗ" ଓ "**Orissa Review**" ର ମୁଖ୍ୟ ସମ୍ପାଦକ
୨୦୦୦-୨୦୦୩	: ସମ୍ପାଦକ, "ସ୍ୱାଭିମାନ", ଓଡ଼ିଆ ଦୈନିକ, ଭୁବନେଶ୍ୱର
୧୯୯୩	: ବେଦାନ୍ତ ପ୍ରଚାର ପରିଷଦର ପ୍ରତିଷ୍ଠାତା ସମ୍ପାଦକ ଓ ଅଦ୍ୟାବଧି ସାହିତ୍ୟ ସାଧନାରତ

Digitized by srujanika@gmail.com

ସାହିତ୍ୟ କୃତି

୧୯୪୪	: କାଞ୍ଚିଆଗଡ଼ର ସେ କାଳ କଥା (କିମ୍ବଦନ୍ତୀ ପ୍ରସୂତ ଏକ ଐତିହାସିକ କାହାଣୀ)
୧୯୪୬	: ଅଞ୍ଜନ (କବିତାବଳି)
୧୯୪୮	: ଗାଁ ଗହଳେ (୧୯୮୯)
୧୯୫୧	: ତାଜମହଲ ଓ ଯମୁନା (୧୯୮୯)
୧୯୫୬	: ରତିବିଳାପ (କାଳିଦାସକୃତ କୁମାରସମ୍ଭବ ଚତୁର୍ଥ ସର୍ଗର ପଦ୍ୟାନୁବାଦ) ପୁନଃ ପ୍ରକାଶ - ୨୦୦୧ (ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ)
୧୯୭୨	: ପ୍ରୀତି-ଶତକ ('ଅମରୁଶତକ'ର ପଦ୍ୟାନୁବାଦ) ଆନନ୍ଦ ପ୍ରକାଶନୀ, ଭୁବନେଶ୍ୱର
୧୯୮୩	: ଗୀତା (ଶ୍ରୀମଦ୍ ଭଗବଦ୍ ଗୀତାର ଅନୁବାଦ ଓ ଅନୁସୃଜନ) ବିଦ୍ୟାପୁରୀ, କଟକ
୧୯୮୫	: ସ୍ୱାଧୀନତାର ଚଲାପଥେ (ଦେଶାତ୍ମବୋଧ କବିତା ସଙ୍କଳନ)
୧୯୮୯	: ସ୍ୱାଧୀନ ଭାରତ (ଦେଶାତ୍ମବୋଧ କବିତା ସଙ୍କଳନ)
୧୯୯୦	: ଶ୍ରୀରାମ ଚରିତ ମାନସ ୧ମ ଭାଗ(ତୁଳସୀକୃତ ରାମ ଚରିତ ମାନସର ପଦ୍ୟାନୁବାଦ), ବିଦ୍ୟାପୁରୀ, କଟକ
୧୯୯୩	: ଈଶୋପନିଷଦ୍ (ଅନୁବାଦ ଓ ଅନୁସୃଜନ)
୧୯୯୫	: ଶ୍ରୀରାମ ଚରିତ ମାନସ (୨ୟ ଭାଗ) ବିଦ୍ୟାପୁରୀ, କଟକ
୧୯୯୬	: କେନୋପନିଷଦ (ଅନୁବାଦ ଓ ଅନୁସୃଜନ)ପେଜ୍ ମେକର କମ୍ପ୍ୟୁଟର ସର୍ଭିସେସ୍, ଭୁବନେଶ୍ୱର
୧୯୯୮	: କଠୋପନିଷଦ୍ (ଅନୁବାଦ ଓ ଅନୁସୃଜନ), ଶିବା ଡ଼ି.ଟି.ପି. ସେଣ୍ଟର, ଚଣ୍ଡିଛକ, କଟକ
୧୯୯୯	: ଈଶୋପନିଷଦ୍ (**Rvd. Edn.**)(ଅନୁବାଦ ଓ ଅନୁସୃଜନ) ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

Digitized by srujanika@gmail.com

୨୦୦୦ : ଶ୍ରୀରାମ ରହସ୍ୟ ରଘୁପତି ଆଶ୍ରମ, ସରପାରି, ଖୋର୍ଦ୍ଧା

୨୦୦୧ : ମାଣ୍ଡୁକ୍ୟୋପନିଷଦ୍ (ଅନୁବାଦ ଓ ଅନୁସୃଜନ)
ବିଦ୍ୟାପୁରୀ, କଟକ

୨୦୦୨ : ଶ୍ରୀମଦ୍ ଭଗବତ୍ ଗୀତାର ଓଡ଼ିଆ ଅନୁବାଦ,
(ପକେଟ୍ ସଂସ୍କରଣ)
ରଘୁପତି ଆଶ୍ରମ, ସରପାରି, ଖୋର୍ଦ୍ଧା

୨୦୦୭ : ଶ୍ରୀମଦ୍ ଭଗବଦ୍ ଗୀତା, (ଅନୁବାଦ ଓ ଅନୁସୃଜନ)
ରଘୁପତି ଆଶ୍ରମ, ସରପାରି, ଖୋର୍ଦ୍ଧା

୨୦୧୦ : ୧. ଐତରେୟୋପନିଷଦ୍
୨. ଜୟ ଜୟ ଜୟ ହନୁମାନ ଗୋସାଇଁ

***

Digitized by srujanika@gmail.com

Digitized by srujanika@gmail.com